RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-01 ♦THURSDAY ♦25 JUNE 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୦୧ ♦ଗୁରୁବାର ♦୨୫ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...


## ନୂଆ ବିଏସ୍-୬ ଗାଡ଼ି ପାଇଁ ୩ ବର୍ଷ ପିୟୁସିସି ଭ୍ୟାଲିଡିଟି

**ବଦଳିବ ପଲ୍ୟୁସନ୍ ସାର୍ଟିଫିକେଟ୍ ନିୟମ**

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ୨୦୨୦ ରେ ବିଏସ୍-୫(ଭାରତ ଷ୍ଟେଜ୍-୫)କୁ ବାଦ୍ ଦେଇ ସିଧାସଳଖ ବିଏସ୍-୬ ନିୟମ ଲାଗୁ କରିଥିଲେ। କାରଣ ଏହି ଗାଡ଼ିଗୁଡ଼ିକ ବେଶ ପରିବେଶ ଅନୁକୂଳ ଥିଲା। ଏହାର ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ପରିବେଶ ଅନୁକୂଳ ଇଞ୍ଜିନ୍ ଯୋଗୁଁ ନୂଆ ଗାଡ଼ିଗୁଡ଼ିକୁ ବାରମ୍ବାର ପଲ୍ୟୁସନ ଚେକ୍ କରିବାରୁ କୋହଳ କରିବାକୁ ସରକାର ପ୍ରସ୍ତୁତି ଚଳାଇଛନ୍ତି। ବର୍ତ୍ତମାନ କେନ୍ଦ୍ର ସରକାର ବିଏସ୍-୬ ଇଞ୍ଜିନ୍ ଥିବା ଗାଡ଼ିଗୁଡ଼ିକ ପାଇଁ 'ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ୍ ସାର୍ଟିଫିକେଟ୍'ର ବୈଧତା ୧ ବର୍ଷରୁ ବୃଦ୍ଧି କରି ୩ ବର୍ଷ କରିବା ନେଇ ବିଚାର କରୁଛନ୍ତି। ୨୦୨୦ ଏପ୍ରିଲ୍ ପହିଲା ପରେ କିଣାଯାଇଥିବା ଯାନବାହାନ ପାଇଁ ଏହି ନିୟମ ଲାଗୁ ହେବ, କିନ୍ତୁ ପୁରୁଣା ଗାଡ଼ିଗୁଡ଼ିକ ପାଇଁ ନିୟମ ଆହୁରି କଡ଼ାକଡ଼ି କରାଯିବ। ଏହି ଅନୁଯାୟୀ, ସରକାର ପ୍ରଦୂଷଣ ନିୟନ୍ତ୍ରଣ ପ୍ରମାଣପତ୍ର (ପିୟୁସିସି) ସମ୍ପର୍କରେ ନୂତନ ନିୟମ ବିଚାର କରୁଛନ୍ତି। ବିଏସ୍-୬ ଯାନ ପାଇଁ ଏହାର ବୈଧତା ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରେ।

ପିୟୁସିସି ସାର୍ଟିଫିକେଟ ନ ଥିଲେ ପ୍ରଥମ ଥର ପାଇଁ ଚାଳକଙ୍କର ୧,୦୦୦ରୁ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଚାଲାଣ କଟିପାରେ। ସେହିପରି ବାରମ୍ବାର ଭୁଲ୍ କଲେ ପ୍ରତିଥର ଅତିରିକ୍ତ ୨,୦୦୦ ଟଙ୍କା ଫାଇନ୍ ଦେବାକୁ ପଡ଼ିବା ସହିତ ଡ୍ରାଇଭିଂ ଲାଇସେନ୍ସକୁ ୩ ମାସ ପର୍ଯ୍ୟନ୍ତ ବାତିଲ ମଧ୍ୟ କରାଯାଇପାରେ। ସୂତ୍ର ଅନୁଯାୟୀ, ବାଣିଜ୍ୟିକ ▶ପୃଷ୍ଠା-୧୦

## କୋଲକାତାରେ ନିର୍ମାଣାଧୀନ ଗୋଦାମ ଭୁଶୁଡ଼ି ୭ ମୃତ




**ଏବେ ବି ଫସି ରହିଛନ୍ତି ୧୫ ଶ୍ରମିକ**

■ କୋଲକାତା, ୨୪।୬ (ଏଜେନ୍ସି): ପଶ୍ଚିମବଙ୍ଗ ରାଜଧାନୀ କୋଲକାତାସ୍ଥିତ ତାରାତଲା ଅଞ୍ଚଳରେ ବୁଧବାର ଏକ ନିର୍ମାଣାଧୀନ ତିନି ମହଲା ଗୋଦାମ ଘର ହଠାତ୍ ଭୁଶୁଡ଼ି ପଡ଼ିଛି। ଫଳରେ ୭ ଜଣ ଶ୍ରମିକ ଏଥିରେ ଚାପି ହୋଇ ପ୍ରାଣ ହରାଇଛନ୍ତି ଏବଂ ଅନେକ ଆହତ ହୋଇଛନ୍ତି। ଅତି କମ୍‌ରେ ୧୫ ଶ୍ରମିକ ଭଗ୍ନସ୍ତୂପ ତଳେ ଚାପି ହୋଇ ରହିଥିବା ଅନୁମାନ କୁହାଯାଇଛି। ପ୍ରଶାସନ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନାର ୪ଟି ଦଳ ସାମିଲ ହୋଇଛନ୍ତି। ଏହା ସହିତ ଏନ୍‌ଡିଆରଏଫ, ଏସଡିଆରଏଫ, କୋଲକାତା ପୁଲିସ ଏବଂ ଅଗ୍ନିଶମ ବାହିନୀ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଭଗ୍ନସ୍ତୂପ ତଳେ ଜୀବିତ ଥିବା ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନୀ କୁକୁର ଏବଂ ଡ୍ରୋନ ସାହାଯ୍ୟ ▶ପୃଷ୍ଠା-୧୦

# ଇଂରାଜୀ ବହିକୁ ମାଡ଼ିଗଲା ଓଡ଼ିଆ ଅସ୍ମିତା

## ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜଦୋଳି ଗୀତ

■ ଭୁବନେଶ୍ୱର, ୨୪।୬ (ସମିସ): ପ୍ରଥମରୁ ଅଷ୍ଟମ ଶ୍ରେଣୀ ବହିରେ ମାଳମାଳ ତ୍ରୁଟି ପାଇଁ ସବୁ ମହଲରେ ସରକାର ଏବେ ବିଭିନ୍ନ ମହଲରେ କଡ଼ା ସମାଲୋଚନାର ଶିକାର ହୋଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଏହାକୁ ସାମାନ୍ୟ ଓ ସାଧାରଣ କଥା ବୋଲି ଉଲ୍ଲେଖ କରି ଢାଙ୍କିବାକୁ ଉଦ୍ୟମ କରିଥିଲେ ବି ଏହି ପ୍ରସଙ୍ଗ ଏବେ ଜାତୀୟ ଗଣମାଧ୍ୟମରେ ଶିରୋନାମା ପାଲଟିଛି। ପ୍ରତିଦିନ ଓଡ଼ିଆ ବହିରେ ରହିଥିବା ଭୁଲକୁ ନେଇ ସାମାଜିକ ଗଣମାଧ୍ୟମରେ ନୂଆନୂଆ କଥା ଶୁଣିବାକୁ ମିଳୁଛି। ଏହି କ୍ରମରେ









ପଞ୍ଚମ ଶ୍ରେଣୀ ଇଂରାଜୀ ବହିରେ ଓଡ଼ିଆ ରଜ ଦୋଳିଗୀତ ସ୍ଥାନ ପାଇଥିବା ଜଣା ପଡ଼ିବା ପରେ ଅଭିଭାବକ ଓ ସାଧାରଣ ଲୋକେ ସରକାରଙ୍କୁ ସିଧା ନିଶାଣ କରିଛନ୍ତି। ଓଡ଼ିଆ ଅସ୍ମିତା ଇଂରାଜୀ ଆଡ଼କୁ ମାଡ଼ିଗଲା ବୋଲି ବି ସମାଲୋଚନା କରିଛନ୍ତି। ଏପରିକି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଓଡ଼ିଆ ଅସ୍ମିତା ଓ ଓଡ଼ିଆ ଭାଷାର ବସ୍ତ୍ରହରଣ କରିଥିବା ବି ଲୋକମାନେ କଟାକ୍ଷ କରିଛନ୍ତି।

ଗୁରୁବାର ଦିନ ତମାମ୍ ସାମାଜିକ ଗଣମାଧ୍ୟମରେ ଇଂରାଜୀ ବହିରେ ରଜଦୋଳି ଗୀତର ଭିଡିଓ ଭାଇରାଲ୍ ହୋଇଛି। ଜଣେ ଶିକ୍ଷୟିତ୍ରୀ ଭିଡିଓକୁ ପ୍ରସ୍ତୁତ କରିଥିବା କୁହାଯାଉଛି। ଇଂରାଜୀ ପୁସ୍ତକରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ସେ କିପରି ପଢ଼ାଇବେ ବୋଲି ପ୍ରଶ୍ନ କରିଛନ୍ତି। ପଞ୍ଚମ ଶ୍ରେଣୀର ଇଂରାଜୀ ପୁସ୍ତକ 'ପଲ୍ଲଵୀ' ର ମଧ୍ୟ ଭାଗରେ ଓଡ଼ିଆ ଭାଷାରେ ରଜଦୋଳି ଗୀତ ଲେଖା ହୋଇଥିବା ଲୋକଲୋଚନକୁ ଆସିବା ପରେ ଅନେକ ଅସମାହିତ ପ୍ରଶ୍ନ ଛିଡ଼ା ହୋଇଛି। ଇଂରାଜୀରେ ଲେଖାଯାଇଥିବା ଏନ୍‌ସିଇଆରଟି ପୁସ୍ତକକୁ ଏଆଇ ଉପଯୋଗ କରି ଓଡ଼ିଆରେ ଅନୁବାଦ କରାଯାଇଥିବାରୁ ମାଳମାଳ ବନାନ୍ ଓ ବାକ୍ୟ ଭୁଲ୍ ହୋଇଥିବା ▶ପୃଷ୍ଠା-୧୦

### ଯୁଦ୍ଧ ବନ୍ଦ ପାଇଁ ଆମେରିକା ସଂସଦର ନିର୍ଦ୍ଦେଶ

## ମୁଁ ମାନିବାକୁ ବାଧ୍ୟ ନୁହେଁ



■ ୱାଶିଂଟନ, ୨୪।୬ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏକ ବଡ଼ ରାଜନୈତିକ ଝଟକା ଦେଇ ଦେଶର ସିନେଟ ଇରାନ ବିରୋଧରେ ଚାଲିଥିବା ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବାକୁ ଏକ ବିଲ୍ ପାରିତ କରିଛି। ମଙ୍ଗଳବାର ସିନେଟରେ ହୋଇଥିବା ଏହି ଭୋଟିଂରେ ରାଷ୍ଟ୍ରପତିଙ୍କ ନିଜ ରିପବ୍ଲିକାନ ପାର୍ଟିର କିଛି ସଦସ୍ୟ ମଧ୍ୟ ବିରୋଧୀଙ୍କ ସହ ହାତ ମିଳାଇଥିବା ଦେଖିବାକୁ ମିଳିଛି। ସିନେଟରେ ଏହି ଯୁଦ୍ଧ କ୍ଷମତା ସଂକ୍ରାନ୍ତୀୟ ପ୍ରସ୍ତାବ ୫୦-୪୮ ଭୋଟରେ ଗୃହୀତ ହୋଇଛି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୪ ଜଣ ସଦସ୍ୟ ଦଳୀୟ ଆଭିମୁଖ୍ୟ ବିରୋଧରେ ଯାଇ ଡେମୋକ୍ରାଟ ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଏହା ପୂର୍ବରୁ ଚଳିତ ମାସ ଆରମ୍ଭରେ ନିମ୍ନ ସଦନ ପ୍ରତିନିଧି ସଭା ମଧ୍ୟ ୨୧୫-୨୦୮ ଭୋଟରେ ଏହି ପ୍ରସ୍ତାବକୁ ଅନୁମୋଦନ କରିଥିଲା। ଫଳରେ ସଂସଦ ଏହି ପ୍ରସ୍ତାବ ପାସ୍ କରି ଟ୍ରମ୍ପଙ୍କ ଉପରେ ଯୁଦ୍ଧ ଅଙ୍କୁଶ ଲଗାଇଦେଇଛି।

ଯୁଦ୍ଧ ବନ୍ଦ କରିବା ଲାଗି ଇରାନ ସହିତ ଚୂଡ଼ାନ୍ତ ଚୁକ୍ତି ପାଇଁ କଥାବାର୍ତ୍ତା ଚାଲିଥିବା ବେଳେ ସଂସଦର ଏଭଳି ପ୍ରସ୍ତାବ ଟ୍ରମ୍ପଙ୍କ ପାଇଁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। କଥାବାର୍ତ୍ତା ବେଳେ ଇରାନ ଟ୍ରମ୍ପ ପ୍ରଶାସନକୁ ବିଶେଷ ଗୁରୁତ୍ୱ ଦେଇନପାରେ ବୋଲି କୁହାଯାଉଛି। କାରଣ ଯୁଦ୍ଧ ପାଇଁ ଆମେରିକାର ସଂସଦ ଟ୍ରମ୍ପଙ୍କ ହାତ ବାନ୍ଧିଦେଇଥିବାରୁ ଏଥିରୁ ଫାଇଦା ନେବାକୁ ଉଦ୍ୟମ କରିପାରେ। ସେଥିପାଇଁ ଟ୍ରମ୍ପ ଏହି ପ୍ରସ୍ତାବର ସମାଲୋଚନା କରି କହିଛନ୍ତି ଯେ ଏଭଳି ସମୟରେ ଏହି ପ୍ରସ୍ତାବ ଆସିବାର ନଥିଲା।

୧୯୭୩ର 'ୱାର ପାୱାର୍ସ ଆକ୍ଟ' ଅନୁଯାୟୀ ଆମେରିକା ଇତିହାସରେ ଏହା ପ୍ରଥମ ଥର, ଯେଉଁଠାରେ ସଂସଦର ଉଭୟ ଗୃହ ଜଣେ ରାଷ୍ଟ୍ରପତିଙ୍କୁ ସାମରିକ ବଳ ପ୍ରତ୍ୟାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଫେବୃଆରୀ ୨୮ରୁ ଇରାନ ସହ ଆରମ୍ଭ ହୋଇଥିବା ସଂଘର୍ଷକୁ ନେଇ କଂଗ୍ରେସ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଥିଲା। ଏପରିକି ଟ୍ରମ୍ପଙ୍କ ଦଳର କିଛି ସଦସ୍ୟ ମଧ୍ୟ ଏହି ଯୁଦ୍ଧକୁ ସମର୍ଥନ କରୁନଥିବା ଏହି ଭୋଟିଂରୁ ସ୍ପଷ୍ଟ ହୋଇଛି। ବର୍ତ୍ତମାନ ଟ୍ରମ୍ପ ପ୍ରଶାସନ ଇରାନ ସହିତ ଏକ ଶାନ୍ତି ଚୁକ୍ତି ▶ପୃଷ୍ଠା-୧୦

## ସାମୁଦ୍ରିକ ବାଣିଜ୍ୟ ପ୍ରଗତିର ପ୍ରବେଶ ପଥ: ମୁଖ୍ୟମନ୍ତ୍ରୀ





**ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଆଭିମୁଖ୍ୟ ପ୍ରତିଫଳିତ**

■ ଭୁବନେଶ୍ୱର, ୨୪।୬ (ସମିସ): ବୁଧବାର ଲୋକସେବା ଭବନରେ ଅନୁଷ୍ଠିତ ହୋଇଛି ଚତୁର୍ଦ୍ଦଶ ମଲ୍ଟି ଏଜେନ୍ସି ମାରିଟାଇମ୍ ସିକ୍ୟୁରିଟି ଗ୍ରୁପ୍ (ପଲିସି) ବୈଠକ। ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଆମର ସମୁଦ୍ର କେବଳ ଏକ ଭୌଗୋଳିକ ସୀମା ନୁହେଁ; ଏହା ବ୍ୟାପକ ସୁଯୋଗ, ସମୃଦ୍ଧି ଏବଂ ଆନ୍ତର୍ଜାତୀୟ ସହଭାଗିତାର ପ୍ରବେଶ ପଥ। ଭାରତ ଆଜି ବିଶ୍ୱରେ ଏକ ପ୍ରମୁଖ ସାମୁଦ୍ରିକ ଶକ୍ତି ଭାବେ ଉଭା ହେଉଛି। ଓଡ଼ିଶାରେ ଏହି ଉଚ୍ଚସ୍ତରୀୟ ଜାତୀୟ ବୈଠକର ଆୟୋଜନ ହେବା ଦେଶର ସଂଘୀୟ ବ୍ୟବସ୍ଥା ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆଭିମୁଖ୍ୟକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ସମୁଦ୍ର, ବନ୍ଦର, ମତ୍ସ୍ୟ ସମ୍ପଦ ଏବଂ ନୀଳ ଅର୍ଥନୀତି ଆମର ମହତ୍ତ୍ୱପୂର୍ଣ୍ଣ ଜାତୀୟ ସମ୍ପତ୍ତି। ଏଗୁଡ଼ିକର ସୁରକ୍ଷା କେବଳ ଦେଶର ସୁରକ୍ଷା ପାଇଁ ଜରୁରୀ ନୁହେଁ, ବରଂ ଆର୍ଥିକ ବିକାଶ ଓ ସମୁଦ୍ର ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ଉପକୂଳବାସୀଙ୍କ ଜୀବିକାର କଲ୍ୟାଣ ପାଇଁ ଅତ୍ୟନ୍ତ ଜରୁରୀ। ଆଜିର ସମୟରେ ସାମୁଦ୍ରିକ ସୁରକ୍ଷା କେବଳ ପାରମ୍ପରିକ ଆଇନ-ଶୃଙ୍ଖଳା ମଧ୍ୟରେ ସୀମିତ ନାହିଁ, ବରଂ ଏଥିରେ ଭିତ୍ତିଭୂମିର ସୁରକ୍ଷା, ସାଇବର ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ସୁରକ୍ଷା ଭଳି ଅନେକ ଆହ୍ୱାନ ରହିଛି। ବଙ୍ଗୋପସାଗର ତଟରେ ଓଡ଼ିଶାର ପ୍ରାୟ ୫୭୫ କିଲୋମିଟର ଦୀର୍ଘ ତଟରେଖା ରହିଛି। ବର୍ତ୍ତମାନ ଭାରତର ସାମୁଦ୍ରିକ ବିକାଶ ଗାଥାରେ ଓଡ଼ିଶା ପ୍ରମୁଖ ଭୂମିକା ଗ୍ରହଣ କରୁଛି। ରାଜ୍ୟର ସାମୁଦ୍ରିକ ରଣନୀତିକ ସ୍ଥିତିକୁ ଅଧିକ ମଜବୁତ କରିବା ପାଇଁ ଗଞ୍ଜାମଠାରେ ଏକ ▶ପୃଷ୍ଠା-୧୦

## ବିକ୍ରି ହେବ ନବରତ୍ନ କମ୍ପାନୀ

**ଆଇଆର୍‌ଏଫ୍‌ସିର ୨% ଅଂଶଧନ ବିକିବେ ସରକାର**

■ ନୂଆଦିଲ୍ଲୀ, ୨୪।୬ (ଏଜେନ୍ସି): କେନ୍ଦ୍ର ସରକାର ବିକ୍ରି କରିବାକୁ ଯାଉଛନ୍ତି ଦେଶର ଆଉ ଏକ ନବରତ୍ନ କମ୍ପାନୀ (ଇଣ୍ଡିଆନ୍ ରେଲୱେ ଫାଇନାନ୍ସ କର୍ପୋରେସନ୍)। ସରକାର ଆଇଆର୍‌ଏଫ୍‌ସିରେ ରହିଥିବା ପାଖାପାଖି ୨% ଅଂଶଧନ ବିକ୍ର ପ୍ରସ୍ତାବ ରଖିଛନ୍ତି। ଏଥିଯୋଗୁ ଆଜି ପୁଞ୍ଜି ବଜାର କାରବାରରେ କମ୍ପାନୀର ସେୟାର ମୂଲ୍ୟରେ ଏକ ବୃହତ୍ ହ୍ରାସ ପରିଲକ୍ଷିତ ହୋଇଛି। ତେବେ ସରକାର ଓପନ୍ ଫର ସେଲ୍ (ଓଏଫ୍‌ଏସ୍) ଅଧୀନରେ କମ୍ପାନୀର ୨% ଅଂଶଧନ ବିକ୍ରି କରିବାର ନିଷ୍ପତ୍ତି ନେଇଛନ୍ତି, ଯେଉଁଥିରେ ଅତିରିକ୍ତ ୧%ଅଂଶଧନ ପାଇଁ 'ଗ୍ରୀନସୁ ବିକଳ୍ପ' ଅନ୍ତର୍ଭୁକ୍ତ। ବିକ୍ରୟ ପାଇଁ ଏହି ଅଫର ୨୪ ଏବଂ ୨୫ଜୁନ୍ ପର୍ଯ୍ୟନ୍ତ ଖୋଲା ରହିବ। ସରକାର ଏହି ଓଏଫ୍‌ଏସ୍ ପାଇଁ ପ୍ରତି ଅଂଶଧନର ମୂଲ୍ୟ ୯୧ ଟଙ୍କା ସ୍ଥିର କରିଛନ୍ତି। ନିବେଶ ଏବଂ ସାର୍ବଜନୀନ ସମ୍ପତ୍ତି ପରିଚାଳନା ବିଭାଗ (ଦୀପମ୍) ସଚିବ କହିଛନ୍ତି ଯେ, ବୁଧବାର ଦିନ ଅଣ-ଖୁଚୁରା ନିବେଶକଙ୍କ ପାଇଁ ଓଏଫ୍‌ଏସ୍ ଖୋଲାଯିବ, ଯେତେବେଳେ କି ଖୁଚୁରା ନିବେଶକମାନେ ଗୁରୁବାର ଦିନ ବିଡ୍ କରିପାରିବେ। କମ୍ପାନୀର ଏହି ପ୍ରସ୍ତାବ ସରକାରଙ୍କ ବ୍ୟାପକ ବିନିଯୋଗ ରଣନୀତିର ଏକ ଅଂଶ, ଯେଉଁଥିରେ ତାଲିକାଭୁକ୍ତ ସାର୍ବଜନୀନ କ୍ଷେତ୍ର କମ୍ପାନୀଗୁଡ଼ିକରେ ବଜାର-ଆଧାରିତ ପ୍ରସ୍ତାବ ମାଧ୍ୟମରେ ସମ୍ବଳ ସଂଗ୍ରହ ଲକ୍ଷ୍ୟ ରଖିଛି।

### ରକ୍ତରଞ୍ଜିତ ରାମନଗର

## ବିଜେପି ବୁଥ୍ ସଭାପତିଙ୍କୁ ନିର୍ମମ ହତ୍ୟା



**ଅଭିଯୁକ୍ତ ସଞ୍ଜୟ ମଣ୍ଡଳ ଗିରଫ**

**ଆଇନଶୃଙ୍ଖଳା ବିଫଳତା ନେଇ ଉଠିଲା ପ୍ରଶ୍ନ**

■ ମହାକାଳପଡ଼ା, ୨୪।୬ (ସମିସ): ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ପଞ୍ଚାୟତରେ ଜଣେ ବିଜେପି କର୍ମୀଙ୍କ ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳକୁ ସ୍ତବ୍ଧ କରିଦେଇଛି। ବିଜେପିର ୧୯୭ନଂ ବୁଥ ସଭାପତି ତପନ ଦାସଙ୍କୁ ପଥରରେ ଛେଚି ହତ୍ୟା କରାଯାଇଥିବା ଘଟଣା ପରେ କେବଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇନାହିଁ, ବରଂ ସ୍ଥାନୀୟ ପ୍ରଶାସନ ଓ ପୁଲିସର କାର୍ଯ୍ୟଦକ୍ଷତା ଉପରେ ଗୁରୁତର ପ୍ରଶ୍ନ ଉଠିଛି। ଏହି ଘଟଣାରେ ଅଭିଯୁକ୍ତ ସଞ୍ଜୟ ମଣ୍ଡଳଙ୍କୁ ଜମ୍ବୁ ମେରାଇନ ଥାନା ପୁଲିସ ଗିରଫ କରିଥିବାବେଳେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି, ସେ ଦୀର୍ଘଦିନ ଧରି ଅଞ୍ଚଳରେ ଆତଙ୍କରାଜ ଚଳାଇ ଆସୁଥିଲେ। ପ୍ରତିଦିନ ସନ୍ଧ୍ୟା ସମୟରେ ରାସ୍ତା ଉପରେ ଲୋକଙ୍କୁ ଅଟକାଇ ଗାଳିଗୁଲଜ କରିବା, ବାଇକ୍ ଚାଳକଙ୍କୁ ହଇରାଣ କରିବା ଓ ଅଯଥା ଗଣ୍ଡଗୋଳ ସୃଷ୍ଟି କରିବା ତାଙ୍କର ନିତିଦିନିଆ ଅଭ୍ୟାସ ହୋଇପଡ଼ିଥିଲା। ଏସବୁ ଘଟଣାକୁ ଗୁରୁତ୍ୱ ଦିଆଯାଇ ନ ଥିବାରୁ ଶେଷରେ ଏକ ନିର୍ଦ୍ଦୋଷ ଜୀବନ ଚାଲିଗଲା ବୋଲି ଲୋକେ ମତ ପ୍ରକାଶ କରିଛନ୍ତି।


ସୂଚନା ମୁତାବକ, ଗତକାଲି ବିଳମ୍ବିତ ରାତିରେ ସଞ୍ଜୟ ମଣ୍ଡଳ ଘର ନିକଟରେ ଏକ ଭୋଜି ▶ପୃଷ୍ଠା-୧୦







# ବନ୍ଦ ହେବ ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରା !



**ଅଭାବରେ ମହାପ୍ରଭୁ**

**ଅଟକଳ ୭୪ ଲକ୍ଷ ୭୦ ହଜାର**

**ଜାନୁଆରୀରୁ ବାକିପଡ଼ିଛି ୬୦ ଲକ୍ଷ**

■ ବାରିପଦା, ୨୪।୬ (ସମିସ): ଆଉ ତିନି ସପ୍ତାହ ପରେ ରଥଯାତ୍ରା। ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଦେବତ୍ତୋର ବିଭାଗ ଅଧୀନ ମଠ ଓ ମନ୍ଦିରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଜୋରସୋରରେ ଚାଲିଛି। ଦେବତ୍ତୋର ବିଭାଗ ଅଧୀନରେ ହେଉଥିବା ରଥଯାତ୍ରା ପାଇଁ ଏଥର ମୋଟ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ଅଟକଳ ଉପସ୍ଥାପିତ ହୋଇଛି। ମଙ୍ଗଳବାର ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ଏହି ଅଟକଳ ଉପସ୍ଥାପିତ ହୋଇଛି। ବାରିପଦା ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବଜୀଉ ମନ୍ଦିର ପାଇଁ ଏଥର ରଥଯାତ୍ରା ଖର୍ଚ୍ଚ ଅଟକଳ ୬୬ ଲକ୍ଷ ୧୦ ହଜାର ଟଙ୍କା ରହିଛି। ଏଥିରେ ଚାରିଟି ରଥ ନିର୍ମାଣ ଓ ଖୋଲା, ରଥ କାଠ ଓ ପରିବହନ, ରଥ ଦଉଡି, ଲୁହା ସାମଗ୍ରୀ, ଦେବତାଙ୍କ ସାଜସଜ୍ଜା, ଗହଣା ରଙ୍ଗ ଓ ମରାମତି, ଟାହିଆ, ଆଲୋକ ବ୍ୟବସ୍ଥା, ଟେଣ୍ଟ, ଜେନେରେଟର, ସିସି କ୍ୟାମେରା ଆଦି ସମସ୍ତ ଖର୍ଚ୍ଚ ଅନ୍ତର୍ଭୁକ୍ତ। ସେହିପରି ମାଣତ୍ରୀ ମନ୍ଦିର ପାଇଁ ୨.୬୦ ଲକ୍ଷ ଟଙ୍କା, ପ୍ରତାପପୁର ମନ୍ଦିର ଓ ରାସଗୋବିନ୍ଦପୁର ଖୁଣ୍ଟା ମଠ ପାଇଁ ୧.୬୦ ଲକ୍ଷ ଟଙ୍କା ଲେଖାଏଁ, କାନ୍ତôଥ ମଠ ପାଇଁ ୧.୧୦ ଲକ୍ଷ ଟଙ୍କା, ଅମର୍ଦ୍ଦା ମଠ ପାଇଁ ୧ ଲକ୍ଷ ଟଙ୍କା ଓ ମଙ୍ଗଳପୁର ମଠ ପାଇଁ ୭୦ ହଜାର ଟଙ୍କାକୁ ମିଶାଇ ୮ ଲକ୍ଷ ୬୦ ହଜାର ଟଙ୍କା ▶ପୃଷ୍ଠା-୧୦

## ସଂସଦରେ କାର୍ଯ୍ୟାଳୟ ହରାଇବ ଶିବସେନା

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଉଦ୍ଧବ ଠାକରେଙ୍କ ନେତୃତ୍ୱାଧୀନ ଶିବସେନା (ୟୁବିଟି)ର ୬ ଜଣ ଲୋକସଭା ସାଂସଦ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏହାପରେ ଦଳ ସଂସଦ ଭବନ ପରିସରରେ ଥିବା ଦଳୀୟ କାର୍ଯ୍ୟାଳୟ ହରାଇବା ସ୍ଥିତିରେ ପହଞ୍ଚିଛି। ଉଦ୍ଧବଙ୍କ ଶିବସେନାର ସଦସ୍ୟ ସଂଖ୍ୟା ୩କୁ ଖସିଛି। ନିୟମ ଅନୁଯାୟୀ, ଦଳର ୫ କିମ୍ବା ଊର୍ଦ୍ଧ୍ୱ ସାଂସଦ ଥିଲେ ହିଁ ସଂସଦ ଭବନ ପରିସରରେ ସ୍ୱତନ୍ତ୍ର କାର୍ଯ୍ୟାଳୟ ଆବଣ୍ଟନ କରାଯାଇଥାଏ। ବର୍ତ୍ତମାନ ଶିବସେନା (ୟୁବିଟି) ର ସଂସଦୀୟ କାର୍ଯ୍ୟାଳୟ ପୁରୁଣା ସଂସଦ ଭବନ ବା 'ସମ୍ବିଧାନ ସଦନ'ର ରୁମ୍ ନମ୍ବର ୧୨୮ଏରେ ପରିଚାଳିତ ହେଉଛି।

## ଲକ୍ଷ୍ନୌ ଅଗ୍ନିକାଣ୍ଡ, ୧୮ ଜଣଙ୍କୁ ଦାୟୀ କଲା ଏଲ୍‌ଡିଏ

ଲକ୍ଷ୍ନୌ, ୨୪।୬(ଏଜେନ୍ସି): ଉତ୍ତର ପ୍ରଦେଶର ଲକ୍ଷ୍ନୌରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡ ମାମଲାରେ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ମାମଲାରେ ଲକ୍ଷ୍ନୌ ବିକାଶ ପ୍ରାଧିକରଣ (ଏଲ୍‌ଡିଏ)ର ୧୮ ଜଣ ଅଧିକାରୀ ଓ ଯନ୍ତ୍ରୀଙ୍କୁ କର୍ତ୍ତବ୍ୟରେ ଅବହେଳା ଏବଂ ନିୟମ ଉଲ୍ଲଂଘନ ପାଇଁ ଦାୟୀ କରାହୋଇଛି। ୨୦୧୬ରେ ଏହି ବେଆଇନ ନିର୍ମାଣ ଉଚ୍ଛେଦ ପାଇଁ ଆଦେଶ ଜାରି ହୋଇଥିଲା। କିନ୍ତୁ ପରେ ତାହାକୁ ରଦ୍ଦ କରିଦିଆଯାଇଥିଲା। ଏହି ଅବହେଳା ପାଇଁ ୫ ଜଣ ଜୋନାଲ ଅଧିକାରୀଙ୍କ ସମେତ ମୋଟ ୧୮ ଜଣଙ୍କ ନାମ ତଦନ୍ତ ପରିସରଭୁକ୍ତ ହୋଇଛି।




## ମୁମ୍ବାଇ, ଅରୁଣାଚଳରେ ବର୍ଷାର ତାଣ୍ଡବ

ମୁମ୍ବଇ, ୨୪।୬ (ଏଜେନ୍ସି): ନିର୍ଦ୍ଧାରିତ ସମୟର ପ୍ରାୟ ୧୩ ଦିନ ବିଳମ୍ବରେ ମୁମ୍ବଇରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପହଞ୍ଚିଛି। ମାତ୍ର ପ୍ରଥମ ଦିନରେ ହିଁ ସହରରେ ବିପର୍ଯ୍ୟୟ ସୃଷ୍ଟି କରିଛି। ଗତ ୨୪ ଘଣ୍ଟା ମଧ୍ୟରେ ମୁମ୍ବଇର କେତକ ଅଞ୍ଚଳରେ ୩୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ଫଳରେ ସମଗ୍ର ସହରରେ ଜଳବନ୍ଦୀ ସମସ୍ୟା ଉପୁଜିବା ସହ ରେଳ ଓ ସଡ଼କ ପରିବହନ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଯୋଗୁଁ ମୁମ୍ବାଇର ଜୀବନରେଖା କୁହାଯାଉଥିବା ଲୋକାଲ୍ ଟ୍ରେନ୍ ସେବା ବିଶେଷ ଭାବେ ପ୍ରଭାବିତ ହୋଇଛି। କେନ୍ଦ୍ରୀୟ ରେଳବାଇର ଟ୍ରାନ୍ସ-ହାର୍ବର ଲାଇନରେ ତୁର୍ଭେ ଏବଂ କୋପରଖାଇରାଣେ ଷ୍ଟେସନ ମଧ୍ୟରେ ଅତ୍ୟଧିକ ଜଳ ପ୍ରବାହ ଯୋଗୁଁ ରେଳ ଧାରଣା ଧସିଯାଇଥିବା ସୂଚନା ମିଳିଛି। ଏହା ଫଳରେ ଥାନେ-ୱାଶି ସେକ୍ସନରେ ଟ୍ରେନ୍ ଚଳାଚଳ ବହୁ ସମୟ ଧରି ବନ୍ଦ ରହିଥିଲା। ପରେ ଧୀର ଗତିରେ ପୁନଃ କାର୍ଯ୍ୟକ୍ଷମ ହୋଇଛି। ପଶ୍ଚିମ ରେଳବାଇ ସେବା ସ୍ୱାଭାବିକ ଥିଲେ ମଧ୍ୟ ଯାତ୍ରୀମାନେ ପ୍ରବଳ ଭିଡ଼ ଓ ବିଳମ୍ବର ସମ୍ମୁଖୀନ ହୋଇଛନ୍ତି। ସହରର ତଳିଆ ଅଞ୍ଚଳ ଯଥା ହିନ୍ଦମାତା, କିଙ୍ଗସ୍ ସର୍କଲ ଏବଂ ଅନ୍ଧେରୀ ସବୱେ ସମ୍ପୂର୍ଣ୍ଣ ଭାବେ ଜଳମଗ୍ନ ହୋଇଛି। ଅନ୍ଧେରୀ ସବୱେକୁ ସୁରକ୍ଷା ଦୃଷ୍ଟିରୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ, ମାଲଭାନୀ ଫାୟାର ଷ୍ଟେସନରେ ସର୍ବାଧିକ ୩୩୪ ମିଲିମିଟର ଏବଂ ଏଫ-ସାଉଥ ୱାର୍ଡରେ ୩୨୮ ମିଲିମିଟର ବର୍ଷା ହୋଇଛି। ବର୍ଷା ଯୋଗୁଁ ଭିଖ୍‌ରୋଲି ପଶ୍ଚିମରେ ଏକ ଆବାସିକ କୋଠାର ସଂରକ୍ଷଣ କାନ୍ଥ ଭୁଶୁଡି ପଡ଼ିଛି। ସହରର ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାନବାହାନ ନଷ୍ଟ ହୋଇଥିବା ଖବର ମଧ୍ୟ ମିଳିଛି। ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମୁମ୍ବାଇ ଓ ପାଲଘର ପାଇଁ ପୂର୍ବରୁ ଜାରି କରାଯାଇଥିବା ରେଡ୍ ଆଲର୍ଟକୁ ପରେ ଅରେଞ୍ଜ ଆଲର୍ଟରେ ପରିବର୍ତ୍ତନ କରାଯାଇଛି। ସମୁଦ୍ରରେ ଜୁଆର ଆସିବା ସମ୍ଭାବନା ଥିବାରୁ ବିଏମ୍‌ସି ଓ ବିପର୍ଯ୍ୟୟ ପରିଚାଳନା ଟିମ୍‌କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅରୁଣାଚଳ ପ୍ରଦେଶର କିଛି ଅଞ୍ଚଳରେ ପ୍ରବଳ ବର୍ଷା ହୋଇଛି। ଫଳରେ ସୃଷ୍ଟି ହୋଇଥିବା ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ବ୍ୟାପକ ଧ୍ୱଂସଲୀଳା ରଚିଛି। ରାଜ୍ୟର ଲୋୟର ସୁବନସିରି ଏବଂ କେୟି ପାନ୍ୟୋର ଜିଲ୍ଲାରେ ମାତ୍ର କିଛି ଘଣ୍ଟାର ପ୍ରବଳ ବର୍ଷା ଯୋଗୁଁ ଅନେକ ଗ୍ରାମ ଜଳମଗ୍ନ ହୋଇଛି। ଏହାସହ ଘରଦ୍ୱାର, ଭିତିଭୂମି ଓ ଚାଷଜମିର ବହୁଳ କ୍ଷୟକ୍ଷତି ଘଟିଛି। ଖବର ଅନୁଯାୟୀ, କେୟି ପାନ୍ୟୋର ଜିଲ୍ଲାର ୟାଜାଲି ସ୍ଥିତ ଏକ କଲୋନୀରେ ବନ୍ୟା ଜଳ ପ୍ରବେଶ କରି ୧୫ଟି ଆବାସିକ କ୍ୱାର୍ଟର୍ସ ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇଛି। ଏହା ସହିତ ଏକ ପ୍ରମୁଖ ହାଇୱେ ବ୍ରିଜ୍ ବନ୍ୟା ଜଳରେ ଭାସିଯାଇଛି। ତେଣୁ ସେହି ଅଞ୍ଚଳରେ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଛି। ଅନେକ ଗ୍ରାମଗୁଡିକରେ ମଧ୍ୟ ବନ୍ୟା ଯୋଗୁଁ ବହୁ ବାସଗୃହ କ୍ଷତିଗ୍ରସ୍ତ ହୋଇଛି।

## ଫ୍ରାନ୍ସର ସଙ୍ଗୀତ ମହୋତ୍ସବରେ ମହିଳାଙ୍କୁ ସିରିଞ୍ଜ୍‌ରେ ଆକ୍ରମଣ ଓ ଦୁଷ୍କର୍ମ


ପ୍ୟାରିସ୍, ୨୪।୬(ଏଜେନ୍ସି): ଫ୍ରାନ୍ସର ପାରମ୍ପରିକ ବାର୍ଷିକ ସଙ୍ଗୀତ ମହୋତ୍ସବ 'ଫେଟେ ଡି ଲା ମ୍ୟୁଜିକ୍' ପାଳନ ଅବସରରେ ବ୍ୟାପକ ହିଂସା, ଦୁଷ୍କର୍ମ, ଅସଦାଚରଣ ଏବଂ ମହିଳାମାନଙ୍କୁ ସିରିଞ୍ଜରେ ଆକ୍ରମଣ କରାଯାଇଥିବା ଭଳି



ସାଂଘାତିକ ଘଟଣା ସାମ୍ନାକୁ ଆସିଛି। ସାରା ଦେଶରେ ଆୟୋଜିତ ଏହି ଉତ୍ସବର ସୁରକ୍ଷା ବ୍ୟବସ୍ଥା ଉପରେ ଏହି ଘଟଣା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରିପୋର୍ଟ ଅନୁଯାୟୀ, ଗତ ରାତିରେ ପ୍ୟାରିସ୍ ସମେତ ଫ୍ରାନ୍ସର ବିଭିନ୍ନ ସହରରେ ଗୁରୁତର ଅଘଟଣମାନ ଘଟିଛି। ଏହି କାର୍ଯ୍ୟକ୍ରମରେ ଫ୍ରାନ୍ସ ସମେତ ବିଭିନ୍ନ ଦେଶରୁ ପର୍ଯ୍ୟଟକ ମଧ୍ୟ ଯୋଗ ଦେଇଥିଲେ। ଏହି ସମୟରେ ପ୍ରାୟ ଦୁଇଜଣ ମହିଳାଙ୍କୁ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ଅନେକ ମହିଳାଙ୍କୁ ସିରିଞ୍ଜ୍ ସାହାଯ୍ୟରେ ଫୋଡ଼ି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ଏହି ସିରଞ୍ଜ ଆକ୍ରମଣ ସହିତ ଶହ ଶହ ମହିଳାଙ୍କ ସହ ଅସଦାଚରଣ, ଯୌନ ଉତ୍ପୀଡ଼ନ, ସିରିଞ୍ଜ ଆକ୍ରମଣ ଏବଂ ଛୁରାମାଡ ହୋଇଥିବା ମଧ୍ୟ ଅଭିଯୋଗ ରହିଛି। ଭିଡ଼ ଭିତରେ ହଠାତ୍ ଛୁଞ୍ଚି ଫୋଡ଼ି ହେବା ପରେ କିଛି ପୀଡ଼ିତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିଶେଷ କରି 'ବୌଲେଭାର୍ଡ ଡେ ଲା ମାଡେଲିନେ'ରେ ଜଣେ ମହିଳା ସିରିଞ୍ଜ୍ ମାଡ଼ ହେବା ପରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ତାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିଆଯାଇଥିଲା। ପ୍ୟାରିସର 'ଚାଟେଲେଟ୍' ପରି କେତେକ ଅଞ୍ଚଳରେ ପ୍ରବଳ ଭିଡ଼ ଓ ଗୋଷ୍ଠୀ ସଂଘର୍ଷ ଯୋଗୁଁ ଆତଙ୍କର ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଉତ୍ସବ ଅତ୍ୟନ୍ତ ବିପଜ୍ଜନକ ଓ ଅନିୟନ୍ତ୍ରିତ ହୋଇପଡ଼ିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଭୟ ଓ ଦଳାଚକଟା ଭଳି ସ୍ଥିତି ଉପୁଜିଥିଲା। ପୁଲିସ ଓ ଜରୁରୀକାଳୀନ ସେବା ବାହିନୀ ବାରମ୍ବାର ବିଭିନ୍ନ ସ୍ଥାନକୁ ଯାଇ ଆହତଙ୍କୁ ଉଦ୍ଧାର କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ହଜାର ହଜାର ପୁଲିସ, ଅଗ୍ନିଶମ ବାହିନୀ, ଡ୍ରୋନ୍ ଏବଂ ହେଲିକପ୍ଟର ମୁତୟନ କରାଯାଇଥିଲା। ଏହି ଘଟଣା ପରେ ମୋଟ ୨୪୩ ଜଣଙ୍କୁ ବିଶୃଙ୍ଖଳା କରିବା ଅଭିଯୋଗରେ ଗିରଫ କରାଯାଇଛି।

**୨୪୩ ଗିରଫ**

## ତେଜୁଛି ରାମମନ୍ଦିର ଚାନ୍ଦା ଚୋରି ବିବାଦ



■ ଏସ୍‌ଆଇଟି ରିପୋର୍ଟରେ ୧୭ ଜଣଙ୍କ ନାମ
■ ଏଫ୍‌ଆଇଆର୍ ଦାଖଲ ପାଇଁ ସୁପାରିସ
■ ସନ୍ଦେହଘେରରେ ଟ୍ରଷ୍ଟ ସମ୍ପାଦକ ଚମ୍ପତ ରାୟ

ଲକ୍ଷ୍ନୌ, ୨୪।୬ (ଏଜେନ୍ସି): ଅଯୋଧ୍ୟାର ରାମ ମନ୍ଦିରରେ ସାତ କୋଟି ଟଙ୍କାର ଦାନ ଓ ଦକ୍ଷିଣା ଚୋରି ମାମଲା ଦିନକୁ ଦିନ ବିସ୍ଫୋରକ ହେବାରେ ଲାଗିଛି। ପ୍ରଭୁ ରାମଙ୍କ ନାମରେ ଆସିଥିବା କୋଟି କୋଟି ଟଙ୍କା ଘୋଟାଲାରେ ମନ୍ଦିର ଟ୍ରଷ୍ଟର ଅନେକ ବଡ଼ ବଡ଼ କର୍ମକର୍ତ୍ତା ସାମିଲ ଅଛନ୍ତି। ଏହି ଘଟଣାର ତଦନ୍ତ ଲାଗି ରାଜ୍ୟ ସରକାର ଦ୍ୱାରା ଗଠିତ ଏସ୍‌ଆଇଟି ଇତିମଧ୍ୟରେ ଯେଉଁ ପ୍ରାଥମିକ ରିପୋର୍ଟ ଦେଇଛି, ତାହା ସମସ୍ତଙ୍କର ହୋସ୍ ଉଡ଼ାଇ ଦେଇଛି। ଏଥିରେ ୧୭ ଜଣଙ୍କ ଅଭିଯୁକ୍ତ କରାଯିବା ସହିତ ସେମାନଙ୍କ ବିରୋଧରେ ତୁରନ୍ତ ଏଫଆଇଆର ଦାଖଲ ପାଇଁ କୁହାଯାଇଛି। କିନ୍ତୁ ପ୍ରଶାସନ ଏପର୍ଯ୍ୟନ୍ତ ଏଫଆଇଆର ଦାଖଲ କରିନଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରିପୋର୍ଟରେ ଯେଉଁ ୧୭ ଜଣଙ୍କୁ ଅଭିଯୁକ୍ତ କରାଯାଇଛି, ସେମାନଙ୍କ ମଧ୍ୟରେ ରାମ ଜନ୍ମଭୂମି ଟ୍ରଷ୍ଟର ଅନେକ ବରିଷ୍ଠ ଓ ପ୍ରଭାବଶାଳୀ କର୍ମକର୍ତ୍ତା ଥିବା କୁହାଯାଉଛି। ମନ୍ଦିର ଟ୍ରଷ୍ଟ ଭାଙ୍ଗି ନୂଆ ପ୍ରଶାସକ ନିଯୁକ୍ତ ଲାଗି ମଧ୍ୟ ଏସଆଇଟି ସୁପାରିସ କରିଛି।

ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ଅଯୋଧ୍ୟାରେ ପ୍ରାରମ୍ଭିକ ସରଜମିନ ଯାଞ୍ଚ ପରେ ଏସଆଇଟି ଯେଉଁ ରିପୋର୍ଟ ଦେଇଛି, ସେଥିରେ ଟ୍ରଷ୍ଟର ସାଧାରଣ ସଂପାଦକ ଚମ୍ପତ ରାୟ ଏବଂ ତାଙ୍କର ଅନେକ ସହଯୋଗୀଙ୍କ ନାମ ରହିଛି। ରିପୋର୍ଟରେ ୧୫୦ରୁ ଅଧିକ ସେବାଦାର ଏବଂ କର୍ମଚାରୀଙ୍କୁ ସନ୍ଦିଗ୍ଧ ତାଲିକାରେ ରଖିବା ସହିତ ସେମାନଙ୍କ ବିରୋଧରେ ମଧ୍ୟ ଏଫ୍‌ଆଇଆର ଦାଖଲ କରିବାକୁ କୁହାଯାଇଛି। ମନ୍ଦିର ଦାନ ବାକ୍ସର ଚାବି ରାମ ଶଙ୍କର ଯାଦବ ଓରଫ ଟିନ୍ନୁ ଯାଦବ ପାଖରୁ ମିଳିଛି। ଟିନ୍ନୁ ହେଉଛି ଚମ୍ପତ ରାୟଙ୍କ ଡ୍ରାଇଭର। ତାଙ୍କ ଘରୁ ମଧ୍ୟ ବିପୁଳ ପରିମାଣର ସଂପତ୍ତି ଜବତ ହୋଇଥିବାର ଖବର ମିଳିଛି। ଟିନ୍ନୁ ଜଣେ ଟେମ୍ପୋ ଡ୍ରାଇଭର ଥିଲେ। ରାମ ମନ୍ଦିର ନିର୍ମାଣ ଆରମ୍ଭ ବେଳେ ସେ ଚମ୍ପତ ରାୟଙ୍କ ଗାଡ଼ି ଡ୍ରାଇଭର ଭାବେ ଯୋଗ ଦେଇଥିଲେ। ଏହାପରେ ତାଙ୍କର ସଂପତ୍ତି ପରିମାଣ କୋଟି କୋଟି ଟଙ୍କାରେ ପହଞ୍ଚିଛି। ଜଣେ ଗାଡ଼ି ଡ୍ରାଇଭର ପାଖରେ ଦାନ ବାକ୍ସଗୁଡ଼ିକର ଚାବି କେମିତି ଆସିଲା ବୋଲି ଏସ୍‌ଆଇଟି ପ୍ରଶ୍ନ କରିଛି। କେବଳ ଟିନ୍ନୁ ନୁହେଁ, ଟ୍ରଷ୍ଟର ଅନେକ କର୍ମଚାରୀ ଓ କର୍ମକର୍ତ୍ତାଙ୍କ ଭାଗ୍ୟ ମଧ୍ୟ ବଦଳିଯାଇଛି। ରାତାରାତି ସେମାନେ କୋଟିପତି ହୋଇଯାଇଛନ୍ତି। ଚମ୍ପତ ରାୟଙ୍କର ଆଉ ଜଣେ ସହଯୋଗୀ ଫୁଲକାନ୍ତ ମିଶ୍ରଙ୍କ ସଂପତ୍ତି ମଧ୍ୟ ସନ୍ଦିଗ୍ଧ ଭାବେ ରାତାରାତି କୋଟି କୋଟି ଟଙ୍କା ହୋଇଯାଇଟି। ଏହି ସମସ୍ତ ଘୋଟାଲାର ମୁଖ୍ୟ କାର୍ପଟଦାର ଚମ୍ପତ ରାୟ ବୋଲି ବିରୋଧୀମାନେ ଅଭିଯୋଗ କରିବା ସହିତ ତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିର ନିର୍ମାଣ ଦିନ ଠାରୁ ଟ୍ରଷ୍ଟରେ ଏଭଳି ଘୋଟାଲା ଚାଲିଥିବା ନେଇ ଅନେକ ସେବାଦାର ଜାଣିଥିଲେ। କିନ୍ତୁ ଏଥିରେ ପ୍ରଭାବଶାଳୀ ଲୋକ ସଂପୃକ୍ତ ଥିବାରୁ ଏହା ବିରୋଧରେ ସେମାନେ ମୁହଁ ଖୋଲୁନଥିଲେ। ଆହୁରି ଅଭିଯୋଗ ହୋଇଛି ଯେ ମନ୍ଦିରରୁ ୧୨୫୦ଟି ସୁନା, ରୁପା ଓ ହିରା ଖଚିତ ଏବଂ ଅଷ୍ଟଧାତୁ ଇଟା ମଧ୍ୟ ଗାଏବ ହୋଇଯାଇଛି।

## ଇରାନର 'ଜେଲିଫିସ୍' ଡ୍ରୋନ୍ ଆକ୍ରମଣ

ୱାସିଂଟନ/ତେହେରାନ, ୨୪।୬(ଏଜେନ୍ସି): ଇରାନ ସହିତ ଚାଲିଥିବା ସଂଘର୍ଷ ସମୟରେ ଗତ ଏପ୍ରିଲରେ ଆମେରିକାର ଏକ ଶକ୍ତିଶାଳୀ ଏଫ୍-୧୫ଇ ଷ୍ଟ୍ରାଇକ୍ ଇଗଲ୍ ଯୁଦ୍ଧ ବିମାନ ଖସିପଡ଼ିଥିଲା। ଉଦ୍ଧାର ହୋଇଥିବା ଆମେରିକୀୟ ପାଇଲଟଙ୍କ ବୟାନ ଅନୁସାରେ, ଏହି ବିମାନଟି କୌଣସି ପାରମ୍ପରିକ ମିସାଇଲ୍ ଦ୍ୱାରା ନୁହେଁ, ବରଂ 'ଜେଲିଫିସ୍' ଭଳି ଦେଖାଯାଉଥିବା ଏକ ଅତ୍ୟାଧୁନିକ ଡ୍ରୋନ୍ ସମୂହର ଆକ୍ରମଣ ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯଦି ଏହି ଦାବି ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଇରାନର ଯୁଦ୍ଧ କୌଶଳର ନିପୁଣତାକୁ ପ୍ରମାଣ କରିବ। ପାଇଲଟଙ୍କ ସୂଚନା ଅନୁସାରେ, ଆକାଶରେ ଅନେକ ଗୁଡ଼ିଏ ଡ୍ରୋନ୍ ଏକାଠି ଏକ ନିର୍ଦ୍ଦିଷ୍ଟ ଶୈଳୀରେ ଗତି କରୁଥିଲେ। ଦୂରରୁ ଏକ ସାମୁଦ୍ରିକ 'ଜେଲିଫିସ୍' ଭଳି ଦେଖାଯାଉଥିଲା। ଏଥିରେ ଏକ ବଡ଼ 'ମଦରଶିପ୍' ଡ୍ରୋନ୍ ଉପରେ ରହି କମାଣ୍ଡ ଦେଉଥିବା ବେଳେ ତା' ତଳେ ଅନେକ ଛୋଟ ଡ୍ରୋନ୍ ଗୋଡ଼ ଭଳି ଝୁଲି ରହିଥିଲେ। ଏହି ସମଗ୍ର ସିଷ୍ଟମ୍ 'ମେସଡ୍ ନେଟୱର୍କିଂ' ଜ୍ଞାନକୌଶଳରେ ପରସ୍ପର ସହ ଜଡ଼ିତ ରହିଥାନ୍ତି। ପାଇଲଟ୍ ଏହାକୁ 'ପୁରା ଏଲିଅନ୍ସ (ଅନ୍ୟ ଗ୍ରହର ଜୀବ) ମାନଙ୍କ କାମ ଭଳି ବୋଲି ବର୍ଣ୍ଣନା କରିଛନ୍ତି। ଏହି ଡ୍ରୋନ୍ ସମୂହ ଆକାଶରେ ଏକ 'ମାଇନଫିଲ୍ଡ' ଭଳି କାମ କରନ୍ତି, ଯାହା ଶତ୍ରୁ ପକ୍ଷର ବିମାନକୁ ଘେରିଯାଇ ଆକ୍ରମଣ କରିଥାନ୍ତି। ଏଗୁଡ଼ିକ କମ୍ ଉଚ୍ଚତାରେ ଉଡ଼ିପାରୁଥିବାରୁ ପାରମ୍ପରିକ ରାଡାର ଏବଂ ଏୟାର୍ ଡିଫେନ୍ସ ସିଷ୍ଟମ୍ ପାଇଁ ଏହାକୁ ଚିହ୍ନଟ କରିବା ଏକ ବଡ଼ ଆହ୍ୱାନ ହୋଇଥାଏ। ଏହାର ଅଜବ ଆକୃତି ଶତ୍ରୁ ପାଇଲଟଙ୍କ ମଧ୍ୟରେ ଭୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ। ବିଶେଷଜ୍ଞଙ୍କ ମତରେ, ଏହି ସମୂହରୁ କିଛି ଡ୍ରୋନ୍ ନଷ୍ଟ ହେଲେ ମଧ୍ୟ ଅନ୍ୟ ଡ୍ରୋନ୍ ଗୁଡ଼ିକ ସଙ୍ଗେ ସଙ୍ଗେ ସେହି ସ୍ଥାନ ପୂରଣ କରି ଆକ୍ରମଣ ଜାରି ରଖିପାରନ୍ତି। ପୂର୍ବରୁ ଏହିଭଳି ଅତ୍ୟାଧୁନିକ ଟେକ୍ନୋଲୋଜି କେବଳ ଚୀନ୍ ଏବଂ ରୁଷିଆ ପାଖରେ ଥିବା ବିଶ୍ୱାସ କରାଯାଉଥିଲା। ପ୍ରତିରକ୍ଷା ବିଶେଷଜ୍ଞ ବିକ୍ରାନ୍ତ କୁମାରଙ୍କ ମତରେ, ଏହି ଶସ୍ତା ଡ୍ରୋନ୍ ଯୁଦ୍ଧ କୌଶଳ ଆଗାମୀ ଦିନରେ ଆକାଶମାର୍ଗର ସୁରକ୍ଷାକୁ ଅଧିକ ବିପଜ୍ଜନକ କରିଦେବ। ଆମେରିକୀୟ ଗୁପ୍ତଚର ସଂସ୍ଥା ପାଇଲଟଙ୍କ ଏହି ଦାବିକୁ ସତର୍କତାର ସହ ଯାଞ୍ଚ କରୁଛନ୍ତି। ପାଇଲଟ୍ ଜଣକ ଦୁର୍ଘଟଣା ସମୟରେ ମୁଣ୍ଡରେ ଆଘାତ ପାଇଥିବାରୁ ତାଙ୍କ ସ୍ମୃତିକୁ ନେଇ କିଛି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ଇରାନ ଏହି ଘଟଣା ପରେ ଏକ ନୂଆ ଏୟାର୍ ଡିଫେନ୍ସ ସିଷ୍ଟମ୍ ବ୍ୟବହାର କରିଥିବା କଥା କହିଥିଲେ ମଧ୍ୟ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ।



### ସୀମାରେ ପାକିସ୍ତାନର ସାମରିକ ପ୍ରସ୍ତୁତି ଜୋରଦାର

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ପାକିସ୍ତାନ ଭାରତ ବିରୋଧରେ ଯୁଦ୍ଧ ଧମକ ଦେଇଥିବା ବେଳେ ସୀମାରେ ସାମରିକ ପ୍ରସ୍ତୁତିକୁ ବ୍ୟାପକ କରିଛି। ପାକିସ୍ତାନ ସେନାର ୮ମ ବ୍ରିଗେଡ୍ ନିୟନ୍ତ୍ରଣ ରେଖା ନିକଟରେ ୩୫ଟି ଆଣ୍ଟି-ଡ୍ରୋନ୍ ୟୁନିଟ୍ ମୁତୟନ କରିଛି। ସୀମାରେ ନଜର ରଖିବା ଓ ଶତ୍ରୁପକ୍ଷକୁ ଟାର୍ଗେଟ୍ କରିବା ପାଇଁ ଏଆଇ କ୍ଷମତା ସମ୍ପନ୍ନ ଫେନସିଂ କରିଛି। ବାଲୋଚିସ୍ତାନ ଓ ଖାଇବର ପଖ୍‌ତୁନଖ୍ୱାରେ ଦୁଇଟି ନୂତନ ଏୟାରବେସ୍ ନିର୍ମାଣ ହେଉଛି। ଚୀନ ପାକିସ୍ତାନକୁ ୩୬ଟି ଜେ ସିରିଜ୍ ମଲ୍ଟିରୋଲ୍ ଯୁଦ୍ଧ ବିମାନ ଯୋଗାଇ ଦେଇଛି ଏବଂ ୫ମ ପିଢ଼ିର ଜେ-୩୫ ଷ୍ଟେଲଥ୍ ଫାଇଟର ଜେଟ୍ ମଧ୍ୟ ମିଳିବାର ସମ୍ଭାବନା ରହିଛି।

### ପାକିସ୍ତାନ ସୀମାରେ ଏୟାର ଇଣ୍ଡିଆ ବିମାନ

ନୂଆଦିଲ୍ଲୀ, ୨୪।୬(ଏଜେନ୍ସି): ଦିଲ୍ଲୀରୁ ଅମୃତସର ଯାଉଥିବା ଏୟାର ଇଣ୍ଡିଆର ଯାତ୍ରୀବାହୀ ବିମାନ ଅଳ୍ପ ସମୟ ପାଇଁ ପାକିସ୍ତାନ ବାୟୁସୀମାରେ ପ୍ରବେଶ କରିଥିବା ଜଣାପଡ଼ିଛି। ଅମୃତସରରେ ଅବତରଣ କରିବା ପାଇଁ 'ଗୋ-ଆରାଉଣ୍ଡ' କରିବା ବେଳେ ଏପରି ଘଟିଥିବା ଏୟାରଲାଇନ୍ସ ବୁଧବାର ସ୍ପଷ୍ଟ କରିଛି। ଏୟାର ଇଣ୍ଡିଆର ବିମାନ ଏଆଇ୪୭୯ ଅଟ୍ଟାରୀ ନିକଟରେ ଥିବା ଅନ୍ତର୍ଜାତୀୟ ସୀମା ଅତିକ୍ରମ କରି ପାକିସ୍ତାନ ସୀମା ମଧ୍ୟରେ ପ୍ରାୟ ୨ମିନିଟ ଯାଏଁ ରହିଥିଲା। ତୁରନ୍ତ ପୁଣି ଭାରତୀୟ ସୀମାକୁ ଫେରି ଆସିଥିଲା।


## ଶୁଭେନ୍ଦୁଙ୍କ ପ୍ରଶଂସାରେ ଶତମୁଖ ମହୁଆ



କଲିକତା, ୨୪।୬(ଏଜେନ୍ସି): ପଶ୍ଚିମବଙ୍ଗ ରାଜନୀତିରେ ଟିଏମ୍‌ସିର ଶକ୍ତିଶାଳୀ ନେତ୍ରୀ ତଥା ସାଂସଦ ମହୁଆ ମୈତ୍ର, ରାଜ୍ୟର ମୁଖ୍ୟମନ୍ତ୍ରୀ ତଥା ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କୁ ଖୋଲାଖୋଲି ଭାବେ ପ୍ରଶଂସା କରିଛନ୍ତି। ମମତା ବାନାର୍ଜୀଙ୍କ ଅତ୍ୟନ୍ତ ବିଶ୍ୱସ୍ତ ଭାବେ ଜଣାଶୁଣା ମହୁଆ, ଶୁଭେନ୍ଦୁଙ୍କ ସହ ତାଙ୍କର ବେଶ୍ ଭାବପ୍ରବଣ ସମ୍ପର୍କ ଥିବା କଥା ବୁଧବାର କହିଛନ୍ତି। ବିବିସିକୁ ଦେଇଥିବା ଏକ ସାକ୍ଷାତକାରରେ ମହୁଆ କହିଛନ୍ତି ଯେ, ୨୦୧୪ରେ ତାଙ୍କୁ ଲୋକସଭା ଟିକେଟ ମିଳିନଥିଲା। ସେହି ସମୟରେ ସେ ଦୁଃଖରେ ଭାଙ୍ଗିପଡ଼ି ସାରା ରାତି କାନ୍ଦିଥିଲେ। ସେତେବେଳେ କେବଳ ଶୁଭେନ୍ଦୁ ହିଁ ତାଙ୍କୁ ସାନ୍ତ୍ୱନା ଦେବା ସହ ସାହାଯ୍ୟର ହାତ ବଢ଼ାଇଥିଲେ। ଏପରିକି ୨୦୧୬ରେ ମଧ୍ୟ ସେ କରିମପୁରରୁ ପ୍ରଥମ ଥର ବିଧାନସଭା ନିର୍ବାଚନ ଲଢୁଥିବା ବେଳେ ଦଳର କୌଣସି ବରିଷ୍ଠ ନେତା ତାଙ୍କ ପାଇଁ ପ୍ରଚାର କରିବାକୁ ଆସିନଥିଲେ। କିନ୍ତୁ କେବଳ ଶୁଭେନ୍ଦୁ ହିଁ ତାଙ୍କର ପ୍ରଥମ ନିର୍ବାଚନୀ ସଭା କରିଥିଲେ। ବର୍ତ୍ତମାନ ଟିଏମସି ମଧ୍ୟରେ ବଡ଼ ଧରଣର ବିଦ୍ରୋହ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ମହୁଆ ବିଜେପିର କାର୍ଯ୍ୟଶୈଳୀ ଓ ଶୃଙ୍ଖଳାକୁ ପ୍ରଶଂସା କରିବା ସହ ଟିଏମସିରୁ ଅଯୋଗ୍ୟ ନେତା ମାନଙ୍କୁ ବାହାର କରି ଦଳର ଶୁଦ୍ଧିକରଣ କରିଥିବାରୁ ଶୁଭେନ୍ଦୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଯଦିଓ ମହୁଆ ଶୁଭେନ୍ଦୁଙ୍କୁ ପ୍ରଶଂସା କରିଛନ୍ତି, ତଥାପି ସେ ତୃଣମୂଳ କଂଗ୍ରେସ ଛାଡ଼ିବା କିମ୍ବା ଦଳ କଂଗ୍ରେସ ସହ ମିଶ୍ରଣ ହେବା ଖବରକୁ ସମ୍ପୂର୍ଣ୍ଣ ରୂପେ ଖଣ୍ଡନ କରିଛନ୍ତି।

## ୟୁକ୍ରେନରେ ଭାରତୀୟ ସେନା ମୁତୟନ ପ୍ରସ୍ତାବକୁ ହସରେ ଉଡ଼ାଇଲେ ଟ୍ରମ୍ପ

ୱାସିଂଟନ, ୨୪।୬(ଏଜେନ୍ସି): ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ କରିବା ପାଇଁ ଶାନ୍ତି ରକ୍ଷାକାରୀ ମିଶନ ପାଇଁ ଭାରତୀୟ ସେନାଙ୍କୁ ମୁତୟନ କରିବାକୁ ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କ ପ୍ରସ୍ତାବକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହସରେ ଉଡ଼ାଇ ଭାରତ ଏଥିପାଇଁ କେବେ ଅର୍ଥ ନଷ୍ଟ କରିବ ନାହିଁ ବୋଲି କହିଥିଲେ। ଦି ନ୍ୟୁୟର୍କ ଟାଇମ୍ସର ସାମ୍ବାଦିକ ମ୍ୟାଗି ହାବରମ୍ୟାନ ଏବଂ ଜୋନାଥନ ସ୍ୱାନଙ୍କ ଦ୍ୱାରା ଲିଖିତ 'ରେଜିମ ଚେଞ୍ଜ' (ସତ୍ତା ପରିବର୍ତ୍ତନ) ନାମକ ପୁସ୍ତକରେ ଏହି ଦାବି କରାଯାଇଛି। ୨୦୨୫ରେ ଓଭାଲ ଅଫିସରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ୟୁକ୍ରେନକୁ ଟ୍ରମ୍ପଙ୍କ ସ୍ୱତନ୍ତ୍ର ପ୍ରତିନିଧି କିଥ କେଲଗ ଫ୍ରାନ୍ସ, ବ୍ରିଟେନ ଏବଂ ନେଦରଲ୍ୟାଣ୍ଡ ପରି ୟୁରୋପୀୟ ଦେଶଗୁଡ଼ିକରୁ ଶାନ୍ତି ରକ୍ଷାକାରୀ ବାହିନୀ ପଠାଇବାକୁ ପ୍ରସ୍ତାବ ଦେଇଥିଲେ। କିନ୍ତୁ ଜେଡି ଭାନ୍ସ ଯୁକ୍ତି ବାଢିଥିଲେ ଯେ, ନାଟୋ ସଦସ୍ୟ ଦେଶଙ୍କ ସେନା ୟୁକ୍ରେନରେ ମୁତୟନ ହେଲେ ରୁଷ ଏହାକୁ ବିପଦ ଭାବେ ଗ୍ରହଣ କରିବ। ଏହାର ବିକଳ୍ପ ଭାବେ ଭାନ୍ସ ଭାରତ ଏବଂ ସାଉଦି ଆରବ ପରି ଅଣ-ୟୁରୋପୀୟ ଦେଶଗୁଡ଼ିକୁ ଏହି ଦାୟିତ୍ୱ ଦେବାକୁ କହିଥିଲେ। ପୁସ୍ତକ ଅନୁଯାୟୀ, ଟ୍ରମ୍ପ ଏହି ପ୍ରସ୍ତାବ ଶୁଣି ହସିଥିଲେ ଏବଂ କହିଥିଲେ, 'ଭାରତୀୟମାନେ ଏହା କରିବେ ନାହିଁ। ସେମାନେ ଏଭଳି କୌଣସି କାମ ପାଇଁ ଅର୍ଥ ଦେବେ ନାହିଁ'। ତେବେ ଟ୍ରମ୍ପ ସ୍ୱୀକାର କରିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ତାଙ୍କର ଉତ୍ତମ ସମ୍ପର୍କ ରହିଛି।





## ନ୍ୟୁୟର୍କ ସିଟିରେ ଭାରତୀୟ କିଶୋରଙ୍କ ସ୍ମୃତିରେ 'ରୋମାଞ୍ଚ୍‌ସ ଲ'

ନ୍ୟୁୟର୍କ, ୨୪।୬(ଏଜେନ୍ସି): ଆମେରିକାର ନ୍ୟୁୟର୍କ ସିଟିର ସେଣ୍ଟ୍ରାଲ୍ ପାର୍କରେ ଘୋଡ଼ା ଗାଡ଼ି ଦୁର୍ଘଟଣାରେ ପ୍ରାଣ ହରାଇଥିବା ୧୮ ବର୍ଷୀୟ ଭାରତୀୟ କିଶୋର ରୋମାଞ୍ଚ ମହାଜନଙ୍କ ସମ୍ମାନାର୍ଥେ ସହରର ଘୋଡ଼ା ଗାଡ଼ି ନିଷେଧ ବିଲ୍‌ର ନାମ ପରିବର୍ତ୍ତନ କରାଯାଇଛି। ପୂର୍ବରୁ 'ରାଇଡର୍ସ ଲ' ନାମରେ ଜଣାଶୁଣା ଏହି ବିଲ୍ ଏବେ 'ରୋମାଞ୍ଚ୍‌ସ ଲ' ଭାବେ ନାମିତ ହୋଇଛି। ଗତ ସପ୍ତାହରେ ସେଣ୍ଟ୍ରାଲ୍ ପାର୍କରେ ରୋମାଞ୍ଚ ତାଙ୍କ ପରିବାର ସହ ଘୋଡ଼ା ଗାଡ଼ିରେ ଭ୍ରମଣ କରୁଥିଲେ। ଏହି ସମୟରେ ଘୋଡ଼ାଟି କୌଣସି କାରଣରୁ ଡରିଯାଇ ଦ୍ରୁତ ଗତିରେ ଦୌଡ଼ିବାକୁ ଲାଗିଥିଲା। ଫଳରେ ରୋମାଞ୍ଚଙ୍କ ମାଆ ଗାଡ଼ିରୁ ପଡ଼ିଯାଇଥିଲେ ଏବଂ ତାଙ୍କୁ ରକ୍ଷା କରିବା ପାଇଁ ରୋମାଞ୍ଚ ଗାଡ଼ିରୁ ଡେଇଁ ପଡ଼ିଥିଲେ। ଏହି ଦୁର୍ଘଟଣାରେ ଗୁରୁତର ଆହତ ହୋଇ ସେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ତାଙ୍କ ପରିବାରର ଅନ୍ୟ ସଦସ୍ୟମାନେ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ନ୍ୟୁୟର୍କ ସିଟି କାଉନସିଲ୍ ସଦସ୍ୟ କ୍ରିଷ୍ଟୋଫର ମାର୍ଟେ ସୋମବାର ଆୟୋଜିତ ଏକ ଶୋକସଭାରେ ଏହି ନାମ ପରିବର୍ତ୍ତନ ବିଷୟରେ ଘୋଷଣା କରିଥିଲେ। ଏହି ପ୍ରସ୍ତାବିତ ନିୟମ ଅନୁଯାୟୀ, ସହରରେ ନୂତନ ଘୋଡ଼ା ଗାଡ଼ି ଲାଇସେନ୍ସ ପ୍ରଦାନ ବନ୍ଦ କରାଯିବ ଏବଂ ୨୦୨୮ ଜୁନ୍ ୧ ସୁଦ୍ଧା ଏହି ଶିଳ୍ପକୁ ସମ୍ପୂର୍ଣ୍ଣ ରୂପେ ନିଷେଧ କରାଯିବ। ପୂର୍ବରୁ ଏହି ବିଲ୍ 'ରାଇଡର୍' ନାମକ ଏକ ୨୬ ବର୍ଷୀୟ ଘୋଡ଼ାର ନାମରେ ନାମିତ ଥିଲା। ୨୦୨୨ରେ କାର୍ଯ୍ୟରତ ଅବସ୍ଥାରେ ରାଇଡର୍ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲା। ସୂଚନାଯୋଗ୍ୟ, ବିଗତ ୧୩ ମାସ ମଧ୍ୟରେ ୮ଟି ଘୋଡ଼ା ଜନିତ ଦୁର୍ଘଟଣା ଘଟିସାରିଛି।

## ୧୨୨.୪ ଡେସିବଲ୍ ତୀବ୍ରତାରେ ଚିତ୍କାର କରି ବିଶ୍ୱ ରେକର୍ଡ

କାନ୍‌ବେରା, ୨୪।୬(ଏଜେନ୍ସି): ଜଣେ ଅଷ୍ଟ୍ରେଲୀୟ ବ୍ୟକ୍ତି ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରରେ ଚିତ୍କାର କରୁଥିବା ବ୍ୟକ୍ତି ଭାବେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ନିଜ ନାମ ଲେଖାଇଛନ୍ତି। ଅଷ୍ଟ୍ରେଲିଆର ରାଜଧାନୀ କାନ୍‌ବେରାର ବାସିନ୍ଦା ୫୮ ବର୍ଷୀୟ ଜୋସେଫ୍ ମ୍ୟାକଗ୍ରେଲ୍-ବ୍ୟାଟଅପ୍ ୧୨୨.୪ ଡେସିବଲ୍ ତୀବ୍ରତାରେ ନାଓ ଶବ୍ଦଟିକୁ ଚିତ୍କାର କରି ଏହି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ସଫଳତା ସହ ଜୋସେଫ୍ ପ୍ରାୟ ୩୦ ବର୍ଷର ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ଏହା ପୂର୍ବରୁ ୧୯୯୪ରେ ଉତ୍ତର ଆୟର୍ଲାଣ୍ଡର ଜଣେ ଶିକ୍ଷୟିତ୍ରୀ ଆନାଲିସା ଫ୍ଲାନାଗାନ୍ ୧୨୧.୭ ଡେସିବଲ୍ ତୀବ୍ରତାରେ 'କ୍ୱାଏଟ୍' ଶବ୍ଦ ଚିତ୍କାର କରି ବିଶ୍ୱ ରେକର୍ଡ କରିଥିଲେ। ଗିନିଜ୍ ୱାର୍ଲ୍ଡ ରେକର୍ଡ ଅନୁଯାୟୀ, ଜୋସେଫ୍‌ଙ୍କ ଏହି ଚିତ୍କାରର ଶବ୍ଦ ଏକ ଚେନ୍-ସ (ମୋଟର କରତ), ନିକଟରେ ଯାଉଥିବା ଆମ୍ବୁଲାନ୍ସ ସାଇରନ୍ କିମ୍ବା ଏକ ଜେଟ୍ ବିମାନ ଉଡ଼ାଣ ସମୟରେ ସୃଷ୍ଟି ହେଉଥିବା ଶବ୍ଦ ସହ ସମାନ। ଜୋସେଫ୍ ପେଶାରେ ଜଣେ ଏୟାର କଣ୍ଡିସନର ମିସ୍ତ୍ରୀ ଭାବେ କାମ କରନ୍ତି। ଜୋସେଫ୍ କହିଛନ୍ତି ଯେ, ଏହି ରେକର୍ଡ ପାଇଁ ଅଭ୍ୟାସ କରିବା ସମ୍ଭବ ନୁହେଁ। ଏହି ରେକର୍ଡ ପାଇଁ ତାଙ୍କୁ ୭ ଥର ଚେଷ୍ଟା କରିବାକୁ ପଡ଼ିଥିଲା। ଏଥିପାଇଁ ପ୍ରାୟ ଦୁଇ ଦିନ ପର୍ଯ୍ୟନ୍ତ ତାଙ୍କ ସ୍ୱର ବସି ଯାଇଥିଲା। ତେବେ ଜୋସେଫ୍ ବର୍ତ୍ତମାନ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ବ୍ୟକ୍ତି ଭାବେ ରେକର୍ଡ କରିଥିବା ବେଳେ ଫ୍ଲାନାଗାନ୍ ଏବେ ମଧ୍ୟ ବିଶ୍ୱର ସବୁଠାରୁ ଉଚ୍ଚ ସ୍ୱରର ମହିଳା ଭାବେ ନିଜର ରେକର୍ଡ ବଜାୟ ରଖିଛନ୍ତି।



## ତାମିଲନାଡୁ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣେ ମୃତ

କେନ୍ଦୁଝର, ୨୪।୬(ସମିସ): ତାମିଲନାଡୁ ଗ୍ୟାସ ଲିକ ଦୁର୍ଘଟଣାରେ କେନ୍ଦୁଝର ଜିଲ୍ଲାର ଆଉ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଏହି ମୃତ୍ୟୁ ସଂଖ୍ୟା ବର୍ତ୍ତମାନ ମୋଟ ୮ରେ ପହଞ୍ଚିଛି। ବୁଧବାର ପୁଣି ଚିକିତ୍ସାଧୀନ ଅବସ୍ଥାରେ ହରିଚନ୍ଦନପୁର ବ୍ଲକ କନ୍ତଲା ବାଲିସାହିର ସୁବାଶୀ ଯୁଆଙ୍ଗଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଶ୍ରମିକମାନେ ତାମିଲନାଡୁ ରାଜ୍ୟର ତିରୁଭାଲୁର ଜିଲ୍ଲାରେ ଥିବା ସେଣ୍ଟ ପିଟର୍ସ ଆଣ୍ଡ ପଲ୍ ସି ଫୁଡ୍ ଏକ୍ସପୋର୍ଟସ ପ୍ରାଇଭେଟ ଲିମିଟେଡ କମ୍ପାନୀରେ କେନ୍ଦୁଝର ଜିଲ୍ଲାରୁ ଯାଇ କାମ କରୁଥିଲେ। କାରଖାନାର ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ସଦର ଥାନା ଅନ୍ତର୍ଗତ କୋଡିପଶା ଗ୍ରାମର ଫୁଲମଣୀ ଜୁଆଙ୍ଗ, କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅନ୍ତର୍ଗତ ଦୁବନାଳୀଟାଙ୍ଗିରୀ ଗ୍ରାମର ଶିବାନୀ ଜୁଆଙ୍ଗ, ତେଲକୋଇ ଥାନା ଦୁବନାଳୀ ଟାଙ୍ଗିରୀ ଗ୍ରାମର ଗୀତା ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଗୁମନୀ ଜୁଆଙ୍ଗ ଓ ସଦର ଥାନା ଅନ୍ତର୍ଗତ ତଳଚମ୍ପେଇ ଗ୍ରାମର ଚମ୍ପାବତୀ ଜୁଆଙ୍ଗ ମୃତ୍ୟୁ ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ପୁଣି କେନ୍ଦୁଝର ଟାଉନ ଥାନା କୋଡିପଶା ଗ୍ରାମର ସୂଜନୀ ଜୁଆଙ୍ଗ, ତେଲକୋଇ ଥାନା ରଙ୍ଗାମାଟିଆ ଗ୍ରାମର ଯାମିନୀ ଜୁଆଙ୍ଗଙ୍କ ମୃତ୍ୟୁ ସୂଚନା ମିଳିଥିଲା। ଏହି ଘଟଣାରେ ଆଉ ଜଣଙ୍କ ଅବସ୍ଥା ଏବେ ମଧ୍ୟ ଗୁରୁତର ରହିଥିବା ଜଣାପଡ଼ିଛି।

## ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ଅନୁଗୋଳ୨୪।୬(ସମିସ): ଜିଲ୍ଲାରେ ପୁଣି ଥରେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ବୁଧବାର ସକାଳେ ଅନୁଗୋଳ ସଦର ରେଞ୍ଜ ଶରଧାପୁର ଗାଁରେ ଏକ ଜଙ୍ଗଲୀ ଦନ୍ତା ହାତୀ ଆକ୍ରମଣରେ ଗୁଲ ସାହୁ (୫୦) ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଗୁଲ ସାହୁ ତାଙ୍କ ଭାଉଜ ହେଲେନ ସାହୁଙ୍କ ସହ ଗାଁ ନିକଟସ୍ଥ ଭାଲୁଖାଇ ନାଳକୁ ଗାଧୋଇବାକୁ ଯାଇଥିଲେ। ଗାଧୋଇ ସାରି ଘରକୁ ଫେରୁଥିବା ବେଳେ ଅଚାନକ ସେଠାରେ ଥିବା ଏକ ଦନ୍ତା ହାତୀ ସେମାନଙ୍କୁ ଆକ୍ରମଣ କରିଥିଲା। ହେଲେନ କୌଶଳକ୍ରମେ ବର୍ତ୍ତି ଯାଇଥିବାବେଳେ ହାତୀଟି ଗୁଲଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଗତ ସୋମବାର ଜଗନ୍ନାଥପୁରରେ ଜଣେ ହାତୀ ଜଗୁଆଳିଙ୍କ ମୃତ୍ୟୁର ଦୁଇ ଦିନ ପରେ ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି। ବାରମ୍ବାର ହାତୀ ଆକ୍ରମଣ ଓ ବନବିଭାଗର ଅବହେଳାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ବେଳେ ବନବିଭାଗ କର୍ମଚାରୀ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

### ନ୍ୟାୟ ଦାବିରେ ଏସ୍‌ପି ଅଫିସ ଆଗରେ ଚାମେଲୀଙ୍କ ଧାରଣା

## ୭୨ ଘଣ୍ଟାର ଅଲ୍ଟିମେଟମ୍, ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ

କେନ୍ଦ୍ରାପଡା,୨୪।୬(ସମିସ): ତିଖିରୀ ପଞ୍ଚାୟତ ସରପଞ୍ଚ ଚାମେଲୀ ଓଝାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି କେନ୍ଦ୍ରାପଡ଼ା ଏସ୍‌ପି ଅଫିସ ଆଗରେ ଗୁରୁବାର ଏକ ବିଶାଳ ଧାରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଚାମେଲି ଓଝା ନିଜ ସମର୍ଥକ, ବିଭିନ୍ନ ଜିଲ୍ଲାର ସରପଞ୍ଚ ସଂଘ ପ୍ରତିନିଧି ଓ ମହିଳା ସଂଗଠନ ସଦସ୍ୟଙ୍କ ସହ ଏହି ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବି କରିଛନ୍ତି। ଚାମେଲୀ ୭୨ ଘଣ୍ଟାର ସମୟ ଦେଇଥିବାବେଳେ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚେତାବନୀ ଦେଇଛନ୍ତି।

ଆନ୍ଦୋଳନ ପୂର୍ବରୁ ଗରାପୁର ଡାକବଙ୍ଗଳା ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଚାମେଲୀ ଓଝା ଖାଲି ପାଦରେ ପ୍ରାୟ ଦୁଇ କିଲୋମିଟର ପଦଯାତ୍ରା କରି ନିଜ ସମର୍ଥକଙ୍କ ସହ ଏସପି ଅଫିସ ନିକଟରେ ପହଞ୍ଚିଥିଲେ। ସେଠାରେ ପ୍ରାୟ ତିନି ଘଣ୍ଟା ଧରି ଧାରଣା ଚାଲିଥିଲା। ଧାରଣାରେ ଚାମେଲୀ ଓଝା ଦାବି କରିଥିଲେ ଯେ, ତାଙ୍କ ସହ ହୋଇଥିବା ଦୁର୍ବ୍ୟବହାର ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ। ସେହିପରି ମହାକାଳପଡ଼ା ବିଡିଓ ଓ ସମ୍ପୃକ୍ତ ଥାନା ଅଧିକାରୀଙ୍କୁ ନିଲମ୍ବନ କରିବାକୁ ସେ ଦାବି ଉଠାଇଥିଲେ। ପୁଲିସକୁ ଏ ନେଇ ୭୨ ଘଣ୍ଟାର ସମୟ ଦିଆଯାଇଥିବାବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ ତିଖିରୀରୁ ରାଜଭବନ ଓ ଦିଲ୍ଲୀ ପର୍ଯ୍ୟନ୍ତ ବିସ୍ତାର ହେବ ବୋଲି ଚେତାବନୀ ଦେଇଥିଲେ। ଘଟଣାରେ ଏ ପର୍ଯ୍ୟନ୍ତ ପୁଲିସ ୪ ଜଣଙ୍କୁ ଗିରଫ କରିଥିବାବେଳେ ବାକି ଅଭିଯୁକ୍ତଙ୍କୁ କାହିଁକି ଗିରଫ କରାଯାଉନାହିଁ ବୋଲି ଚାମେଲୀଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝା ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ନ୍ୟାୟ ପାଇବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ଏହି ଧାରଣାକୁ ସମର୍ଥନ ଜଣାଇବା ପାଇଁ କଟକ ଜିଲ୍ଲା ସରପଞ୍ଚ ସଂଘର ପ୍ରତିନିଧି କେନ୍ଦ୍ରାପଡ଼ାରେ ପହଞ୍ଚିଥିଲେ। ଜଣେ ନିର୍ବାଚିତ ଜନପ୍ରତିନିଧିଙ୍କ ଅଧିକାରକୁ ବ୍ଲକ ପ୍ରଶାସନ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ସରପଞ୍ଚ ସଂଘ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଥିଲା। ଅନ୍ୟପକ୍ଷରେ ବିଭିନ୍ନ ମହିଳା ସଂଗଠନ ମଧ୍ୟ ଚାମେଲୀଙ୍କ ଆନ୍ଦୋଳନରେ ସାମିଲ ହୋଇ ନ୍ୟାୟ ଦାବିକୁ ଆହୁରି ଜୋରଦାର କରିଥିଲେ। ଧାରଣା ସ୍ଥଳରେ ଅତିରିକ୍ତ ଏସ୍‌ପି ଓ ଏସଡିଓ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ



ଘଟଣାର ତଦନ୍ତ ନିରପେକ୍ଷ ଭାବେ ଚାଲିଛି ବୋଲି ପ୍ରଶାସନ ପକ୍ଷରୁ ଆଶ୍ୱାସନା ଦିଆଯାଇଥିଲା। ଏହାପରେ ଚାମେଲୀ ଓଝା ଓ ତାଙ୍କ ସମର୍ଥକ ଧାରଣା ପ୍ରତ୍ୟାହାର କରିଥିଲେ। ତେବେ ଚାମେଲୀ ଓଝାଙ୍କ ୭୨ ଘଣ୍ଟାର ସମୟ ଏବେ ପୁଲିସ ଓ ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ହେଉଛି କି ନାହିଁ ଓ ଏହି ବିବାଦ ଆଗକୁ କେଉଁ ମୋଡ଼ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ଜନସ୍ୱାର୍ଥ ମାମଲା ହାଇକୋର୍ଟରୁ ପ୍ରତ୍ୟାହାର

କଟକ,୨୪।୬(ସମିସ): ବହୁଚର୍ଚ୍ଚିତ କେନ୍ଦ୍ରାପଡ଼ା ଜିଲ୍ଲା ତିଖିରୀ ସରପଞ୍ଚ ଚାମେଲି ଓଝାଙ୍କୁ ଆକ୍ରମଣ ଓ ବେଆଇନ ଗିରଫଦାରୀ ପ୍ରସଂଗକୁ ନେଇ ଦାୟର ଜନସ୍ୱାର୍ଥ ମାମଲାକୁ ଆବେଦନକାରୀ ଆଜି ପ୍ରତ୍ୟାହାର କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଭାରତୀୟ ବିକାଶ ପରିଷଦ ତରଫରୁ ଦାୟର ଏ ସଂପର୍କିତ ଜନସ୍ୱାର୍ଥ ଆବେଦନର ପ୍ରାରମ୍ଭିକ ଶୁଣାଣି କରିଥିବା ବେଳେ ଉକ୍ତ ଆବେଦନର ଗ୍ରହଣୀୟତାକୁ ନେଇ ପ୍ରଶ୍ନ ଉଠିଥିଲା। ଏହାପରେ ଆବେଦନ ପ୍ରତ୍ୟାହାର ପାଇଁ ଆବେଦନକାରୀଙ୍କ ତରଫରୁ ଅନୁମତି ଲୋଡା ଯାଇଥିଲା। ହାଇକୋର୍ଟ ଏଥିପାଇଁ ଅନୁମତି ଦେବା ସହିତ ମାମଲାର ଶୁଣାଣିରେ ଅନ୍ତ ଘଟାଇଛନ୍ତି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଚିକିତ୍ସା ସଂପର୍କିତ ରିପୋର୍ଟ ତଲବ ସହିତ ଘଟଣା ଦିନର ସିସିଟିଭି ଫୁଟେଜ ସଂରକ୍ଷିତ କରି ରଖିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ସମ୍ବେଦନଶୀଳ ସ୍ଥିତିରେ ସାଧାରଣ ଲୋକଙ୍କ ପ୍ରତି ପୁଲିସର ଉଚିତ ବ୍ୟବହାର ପ୍ରଦର୍ଶନ ନେଇ ଏକ ସ୍ୱତନ୍ତ୍ର ଗାଇଡଲାଇନ ଆଣିବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା।

## ବରଗଡର ଯୁବଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓଡ଼ିଶା ପାଇଁ ନିନ୍ଦନୀୟ: ବିଜେଡି

ଭୁବନେଶ୍ୱର,୨୪।୬(ସମିସ): ଓଡ଼ିଶାର ଭାତହାଣ୍ଡି କୁହାଯାଉଥିବା ବରଗଡ଼ ଜିଲ୍ଲାର ଚାଷୀ ଗୋପାଳକୃଷ୍ଣ ସାହୁ କଷ୍ଟଉପାର୍ଜିତ ଧାନକୁ ବିକ୍ରି କରିନପାରି ଶେଷରେ ବାଧହୋଇ ଇଚ୍ଛାମୃତ୍ୟୁ ମାଗିଛନ୍ତି । ଏହି ଘଟଣାକୁ ନେଇ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚାଷୀଙ୍କ ଇଚ୍ଛାମୃତ୍ୟୁ ଆବେଦନକୁ ଗ୍ରହଣ କରି ସରକାର ନିଜର ଅସହାୟତାକୁ ପ୍ରକାଶ କରିଛନ୍ତି ବୋଲି କହିଛି ବିଜେଡି ।



ବୁଧବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ବିଧାୟିକା ବର୍ଷା ସିଂ ବରିହା କହିଛନ୍ତି ଯେ ବରଗଡ଼ ଜିଲ୍ଲାର ଚାଷୀ ଗୋପାଳକୃଷ୍ଣ ସାହୁ ନିଜର କଷ୍ଟ ଉପାର୍ଜିତ ଧାନକୁ ବିକ୍ରି କରିବା ପାଇଁ ବାରମ୍ବାର ଅଧିକାରୀଙ୍କ ନିକଟକୁ ଦୌଡ଼ି ଦୌଡ଼ି ନିରାଶ ହେବା ଶେଷରେ ବାଧ ହୋଇ ଚରମ ପଦକ୍ଷେପ ସ୍ୱରୂପ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ଇଚ୍ଛାମୃତ୍ୟୁ ମାଗିଛନ୍ତି । ବିଡ଼ମ୍ବନା ହେଉଛି ସେହି ଇଚ୍ଛାମୃତ୍ୟୁକୁ ଜିଲ୍ଲା ପ୍ରଶାସନ ଗ୍ରହଣ ବି କରିଛନ୍ତି । ଏଥିରୁ ସ୍ପଷ୍ଟ ଅନୁମେୟ ଯେ ସରକାର ଚାହୁଁଛନ୍ତି ଚାଷୀ ଆତ୍ମହତ୍ୟା କରୁ। ଯେଉଁ ରାଜ୍ୟରେ ଚାଷୀ ଇଚ୍ଛାମୃତ୍ୟୁ ମାଗିବାକୁ ବାଧ ହୁଏ, ସେଠି ସରକାରଙ୍କ କୃଷକ କଲ୍ୟାଣ ନୀତି କେତେ ସଫଳ, ତାହା ସାଧାରଣ ଲୋକ ବିଚାର କରିପାରିବେ। ରାଜ୍ୟର ଅନେକ ମଣ୍ଡିରୁ ଧାନ ଉଠୁନଥିବାରୁ ଚାଷୀ ଚିନ୍ତାରେ ରହିଛି। ହଜାର ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡ଼ିରହିବାରୁ ମୌସୁମୀ ବର୍ଷାରେ ଭିଜି ଗଜା ହେଲାଣି। ସରକାର କହିଥିଲେ ଏମଏସପି ବୃଦ୍ଧି କରିବେ, କିନ୍ତୁ ବୃଦ୍ଧି କଲେ ନାହିଁ। ଅନ୍ୟପଟେ ବିହନ, ସାର, କୀଟନାଶକ ଓ ଅନ୍ୟାନ୍ୟ କୃଷି ସାମଗ୍ରୀର ଅହେତୁକ ଦରବୃଦ୍ଧି ଚାଷୀର ଆର୍ଥିକ

- ଓଡ଼ିଶାର ଚାଷୀ ଏବେ ବ୍ୟବସ୍ଥାର ଚକ୍ରବ୍ୟୂହରେ ନିପୀଡ଼ିତ
- ସରକାରର ଅପାରଗତା ଲାଗି ଚାଷୀ ଇଚ୍ଛାମୃତ୍ୟୁ ଲୋଡୁଛି

ମେରୁଦଣ୍ଡକୁ ଭାଙ୍ଗି ଦେଇଛି ବୋଲି ସେ କହିଛନ୍ତି।

ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି କହିଛନ୍ତି ଯେ ଚାଷୀକୂଳକୁ ୩୧୦୦ ଟଙ୍କା ଦେଉଥିବାର ଡିଣ୍ଡିମ ପିଟୁଥିବା ଡବଲ ଇଞ୍ଜିନ ସରକାର ଅନ୍ୟପଟେ ୧୫ କିଲୋ କଟନୀ ଛଟନୀ କରି ସରକାର ଦୋମୁହାଁ ନୀତିର ପରିଚୟ ଦେଉଛନ୍ତି । ପ୍ରତିଥର ଧାନ ସଂଗ୍ରହ ପାଇଁ ଚାଷୀଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ପଡୁଛି । ମଣ୍ଡି ସମସ୍ୟା, ଟୋକନ ସମସ୍ୟା ଯୋଗୁଁ ଚାଷୀ ତାର ଧାନକୁ ବିକ୍ରି କରିନପାରି ଇଚ୍ଛାମୃତ୍ୟୁ ଭଳି ଚରମ ପଦକ୍ଷେପ ନେବାକୁ ବାଧ ହେଉଛି। ବରଗଡ଼ର ଚାଷୀ ଇଚ୍ଛାମୃତ୍ୟୁ ମାଗିବା ଓ ଜିଲ୍ଲା ପ୍ରଶାସନ ତାଙ୍କ ଆବେଦନକୁ ଗ୍ରହଣ କରିବା ଘଟଣା ସମଗ୍ର ରାଜ୍ୟବାସୀଙ୍କୁ ଦୁଃଖ ଦେଇଛି। ସରକାର କେତେ ଅସହାୟ ଏଥିରୁ ସ୍ପଷ୍ଟ ବୋଲି ସେ କହିଛନ୍ତି ।

## ଷ୍ଟ୍ରିଟ୍ ଲାଇଟ୍ କାମରେ ଦୁର୍ନୀତି ଅଭିଯୋଗ

ଭୁବନେଶ୍ୱର ୨୪।୬ (ସମିସ): ଗ୍ରାମାଞ୍ଚଳରେ ଷ୍ଟ୍ରିଟ୍ ଲାଇଟ୍ ସ୍ଥାପନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗର ତଦନ୍ତ ଆରମ୍ଭ କରିଛି ଭିଜିଲାନ୍ସ। ବୁଧବାର ଭିଜିଲାନ୍ସ ଟିମ୍ କେନ୍ଦୁଝର, ନୟାଗଡ଼ ଓ ଯାଜପୁର ଜିଲ୍ଲାର ବିଭିନ୍ନ ଗ୍ରାମ ପଞ୍ଚାୟତକୁ ଯାଇ ତଦନ୍ତ କରିଛି। ଭିଜିଲାନ୍ସ ପକ୍ଷରୁ ୮୧ ଜଣ ଅଧିକାରୀଙ୍କୁ

**୩ ଜିଲ୍ଲାରେ ଭିଜିଲାନ୍ସ ଯାଞ୍ଚ**

ନେଇ ୨୪ଟି ଟିମ୍ ଗଠନ କରାଯାଇଛି। ପ୍ରତ୍ୟେକ ଜିଲ୍ଲାରେ ୨୭ ଜଣ ଅଧିକାରୀ ନିୟୋଜିତ ହୋଇ ତଦନ୍ତ କରୁଛନ୍ତି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଓ ୫ମ ରାଜ୍ୟ ଅର୍ଥ କମିଶନ ଅନୁଦାନରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପରେ ଦୁର୍ନୀତିର ଗନ୍ଧ ବାରିଛି ଭିଜିଲାନ୍ସ। ଟେଣ୍ଡର ନିୟମ ଉଲ୍ଲଂଘନ ସହ ଏନର୍ଜି ମିଟର, କେବୁଲ, ଏମସିସିବି, ଫଟୋ ସ୍ୱିଚ୍ ଟାଇମର ଆଦି ସ୍ଥାପନ ନକରି ମଧ୍ୟ ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଛି। ଆଜି ଭିଜିଲାନ୍ସର ଟିମ୍ ୩ଟି ଜିଲ୍ଲାର ୫୦ଟି ସ୍ଥାନରେ ପ୍ରାୟୋଗିକ ଯାଞ୍ଚ ଓ ସ୍ଥଳ ପରିଦର୍ଶନ କରିଛନ୍ତି। ଏଥିରେ କେତେ ଦୁର୍ନୀତି ହୋଇଛି ଓ ସରକାରୀ କର୍ମଚାରୀ, କାର୍ଯ୍ୟନିର୍ବାହୀ ସଂସ୍ଥାମାନଙ୍କର ଭୂମିକା କ'ଣ ରହିଛି, ତା'ର ତଦନ୍ତ ଆରମ୍ଭ ହୋଇଛି ।

### ■ ରଥଯାତ୍ରାରେ ଶୃଙ୍ଖଳିତ ପରିବହନ ଲକ୍ଷ୍ୟ

## ଅନ୍ୟ ରୁଟ୍ ବସଙ୍କୁ ମିଳିବ ପୁରୀ ପାଇଁ ଅସ୍ଥାୟୀ ପରମିଟ୍

ଭୁବନେଶ୍ୱର,୨୪।୬(ସମିସ): ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁଙ୍କ ସୁଗମ ପରିବହନ ପାଇଁ ବୁଧବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଭୁବନେଶ୍ୱର-୧ କାର୍ଯ୍ୟାଳୟରେ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଶ୍ରୀଗୁଣ୍ଡିଚା, ବାହୁଡ଼ା ଓ ସୁନାବେଶରେ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିବ।

- ପରିବହନ ଆୟୁକ୍ତଙ୍କ ଅଧ୍ୟକ୍ଷତାରେ ସମନ୍ୱୟ ବୈଠକ
- ୪୫୦ଟି ଇ-ରିକ୍ସା ହେବ ନିୟୋଜିତ
- ନିର୍ଦ୍ଧାରିତ ମୂଲ୍ୟଠାରୁ ଅଧିକ ଭଡ଼ା ଆଦାୟ ରୋକିବା ଉପରେ ପଦକ୍ଷେପ

ଶ୍ରଦ୍ଧାଳୁମାନେ କିଭଳି ପୁରୀରେ ସୁବିଧାରେ ପହଞ୍ଚିବେ ଓ ଫେରିବେ, ସେ ବିଷୟରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯିବା ସହ କେତେକ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ଯାତ୍ରୀଙ୍କ ଚାହିଦା ପୂରଣ ପାଇଁ ପୁରୀକୁ ବହୁ ସଂଖ୍ୟାରେ ଷ୍ଟେଜ୍ କ୍ୟାରେଜ୍ ବସ୍ ଚଳାଚଳ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଶ୍ରୀଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଓ ସୁନାବେଶ ନିମନ୍ତେ ଅସ୍ଥାୟୀ ପରମିଟ୍ ପ୍ରଦାନ କରାଯିବ। ରଥଯାତ୍ରାର ପୂର୍ବଦିନ ପାଇଁ ମଧ୍ୟ ଏହି ଅସ୍ଥାୟୀ ପରମିଟ୍ ମିଳିପାରିବ। ପୁରୀ ବାହାର ରୁଟ୍‌ର କୌଣସି ବି ବସ୍ ମାଲିକ ଏଥିପାଇଁ ଆବେଦନ କରିପାରିବେ। ଏବେ ପୁରୀକୁ ପ୍ରତିଦିନ ପ୍ରାୟ୨୦୦ ଘରୋଇ ବସ୍ ଚଳାଚଳ କରୁଥିବା ବେଳେ ରଥଯାତ୍ରା ସମୟରେ ଏହି ସଂଖ୍ୟାକୁ ଦୁଇଗୁଣା କରିବାକୁ ଲକ୍ଷ୍ୟ ରଖାଯାଇଛି। ସେହିଭଳି ପୁରୀକୁ ଓଏସଆରଟିସି ଏବଂ କ୍ରୁଟ୍ ସରକାରୀ ବସ୍ ସଂଖ୍ୟା ମଧ୍ୟ ଏହି ସମୟରେ ବୃଦ୍ଧି କରାଯିବ। ରଥଯାତ୍ରା ସମୟରେ ପୁରୀଠାରେ ଏକ ସୂଚନା କେନ୍ଦ୍ର ତଥା ନିୟନ୍ତ୍ରଣ କକ୍ଷ ୨୪ ଘଣ୍ଟା ଖୋଲା ରହିବ। ଏଥିପାଇଁ ସ୍ୱତନ୍ତ୍ର ନମ୍ବର ଜାରି ହେବ। ତାଳବଣିଆରେ ମଧ୍ୟ ଏକ ହେଲ୍ପଡେସ୍କ କାର୍ଯ୍ୟ କରିବ। ଏହା ସହ ଏସଟିଏର ୨୪ ଘଣ୍ଟିଆ ଟୋଲ୍ ଫ୍ରି ନମ୍ବର ମଧ୍ୟ ସୂଚନା ପ୍ରଦାନ ପାଇଁ କାର୍ଯ୍ୟ କରିବା ନେଇ ଆଲୋଚନା ହୋଇଛି। ସେହିଭଳି ତାଳବଣିଆ ଓ ଅନ୍ୟ ପ୍ରମୁଖ ପାର୍କିଂ ସ୍ଥାନରୁ ନିଃଶୁଳ୍କ ଇ-ରିକ୍ସା ସୁବିଧା ପରିବହନ ବିଭାଗ ଦ୍ୱାରା କରାଯିବ। ଏଥିପାଇଁ ୪୫୦ଟି ଇ-ରିକ୍ସା ନିୟୋଜିତ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ପ୍ରତି ବସରେ ଭଡ଼ା ଚାର୍ଟ ଲଗାଇବାକୁ ବାଧ୍ୟତାମୂଳକ କରାଯାଇଛି। କୌଣସି ବସ୍ ଯେପରି ନିର୍ଦ୍ଧାରିତ ଭଡ଼ାଠାରୁ ଅଧିକ ଟଙ୍କା ? ଆଦାୟ ନ କରନ୍ତି, ସେଥିପାଇଁ ପରିବହନ ବିଭାଗ ସହ ବସ୍ ମାଲିକ ସଂଘ ମଧ୍ୟ କଡ଼ା ଦୃଷ୍ଟି ଦେବେ।

ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଭୁବନେଶ୍ୱରରୁ ପୁରୀ ରାସ୍ତାରେ ପର୍ଯ୍ୟାପ୍ତ ସଂଖ୍ୟକ କ୍ରେନ୍ ଏବଂ ଆମ୍ବୁଲାନ୍ସ ମୁତୟନ କରାଯିବ। ଉଭୟ ସରକାରୀ ଓ ଘରୋଇ ଡାକ୍ତରଖାନାରେ ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କ ତ୍ୱରିତ ଚିକିତ୍ସା ସୁନିଶ୍ଚିତ କରାଯିବ। ରଥଯାତ୍ରା ସମୟରେ ଭୁବନେଶ୍ୱର-ପୁରୀ ଏବଂ ପୁରୀ-କୋଣାର୍କ ରାଜପଥରେ ଯଦି କୌଣସି ଗାଡ଼ି ଖରାପ ହୁଏ, ତେବେ ତୁରନ୍ତ ମରାମତି ସେବା ଯୋଗାଇଦେବା ପାଇଁ ଗାଡ଼ି ନିର୍ମାତା ଓ ଡିଲରମାନଙ୍କୁ କୁହାଯାଇଛି। ବୈଠକରେ ଭୁବନେଶ୍ୱର ଓ କଟକ ଡିସିପି, ଟ୍ରାଫିକ ଡିସିପି, ପୁରୀର ଅତିରିକ୍ତ ଏସପି, ଜାତୀୟ ରାଜପଥ କର୍ତ୍ତୃପକ୍ଷ, ବସ୍ ମାଲିକ ସଂଘର କର୍ମକର୍ତ୍ତା, ଓଏସଆରଟିସି ଏବଂ କ୍ରୁଟ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଭର୍ଚ୍ଚୁଆଲ ମାଧ୍ୟମରେ ପୁରୀ ଜିଲ୍ଲାପାଳ ଯୋଗ ଦେଇଥିଲେ।

## ବ୍ରହ୍ମପୁରରୁ ଆଇପିଏଲ ବୁକିକୁ ଉଠାଇ ନେଲା ପୁରୀ ପୁଲିସ

ବ୍ରହ୍ମପୁର,୨୪।୬(ସମିସ): ବ୍ରହ୍ମପୁର ପୁଲିସ ଯେଉଁ ଆଇପିଏଲ ବୁକିକୁ ଧରିବାରେ ବିଫଳ ରହିଥିଲା ସେହି ବୁକିକୁ ପୁରୀ ସାଇବର ଥାନା ପୁଲିସ ଗତକାଲି ବ୍ରହ୍ମପୁରରୁ ଉଠାଇବାରେ ନେବାରେ ସଫଳ ହୋଇଛି। ବୁକି ଜଣକ ହେଲେ ବ୍ରହ୍ମପୁର ଲାଞ୍ଜିପଲ୍ଲୀ ରାମନଗରର କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ। ଶୀତୁ ବ୍ରହ୍ମପୁରରେ ରହି ପୁରୀରେ ଚଳାଇଥିଲେ ଆଇପିଏଲ୍ ବେଟିଂର ବଡ଼ ସିଣ୍ଡିକେଟ୍। ପୁରୀ ସାଇବର ଥାନା ପୁଲିସ ଗତ ଏପ୍ରିଲ ୨୯ ତାରିଖରେ ପୁରୀ ମାର୍କଣ୍ଡେଶ୍ୱର ସାହିର ପ୍ରସନ୍ନ ପୃଷ୍ଟି, କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁଙ୍କୁ ଗିରଫ କରିଥିଲା । ଗିରଫ ବେଳେ ପୁଲିସ ଅଭିଯୁକ୍ତ ଶୀତୁଙ୍କ ସମ୍ପୃକ୍ତି ରହିଥିବା ଜାଣିବାକୁ ପାଇଥିଲା। ପୁଲିସ ଅଧିକ ଖୋଳତାଡ଼ କରିବା ପରେ ବ୍ରହ୍ମପୁରରୁ ନମସ୍ତେ ଗ୍ରୁପର ମୁଖ୍ୟ କ୍ରିଷ୍ଣା ପ୍ରସାଦ ତ୍ରିପାଠୀ ଓରଫ ଶୀତୁ ଉଠାଇବା ପାଇଁ ତାଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରିଥିଲା। ନିକଟରେ ଶୀତୁ ବାହାରକୁ ଚାଲିଯାଇଥିବା ବେଳେ ଏବେ କିଛିଦିନ ହେବ ବ୍ରହ୍ମପୁର ଆସିଥିବା ଖବର ପୁରୀ ପୁଲିସ ଟ୍ରାକିଂ କରି ଜାଣିବାକୁ ପାଇଥିଲା। ଶୀତୁଙ୍କ ଠାରୁ ନଗଦ ୧୦ଲକ୍ଷ ୨୫ ହଜାର ଟଙ୍କା, ଦୁଇଟି ମୋବାଇଲ୍ ଫୋନ୍ ଜବତ କରିବା ସହ ବ୍ୟାଙ୍କ୍ ଆକାଉଣ୍ଟ ଫ୍ରିଜ୍ କରିଥିବା ଜଣାପଡ଼ିଛି । ସେହି ଆକାଉଣ୍ଟରେ ପ୍ରାୟ ୯ ଲକ୍ଷ ଥିବା ଜଣାପଡ଼ିଛି। ପୁରୀ ସାଇବର ଥାନା ଆଇଆଇସି ଗୀତାଞ୍ଜଳି ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗତକାଲି ବ୍ରହ୍ମପୁରରେ ପହଞ୍ଚି ରାତି ୧୦ଟା ବେଳେ ଲାଞ୍ଜିପଲ୍ଲୀ ରାମନଗରରେ ରହୁଥିବା ବୁକି ଶୀତୁଙ୍କ ଘରେ ଚଢ଼ଉ କରିଥିଲେ। ପୁଲିସ ଶୀତୁ ଓ ଜଣେ ସହଯୋଗୀଙ୍କୁ ଉଠାଇ ନେଇ




**ନମସ୍ତେ ଗ୍ରୁପର ମୁଖ୍ୟ ଥିଲା ଶୀତୁ**

ବୈଦ୍ୟନାଥପୁର ଥାନାରେ ପହଞ୍ଚିଥିଲା। ଅଭିଯୁକ୍ତ ଶୀତୁଙ୍କ ଠାରୁ କିଛି ସୁନା ଅଳଙ୍କାର, ମୋବାଇଲ୍ ଫୋନ୍ ଓ ନଗଦ ୧୦ ଲକ୍ଷ ଟଙ୍କା ଜବତ କରିଥିଲା । ରାତି ୨ଟାରେ ଅଭିଯୁକ୍ତ ଶୀତୁକୁ ସାଙ୍ଗରେ ନେଇ ପୁରୀ ଫେରିଥିଲା ପୁଲିସ। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୨୮ ତାରିଖ ରାତିରେ ପୁରୀରେ ଧରାପଡିଥିଲା ଆଇପିଏଲ୍ ବେଟିଂ ଏକ ବଡ଼ ରାକେଟ। ବାସେଲି ସାହି ଥାନା ମଶାଣି ଚଣ୍ଡି ଛକରେ ଏକ ଘରେ ବେଟିଂ ଚାଲିଥିବାବେଳେ ପୁଲିସ ଚଢ଼ଉ କରି ବେଟିଂ ବୁକି ପ୍ରସନ୍ନ ପୃଷ୍ଟି ସହ କୁମ୍ଭରପଦା ବଡ଼ ଶଙ୍ଖ ସାହିର ବି ନାଗେଶ୍ୱର ରାଓ, ବାସେଲିସାହିର ବିଶ୍ୱଜିତ ଲେଙ୍କା ଓ ଚନ୍ଦନପୁର ରମାକାନ୍ତ ସାହୁ ଆଦି ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା । ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଜେରା କରି ବହୁ ତଥ୍ୟ ହାସଲ କରିବା ପରେ କୋର୍ଟ ଚାଲାଣ କରିଥିଲା। ସେତେବେଳେ ପୁଲିସ ସେମାନଙ୍କ ଠାରୁ ଜବତ ୨୫ଲକ୍ଷ ୩୫ ହଜାର ଟଙ୍କା ଜବତ କରିଥିଲା। ସ୍କାଏଏକ୍ସଚେଞ୍ଜ୍ ମୋବାଇଲ୍ ଆପ୍ଲିକେସନ୍‌ରେ ବେଟିଂ ଗ୍ୟାକେଟ୍ ଚାଲିଥୁବା ଜଣାପଡିଥିଲା। ଅଭିଯୁକ୍ତଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଓ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରିବା ପରେ ଅଭିଯୁକ୍ତ ଶୀତୁର ଲିଙ୍କ୍ ଥିବା ଜାଣିବାକୁ ପାଇଥିଲା ପୁଲିସ। ସିତୁର ବ୍ୟାଙ୍କ୍ ଆକାଉଣ୍ଟରେ କୋଟି କୋଟି ଟଙ୍କା ନେଣଦେଣ ହୋଇଥିବା ପୁଲିସ ଅନୁସନ୍ଧାନରେ ଜଣାପଡିବା ପରେ ଅଭିଯୁକ୍ତକୁ ଧରିବାକୁ ଯୋଜନା କରିଥିଲା। ଅଭିଯୁକ୍ତ ସିତୁ ବ୍ରହ୍ମପୁରରୁ ପୁରୀ ପର୍ଯ୍ୟନ୍ତ ଆଇପିଏଲ୍ ଗ୍ୟାକେଟ୍ ବେଟିଂ ଜାଲ ବିଛାଇଛି। ସେ ଅନେକ ସମୟରେ ବ୍ରହ୍ମପୁରରେ ମଧ୍ୟ ରହୁ ନଥିଲା। ବାହାର ରାଜ୍ୟରେ ସେ ଆତ୍ମଗୋପନ କରି ରହୁଥିବାବେଳେ ପୁଲିସ ତାକୁ ଟ୍ରାକିଂ କରି ଅପେକ୍ଷା କରିଥିଲା ଓ ବ୍ରହ୍ମପୁରରୁ ଶୀତୁଙ୍କୁ ପୁଲିସ ଉଠାଇ ନେବା ପରେ ବ୍ରହ୍ମପୁରର ବୁକି ମହଲରେ ଭୟର ବାତାବରଣ ଦେଖିବାକୁ ମିଳିଛି। ଏହାସହ କିଛି ବୁକି ସହର ଛାଡ଼ି ବାହାରକୁ ପଳେଇଯାଇଥିବା ତା ଖଟିରେ ଚର୍ଚ୍ଚା ଜୋର ଧରି। ପୁଲିସ ବର୍ତ୍ତମାନ ଶୀତୁ ଠାରୁ ମିଳିଥିବା ତଥ୍ୟକୁ ଆଧାର କରି ତଦନ୍ତ ଜାରି ରଖିଛି।

### ବାଣ ଭିଡ଼ିବା ବେଳେ ବିସ୍ଫୋରଣ

## ପୁଅ ମୃତ; ବାପା, ମାଆ ଗୁରୁତର

ସାନଖେମୁଣ୍ଡି୨୪।୬ (ସମିସ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ସିଙ୍ଗିପୁର ଗ୍ରାମରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଘରେ ବାଣ ଭିଡୁଥିବା ବେଳେ ବିସ୍ଫୋରଣ ଘଟି ପୁଅର ମୃତ ହୋଇଥିବା ବେଳେ ବାପା



ମାଆ ଗୁରୁତର ହୋଇଥିବା ନିଜର ଘର ସମ୍ପୂର୍ଣ ଭାଙ୍ଗିଯିବା ସହ ପଡ଼ିଶା ଘର କାନ୍ଥ ମଧ୍ୟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ମୃତକ ପୁଅ ଜଣଙ୍କ ହେଲେ ସିଙ୍ଗିପୁର ଗ୍ରାମର ଆକାଶ ଦାସ (୨୧), ଗୁରୁତର ବାପା ଜଣଙ୍କ ହେଲେ ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ। ସୂଚନା ମୁତାବକ ବୁଧବାର ସନ୍ଧ୍ୟାରେ ସନ୍ତୋଷ ଦାସଙ୍କ ପରିବାର ଘରେ ଥିବା ବେଳେ ହଠାତ୍ ଘରେ ଥିବା ବାଣ ଗୁଡିକ ଫୁଟି ଯାଇଥିଲା ଫଳରେ ଘରେ ଥିବା ଆକାଶ ଦାସଙ୍କ ମୃତ ହୋଇଥିବା ବେଳେ ତାଙ୍କ ବାପା ସନ୍ତୋଷ ଦାସ ଓ ମାଆ ବିଷ୍ଣୁ ପ୍ରିୟା ଦାସ ଗୁରୁତର ଆହତ ହୋଇଥିଲେ ଏବଂ ଘରର

**ଉଡ଼ିଗଲା ଘର, ଭାଙ୍ଗିଲା ପଡ଼ିଶା କାନ୍ଥ**

ଚାଳ ଛପର ସମ୍ପୂର୍ଣ ଉଡ଼ି ଯାଇଥିବା ବେଳେ ପଡ଼ିଶା ଘର କାନ୍ଥ ମଧ୍ୟ ଭାଙ୍ଗି ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଖବର ପାଇ ପାଟପୁର ପୋଲିସ ଆହତ ଓ ମୃତକକୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଭର୍ତ୍ତି କରିଥିଲେ। ଘଟଣା ସ୍ଥଳରେ ପାଟପୁର ପୋଲିସ ପହଞ୍ଚି ତଦନ୍ତ କରୁଥିବା ଦେଖିବାକୁ ମିଳିଛି। ସନ୍ତୋଷ ଦାସ ଘରେ ବାଣ ତିଆରି କରି ବିକ୍ରି କରୁଥିବା ବେଳେ ବାଣ ଭିଡୁଥିବା ସମୟରେ ଏଭଳି ଘଟଣା ଘଟିଥିବା ଗ୍ରାମରେ ଆଲୋଚନା ହେଉଛି।

### ତଦନ୍ତରେ ସୀମିତ କାର୍ଯ୍ୟାନୁଷ୍ଠାନ

## ଜେଲ୍‌ବାବୁଙ୍କୁ ବାନ୍ଧିବ କିଏ ?

ଭୁବନେଶ୍ୱର ୨୪।୬ (ସମିସ): ରାଜ୍ୟର ଜେଲ୍ ବିଭାଗକୁ ଶନି ଦଶା ପଡ଼ିଛି। କେତେବେଳେ ପାଚେରି ଡେଇଁ କଏଦୀ ଫେରାର ହୋଇ ଯାଉଛନ୍ତି ତ ଆଉ କେତେବେଳେ ଗ୍ୟାଙ୍ଗଷ୍ଟରର ଗାଡ଼ି ଜେଲ୍ ଭିତରକୁ ପଶୁଛି। ପୁଣି କେତେବେଳେ ବ୍ରାଉନସୁଗର ଖାଇ ଅଧ ଡଜନ ଅନ୍ତେବାସୀ ଅସୁସ୍ଥ ହୋଇ ଯାଉଛନ୍ତି। ଏଇଭଳି ଅଘଟଣ ଜେଲ୍ ସୁରକ୍ଷାରେ ତ୍ରୁଟି ପରିଲକ୍ଷିତ ହେଉଥିବା ସ୍ପଷ୍ଟ ହୋଇଛି। ବାରମ୍ବାର ତ୍ରୁଟି ସାମ୍ନାକୁ ଆସୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ କେବଳ 'ତଦନ୍ତ' ମଧ୍ୟରେ ସୀମିତ ରହିଯାଉଛି। ଆଉ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ତଦନ୍ତ ରିପୋର୍ଟ ପାଇ ମଧ୍ୟ ମୁଖିଆ ଚୁପ୍ ବସିଛନ୍ତି। କେବଳ ଘଟଣା ଉପରୁ ନଜର ହଟାଇବା ଲାଗି ସମୟ ସମୟରେ ତଳିଆ କର୍ମଚାରୀଙ୍କୁ ବଳି ପକାଇ ଦିଆଯାଉଥିବା ବେଳେ ବଡ଼ବଡ଼ିଆଙ୍କ ଦେହରେ କେହି ଟିପ ମାରୁନାହାନ୍ତି ।

ଖୋର୍ଦ୍ଧା ଜେଲରେ ନିଶା କାରବାର ଖବରପାଇ ଗତମାସ ୨୭ ତାରିଖ ଦିନ ଜେଲ୍ ବିଭାଗର ବରିଷ୍ଠ ଅଧିକାରୀମାନେ ଚଢ଼ଉ କରିଥିଲେ। ଅନ୍ତେବାସୀ ରହୁଥିବା ବିଭିନ୍ନ ୱାର୍ଡରୁ ବିପୁଳ ପରିମାଣର ବ୍ରାଉନସୁଗର ଓ ମୋବାଇଲ ଫୋନ୍ ଜବତ କରିଥିଲେ। ବେଆଇନ ବ୍ରାଉନସୁଗର ଜବତ ହୋଇଥିଲେ ମଧ୍ୟ ଜେଲ୍ ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା

- ସବୁ ଦେଖି ନିରବ ରହୁଛନ୍ତି ବିଭାଗୀୟ ମୁଖିଆ
- ବଡ଼ବଡ଼ିଆଙ୍କୁ ସୁରକ୍ଷା ପାଇଁ ତଳିଆ କର୍ମଚାରୀଙ୍କୁ ବଳି

ଦିଆଯାଇନଥିଲା। କେବଳ ଘଟଣାରୁ ନଜର ହଟାଇବାକୁ ୨ ଜଣ ତଳିଆ ଅଧିକାରୀଙ୍କୁ ଅନ୍ୟ ଜେଲକୁ ବଦଳି କରି ଦିଆଯାଇଥିଲା। ପାଣିକୋଇଲି ଅଳଙ୍କାର ଦୋକାନ ଲୁଟ୍ ଓ ହତ୍ୟା ଘଟଣାର ଅଭିଯୁକ୍ତ ମଧୁକାନ୍ତ ରଣା ଓ ରାଜା ସାହାଣୀ ଗତବର୍ଷ ଅକ୍ଟୋବର ୩ ତାରିଖ ରାତିରେ ଚୌଦ୍ୱାର ଜେଲ୍ ପାଚେରି ଡେଇଁ ଫେରାର ହୋଇଯାଇଥିଲେ। ବିଭାଗର ନିର୍ଦ୍ଦେଶ କ୍ରମେ ଜେଲ୍ ଡିଆଇଜି ବିଭାଗୀୟ ତଦନ୍ତ କରି ଦାଖଲ କରିଥିବା ରିପୋର୍ଟରେ ସାଙ୍ଘାତିକ କଥା ଉଲ୍ଲେଖ କରିଥିଲେ। ପୂର୍ବରୁ ମଧୁକାନ୍ତ ଓ ରାଜା ପୂର୍ବରୁ ମଧ୍ୟ ଜେଲରୁ ଖସିଯିବା ପାଇଁ ଉଦ୍ୟମ କରିଥିବା ଚୌଦ୍ୱାର ଜେଲ୍ କର୍ତ୍ତୃପକ୍ଷ ଜାଣିଥିଲେ। ଖାଲି ଜାଣି ନ ଥିଲେ, ସେମାନେ ରହୁଥିବା ହାଇ ସିକ୍ୟୁରିଟି ସେଲ୍ କାନ୍ଥରେ ୮/୯ ଇଞ୍ଚର ଗାତ ଠାବ କରିଥିବା ବେଳେ ୨ଟି ନୂଆ ଆରି, ଗୋଟିଏ ନୂଆ ବ୍ଲେଡ୍, ହାତ ତିଆରି ଛୁରି ଜବତ କରିଥିଲେ। ଘଟଣାର ପୂର୍ବଦିନ ଅର୍ଥାତ୍ ୨ ତାରିଖ ଦିନ ସକାଳେ ଜେଲର ବରିଷ୍ଠ ଅଧୀକ୍ଷକ ସୁଜିତ ରାଉଳ ମାତ୍ର ଘଣ୍ଟାକ ପାଇଁ ଅଫିସ୍ ଆସି ପୁଣି ଫେରି ଯାଇଥିଲେ। ସିସିଟିଭି କ୍ୟାମେରା ଫୁଟେଜ ଓ ଇନ୍ ଆଉଟ୍ ରେଜିଷ୍ଟରରେ ଶ୍ରୀ ରାଉଳ କରିଥିବା ଦସ୍ତଖତର ସମୟ ମେଳ ଖାଉ ନାହିଁ ବୋଲି ତଦନ୍ତ ରିପୋର୍ଟରେ ଉଲ୍ଲେଖ ରହିଥିଲା। କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ଶ୍ରୀ ରାଉଳ ରେଜିଷ୍ଟରରେ ଦସ୍ତଖତ ଜାଲିଆତି ଭଳି ସାଙ୍ଘାତିକ ଭୁଲ୍ କରିଥିଲେ ବୋଲି ସ୍ପଷ୍ଟ ହୋଇଥିଲା। ଘଟଣାରେ ମୁଖ୍ୟ ୱାର୍ଡର ଓ ଜଣେ ୱାର୍ଡରଙ୍କୁ ନିଲମ୍ବନ କରାଯାଇଥିଲେ ମଧ୍ୟ ବରିଷ୍ଠ ଅଧୀକ୍ଷକଙ୍କ ଦେହରେ ଧୂଳି ଲାଗିନଥିଲା।

ଇଏ କେବଳ ଦୁଇଟି ଘଟଣା ନୁହେଁ, ଏପରି ଅନେକ ଉଦାହରଣ ମଧ୍ୟ ରହିଛି। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ନେଇ ରାଜ୍ୟ ପୁଲିସ ଅପବାଦ ମୁଣ୍ଡାଇଥିବା ବେଳେ ଅପାରଗ ଅଧିକାରୀଙ୍କ ଲାଗି ସୁରକ୍ଷା ତ୍ରୁଟି ଜେଲ୍ ବିଭାଗ ମଧ୍ୟ ବଦନାମ ହେଉଛି। ରାଜ୍ୟର ଗୋଟିଏ ପରେ ଗୋଟିଏ ଜେଲରେ ସୁରକ୍ଷା ଜନିତ ତ୍ରୁଟି ଠାରୁ ଆରମ୍ଭ କରି ବିଭିନ୍ନ ବିଶୃଙ୍ଖଳା ଲାଗି ରହିଛି। ତଳତଳିଆ କର୍ମଚାରୀଙ୍କୁ ବଳି ପକାଇ ବଡ଼ବଡ଼ିଆଙ୍କୁ ସୁରକ୍ଷା ଦିଆଯାଉଥିବାରୁ ଏହି ଧାରା ବଢ଼ିବାରେ ଲାଗିଛି।

# ଟ୍ରକ୍ ଚାପାରେ ବୃଦ୍ଧ ମୃତ

ଜଳେଶ୍ୱର, ୨୪।୬ (ସମିସ) : ଗତକାଲି ଅପରାହ୍ନରେ ନାମ୍ପୋ ସ୍ଥିତ ଜ୍ୟାତିଜଂଗମ ସେବା ସମବାୟ ସମିତି ଆଗରେ ଜଣେ ବୃଦ୍ଧଙ୍କୁ ଏକ ଟ୍ରକ ଚାପି ଦେବା ଫଳରେ ତାର ମୃତ୍ୟୁ ଘଟିଛି। ଘଟଣାରୁ ପ୍ରକାଶ ନାମ୍ପୋ ପଂଚାୟତର ତିଳାପଟା ୩ନଂ ୱାର୍ଡର ଅଗଣୀ ମହାପାତ୍ର (୮୮) ନାମ୍ପୋ ହାଟରୁ ଘର ଅଭିମୁଖେ ରାସ୍ତାରେ ଗଲାବେଳେ ସେବା ସମବାୟ ସମିତି ଆଗରେ ଛିଡା ହୋଇଥିବା ଟ୍ରକ୍‌ଟି ହଠାତ୍ ପଛାଇ ଦେବାରୁ ତାଙ୍କ ଉପରେ ଚଢି ଯାଇଥିଲା। ବୃଦ୍ଧଜଣଙ୍କୁ ଗୁରୁତର ଅବସ୍ଥାରେ ଜିକେ ଭଟ୍ଟର ହସ୍ପିଟାଲକୁ ଅଣାଯାଇଥିଲାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଏସ୍ ଏମ୍ ମିଲର ଟ୍ରକ୍‌ଟି ସମବାୟ ସମିତିରୁ ଧାନ ନେବାକୁ ଆସିଥିବା ବେଳେ ଏପରି ଦୁର୍ଘଟଣା ଘଟିଥିବା କୁହାଯାଉଛି। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯିବ ବୋଲି ଜଣାଯାଇଛି। ମୃତକଙ୍କ ଦୁଇପୁତ୍ର ସପନ ମହାପାତ୍ର ଓ ମନୋରଂଜନ ମହାପାତ୍ରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଜନପ୍ରତିନିଧିମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ ନାମ୍ପୋ-ଅଲାଳପୁର ମୁଖ୍ୟ ରାସ୍ତାର ଜ୍ୟୋତିଜଂଗମ ସେବା ସମବାୟ ସମିତି ନିକଟରେ ରାସ୍ତା ଉପରେ ବଡ ବଡ ଟ୍ରକ୍ ଛିଡା ହେଉଥିବାରୁ ଯାତାୟାତରେ ବାଧକ ସୃଷ୍ଟି ହେଉଥିବା ସ୍ଥାୟୀୟ ଗ୍ରାମବାସୀ କହିଛନ୍ତି।

# ଓଲଟିଲା ଧାନ ବୋଝେଇ ଟ୍ରକ୍

## ୧୮ ଘଣ୍ଟା ଧରି ଅନ୍ଧାରରେ ରହିଲା ନାମ୍ପୋ ଫିଡର

ଜଳେଶ୍ୱର, ୨୪।୬ (ସମିସ) : ସୋମବାର ରାତି ୯ଟା ବେଳେ ଏକ ଧାନ ବୋଝେଇ ଟ୍ରକ ନାମ୍ପୋ ପଟୁ ଜଳେଶ୍ୱର ଅଭିମୁଖେ ଆସୁଥିବା ବେଳେ ରାଜ୍ୟ ରାଜପଥ ୫୭ର ବାଣିଦା ନିକଟରେ ରାସ୍ତା କଡକୁ ଓଲଟି ପଡିଥିଲା। ଡ୍ରାଇଭର ଓ ହେଲପର ଅଳ୍ପକେ ରକ୍ଷା ପାଇଯାଇଥିଲେ। ରାସ୍ତା ପାର୍ଶ୍ୱରେ ଥିବା ବିଦ୍ୟୁତ୍ ବିଭାଗର ଏକ ସବ୍‌ଷ୍ଟେସନ ଓ ଖୁଣ୍ଟି ଭାଂଗି ଯିବାରୁ ପ୍ରାୟ ୧୮ ଘଣ୍ଟା ଧରି ନାମ୍ପୋ ଫିଡରୁ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିଥିଲା। ପ୍ରବଳ ଗୁଳୁଗୁଳି ଯୋଗୁଁ ଲୋକମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ପାଣି ପାଇଁ ଲୋକମାନେ ହଇରାଣ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଚନ୍ଦନେଶ୍ୱର-ଜଳେଶ୍ୱର ରାଜ୍ୟ ରାଜପଥରେ ବେପାରୁଆ ଗାଡି ଚାଳନା ଯୋଗୁଁ ପ୍ରତିଦିନ ଧନଜୀବନ ଯିବା ସହିତ ବହୁ ଦୁର୍ଘଟଣା ହେଉଥିବା ଦେଖିବାକୁ ମିଳୁଛି। ପୁଲିସ୍ ପାଟ୍ରୋଲିଂ କରିବାକୁ ଦାବି ହେଉଛି।

# ମାଟି ଇଟାଭାଟି ଉପରେ ଚଢ଼ଉ

ଜଳେଶ୍ୱର, ୨୪।୬ (ସମିସ) : ଜଳେଶ୍ୱର ତହସିଲଦାର ସତ୍ୟଜିତ୍ ମହାନ୍ତି ଗୋବରଘଟା ପଂଚାୟତରେ ଚାଲୁଥିବା ଓମ୍ ମାଟି ଇଟାଭାଟି ଉପରେ ଚଢାଉ କରିଛନ୍ତି। ଘଟଣାରୁ ପ୍ରକାଶ ସୋମବାର ଜିଲାପାଳ ଯୁଗ୍ମ ଶୁଣାଣୀ ପରେ ଗୋବରଘଟା ପଂଚାୟତରେ ଥିବା ଏକ ପୋଖରୀ ପରିଦର୍ଶନରେ ଯାଇଥିଲେ। ରାସ୍ତାରେ କଡ଼ରେ ଥିବା ଓମ୍ ଇଟାଭାଟିରେ ପାହାଡ ସଦୃଶ ମାଟି ଠୁଳ ହୋଇଥିବା ଦେଖି ଜଳେଶ୍ୱର ତହସିଲଦାରଙ୍କୁ ଚଢାଉ ଲାଗି ନିର୍ଦ୍ଦେଶ ଦେଇଥିଲେ। ଆଜି ତହସିଲଦାର ସଦଳବଳେ ଚଢାଉ କରି ଏକ କପଲିନ୍ ମେସିନ୍ ଜବତ୍ କରି ଷ୍ଟକ୍‌ୱାର୍ଡରେ ରଖିଥିବା ବେଳେ ମାଟିକୁ ମଧ୍ୟ ସିଜ୍ କରିଥିବା ଜଣାଯାଇଛି। ଫଳରେ ଜଳେଶ୍ୱର ଅଞ୍ଚଳରେ ଥିବା ନାଲି ଇଟାଭାଟି ମାଲିକମାନଙ୍କ ମନରେ ଛନକା ପଶିଛି।

# ବିପୁଳ ନକଲି ଲଟେରି ଟିକଟ ଜବତ, ଜଣେ ଅଟକ

ଜଳେଶ୍ୱର ବ୍ଲକ, ୨୪।୬ (ସମିସ): ଜଳେଶ୍ୱର ଅଞ୍ଚଳରେ ଦୀର୍ଘ ଦିନ ଧରି ଚାଲିଆସୁଥିବା ବେଆଇନ ଲଟେରି କାରବାର ଉପରେ ପୁଲିସ ଏକ ବଡ଼ ଧରଣର ପ୍ରହାର କରିଛି। ଜଳେଶ୍ୱର ଥାନା ଅନ୍ତର୍ଗତ ଖଡେଶ୍ୱରପୁର ଗ୍ରାମରେ ଚାଲିଥିବା ଏକ ବେଆଇନ ଡୁପ୍ଲିକେଟ୍ ଲଟେରୀ ଟିକଟ୍ କାରଖାନା ଉପରେ ପୁଲିସ ଚଢ଼ଉ କରି ଜଣେ ଯୁବକଙ୍କୁ ଅଟକ ରଖିଛି



ଏଥିସହ ବିପୁଳ ପରିମାଣର ସାମଗ୍ରୀ ଜବତ କରିଛି। ଜଳେଶ୍ୱର ଅଞ୍ଚଳରେ ବେଆଇନ ଭାବେ ନକଲି ଲଟେରି ଟିକେଟ୍ ବିକ୍ରି ହେଉଥିବା ନେଇ ଥାନାରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଅଭିଯୋଗକୁ ଭିତ୍ତି କରି ସୋମବାର ବିଳମ୍ବିତ ରାତି ପ୍ରାୟ ୧୧ଟା ସମୟରେ ଜଳେଶ୍ୱର ଆଇଆଇସି ଅଶୋକ ବାରିକ ଏବଂ ସବ୍ ଇନ୍ସପେକ୍ଟର ଚିରଞ୍ଜିବୀ ରାଉତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଖଡେଶ୍ୱରପୁର ଗ୍ରାମର ସମ୍ପୃକ୍ତ କାରଖାନା ଉପରେ ଚଢ଼ାଉ କରିଥିଲା। ବହୁ ସଂଖ୍ୟାରେ ନକଲି ଲଟେରି ଟିକେଟ୍ ଓ କମ୍ପ୍ୟୁଟର ସେଟ୍, ୨ଟି ସ୍କୁଟି ଜବଦ ହୋଇଛି ଓ ଜବତ ହୋଇଥିବା ସାମଗ୍ରୀର ମୂଲ୍ୟ ୮୭ ହଜାର ୭ଶହ ୫୦ଟଙ୍କାର ସେ ବୋଲି କୁହାଯାଉଛି। ବେଆଇନ କାରବାରରେ ସମ୍ପୃକ୍ତ ଥିବା ଅଭିଯୋଗରେ ପୁଲିସ ଜଣେ ଯୁବକଙ୍କୁ ଅଟକ କରି ଅଧିକ ପଚରାଉଚରା ଚଳାଇଛି।

# ଜାମଶୂଳୀ କଲେଜରେ ଫିଟ୍ ଓଡ଼ିଶା ମିଶନ କାର୍ଯ୍ୟକ୍ରମ

କାଳିପଦା, ୨୪।୬ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜ ପକ୍ଷରୁ ଫିଟ ଓଡିଶା ମିଶନ କାର୍ଯ୍ୟକ୍ରମ ବୁଧବାର କଲେଜ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। କଲେଜ ଅଧ୍ୟକ୍ଷ ଦିବ୍ୟେନ୍ଦୁ ଗିରିଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଦେବବ୍ରତ ଦାସ, ଡ. ଶିବନାରାୟଣ ମହାପାତ୍ର, ଯୁବ ରେଡ କ୍ରସ ଅଧିକାରୀ ବଙ୍କିମ ଚନ୍ଦ୍ର ମୈକାପ, ଏନଏସଏସ ପ୍ରୋଗ୍ରାମ ଅଫିସର ଅଧ୍ୟାପକ ନଗେନ୍ଦ୍ର ନାଥ ପାତ୍ର, ଦେବେନ୍ଦ୍ର ନାଥ ସେଠୀ, ଅଧ୍ୟାପକ ଆଶୁତୋଷ ଯତି ପ୍ରମୁଖ ଅତିଥି ଭାବରେ ଯୋଗ ଦେଇ ଫିଟ ଓଡିଶା ମିଶନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏନ ଏସ ଏସ ମହିଳା ୟୁନିଟ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ମିତାରାଣୀ ଜେନା ପ୍ରାକ ସୂଚନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ତନୁଶ୍ରୀ ନାୟକ, ଅଧ୍ୟାପକ ପ୍ରକାଶ ବିଶ୍ୱାଳ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବହୁ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ଶୁଖିଲା ଆଷାଢ଼; ବର୍ଷା ଉଭାନ**

# ନଦୀ ନାଳ ଶୁଖିଲା, ଏବେ ବି ଜଳ କଷ୍ଟରେ ଲୋକେ

ବସ୍ତା ବ୍ଲକ, ୨୪।୬
(ଦୀପକ କୁମାର ପରିଡ଼ା)

ପ୍ରବଳ ଗ୍ରୀଷ୍ମ ପ୍ରବାହ ପରେ ଆସିଛି ବର୍ଷା ଋତୁ। ଜୁନ୍ ୧୪ରୁ ଓଡ଼ିଆ ମାସ ଅନୁସାରେ ଆଷାଢ଼ ମାସ କୁ ୧୦ ଦିନ ପୁରିଛି। ଆଷାଢ଼ ଏବେ ସବୁଠି ଶୁଖିଲା ପଡ଼ିଛି। ନା କୁ ହେଉଛି ବର୍ଷା। କେଉଁଠି ହେଉଛି ତ କେଉଁଠି ହେଉନି। ପ୍ରବଳ ଗରମରୁ ସାମାନ୍ୟ ଆଶ୍ୱସ୍ତି ମିଳିଥିବା ବେଳେ ତଥାପି ଗରମ ଗୁଳୁଗୁଳି କମିବାର ନାମ ନେଉନି। ସ୍ୱାଭାବିକ ବର୍ଷା ନଥିବା ରୁ ନଦୀ, ନାଳ, ପୋଖୋରୀ ଶୁଖିଲା ପଡ଼ିଛି। ଭୂତଳ ଜଳସ୍ତର ନିମ୍ନଗାମୀ ହୋଇଛି। ଏବେବି ଶହ ଶହ ନଳକୂପ ଅଚଳ ହୋଇ ପଡ଼ିଛି। ବିଲ ବାଡ଼ି ସବୁ ଶୁଖିଲା। ଚାଷ ପାଇଁ ଚାଷୀ ବର୍ଷା କୁ ଅନାଇ ବସିଛି। ଏହିଭଳି ପରିସ୍ଥିତ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ଅଞ୍ଚଳ।

ପ୍ରକାଶ ଯେ ବାଲେଶ୍ୱର ଜିଲ୍ଲା ଏକ କୃଷି ପ୍ରଧାନ ବ୍ଲକ। ଲୋକଙ୍କର ରୋଜଗାରର ପନ୍ଥା ଧାନ ଚାଷ। ବର୍ଷା ନଥିବାରୁ ଏଯାଏ ତାଳିପକା କାର୍ଯ୍ୟ ହୋଇନାହିଁ। ଜଳସେଚିତ ଅଞ୍ଚଳରେ ଥିବା ଜମି ବର୍ଷା ଋତୁରେ ଭୂତଳ ଜଳରୁ ଚାଷ କାର୍ଯ୍ୟ ଆରମ୍ଭ ହେଉଛି। ବର୍ଷକୁ ବର୍ଷ ସ୍ୱାଭାବିକ ବର୍ଷା ହେଉ ନଥିବା ବେଳେ ବର୍ଷା ର ପରିମାଣ କମିଥିବା ଜଣା ପଡିଛି। ଗତ ଦୁଇ ବର୍ଷ ର ବର୍ଷା ର ସ୍ଥିତି ଅନୁଧ୍ୟାନ କଲେ ୨୦୨୪ ବର୍ଷ ବସ୍ତା ବ୍ଲକ ରେ ୧୪୫୬ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ୨୦୨୫ ବର୍ଷ ମୋଟ ୧୭୮୮ ମିଲିମିଟର ବର୍ଷା ହୋଇଛି। ମାତ୍ର ୨୦୨୬ ଜୁନ୍ ଶେଷ ସପ୍ତାହ ସୁଦ୍ଧା ୩୪୩ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ଯାହା ବିଗତ ବର୍ଷା ମାନଙ୍କ ଠାରୁ ଯଥେଷ୍ଟ କମ୍ ବୋଲି କୁହା ଯାଉଛି। ୨୦୨୪ ଜାନୁଆରୀ ଠାରୁ ଜୁନ୍ ଶେଷ ପର୍ଯ୍ୟନ୍ତ ୪୫୨ ମିଲିମିଟର ବର୍ଷା ହୋଇଥିବା ବେଳେ ୨୦୨୫ ଜାନୁଆରୀ ଠାରୁ ଜୁନ୍ ମଧ୍ୟରେ ୬୮୩ ମିଲିମିଟର ବର୍ଷା ରେକର୍ଡ



ହୋଇଛି। ମାତ୍ର ଚଳିତ ୨୦୨୬ ମସିହା ଜୁନ୍ ଶେଷ ସୁଦ୍ଧା ୩୪୩ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଯାହା ଗତ ବର୍ଷଠାରୁ ୩୪୩ ମିଲିମିଟର କମ୍। ସ୍ୱାଭାବିକ ବର୍ଷା ନଥିବାରୁ ନଦୀ ନାଳ ଶୁଖିଲା ଥିବାରୁ ଚାଷ ପାଇଁ ଭୂତଳ ଜଳସ୍ତର ବହୁଳ ମାତ୍ର ରେ ବ୍ୟବହାର ହେଉଛି। ଯାହା ଫଳରେ ଘରୋଇ ନଳକୂପ ସବୁ ଅଚଳ ଫଳରେ ପିଇବା ପାଣି ସମସ୍ୟା ଉତ୍କଟ ହେଉଛି। ଅନ୍ୟ ପକ୍ଷେ ବେଆଇନ ଭାବେ ହଜାର ହଜାର ବଡ ବଡ ଘରୋଇ ବୋରୱେଲ କରି କିଛି ବ୍ୟକ୍ତି ପାଣି ବିକି କରୁଛନ୍ତି। ଏହି ବଡ଼ ବଡ଼ ବୋର୍ ୱେଲ ପାଇଁ ନିକଟସ୍ଥ ଅଞ୍ଚଳ ରେ ଥିବା ନଳକୂପ ଅଚଳ ହେଉଥିବା ଅଭିଯୋଗ ହୋଇଛି। ଗୋଟିଏ ପଟେ ବର୍ଷ କୁ ବର୍ଷ ସ୍ୱାଭାବିକ ବର୍ଷା କମୁଥିବା ବେଳେ ଅନ୍ୟପକ୍ଷେ ଭୂତଳ ଜଳ ସଂରକ୍ଷଣ ପାଇଁ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବା ଆଗାମୀ ଦିନରେ ଜଳ ସଙ୍କଟ ଅତି ଉତ୍କଟ ରୂପ ଧାରଣ କରିବ ବୋଲି କୁହା ଯାଉଛି। ସେହିପରି ସରକାରୀ ବେସରକାରୀ ଜଳଉତ୍ସ ରୁ ଜଳ ବ୍ୟାପକ ନଷ୍ଟ ହେଉଥିବା ଦେଖିବାକୁ ମିଳିଛି। ସରକାର ଘରକୁ ଘର ଯୋଗାଉ ଥିବା ଭୂତଳ ପାଣି ପ୍ରବଳ ନଷ୍ଟ ହେଉଛି। ନିଜର ଘରୋଇ ବୋରୱେଲ ଥାଇ ମଧ୍ୟ ଲୋକେ ସରକାରୀ ଜଳ କୁ ଘରକୁ ନେଇ ନଷ୍ଟ କରୁଛନ୍ତି। ସବୁ ଦେଖି ଅଜଣା ସାଜିଛି ପ୍ରଶାସନ ଓ ସରକାର। ଯଦି ଭୂତଳ ଜଳସ୍ତର ନଷ୍ଟ ଉପରେ ରୋକ୍ ସହିତ ବର୍ଷା ଜଳ ସଂରକ୍ଷଣ ଉପରେ ସରକାର, ପ୍ରଶାସନ ଦୃଷ୍ଟି ନଦିଅନ୍ତି ତାହାଲେ ବସ୍ତା ବ୍ଲକ ରେ ଜଳସଙ୍କଟ ଆଗାମୀ ଦିନ ମାନଙ୍କରେ ଉତ୍କଟ ରୂପ ଧାରଣ କରିବ ବୋଲି ପରିବେଶବିତ ମାନେ ଆକଳନ କରିଛନ୍ତି।

# ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇବାକୁ ଏସ୍‌ୟୁସିଆଇର ଦାବି

ବାଲେଶ୍ୱର,୨୪।୬ (ସମିସ): ଶିକ୍ଷାବର୍ଷ ୨୦୨୬-୨୭ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟ ପୁସ୍ତକରେ ବର୍ତ୍ତମାନ ଯାଏ ଆସିଥିବା ୨୧୨୫ ଟି ତ୍ରୁଟି କେବଳ ବନାନଗତ, ବ୍ୟାକରଣଗଡ ନୁହେଁ ଏଥିରେ ବହୁ ଗୁରୁତର ତଥ୍ୟଗତ ଏବଂ ମୌଳିକ ଧାରଣାଗତ ତ୍ରୁଟି ମଧ୍ୟ ରହିଛି। ଏହା ଛଡା ବହୁ ଅବୈଜ୍ଞାନିକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇଛି। ଏପରିକି ଯୋଗାଇ ଦିଆଯାଇଥିବା ସଂଶୋଧିତ ପୁସ୍ତିକା ମଧ୍ୟରେ ବି ଭୁଲ ରହିଛି। ଏହି ବିକୃତ ପାଠ୍ୟପୁସ୍ତକକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟିମୁକ୍ତ ଓ ବିଜ୍ଞାନ ସମ୍ମତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଏସୟୁସିଆଇ(କମ୍ୟୁନିଷ୍ଟ) ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଦାବି କରାଯାଇଛି। ଗୁଣାତ୍ମକ ଶିକ୍ଷା ଯୋଗାଇବା ଦେବା ପାଇଁ ସରକାର ଯୁଦ୍ଧକାଳୀନ ଭିତ୍ତିରେ ଏନଇପି ୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟପୁସ୍ତକରେ ପରିଲକ୍ଷିତ ତ୍ରୁଟି ସ୍ୱାଭାବିକ ଓ ସାମାନ୍ୟ- ଗଣଶିକ୍ଷା ମନ୍ତ୍ରୀଙ୍କ ଏହି ମନ୍ତବ୍ୟ ଦାୟିତ୍ୱହୀନ ଓ ଚରମ ଶିକ୍ଷା ବିରୋଧୀ ନୀତିର ପରିଚୟ ବୋଲି ବାଲେଶ୍ୱର ଜିଲ୍ଲା ସମ୍ପାଦକ ନିରାକାର ପାଣ୍ଡବ ଏକ ପ୍ରେସ୍ ବିବୃତିରେ କହିଛନ୍ତି। ସାମାଜିକ ବିଜ୍ଞାନ ପୁସ୍ତକରେ ସୂର୍ଯ୍ୟକୁ ଅର୍ଘ୍ୟ ଅର୍ପଣ ମଧ୍ୟଦେଇ ମାଟି ପବିତ୍ର ହୁଏ ଭଳି ବହୁ ଅବୈଜ୍ଞାନିକ ବିଷୟ ସ୍ଥାନିତ ହୋଇଛି। ସେମିତି ଭୂଗୋଳରେ ଭୌଗୋଳିକ ଜ୍ଞାନର ଭିତ୍ତିଭୂମି ପ୍ରାକୃତିକ ଭୂଗୋଳକୁ ସମ୍ପୂର୍ଣ୍ଣ ବାଦ ଦିଆଯାଇଛି। ବିଜ୍ଞାନ ବହିରେ ମହାନ ବୈଜ୍ଞାନିକ ସାର୍ ଆଇଜାକ ନିଉଟନଙ୍କୁ ଶ୍ରେଷ୍ଠ ପାଇଲଟ କୁହାଯାଇଛି। ଗଣିତ ବହିରୁ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ଉଠାଇ ଦିଆଯାଇଛି। ଏଥିସହିତ ଓଡିଶାର ନିୟମଗିରି ପାହାଡ ଝାଡଖଣ୍ଡର ଭଳି ବହୁ ତଥ୍ୟଗତ ତ୍ରୁଟି ରହିଛି। ଏହା ଦ୍ୱାରା ପିଲାମାନଙ୍କ ଉପରେ ଅନାବଶ୍ୟକ ବୋଝ ଲଦି ଦିଆଯାଇଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ମୌଳିକ ବିଷୟକୁ ହଟାଇ ଦିଆଯାଇଛି। ତେଣୁ ସଂଶୋଧିତ ଚିଠା ଶିକ୍ଷକମାନଙ୍କ ହାତରେ ଧରେଇଦେଇ କାମ ଚଳାଇ ଦେବା ନ୍ୟାୟରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଖେଳ ଖେଳିବା ବନ୍ଦ କରି ଉତ୍‌ଥାପିତ ହୋଇଥିବା ନ୍ୟାୟସଂଗତ ଦାବିକୁ ମାନିନେବା ସହିତ ଏନ ଇ ପି ୨୦୨୦କୁ ସମ୍ପୂର୍ଣ୍ଣ ବାତିଲ କରିବା ପାଇଁ ଶ୍ରୀ ପାଣ୍ଡବ ଦାବି କରିଛନ୍ତି।

# ବାଗୁଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ



ସୋର, ୨୪।୬ (ସମିସ): ବାଗୁଡ଼ି ସରକାରୀ ଉଚ୍ଚ ବିଦ୍ୟାଳୟରେ ଆନ୍ତର୍ଜାତୀୟ ଯୋଗ ଦିବସ ଗଭୀର ଉତ୍ସାହ, ଉଦ୍ଦୀପନା ଓ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ୦୭ (ଓ) ବାଟାଲିୟନ୍ ଏନ୍‌ସିସି, ବାଲେଶ୍ୱର ପକ୍ଷରୁ ପ୍ରାପ୍ତ ନିର୍ଦ୍ଦେଶ ଅନୁଯାୟୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ୍‌ସିସି କ୍ୟାଡେଟମାନେ ଶୃଙ୍ଖଳା ଓ ନିଷ୍ଠାର ସହ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମ ପ୍ରଦର୍ଶନ କରି ଉପସ୍ଥିତ ସମସ୍ତଙ୍କୁ ମୁଗ୍ଧ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗର ବୈଜ୍ଞାନିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ମହତ୍ତ୍ୱ ଉପରେ ସାରଗର୍ଭକ ଆଲୋକପାତ କରିଥିଲେ। ଏନ୍‌ସିସି ସିଟିଓ ଭଞ୍ଜନ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନ ଓ ସୁପରିଚାଳନାରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା। ଯୋଗ ପ୍ରଶିକ୍ଷକ ଶାନ୍ତନୁ କୁମାର ମହାନ୍ତି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗାସନ ଓ ପ୍ରାଣାୟାମର କୌଶଳ ଶିକ୍ଷା ଦେଇ ସୁସ୍ଥ ଜୀବନର ମାର୍ଗ ଦର୍ଶନ କରାଇଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପ୍ରଧାନ ଯୋଗ ମାଧ୍ୟମରେ ଶାରୀରିକ ସୁସ୍ଥତା ଓ ମାନସିକ ପ୍ରଶାନ୍ତି ଲାଭର ସନ୍ଦେଶ ପ୍ରଦାନ କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ରାମଦୁଲାଲ ମାରାଣ୍ଡି କାର୍ଯ୍ୟକ୍ରମକୁ ସଫଳ କରିବାରେ ସକ୍ରିୟ ସହଯୋଗ କରିଥିଲେ।

# ଗ୍ରାମପଞ୍ଚାୟତସ୍ତରୀୟ ସୁଭଦ୍ରା ଶକ୍ତି ସମାବେଶ



ଜଳେଶ୍ୱର, ୨୪।୬ (ସମିସ) : ବିକଶିତ ଗାଁ ବିକଶିତ ଓଡ଼ିଶା ଓ ପଞ୍ଚାୟତରୁ ସୁଶାସନ ଓ ଗ୍ରାମାଞ୍ଚଳରେ ପରିବର୍ତ୍ତନ ସ୍ଲୋଗାନ ସହ ପଞ୍ଚାୟତ ସ୍ତରୀୟ ଶୁଭଦ୍ରା ଶକ୍ତି ସମାବେଶ ନଛିମପୁର ପଞ୍ଚାୟତ ଅଧୀନ,ଅର୍ଜୁନୀ ଠାରେ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଆୟୋଜିତ ସଭାରେ ପ୍ରାକ୍ତନ ସରପଞ୍ଚ ନିତ୍ୟାନନ୍ଦ ଦାସ ସଭାପତିତ୍ୱ କରି ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳ ଲାଗି ଜନ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଯୁବ ସରପଂଚ ରାଜେଶ ଜେନା, ମହିଳା ସ୍ୱୟଂ ସହାୟିକା ସଭାପତି ରାଧାରାଣୀ ପାତ୍ର, ନାଏବ ସରପଞ୍ଚ ସୋନାଲି ପାତ୍ର, ସପନ ଜେନା, ଗୋବିନ୍ଦ ଦାସ,ପିଇଓ ଗୌତମ କୁମାର ଜେନା,ଏଡିଇଓ ନିମାଇଁ ଚରଣ ମହାନ୍ତି, କବି ନରୋତ୍ତମ ପ୍ରଧାନ, ଆଇସିଡିଏସ ସୁପରଭାଇଜର, ଏମ୍ବକେ କାଞ୍ଚନ ବାଳା ସେନାପତି, କଳ୍ପନା ନନ୍ଦୀ ପ୍ରମୁଖ ସରକାରଙ୍କ ଲୋକାଭିମୁଖୀ ଯୋଜନା ବିଷୟରେ ଉପସ୍ଥିତ ହିତାଧିକାରୀଙ୍କୁ ଅବଗତ କରିଥିଲେ। ଅଧିକ ୫କେଜି ଚାଉଳ ପ୍ରଦାନ, ସୁଭଦ୍ରା ଯୋଜନା, ଅନ୍ତୋଦୟ ଗୃହ ଯୋଜନା, ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। ୱାର୍ଡ ସଭ୍ୟ ବଂଶୀଧର ପ୍ରଧାନ ମଞ୍ଚ ଆହ୍ୱାନ କରିଥିଲେ। କାର୍ଯକ୍ରମ ରେ ବହୁ ସିଆର ପି, ସ୍ୱୟଂ ସହାୟିକା ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ଉପସ୍ଥିତ ଥିବା ବେଳେ, ମୋବାଇଲ , ଅନ୍ତୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ୱାର୍ଡ ସଭ୍ୟ ମଧୁସୁଦନ ସିଂ, ଅମର ପାତ୍ର, ଚନ୍ଦ୍ରକାନ୍ତ ବାରିକ୍, ରାମଚନ୍ଦ୍ର ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସୁବର୍ଣ୍ଣରେଖା ନଦୀବନ୍ଧ ନିର୍ମାଣରେ ଅନିୟମିତତା ଅଭିଯୋଗ

ଜଳେଶ୍ୱର ବ୍ଲକ, ୨୪।୬ (ସମିସ): ଆଗକୁ ବର୍ଷା ଋତୁ ଆସୁଥିବାରୁ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ୍ ଲକ୍ଷ୍ମଣନାଥ ପଞ୍ଚାୟତ ଅନ୍ତର୍ଗତ ବିରିସପୁର ଏବଂ ଲକ୍ଷ୍ମଣନାଥ ଗ୍ରାମ ନିକଟରେ ସୁବର୍ଣ୍ଣରେଖା ନଦୀବନ୍ଧ କାର୍ଯ୍ୟ ଜୋରସୋର ସାରରେ। ଚାଲିଛି। ଏହି ପ୍ରକ ପ୍ରକଳ୍ପ ପାଇଁ ସରକାରଙ୍କ ପକ୍ଷରୁ ସୁବର୍ଣ୍ଣରେଖା ସଂସ୍କାର ଯୋଜନାରେ ବିରିସପୁର, ପଞ୍ଚୁଘୁଣ୍ଟା, ବଜାରଖୋଲ, କୁଣ୍ଡୁଳି ଗ୍ରାମର ସୁବର୍ଣ୍ଣରେଖା ନଦୀରେ ପଥର ପ୍ୟାକିଙ୍ଗ ପାଇଁ ୧୩ କୋଟି ୫ ଲକ୍ଷ,୯୮ ହଜାର ୯୩୧ ଟଙ୍କାର ବ୍ୟୟ ଅଟକଳ ଖର୍ଚ୍ଚ ହେଉଥିବା ମାତ୍ର କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏହା ସହିତ ନଦୀବନ୍ଧ ନିର୍ମାଣ କାର୍ଯ୍ୟରେ ବଡ଼ ପଥର ଖଣ୍ଡ ପରିବର୍ତ୍ତେ ଅତ୍ୟନ୍ତ ନିମ୍ନମାନର ଛୋଟ ଛୋଟ ପଥରରେ କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ନିମ୍ନମାନର କାର୍ଯ୍ୟ ଯୋଗୁ ଆଗାମୀ ବନ୍ୟା ସମୟରେ ବନ୍ଧ ଭାଙ୍ଗି ଗ୍ରାମଗୁଡ଼ିକ ଜଳମଗ୍ନ ଜଳମଗ୍ନ ହେବାର ଆଶଙ୍କା କରି ସୋମବାର ଯୁବନେତା ଅନୁପ ପ୍ରଧାନ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ଜିଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ତୁରନ୍ତ ଘଟଣାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଦ୍ଦେଶ



ପାଇ ଇରିଗେସନ ବିଭାଗର ଉପଖଣ୍ଡ ଅଧିକାରୀ ସତ୍ୟ ସୁନ୍ଦର ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ଶ୍ରୀ ସିଂ ବିରିସପୁରରେ ପହଞ୍ଚିଥିଲେ। ଗ୍ରାମ ପଞ୍ଚାୟତର ରଞ୍ଜନ କୁମାର ମହାନ୍ତି, ପୂର୍ବତନ ସରପଞ୍ଚ ଭବାନୀ ଶଙ୍କର ମହାନ୍ତି, ତ୍ରିଲୋଚନ ଘୋଷ, ମଧୁସୁଧନ ଗିରି, ପଞ୍ଚାନନ ଦାସ, ବିଭୁତି ପାଟବିନ୍ଧା,ମାନଗୋବିନ୍ଦ ଦଳାଇ ପ୍ରମୁଖ ଗ୍ରାମବାସୀ ମାନେ ଅଧିକାରୀ ମାନଙ୍କୁ କାର୍ଯ୍ୟ ବାବଦରେ ଆଲୋଚନା କରିଥିଲେ।

# ମହିଳାଙ୍କ ବେକରୁ ସୁନାଚେନ ଲୁଟ୍ ଅଭିଯୋଗ

ସୋର, ୨୪।୬ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ହାଇସ୍କୁଲ ସମ୍ମୁଖରୁ ଜଣେ ମହିଳାଙ୍କ ବେକରୁ ଏକ ସୁନାଚେନକୁ ଦୁଇ ଜଣ ଯୁବକ ବାଇକରେ ଆସି ଛିନତାଇ କରି ଫେରାର ହୋଇଯାଇଥିବା ନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ସିମୁଳିଆ ଥାନା କୁରକୁରିଆ ଗ୍ରାମର ଲକ୍ଷ୍ମୀପ୍ରିୟା ମହାନ୍ତି ଆଜି ଅପରାହ୍ନରେ ତାଙ୍କ ଭାଇଙ୍କ ସହ ବାଇକ ଯୋଗେ ବାପା ଘର ଗଣ୍ଡସ୍ତପୁର ଗ୍ରାମକୁ ଆସୁଥିଲେ। ଦହିସଡା ହାଇସ୍କୁଲ ସମ୍ମୁଖରେ ଏକ ସ୍ପିଡ଼ ବାଇକରେ ଦୁଇ ଜଣ ଯୁବକ ଆସି ଲକ୍ଷ୍ମୀପ୍ରିୟା ପିନ୍ଧିଥିବା ୧୩ ଗ୍ରାମର ସୁନା ଚେନ ଟିକୁ ଝାମ୍ପି ନେଇ ବାଲେଶ୍ୱର ଦିଗରେ ଫେରାର ହୋଇଯାଇଥିଲେ। ଅନ୍ୟ ଉପାୟ ନ ପାଇ ଲକ୍ଷ୍ମୀପ୍ରିୟା ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

# ତ୍ରୁଟିମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଏଆଇଡିଏସ୍‌ଓର ଦାବି

ବାଲେଶ୍ୱର(ଉତ୍ତର), ୨୪।୬ (ସମିସ)

ଶିକ୍ଷା ବର୍ଷ ୨୦୨୬/୨୭ ନିମନ୍ତେ ରାଜ୍ୟ ସରକାରଙ୍କ ସ୍କୁଲ ବିଭାଗ ପକ୍ଷରୁ ପ୍ରକାଶିତ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକରେ ବର୍ତ୍ତମାନ ଯାଏ ଆସିଥିବା ୨୧୨୫ ଟି ତୃଟି କେବଳ ବନାନଗତ ବ୍ୟାକରଣ ନୁହେଁ ଏଥିରେ ବହୁ ଗୁରୁତର ତଥ୍ୟଗତ ଓ ମୌଳିକ ଧରଣର ତୃଟି ମଧ୍ୟ ରହିଛି। ଏହା ଛଡା ବହୁ ଅବୈଜ୍ଞାନିକ ବିଷୟବସ୍ତୁ ମଧ୍ୟ ସ୍ଥାନିତ ହୋଇଛି। ଏପରିକି ଯୋଗାଇ ଦିଆ ଯାଇଥିବା ସଂଶୋଧିତ ପାଠ୍ୟ ପୁସ୍ତିକ ରେ ମଧ୍ୟ ବି ଭୁଲ ରହିଛି। ଏହି ବିକୃତ ପାଠ୍ୟପୁସ୍ତକକୁ ସମ୍ପୂର୍ଣ ପ୍ରତ୍ୟାହାର କରି ନୂତନ ତ୍ରୁଟି ମୁକ୍ତ ଓ ବିଜ୍ଞାନସମ୍ମତ ପାଠ୍ୟ ପୁସ୍ତକ ଯୋଗାଇ ଦେବା ପାଇଁ ଆଜି ବାଲେଶ୍ୱର ଜିଲ୍ଲା ଭୋଗରାଇ ବି ଇ ଓ ଅଫିସ ସମ୍ମୁଖରେ ଏ ଆଇ ଡି ଏସ ଓ ପକ୍ଷରୁ ଏକ ପ୍ରତିବାଦ ସଭା ସହିତ ପଦଯାତ୍ରା ଅନୁଷ୍ଠିତ ହୋଇ ଯାଇଛି କ୍ଷ ଏହି ପଦଯାତ୍ରା ଭୋଗରାଇ ତହସିଲ କାର୍ଯ୍ୟାଳୟ ରୁ ବାହାରି ବ୍ଲକ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ କୋମଳ ମତି ଛାତ୍ରଛାତ୍ରୀ ମାନଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇ ଦେବା ସହିତ ସରକାର ଯୁଦ୍ଧ କାଳୀନ ଭିତ୍ତିରେ ଏନ ଇ ପି୨୦୨୦ ଆଧାରରେ ପ୍ରକାଶ କରିଥିବା ପାଠ୍ୟ ପୁସ୍ତକରେ ପରିଲକ୍ଷିତ ହୋଇଥିବା ତ୍ରୁଟି କୁ ଗଣ ଶିକ୍ଷା ମନ୍ତ୍ରୀ ସ୍ୱାଭାବିକ ଓ ସାମାନ୍ୟ ବୋଲି ମନ୍ତବ୍ୟ ଦେବା ତାଙ୍କର ଦାଇତ୍ୱହୀନ ଓ ଚରମ ଶିକ୍ଷା ବିରୋଧୀ ନୀତିର ପରିଚୟ ବୋଲି ବାଲେଶ୍ୱର ଛାତ୍ର ସଂଗଠନର ସଭାପତି କମ୍ରେଡ ହରେକୃଷ୍ଣ ଦାସ ତାଙ୍କ ବକ୍ତବ୍ୟରେ କହି ଥିଲେ। ସାମାଜିକ ବିଜ୍ଞାନର ପୁସ୍ତକରେ ସୂର୍ଯ୍ୟକୁ ଅର୍ଘ୍ୟ ଅର୍ପଣ କଲେ ମାଟି ପବିତ୍ର ହୁଏ ଭଳି ବହୁ ଅବୈଜ୍ଞାନିକ ବିଷୟ ସ୍ଥାନିତ ହୋଇଛି। ସେମିତି ଭୂଗୋଳରେ ଭୌଗଳିକ ଜ୍ଞାନର ଭିତ୍ତିଭୂମି ପ୍ରାକୃତିକ ଭୂଗୋଳକୁ ସମ୍ପୂର୍ଣ ବାଦ ଦିଆଯାଇଛି, ବିଜ୍ଞାନ ବହିରେ ମହାନ ବୈଜ୍ଞାନିକ ସାର ଆଇଜକ ନିଉଟନଙ୍କୁ ଶ୍ରେଷ୍ଠ ପାଇଲଟ କୁହାଯାଇଛି। ଗଣିତ ବହିରୁ ଜ୍ୟାମିତି, ତ୍ରିକୋଣମିତି, ପରିମିତି, ସେଟ୍, ପାଲିନୋମିୟାନ ବ୍ୟବସାୟିକ ଗଣିତ ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉଠାଇ ଦିଆଯିବା ଛାତ୍ରଛାତ୍ରୀ ଙ୍କୁ କିଭଳି ଜ୍ଞାନ ପ୍ରଦାନ କରିବ ବୋଲି ଶ୍ରୀ ଦାସ କହିଥିଲେ। ଏଥି ସହିତ ଓଡ଼ିଶାର ନିୟମଗିରି ପାହାଡକୁ ଝାଡ଼ଖଣ୍ଡର ଭଳି ବହୁ ତଥ୍ୟଗତ ତ୍ରୁଟି ରହିଛି ବୋଲି ଛାତ୍ର ନେତା ଆଶିଷ ପାତ୍ର ତାଙ୍କ ବକ୍ତବ୍ୟରେ କହି ଥିଲେ। ଏହା କଣ ବିଜେପି ଦଳର ଓଡ଼ିଆ ଅସ୍ମିତା ପରିଚୟ ଓ ଗୁଣାତ୍ମକ ଶିକ୍ଷାର ନମୁନା ବୋଲି ପ୍ରଶ୍ନ ଉଥାପନ କରିଥିଲେ। ସେହିପରି ତୃତୀୟ ଶ୍ରେଣୀର ବାଂଶୁରୀ -୧ ବହିରେ ୨୦ ଟି ଚାପ୍ଟର, ଖେଳ, ଯୋଗ, ବହିରେ ୭ଟି ଚାପ୍ଟର ନୂତନ ଭାବେ ପ୍ରଚଳନ କରାଯାଇଅଛି। ଏହା ପିଲାମାନଙ୍କ ଉପରେ ଅନାବଶ୍ୟକ ବୋଝ ଲଦି ଦିଆ ଯାଉଥିଲା ବେଳେ ଗୁରୁତ୍ୱପୁର୍ଣ ମୌଳିକ ବିଷୟବସ୍ତୁ ହଟାଇ ଦିଆ ଯାଇଛି। ଯାହାକି ପିଲାମାନଙ୍କର ଜ୍ଞାନର୍ଜନର ମୂଳଦୁଆକୁ ଧ୍ୱଂଶ କରିଦେବ ବୋଲି ଛାତ୍ର ନେତା ପଙ୍କଜ ଟୁଡୁ କହିଥିଲେ। ତେଣୁ ସଂଶୋଧିତ ଚିଠା ଶିକ୍ଷକମାନଙ୍କ ହାତରେ ଧରେଇ ଦେଇ କାମ ଚଳାଇ ଦେବା ନ୍ୟାୟରେ ଛାତ୍ର ଛାତ୍ରୀଙ୍କ ଭବିଷ୍ୟତକୁ ନେଇ ଖେଳ ଖେଳିବା ବନ୍ଦ କରି ଉତଥାପିତ ହୋଇଥିବା ନ୍ୟାୟ ସଂଗତ ଦାବିକୁ ମାନି ନେବା ସହିତ ଏନ ଇ ପି କୁ ସମ୍ପୂର୍ଣ ବାତିଲ କରିବା ପାଇଁ ଏଆଇଡିଏସଓର ଛାତ୍ର ନେତାମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରିପୁ ଘୋଡାଇ, ଆସ୍ଫାକ ଖାନ, ପୁନମ, ନନ୍ଦିତା ପାତ୍ର, ସୁଚିତା ପଟ୍ଟନୟତ ସହିତ ଅଭିଭାବକମାନେ ଉପସ୍ଥିତ ଥିଲେ। ଶେଷରେ ଏକ ଦାବିପତ୍ର ବିଇଓଙ୍କୁ ପ୍ରଦାନ କରା ଯାଇଥିଲା।




# ପଣ୍ଡିତ ରବିନାରାୟଣ ରଥଶର୍ମାଙ୍କ ପରଲୋକ



ଜଳେଶ୍ୱର ବ୍ଲକ, ୨୪।୬ (ସମିସ): ବାଲେଶ୍ୱର ଜିଲ୍ଲା ତଥା ସମଗ୍ର ଓଡ଼ିଶାର ଗୌରବ,ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ୍,ପ୍ରଖ୍ୟାତ ଜ୍ଞାନୀ ପଣ୍ଡିତ ତଥା ସମାଜସେବୀ ଶ୍ରୀଯୁକ୍ତ ରବିନାରାୟଣ ରଥ ଶର୍ମା ମହାଶୟଙ୍କର ୮୯ ବର୍ଷ ବୟସରେ ପରଲୋକ ଘଟିଛି। ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ପୂର୍ବତନ ପ୍ରଧାନାଚାର୍ଯ୍ୟ ଭାବେ ସଂସ୍କୃତ ଭାଷା ଓ ସଂସ୍କୃତିର ସୁରକ୍ଷା ତଥା ପ୍ରସାର ଦିଗରେ ତାଙ୍କର ଅବଦାନ ଅତୁଳନୀୟ। ତାଙ୍କ ବିୟୋଗରେ ଓଡ଼ିଶା କେବଳ ଜଣେ ମହାନ ପଣ୍ଡିତଙ୍କୁ ହରାଇନାହିଁ,ବରଂ ଜ୍ଞାନ,ସଂସ୍କାର,ଆଧ୍ୟାତ୍ମିକତା ଓ ମାନବିକ ମୂଲ୍ୟବୋଧର ଏକ ଉଜ୍ଜ୍ୱଳ ଦୀପସ୍ତମ୍ଭଙ୍କୁ ହରାଇଛି। ସ୍ଥାନୀୟ ବୁଦ୍ଧିଜୀବୀଆଜି ତାଙ୍କର ଜନ୍ମଭୂମି ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମରେ ଅଗଣିତ ଗୁଣମୁଗ୍ଧ ଜନସାଧାରଣ ତାଙ୍କ ବିୟୋଗରେ ଅଶ୍ରୁସିକ୍ତ ଏବଂ ଶୋକାଭିଭୂତ ହୋଇପଡ଼ିଛନ୍ତି। ଦୀନକୃଷ୍ଣ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସୁଧାଂଶୁ ଶେଖର ପ୍ରଧାନ, ବାଗେଶ୍ୱରୀ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ପଣ୍ଡିତ ଜନାର୍ଦ୍ଦନ ମିଶ୍ର, ଇଂରାଜୀ ଅଧ୍ୟାପକ କାର୍ତ୍ତିକେଶ୍ୱର ପାତ୍ର, ଅଧ୍ୟାପିକା ସୁଜାତା ଦାସ, ଡ଼ାକ୍ତର ଲୋକନାଥ ପାଣିଗ୍ରାହୀ, ନୃସିଂହ ଚରଣ ପତି, ଗ୍ରାମ ସଭାପତି ଗଣେଷ ଚନ୍ଦ୍ର ପରିଡ଼ା, ସରପଞ୍ଚ ତପନୀ ଭୂୟାଁ, ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା, ମନ୍ମଥ ଦାସ, ରାମକୃଷ୍ଣ ଭୂୟାଁ, ସାମ୍ବାଦିକ ମନୋଜ କୁମାର ଭୂୟାଁ, ଶ୍ରୀକଣ୍ଠ ମାହାନ୍ତି, ନାଏବ ସରପଞ୍ଚ ବରୁଣ ଜେନା,ପ୍ରସନ୍ନ କୁମାର ଦାସ,ସରକାରୀ ଓକିଲ ନିଗମାନନ୍ଦ ପାତ୍ର,ପ୍ରଦୀପ କୁମାର ମହାନ୍ତି,ପ୍ରାକ୍ତନ ସରପଞ୍ଚ ହରିଶ୍ଚନ୍ଦ୍ର ଭୂୟାଁ,ପ୍ରାକ୍ତନ ସମିତି ସଭ୍ୟ ରାଜେନ୍ଦ୍ର ପାତ୍ରଙ୍କ ସହ ଶତାଧିକ ଲୋକ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ମର ଶରୀର ପାଖରେ ସ୍ତ୍ରୀ ଶକୁନ୍ତଳା ରଥ, ପୁତ୍ର ପରିତୋଷ ରଥ, ଆଶୁତୋଷ ରଥ, ସୁରତୋସ ରଥ,ଦେବ ତୋଷ ରଥ,ପୁତ୍ର ବଧୂ ଅନିତା ରଥ, ଅନୁପମା ରଥ, ମାନସୀ ରଥ, ଝିଅ ବନ୍ଦନା, ଅର୍ଚ୍ଚନା, କଳ୍ପନା, ଅର୍ପଣାଙ୍କ ସହ ସମସ୍ତ ନାତି ନାତୁଣୀ ଉପସ୍ଥିତ ଥିଲେ। ବଡ ପୁତ୍ର ପରିତୋଷ ରଥ ଗାଁ ଶ୍ମଶାନରେ ମୁଖାଗ୍ନି ଦେଇଥିଲେ।

### ଧାନକ୍ରୟର ମନ୍ଥରତାକୁ ନେଇ ଉଦ୍‌ବେଗ ପ୍ରକାଶ କଲେ ଭୋଗରାଇ ବିଧାୟକ

# ଅଧିକ ଟାର୍ଗେଟ ପ୍ରଦାନ ସହ କ୍ରୟ ଅବଧି ବୃଦ୍ଧି ଦାବି

ବାଲେଶ୍ୱର(ଉତ୍ତର), ୨୪।୬ (ସମିସ)



ବାଲେଶ୍ୱର ଜିଲ୍ଲାର ଅଧିକ ରବିଧାନ ଉତ୍ପାଦନ ହେଉଥିବା ଭୋଗରାଇ ବ୍ଲକରେ ଧାନ କ୍ରୟ କ୍ଷେତ୍ରରେ ମନ୍ଥରତା ଦେଖା ଦେଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା କ୍ରୟ ଅବଧି ପୂରିବାକୁ ଆଉ ୫ଦିନ ବାକି ଥିଲା ବେଳେ ଏପର୍ଯ୍ୟନ୍ତ ଏହି ବ୍ଲକରେ ବିଭିନ୍ନ ସରକାରୀ ଧାନ ମଣ୍ଡି ଗୁଡ଼ିକରେ ଚାଷୀଙ୍କୁ ମିଳିଥିବା ଟୋକନର ଅଧାରୁ କମ ଧାନ କ୍ରୟ ହୋଇଥିବାର ସୂଚନା ମିଳିଛି। ମିଲରମାନଙ୍କ ମାନମାନି ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ ହେଉଛି। ତେଣୁ ଏହି ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ସହିତ ଧାର୍ଯ୍ୟ ଅବଧି ୩୦ଜୁନ ପୂର୍ବରୁ ଭୋଗରାଇ ର ସମସ୍ତ ସେବା ସମବାୟ ସମିତି(ପ୍ୟାକ୍ସ) ପାଇଁ ଧାନର ଟାର୍ଗେଟ ବୃଦ୍ଧି କରିବା ସହିତ ଅବଧି ଶେଷ ହେବା ବେଳକୁ ଯଦି ଟୋକନ ପାଇଥିବା ସମସ୍ତ ଚାଷୀଙ୍କ ସମସ୍ତ ଧାନ କ୍ରୟ ନ ହୁଏ ତେବେ କ୍ରୟ ଅବଧି ବୃଦ୍ଧି କରିବା ପାଇଁ ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ବାଲେଶ୍ୱର ଜିଲ୍ଲାପାଳଙ୍କୁ ଏକ ପତ୍ର ଲେଖି ଦାବି ଜଣାଇଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଭୋଗରାଇ ପଞ୍ଚାୟତ ସମିତି ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ଦାସ ସୂଚନା ଦେଇଥିଲେ ଯେ ଜୁନ ମାସ ୩୦ ତାରିଖ ସୁଦ୍ଧା ରବି ଧାନ କ୍ରୟ କରାଯିବାର ଶେଷ ସମୟ ଥିବା ସ୍ଥଳେ ଅନେକ ଚାଷୀଙ୍କ ଟୋକନ ଅବଧି ୧୫ ତାରିଖ ସୁଦ୍ଧା ଶେଷ ହେବାକୁ ଯାଉଛି। ଚଳିତ ବର୍ଷ ରବି ଧାନ ପାଇଁ ଭୋଗରାଇ ବ୍ଲକରେ ମୋଟ ୧୧୩୭୦ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୧୦୯୫୨ଜଣ ଚାଷୀଙ୍କୁ ଟୋକନ ଇସ୍ୟୁ ହୋଇଥିଲା। ସେହିପରି ଟୋକନ ଅନୁଯାଇ ମୋଟ ୩୧୮୮୬୨ କ୍ୱିଣ୍ଟାଲ ପରିମାଣ ର ଧାନ କିଣା ହେବା କଥା।ମାତ୍ର ସରକାରଙ୍କ ତରଫରୁ ୨୧୨୨୬୦ କ୍ୱିଣ୍ଟାଲ ଧାନ କିଣିବା ପାଇଁ ଟାର୍ଗେଟ ରହିଥିବା ସ୍ଥଳେ ୨୨ ଜୁନ ସୁଦ୍ଧା ମୋଟ ୧୮୭୦୬୫ କ୍ୱିଣ୍ଟାଲ ଧାନ କିଣା ଶେଷ ହୋଇଛି ଏବଂ ୭୧୪୫ ଟି ଟୋକନ ଜରିଆରେ ମାତ୍ର ୭୧୨୬ ଜଣ ଚାଷୀ ଧାନ ବିକ୍ରି କରିପାରିଛନ୍ତି, ଯାହା ମୋଟ ଟୋକନ ପରିମାଣର ୫୦ପ୍ରତିଶତରୁ କମ ବୋଲି ଜଣା ପଡ଼ିଛି। ଆଉ ୫ ଦିନ ମଧ୍ୟରେ ବାକି ୫୦ପ୍ରତିଶତ ଧାନ କିଭଳି କିଣା ଯିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନାଯୋଗ୍ୟ ଯେ ଭୋଗରାଇ ବ୍ଲକରେ ୧୯ ଟି ସେବା ସମବାୟ ସମିତି ଓ ଗୋଟାଏ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ସରକାର ଧାନ କ୍ରୟ କରିବା ପାଇଁ ସରକାର ମିଲର ମାନଙ୍କୁ ନିଯୁକ୍ତି ଦେଇଛନ୍ତି ଏବଂ ସେମାନଙ୍କୁ ଟାର୍ଗେଟ ମଧ ଦିଆଯାଉଛି। ମାତ୍ର ମିଲରଙ୍କୁ ଟୋକନ ଅନୁଯାଇ ଧାନ ନେବା ପାଇଁ ସରକାରଙ୍କ ତରଫରୁ କୌଣସି ଚାପ ନଥିବାରୁ ସେମାନେ ଏଫଏକ୍ୟୁ ଆଳରେ ନିମ୍ନମାନର ଧାନ ପାଇଁ ସାଢ଼େ ଆଠରୁ ଦଶ କିଲୋ କ୍ୱିଣ୍ଟାଲ ପ୍ରତି ଅଧିକ ଦାବି କରୁଛନ୍ତି। ଯେଉଁଠି ଚାଷୀ ମାନେ ମିଲର ସର୍ତ୍ତରେ ରାଜି ହେଉଛନ୍ତି, ସେଠାରେ ମିଲର ରାଜି ହୋଇ ଧାନ ଉଠାଉଛି ଏବଂ ସେହି ଧାନ ଯଥାଯଥ ମାନ ଅର୍ଥାତ ଏଫଏକ୍ୟୁର ବୋଲି ରେକର୍ଡ ହେଉଛି। ଅପରପକ୍ଷରେ ଟୋକନ ଅନୁଯାଇ ଧାନ ପରିମାଣ କୁ କାଟି କେବଳ ପେପର ଟ୍ରାଞ୍ଜେକ୍ସନ ଜରିଆରେ ଯେଉଁ ଠାରେ ଚାଷୀମାନେ ରାଜି ହେଉଛନ୍ତି ସେଠାକୁ ମିଲର ଆଗ୍ରହ ସହ ଯାଉଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। ଏହି ଦୁଇ ପ୍ରକାର ସର୍ତ୍ତ ରେ ଯେଉଁଠାରେ ଚାଷୀ ମାନେ ରାଜି ହେଉନାହାନ୍ତି ସେଠାରେ ମିଲର ବିଭିନ୍ନ ଆଳ ଦେଖାଇ ଓହରି ଯାଉଛି କିମ୍ବା ଧାନ ଉଠାଉ ନାହିଁ ବୋଲି ଚାଷୀମାନଙ୍କଠାରୁ ଅଭିଯୋଗ ଆସୁଥିବା ବିଧାୟକ ଶ୍ରୀ ଦାସ କହିଛନ୍ତି। ତେଣୁ ତୁରନ୍ତ ଏଭଳି ଅଭିଯୋଗ ର ତଦନ୍ତ କରିବା ସହିତ ସମ୍ପୃକ୍ତ ଥିବା ପ୍ରକୃତ ଦୋଷୀ ଉପରେ ସରକାର ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଅପରପକ୍ଷରେ ସବୁଠୁ ଆଗରେ ଚାଷୀ ମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନଙ୍କ ପ୍ରତିକୂଳ ପରିସ୍ଥିତିରେ ଉତ୍ପାଦିତ ସମସ୍ତ ଧାନକୁ ସରକାର ନିର୍ଦ୍ଧାରିତ ଅବଧି ମଧ୍ୟରେ କ୍ରୟ କରିବାକୁ ଅନୁରୋଧ କରିଛନ୍ତି। ନଚେତ ସମଗ୍ର ଜିଲ୍ଲାରେ ବ୍ୟାପକ କୃଷକ ଆନ୍ଦୋଳନ ସଂଗଠିତ କରାଯିବ ବୋଲି ବିଧାୟକ ଶ୍ରୀ ଦାସ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଜିଲ୍ଲା ବିଜେଡି ଉପସଭାପତି ତପନ ପଣ୍ଡା ପ୍ରମୁଖ ବିଜେଡି ନେତାମାନେ ଉପସ୍ଥିତ ଥିଲେ।

## ଦୁଇ ଜିଲ୍ଲା ପରିଷଦ ସଭ୍ୟଙ୍କ ପଦ ରଦ୍ଦ

ନୀଳଗିରି, ୨୪।୬ (ସମିସ) : ଦୁଇ ଜିଲ୍ଲା ପରିଷଦ ସଭ୍ୟ ସଭ୍ୟା ନିଜ ଦଳର ବିନା ଅନୁମତିରେ ବିଜେଡିରୁ ଯାଇ ବିଜେପିରେ ମିଶିଥିବା ଦୁଇ ଜିଲ୍ଲା ପରିଷଦ ସଭ୍ୟଙ୍କ ପଦ ରାଜ୍ୟ ନିର୍ବାଚନ କମିଶନ ରଦ୍ଦ କରିଛନ୍ତି। ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକର ୨ (ଦୁଇ) ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଓଡ଼ିଶା ଜିଲ୍ଲା ପରିଷଦ ସଂଶୋଧନ ଆଇନ, ୨୦୧୫ର ଧାରା ୩୩ବି ଏବଂ ଓଡ଼ିଶା ଜିଲ୍ଲା ପରିଷଦ ଆଇନ ୨୦୧୫ର ୩୩ଡି ଅନୁଯାୟୀ ଅଯୋଗ୍ୟ ଘୋଷଣା ସମ୍ପର୍କରେ ଦୁଇ ଜିଲ୍ଲା ପରିଷଦ ସଦସ୍ୟଙ୍କ ବିରୁଦ୍ଧରେ ଅଭିଯୋଗ ଆବେଦନ ଦାଖଲ କରିଥିଲେ ନୀଳଗିରି ର ପୂର୍ବତନ ବିଧାୟକ ଙ୍ଗ ଶ୍ରୀ ସୁକାନ୍ତ କୁମାର ନାୟକ। ଯେଉଁ ଦୁଇ ଜିଲ୍ଲା ପରିଷଦ ସଦସ୍ୟଙ୍କ ବିରୁଦ୍ଧରେ ଅଭିଯୋଗ ଆବେଦନ ଦାଖଲ କରାଯାଇଥିଲା ସେମାନେ ହେଲେ ନୀଳଗିରି ବ୍ଲକ ଅଧିନ ଜୋନ୍ ନମ୍ବର ୧୩ ଜିଲ୍ଲା ପରିଷଦ ସଦସ୍ୟ ଶ୍ରୀ ଗତିକୃଷ୍ଣ ନନ୍ଦ, ଜୋନ୍ ନମ୍ବର ୧୧ ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ସୁବର୍ଣ୍ଣ ମଞ୍ଜରୀ ସିଂ। ଅଭିଯୋଗ ମାମଲା ପଞ୍ଜିକୃତ ହୋଇଥିଲା ଏବଂ ସମ୍ପୃକ୍ତ ପକ୍ଷମାନଙ୍କୁ ୨୧.୧୧.୨୫ ରେ ପ୍ରଥମ ଶୁଣାଣି ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ନିକଟରେ ହାଜର ହେବା ପାଇଁ ନୋଟିସ୍ ଜାରି କରାଯାଇଥିଲା। ସବୁତଥ୍ୟକୁ ତର୍ଜମା କରି ଗତ ୨୪/୦୬/୨୦୨୬ ରିଖରେ ରାଜ୍ୟ ନିର୍ବାଚନ କମିଶନର ଓଡିଶା ଜିଲ୍ଲା ପରିଷଦ ଆକ୍ଟ ୧୯୯୧ ଧାରା ୩୩-ବି ଅନୁଯାୟୀ ଦୁଇ ଜିଲ୍ଲା ପରିଷଦ ସଦସ୍ୟଙ୍କ ପଦ ରଦ୍ଦ କରିଛନ୍ତି।

## ଶିଶୁ ଶ୍ରମିକ ନିରାକରଣ ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୨୪।୬ (ସମିସ): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ, ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ବିଭାଗ ପକ୍ଷରୁ ବାଲେଶ୍ୱରରେ ଶିଶୁ ଶ୍ରମିକ ନିରାକରଣ ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଡିଟୋରିୟମ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଶିଶୁ ଶ୍ରମିକ ଆଇନ୍ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାରେ କୌଣସି ସ୍ଥାନରେ ଶିଶୁଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଉଥିବା ସମ୍ପର୍କରେ ସୂଚନା ମିଳିଲେ ଶ୍ରମବିଭାଗର ଅଧିକାରୀ ଏବଂ ଜିଲ୍ଲାଶିଶୁ ସୁରକ୍ଷା ବିଭାଗର ଅଧିକାରୀ ମାନେ ତତ୍‌କ୍ଷଣାତ୍ ସେଠାରେ ପହଂଚି କାର୍ଯ୍ୟନୁଷ୍ଠାନ ଗ୍ରହଣ କରୁଛନ୍ତି ବୋଲି ଜିଲ୍ଲାପାଳ କହିଥିଲେ। ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ସୁଜାତା ନାୟକ ଏଥିରେ ଅଧ୍ୟକ୍ଷତା କରିବା ସହ କାର୍ଯ୍ୟକ୍ରମ ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚାନ ଦେଇଥିଲେ। ଏଡିଏମ୍ ତପନ କୁମାର ଖୁଣ୍ଟିଆ ଶିଶୁ ଶ୍ରମିକ ମାନଙ୍କୁ କିପରି ମୁଖ୍ୟ ସ୍ରୋତରେ ସାମିଲ୍ କରାଯାଇପାରିବ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଆଡିସନାଲ ଏସ.ପି. ନିରଞ୍ଜନ ବେହେରା, ୟୁନିସେଫ୍‌ର ଅଧିକାରୀ ନେହା ସିଂ ଶିଶୁଶ୍ରମିକଙ୍କ ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ଆଇନ୍ ବିଷୟରେ ଆଲୋଚନା କରିଥିଲେ। ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅନ୍ୟତମ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଜିଲ୍ଲାଶ୍ରମ ଅଧିକାରୀ ସଞ୍ଜୟ କେଶରୀ ପ୍ରଧାନ, ଜିଲ୍ଲାସମାଜ ମଙ୍ଗଳ ଅଧିକାରିଣୀ ଜ୍ୟୋତ୍ସ୍ନା ମହାନ୍ତି, ଶିଶୁମଙ୍ଗଳ କମିଟିର ଅଧ୍ୟକ୍ଷା ସ୍ନିଗ୍ଧା ଦାସ, ଶିଶୁ ସୁରକ୍ଷା ଅଧିକାରୀ ଖୁସିରାମ ଗୋହିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଶିଶୁ ଶ୍ରମିକ ନିରାକରଣ ଏବଂ ସଚେତନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

## ଜିଏମ୍ ଓ ଡିଆରଏମ୍‌ଙ୍କ ଜଳେଶ୍ୱର ରେଳ ଷ୍ଟେସନ ପରିଦର୍ଶନ

ଜଳେଶ୍ୱର, ୨୪।୬ (ସମିସ): ଜଳେଶ୍ୱର ରେଳ ଷ୍ଟେସନ ପରିସରରେ ନିର୍ମାଣାଧିନ କାର୍ଯ୍ୟର ତଦାରଖ କଲେ ଦକ୍ଷିଣ-ପୂର୍ବ ରେଳ ଡିଭିଜନର ଜେନେରାଲ ମ୍ୟାନେଜର



ଅନୀଲ କୁମାର ଜୈନ ଓ ଡିଆରଏମ ମୋହନ ପାଣ୍ଡେ। ଦୀର୍ଘଦିନ ଧରି ଜଳେଶ୍ୱର ରେଳ ଷ୍ଟେସନର ନୂତନ ଷ୍ଟେସନ ଗୃହ ନିର୍ମାଣ ସହିତ, ଫୁଟଓଭର ବ୍ରିଜ, ସୌଚାଳୟ, ବୁକିଂ କାଉଣ୍ଟର, ଟ୍ରେନ ଇଣ୍ଡିକେଟର, ବଗି ଇଣ୍ଡିକେଟର ସହିତ ମୁଖ୍ୟ ଫାଟକ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହି କାର୍ଯ୍ୟର ଅନୁଧ୍ୟାନ କରିବା ପାଇଁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କ ସହିତ ଆଜି ଅପରାହ୍ନରେ ଡିଆରଏମ ଓ ଜିଏମ ଷ୍ଟେସନର କାର୍ଯ୍ୟ ପରିଦର୍ଶନ କରିଛନ୍ତି। ଏହି ଅବସରରେ ଜଳେଶ୍ୱରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହି ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଜଳେଶ୍ୱର ରେଳ ଷ୍ଟେସନ ଦୀର୍ଘଦିନ ଧରି ଅବହେଳିତ ଅବସ୍ଥାରେ ପଡିରହିଛି। ଅଧିକାରୀମାନେ ବାରଂବାର ପରିଦର୍ଶନରେ ଆସୁଥିଲେ ମଧ୍ୟ କାର୍ଯ୍ୟର କୌଣସୀ ପରିବର୍ତ୍ତନ ହେଉନାହିଁ। ବରଂ ବହୁ ନିମ୍ନମାନର କାର୍ଯ୍ୟ ହେଉଛି ଯାହା ଫଳରେ ବାରଂବାର ଭାଙ୍ଗିବା ଗଢିବାରେ ସମୟ ବିତୁଥିବାର ଦେଖିବାକୁ ମିଳୁଛି। ରେଳ ଅଧିକାରୀ ମାନେ ଯେତେବେଳେ ପରିଦର୍ଶନରେ ଆସୁଛନ୍ତି ଜଳେଶ୍ୱର ବୁଦ୍ଧିଜୀବୀ ବା ବିଭିନ୍ନ ସଂଗଠନର କର୍ମକର୍ତାଙ୍କୁ ପୂର୍ବରୁ ସୂଚନା ମିଳୁ ନଥିବାରୁ ରେଳ ଅଧିକାରୀ ମାନଙ୍କ ସହିତ ଜଳେଶ୍ୱର ରେଳ ଷ୍ଟେସନର ଅସୁବିଧା ବିଷୟରେ ଅବଗତ କରାଯାଇ ପାରୁନାହିଁ। ସେଥିପାଇଁ ଜଳେଶ୍ୱରବାସୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

### ସହଦେବଖୁଣ୍ଟା ପୁଲିସ ହାତରେ ଡକାୟତ ଗ୍ୟାଙ୍ଗ

## ବନ୍ଧୁକ ସହ ମାରଣାସ୍ତ୍ର ଜବତ, ୬ ଗିରଫ

ବାଲେଶ୍ୱର,୨୪।୬(ସମିସ): ସହଦେବଖୁଂଟା ପୁଲିସ ଏକ ଡକାୟତ ଗ୍ୟାଙ୍ଗକୁ ଗିରଫ କରିବାରେ ସଫଳ ହୋଇଛି। ଆଜି ଭୋର ସମୟରେ ପୁଲିସ ମାଲଗୋଦାମ ପଛପଟରେ ଚଢ଼ଉ କରି ଗ୍ୟାଙ୍ଗର ୬ଜଣକୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟିଏ ବନ୍ଧୁକ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି। ଏନେଇ ୨୮୪/୨୬ନମ୍ବରରେ ଏକ ମାମଲା ରୁଜୁ କରି ଗିରଫ ଡକାୟତକୁ କୋର୍ଟ ଚାଲାଣ କରିଛି ବୋଲି ଆଜି ସହଦେବଖୁଂଟା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଏସପି ଦିବ୍ୟଜ୍ୟୋତି ଦାଶ ସୂଚନା ଦେଇଛନ୍ତି। ଗିରଫ ଡକାୟତମାନେ ହେଲେ,ଶିଳ୍ପାଂଚଳ ଥାନା ଅର୍ନ୍ତଗତ ଗଣେଶ୍ୱରପୁର ଅଂଚଳର ସୁରଜ କୁମାର ମହାନ୍ତି(୨୯),ସଦର ଥାନା ଅର୍ନ୍ତଗତ କୁଢ଼ିଆ ଅଞ୍ଚଳର ପ୍ରତିକ ନାଏକ(୨୩), ସୋର ଥାନା ଅର୍ନ୍ତଗତ ଚମ୍ପୁଆ ଅଂଚଳର ଦିବ୍ୟରଞ୍ଜନ ସ୍ୱାଇଁ(୨୪), ଟାଉନଥାନା ଅର୍ନ୍ତଗତ ଗୋପାଳଗାଁ ଅଞ୍ଚଳର ଦୀପେଶ କୁମାର ଜେନା(୩୯), ସହଦେବଖୁଂଟା ଥାନା ଅର୍ନ୍ତଗତ ଅରଡବଜାର ଅଂଚଳର ସେକ କୁର୍ବାନ(୩୭) ଏବଂ ଅନ୍ୟଜଣେ ନାବାଳକକୁ ଗିରଫ କରାଯାଇଛି। ସହଦେବଖୁଂଟା ପୁଲିସ ଆଜି ଭୋର



ସମୟରେ ସହଦେବଖୁଂଟା ଅଂଚଳ ହରିପୁର ଛକଠାରେ ପାଟ୍ରୋଲିଂ କରୁଥିଲା। ପାଖାପାଖି ୨ଟା ସମୟରେ ସେମାନେ ଗୋଟିଏ ଫୋନ ପାଇଥିଲେ ଯେ ଓଭରବ୍ରିଜ ନିକଟ ମାଲଗୋଦାମ ଠାରେ ଥିବା ଏକ ନିଛାଟିଆ ସ୍ଥାନରେ ୫ରୁ୬ଜଣ ଅସାମାଜିକ ଯୁବକ ଏକଜୁଟ ହୋଇଛନ୍ତି। ଏବଂ ବଳମ୍ବିତ ରାତିରେ ଟ୍ରେନରୁ ଓହ୍ଲାଇ ବସଷ୍ଟାଣ୍ଡ ନିକଟକୁ ଆସୁଥିବା ଯାତ୍ରୀଙ୍କ ଠାରୁ ଲୁଟ କରିବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ଖବର ପାଇ ସେମାନେ ତୁରନ୍ତ ସିଟି ଡିଏସପିଙ୍କୁ ଖବର ଦେଇ ଘଟଣା ସ୍ଥଳକୁ ଯାଇଥିଲେ। ପୁଲିସ ସେଠାରେ ପହଁଚିବା ପରେ ଅସାମାଜିକ ଯୁବକଙ୍କ ମଧ୍ୟରୁ ଜଣେ ଟର୍ଚ୍ଚ ପକାଇବାରୁ ପୁଲିସ ଆସୁଥିବା ଜାଣି ସେଠାରୁ ଫେରାର ହେବାକୁ ଚେଷ୍ଟା କରୁଥିଲେ। ହେଲେ ପୁଲିସ ସେମାନଙ୍କୁ ଗୋଡାଇ ଗୋଡାଇ ୬ଜଣ ଡକାୟତକୁ ଧରିବାରେ ସକ୍ଷମ ହୋଇଥିଲା। ସେମାନଙ୍କୁ ଧରିବା ପରେ ତାଙ୍କ ଠାରୁ ଗୋଟିଏ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ଦୁଇଟି ମୋବାଇଲ, ଗୋଟିଏ ବାଇକ, ଗୋଟିଏ ତେଲେଙ୍ଗା କଟୁରୀ, ଦୁଇଟି ଖଣ୍ଡା, ଗୋଟିଏ କାଠ ବେଂଟ, ଦୁଇଟି ହାତ ତିଆରି ବୋମା, ଗୋଟିଏ ସ୍କୁଟି ଆଦି ଜବତ କରିଥିଲେ। ଗିରଫ ହୋଇ ଥିବା ଡକାୟତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଅପରାଧିକ ମାମଲା ରହିଛି ବୋଲି କୁହାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସହଦେବଖୁଂଟା ଥାନା ଅଧିକାରୀ ଆଲୋକ ବେହେରା,ସବ ଇନସପେକ୍ଟର ଅଭିଷେକ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ମହରମ ଉପଲକ୍ଷେ ଶାନ୍ତି କମିଟି ବୈଠକ



ଜଳେଶ୍ୱର, ୨୪।୬ (ସମିସ): ଆସନ୍ତା ୨୬ତାରିଖରେ ପାଳିତ ହେବାକୁ ଯାଉଥିବା ମହରମ ପର୍ବକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରିବା ପାଇଁ ଜଳେଶ୍ୱର ପୁଲିସ ପ୍ରଶାସନ ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷରେ ଏକ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜଳେଶ୍ୱର ଆଇଆଇସି ଅଶୋକ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଶାନ୍ତି କମିଟି ବୈଠକରେ ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତି, ଏସ୍.ଡି.ପି.ଓ ସୁରେଶ ତ୍ରିପାଠୀ, ପୌର କାର୍ଯ୍ୟନିବାହୀ ଅଧିକାରୀ ହେମନ୍ତ କୁମାର ସିଂ, ଏବିଡିଓ ସୁଧିର ସାହୁ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିବା ବେଳେ ଟାଟା ପାୱାର ବିଦ୍ୟୁତ୍ ବିଭାଗର ଏସ୍.ଡି.ଓ ବିଦ୍ୟାଧର ପଣ୍ଡା, କନିଷ୍ଠ ଯନ୍ତ୍ରୀ ତୁଷାରକାନ୍ତି ସାହୁ, ଅଗ୍ନିଶମ ବିଭାଗର ଖେଲରାମ ମାରାଣ୍ଡି, ବାର ଆସୋସିଏସନର ସଭାପତି କୁଂଜ ବିହାରୀ ଦାସ, କାଉନସିଲର ଗୋବିନ୍ଦ ସାହୁ, କଂଗ୍ରେସ ବ୍ଲକ ସଭାପତି ହେମନ୍ତ ଗିରି, ବରିଷ୍ଠ ଆଇନଜୀବୀ ସତ୍ୟସୁନ୍ଦର ଦାସ, ଫରୀଦ ଅହମ୍ମଦ, ଜଳେଶ୍ୱର ବଣିକ ସଂଘର ସଭାପତି ସୁଧୀର ମହାନ୍ତି, କମଳ ଚକ୍ରବର୍ତ୍ତୀ, ଅବଦୁଲ ରହିମ, ଦେବକାନ୍ତ କାନ୍ତ ପ୍ରମୁଖ ଯୋଗଦେଇ ଆଲୋଚନା କରିଥିଲେ। ଜଳେଶ୍ୱର ପୌରାଂଚଳରେ ଥିବା ୪ଗୋଟି ମହରମ କମିଟିର ସଭାପତି ଓ ସଦସ୍ୟମାନଙ୍କ ସହିତ ୧ନଂ ତାଜିଆ ଖଲିଫା ସେକ ସମୀର, ୨ନଂ ତାଜିଆର ଖଲିଫା ସେକ ଆଝାରୁଦ୍ଦିନ, ୩ନଂ ତାଜିଆର ଖଲିଫା ସେକ ଅଫସର ଅଲ୍ଲୀ, ୪ନଂ ତାଜିଆର ଖଲିଫା ମମତାଜ ଖାନ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ତେବେ ଚଳିତ ବର୍ଷ ମହରମ ପର୍ବ ଅବସରରେ ବାହାରୁଥିବା ତାଜିଆ ଶୋଭାଯାତ୍ରା ବିନା ଅସ୍ତ୍ରଶସ୍ତ୍ର ପ୍ରଦର୍ଶନରେ ଶାନ୍ତିପୂର୍ଣ୍ଣ ଭାବରେ ପାଳନ କରିବାକୁ ପୋଲିସ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ଡିଜେ ସାଉଣ୍ଡ ଉପରେ ମଧ କଟକଣା ଲାଗୁ କରାଯାଇଛି। ତାଜିଆ ପ୍ରଦର୍ଶନ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ସନ୍ଧ୍ୟା ୬ଟାରେ ନିଜନିଜ ବସ୍ତିରୁ ବାହାରି ଥାନା ସମ୍ମୁଖରେ ୧୦ଟା ସୁଦ୍ଧା ପହଂଚିବେ। ଆଇନ ଶୃଙ୍ଖଳା ବଜାୟ ରଖିବା ସହିତ ଶାନ୍ତି ଶୃଙ୍ଖଳାର ସହିତ ଏହି ପର୍ବ ପାଳନ ପାଇଁ ଉଭୟ ହିନ୍ଦୁ ମୁସଲିମ ସମ୍ପ୍ରଦାୟର ଲୋକମାନଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା।

## ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସୋର, ୨୪।୬ (ସମିସ): ସୋର ଥାନା ବାଗୁଡି ବଜାରରେ ଥିବା ଏକ ତେଜରାତି ଦୋକାନରୁ ବ୍ୟବସାୟୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମହୁମୁହାଣ ପଞ୍ଚାୟତ ଆଙ୍ଗୁଳା ଗ୍ରାମର ଚିତ୍ତରଞ୍ଜନ ଜେନା (୬୬) ବାଗୁଡି ବଜାରରେ ଏକ ତେଜରାତି ଦୋକାନ କରିଛନ୍ତି। ସେ ଆଜି ମଧ୍ୟାହ୍ନରେ ଘରକୁ ଖାଇବାକୁ ଯାଇଥିବା ବେଳେ ଖାଇ ସାରି ତୁରନ୍ତ ଘରୁ ଫେରିଆସିଥିଲେ। ତାଙ୍କ ସ୍ତ୍ରୀ ତାଙ୍କୁ ଘରେ ନପାଇ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଦୋକାନକୁ ଆସିଥିଲେ। ଦୋକାନ ସଟର ଖୋଲିବା ପରେ ଚିତ୍ତରଞ୍ଜନ ଦୋକାନରେ ଲାଗିଥିବା ଫ୍ୟାନରେ ବେକରେ ରଶି ଲଗାଇ ଝୁଲିଥିବା ଦେଖି ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହରୁ ଚିତ୍ତରଞ୍ଜନ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି।

## କର୍ମଚାରୀଙ୍କୁ ଥାନା ଆଇଆଇସିଙ୍କ ଦୁର୍ବ୍ୟବହାର ଅଭିଯୋଗ

ନୀଳଗିରି, ୨୪।୬ (ସମିସ): ଥାନା କର୍ମଚାରୀଙ୍କୁ ଆଇଆଇସିଙ୍କ ଦୁର୍ବ୍ୟବହାର ଅଭିଯୋଗ ହୋଇଛି। ଏଭଳି ଏକ ଘଟଣା ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅଧିନ ବରହମପୁର ଥାନାରେ ଘଟିଛି। ବରହମପୁର ଥାନାର ଏସ.ଆଇ ମନୋରଞ୍ଜନ ପୁହାଣ କାର୍ଯ୍ୟ ସୁଚାର ରୁପେ କରି ଆସୁଥିବା ବେଳେ ଗତ କିଛି ଦିନ ହେବ ସେଇ ବରହମପୁର ଥାନାର ଆଇଆଇସି ପ୍ରେମଦା ନାୟକ ଏସ.ଆଇ ମନୋରଞ୍ଜନ ପୁହାଣଙ୍କୁ ଦୁର୍ବ୍ୟବହାର କରିବା ମାନସିକ ନିର୍ଯ୍ୟାତନା ଦେଉଥିଲେ। ଏହା ସହ ତାଙ୍କୁ ଦିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ କେସ ଗୁଡିକର ତଦନ୍ତ ପାଇଁ ଥାନା ଆଇଆଇସି ସରକାରୀ ଗାଡି ଦେଉନଥିବା, କୈଣସି ସହଯୋଗ ନକରିବା ଆଦି ବିଷୟକୁ ଅତିଷ୍ଠ ହୋଇ ଚାପଗ୍ରସ୍ତ ହୋଇ ପଡିଥିଲେ। ଚାପଗ୍ରସ୍ତକୁ ନେଇ ଦେହ ଅସୁସ୍ଥ ହେବାରୁ ଡାକ୍ତରଙ୍କୁ ଦେଖାଇ ଥିବା ବେଳେ ଡାକ୍ତର ରେଷ୍ଟ ନେବାକୁ ପରାମର୍ଶ ଦେଇଥିଲେ। ଦୁର୍ବ୍ୟବହାର ଘଟଣା ଦିନକୁ ଦିନ ବଢିବାରୁ ଶେଷରେ ଏସ.ଆଇ ମନୋରଞ୍ଜନ ପୁହାଣ ଆଇଆଇସି ପ୍ରେମଦା ନାୟକଙ୍କ ନାମରେ ବାଲେଶ୍ୱର ଅତିରିକ୍ତ ଏସପି ପ୍ରମୋଦ ମଲିକଙ୍କ ନିକଟରେ ଅଭିଯୋଗ କରି ନିଜର ଅସୁସ୍ଥତାକୁ ନେଇ ଛୁଟି ନେଇଯାଇଛନ୍ତି। ବୁଧବାର ଏ ବାବଦରେ ବାଲେଶ୍ୱର ଅତିରିକ୍ତ ଏସପି ପ୍ରମୋଦ ମଲିକଙ୍କ ମତାମତ ନେବାରୁ ସେ ଏସ.ଆଇ ଦୁର୍ବ୍ୟବହାର ନେଇ ଅଭିଯୋଗ କରିବା ବିଷୟ ମାନିଥିଲା ବେଳେ ଏସ.ଆଇ କାମ ଚାପରୁ ଛୁଟି ନେଇଛନ୍ତି ଓ ଆଇଆଇସି ସହଯୋଗ ନ କରିବା ଏବଂ ତଦନ୍ତ ରେ ସରକାରୀ ଥାନା ଗାଡିକୁ ନଦେବା ସହ ଅନ୍ୟ ବିଷୟକୁ ଖଣ୍ଡନ କରିଥିଲେ। ଏ ବାବଦରେ ଥାନା ଆଇଆଇସି ପ୍ରେମଦା ନାୟକଙ୍କୁ ପଚାରିବାରୁ ସେ ଏହି ବିଷୟକୁ ଖଣ୍ଡନ କରିଥିଲେ। ଅନ୍ୟ ପକ୍ଷରେ ସେଇ ଥାନାରେ ଆଉ କିଛି କର୍ମଚାରୀ ନିଜର ନାମ ଗୋପନ ରଖିଥିବା ବେଳେ ଆଇଆଇସିଙ୍କ ଦୁର୍ବ୍ୟବହାର ଘଟଣା ସତ୍ୟତା ରହିଛି ଏବଂ ସେମାନଙ୍କୁ ମଧ ଆଇଆଇସି ବାରମ୍ବାର ଦୁର୍ବ୍ୟବହାର କରୁଛନ୍ତି ବୋଲି କହିଥିଲେ।

## ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ, ବାଲେଶ୍ୱର ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଅନ୍ଧାର

ବାଲେଶ୍ୱର,୨୪।୬ (ସମିସ): ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ପରେ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଅନ୍ଧକାର। ମଙ୍ଗଳବାର ସକାଳ ଠାରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ



ବାଲେଶ୍ୱର ବସ୍ ଷ୍ଟାଣ୍ଡରେ ବିଦ୍ୟୁତ୍ ବିଚ୍ଛିନ୍ନ ପରେ ହଟହଟା ହେଉଛନ୍ତି ଶହ ଶହ ଯାତ୍ରୀ। ଓଡ଼ିଶା ରାଜ୍ୟ ପରିବହନ ନିଗମ ପକ୍ଷରୁ ବିଦ୍ୟୁତ୍ ବିଲ୍ ପୈଠ କରା ନ ଯିବାରୁ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଥିବା ବାଲେଶ୍ୱର ମୋଟର ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ମୁନସୀ ଅବଦୁଲ ମହେରାଜ ଅଲ୍ଲୀ ଅଭିଯୋଗ କରିଛନ୍ତି। ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିବାରୁ ବସ୍ ଷ୍ଟାଣ୍ଡ ସମ୍ପୂର୍ଣ୍ଣ ଅନ୍ଧାର ଥିବା ବେଳେ ପାଇପ୍ ରେ ପାଣି ଆସୁନାହିଁ ଫଳରେ ଯାତ୍ରୀ ପିଇବା ପାଣି ପାଇଁ ଡହଳବିକଳ ହେଉଥିବା ଅଭିଯୋଗ ହୋଇଛି। ପାଣି ମୋଟର ଚାଲୁ ପାରି ନ ଥିବାରୁ ଶୌଚାଳୟ ଗୁଡ଼ିକରେ ତାଲା ଝୁଲୁଛି। ତେବେ ସମ୍ପୂର୍ଣ୍ଣ ଅନ୍ଧାର ସହ ଝିପି ଝିପି ବର୍ଷା ରାତିରେ ମହିଳା ଯାତ୍ରୀ ମାନେ ଅସୁରକ୍ଷିତ ମନେ କରୁଥିବା କହିଛନ୍ତି। ଖବର ପାଇ ମୋଟର ଆସୋସିଏସନ୍‌ର ବରିଷ୍ଠ ସଦସ୍ୟ ଶ୍ରୀ ମାହେରାଜ ରାତିରେ ବସ୍ ଷ୍ଟାଣ୍ଡ ପହଞ୍ଚି ଯାତ୍ରୀମାନଙ୍କ ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଥିଲେ। ତେବେ ଯାହା ହେଉନା କାହିଁକି ଉତ୍ତର ଓଡ଼ିଶାର ଅନ୍ୟତମ ସୁନାମ ବସ୍ ଷ୍ଟାଣ୍ଡ ବାଲେଶ୍ୱରର 'ଆମ ବସ୍‌ଷ୍ଟାଣ୍ଡ' ସମ୍ପୂର୍ଣ୍ଣ ଅନ୍ଧାର ରହିବା ସରକାର ଏବଂ ପ୍ରଶାସନର ଅପାରଗତାକୁ ପଦାରେ ପକାଇଛି ବୋଲି ସାଧାରଣ ରେ ଚର୍ଚ୍ଚା ହେଉଛି।

## ମା' ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠା

ବାଲେଶ୍ୱର,୨୪।୬ (ସମିସ): ସଦର ବ୍ଲକ ଅନ୍ତର୍ଗତ ରସାଳପୁର ଗ୍ରାମପଞ୍ଚାୟତର ନଦୀଗାଁ ଗ୍ରାମର ମା' ସର୍ବ ମଙ୍ଗଳାଙ୍କର ଏକ ନୂତନ ମନ୍ଦିର ନିର୍ମାଣ କରାଯାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ ପାଳନ କରାଯାଇଛି। ଉକ୍ତ ଉତ୍ସବକୁ କମିଟିର ସଭାପତି ରଘୁନାଥ ନାୟକ୍, ସମ୍ପାଦକ ସଦାଶିବ ନାୟକ, ଦାଶରଥି ଦାସ, ଏବଂ କମିଟି ର ଉପଦେଷ୍ଟା ବେଣୁଧର ସେଠୀ, ଅଭିରାମ ସେଠୀ ଉତ୍ସବ ପରିଚାଳନା ରେ ସୋହଯୋଗ କରିଥିଲେ। ପ୍ରତିଷ୍ଠାର କର୍ତ୍ତା ଭାବେ ଶଙ୍କର୍ଷଣ ନାୟକ ଏବଂ ତାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ନାୟକ ଘଟ ଉତ୍ତୋଳନ କରି ପୂଜା କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିଲେ।

# 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଖଇରା,୨୪।୬ (ସମିସ)

ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉତ୍ସବ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଖଇରା ବ୍ଲକରେ ଜାରି ରହିଛି। ବୁଧବାର ତୃତୀୟ ଦିବସରେ ଓଡିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗରୁ ଆସିଥିବା ଅଧିକାରୀ ମାନେ ବିଭିନ୍ନ ଶିଳ୍ପ ଓ ଉଦ୍ୟୋଗ ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବାର ମନ୍ତ୍ର ପ୍ରଦାନ କରିଥିଲେ। ବିଧାୟକ ପଦ୍ମଲୋଚନ ପଣ୍ଡା, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ,ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ସଭ୍ୟ ମାନସ ଦାଶ, ସ୍ଥାନୀୟ ସରପଞ୍ଚ ମାଳତୀ ସେଠୀ, ସମିତିସଭ୍ୟା ନର୍ମଦା ଦେଓ ପ୍ରମୁଖ ଉପସ୍ଥିତ ମହିଳା ଗୋଷ୍ଠୀଙ୍କୁ ଆତ୍ମରୋଜଗାରକ୍ଷମ ହେବାକୁ ପରାମର୍ଶ ଦେଇଥିଲେ। ଜିଲା ଶିଳ୍ପ କେନ୍ଦ୍ର ର ସାଧାରଣ ପରିଚାଳକ ଏବଂ ଅବରପ୍ରାପ୍ତ ସହକାରୀ ପରିଚାଳକ ରତିରଞ୍ଜନ ପାଣିଗ୍ରାହୀ, କନିଷ୍ଠ ନିଯୁକ୍ତି ଅଧିକାରୀ ସୌରଭ ରାଉତ, ସହକାରୀ ଶିଳ୍ପ ଅଧିକାରୀ ସତ୍ୟବ୍ରତ ନାୟକ, ୟୁକୋ ବ୍ୟାଙ୍କ ଖଇରା ଶାଖା ପରିଚାଳକ ପ୍ରକାଶ ଚନ୍ଦ୍ର ସାହୁ, ବିଏଫଓ ରୁଦ୍ରମାଧବ ବେହେରା ଯୋଗ ଦେଇ ବିଭିନ୍ନ ଶିଳ୍ପ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ରିହାତି, ବ୍ୟାଙ୍କରଣ ଉପରେ ଆଲୋକପାତ କରିଥିଲେ।

ଜଳେଶ୍ୱର : ଜଳେଶ୍ୱର ମ୍ୟୁନିସିପାଲିଟି ପରିସରରେ ତଥା ସ୍ଥାନୀୟ ୬ନଂ ୱାର୍ଡ ବାସନ୍ତୀ ପଡିଆ ଓ ଷ୍ଟେସନ ବଜାର ବସ ଷ୍ଟାଣ୍ଡ ନିକଟରେ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଜଳେଶ୍ୱର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ କୁମାର ସିଂ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ ଯୋଗଦେଇ ସରକାରର ଦୁଇ ବର୍ଷ ପୂର୍ତି ଅବସରରେ ଦୁଇ ବର୍ଷରେ ସରକାରଙ୍କ ଜନହିତକର ପକଳ୍ପ ବିଷୟରେ ସୂଚନା ପ୍ରଦାନ ଦେଇଥିଲେ। ପୌରାଂଚଳର ନାଗରୀକ ମାନଙ୍କ ଜୀବନରେ ମର୍ଯ୍ୟାଦା, ସୁଯୋଗ ଓ ଗୁଣବର୍ତାର ବିକାଶ ଲାଗି ସରକାର ମୁଖ୍ୟତଃ ଜନଧନ ଯୋଜନା, ଡିବିଟି, ସ୍ୱଚ୍ଛ ଭାରତ ଅଭିଯାନ, ପି.ଏମ ଆବାସ ଯୋଜନା, ଆୟୁଷ୍ମାନ ଭାରତ, ପି.ଏମ୍ କିଶାନ ଓ ସି.ଏମ୍ କିଶାନ ଭଳି ପ୍ରମୁଖ ଯୋଜନା ଉପରେ ଗୁରୁତ୍ୱ ଦେଇଛନ୍ତି।

ରାଜଘାଟ: ବସ୍ତା ବ୍ଲକ୍ ଅର୍ନ୍ତଗତ ସନ୍ତୋଷପୁର ପଞ୍ଚାୟତ ବେଣାପୁରା ମଧୁସୂଦନ କଲ୍ୟାଣ ମଣ୍ଡପରେ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାହୀ ଅଧିକାରୀ ସଂଗ୍ରାମ ଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ ମହାପାତ୍ର, ସ୍ଥାନୀୟ ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷକ ଅଜୟ କୁମାର ଦାସ,ଏଡିଇଓ ରଘୁନାଥ ସାହୁ,ଜିଆର୍ ଏସ୍ ସ୍ୱପ୍ନେଶ୍?ର ଜେନା,ସମାଜସେବୀ ଅନିଲ୍ କୁମାର ସାହୁ,ସନ୍ତୋଷ କୁମାର ଦାସ ମହାପାତ୍ର, ରାଧାକୃଷ୍ଣ ମାଝୀ, ଅଙ୍ଗନବାଡି ସଙ୍ଘର ନେତ୍ରୀ ଗୀତାରାଣୀ ପଣ୍ଡା ଓ ଏମ୍ବିକେ ଚିତ୍ରରେଖା ପାତ୍ର ପ୍ରମୁଖ ଯୋଗଦେଇ ଥିଲେ। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଏନ୍‌ଏମ୍ ରଶ୍ମିତା ଜେନା,ସ୍ୱାସ୍ଥ୍ୟକର୍ମୀ ଚନ୍ଦନ କୁମାର ଦାସ,ସମସ୍ତ ଆଶା କର୍ମୀ ପ୍ରମୁଖ ଉପସ୍ଥିତ ରହି ୩୫ ଜଣଙ୍କ ମ୍ୟାଲେରିଆ,ରକ୍ତହୀନତା ଓ ଏନସିଡ଼ି ଆଦିର ପରୀକ୍ଷା,୪ ଜଣ ଙ୍କୁ ବୟୋବନ୍ଦନା କାର୍ଡ,୧୩ ଜଣ ଙ୍କୁ ଆୟୁଷ୍ମାନ କାର୍ଡ, ସୁଭଦ୍ରା ଶକ୍ତି ଅଧିନରେ ୩୫ ଜଣଙ୍କୁ ଲକ୍ଷପତି ଦିଦି, ଅନ୍ତୋଦୟ ଗୃହ ଯୋଜନାରେ ୨ କାର୍ଯ୍ୟାଦେଶ ଓ ଜଣଙ୍କୁ ବୋନସ୍ ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ୨ ଜଣଙ୍କୁ କାଡ୍‌ର୍ ପ୍ରଦାନ କରାଯାଇଥିଲା।

ଚନ୍ଦନେଶ୍ୱର : ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଭୋଗରାଇ ବ୍ଲକ ଅଧୀନ ଶ୍ରଦ୍ଧାପୁର ପଞ୍ଚାୟତରେ ଏକ ପଞ୍ଚାୟତ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସରପଞ୍ଚ ପ୍ରତ୍ୟାଶା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏବଂ ସ୍ଥାନୀୟ ଲୋକଙ୍କ ଉତ୍ସାହପୂର୍ଣ୍ଣ ଯୋଗଦାନ ଦେଖିବାକୁ ମିଳିଥିଲା। ସଭାରେ ସଦସ୍ୟା ଦୁର୍ଗାମାଣୀ ମଣ୍ଡଳ, ସରପଞ୍ଚ ପ୍ରତିନିଧି ଚନ୍ଦନ କୁମାର ପାତ୍ର (ଟିଙ୍କୁ), ସଦସ୍ୟା ପ୍ରତିନିଧି ଗୌରହରି ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ଅମରେଶ ଦାସ, କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଜଲ ବାସ୍କେ, ଜିଆରଏସ କମଳ ଲୋଚନ ବେହେରା, ଆୟୁଷ ଡାକ୍ତର ଅନାଦି ଚରଣ ପାତ୍ର, ଏଏନଏମ ଛବିରାଣୀ ଗିରି, ଏମ୍‌ବିକେ ବିନୋଦିନୀ ପ୍ରଧାନ ଏବଂ ଅଙ୍ଗନୱାଡ଼ି କର୍ମୀ ସବିତା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଦେଶବାସୀ ଦୁର୍ନୀତି ବିରୋଧୀ ସଂଗ୍ରାମରେ ହତୋତ୍ସାହିତ ହେବା ଅନୁଚିତ।
- ଆନ୍ନା ହଜାରେ

## ଅସ୍ମିତା-ଷଡ଼୍‌ଯନ୍ତ୍ର

ଓଡ଼ିଆ ଅସ୍ମିତାର ନାରା ଦେଇ ଓଡ଼ିଶାରେ ଶାସନ କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାରଙ୍କୁ ଦୁଇବର୍ଷ ପୂରିଛି। ବର୍ଷପୂର୍ତ୍ତି ଉତ୍ସବରେ ସରକାର ନିଜ ପିଠି ନିଜେ ଥାପୁଡ଼ାଇବାରେ ଅବହେଳା କରିନାହାନ୍ତି। କିନ୍ତୁ ଇତିମଧ୍ୟରେ ଓଡ଼ିଶାର ବାସ୍ତବଚିତ୍ର ହାଟରେ ପଡ଼ି ଦାଣ୍ଡରେ ଗଡ଼ୁଛି ଏବଂ ଓଡ଼ିଆ ଅସ୍ମିତା କେତେ ଉପରକୁ ଉଠିଛି କି ଭୂଲୁଣ୍ଠିତ ହୋଇଛି ତାହାର ରିପୋର୍ଟ କାର୍ଡ ଜନସାଧାରଣଙ୍କ ଆଗରେ ଝଲସୁଛି। ଓଡ଼ିଆ ଅସ୍ମିତାର ପ୍ରାଣକେନ୍ଦ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ଉଦ୍ୟମ କେନ୍ଦ୍ର ସଂଗୀତ ନାଟକ ଏକାଡେମିର ଇନଭେଣ୍ଟରି ଅର୍ଗଳି ଡେଇଁଲାଣି କି ନାହିଁ ତାହା ଅଜଣା। ଓଡ଼ିଶୀ ସଂଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରସଙ୍ଗ ଡବଲ୍ ଇଞ୍ଜିନ ସରକାରର ଓଡ଼ିଆ ଅସ୍ମିତା ତାଲିକାରେ ବୋଧହୁଏ ନାହିଁ। ନୂଆ ବିଷୟକୁ ମାନ୍ୟତା ବା ତାଲିକାଭୁକ୍ତ କରିବା ଦୂରେ ଥାଉ ତାଲିକାଭୁକ୍ତ ବିଷୟକୁ ବାଦ୍ ଦେବାରେ କିନ୍ତୁ ଡବଲ୍ ଇଞ୍ଜିନ ସରକାରଙ୍କ ତୁଳନା ନାହିଁ। ଡବଲ୍ ଇଞ୍ଜିନ୍ ସରକାର ଆସୁଆସୁ ରାଜନୈତିକ ଅସୂୟାଗ୍ରସ୍ତ ହୋଇପଡ଼ି ପ୍ରଥମ ଦଫାରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରୁ ପ୍ରବାଦ ପୁରୁଷ ବିଶ୍ୱବନ୍ଦ୍ୟ ବିଜୁ ବାବୁଙ୍କ ନାମକୁ ବାଦ୍ ଦେବାର ଉଦ୍ୟମ ଆରମ୍ଭ କରିଥିଲେ। ଏବେ ସେ ସବୁକୁ ବଳିଯାଇଛି ସରକାରୀ ପାଠ୍ୟପୁସ୍ତକରେ ଓଡ଼ିଶାର ସାହିତ୍ୟିକ, ସଂଗୀତଜ୍ଞଙ୍କୁ ବାଦ୍ ଦେବାର ଅକ୍ଷମଣୀୟ ତ୍ରୁଟି।

ଏବେ ଯେଉଁ ତ୍ରୁଟି(ବରଂ ଉଦ୍ଦେଶ୍ୟମୂଳକ ଷଡ଼୍‌ଯନ୍ତ୍ର କହିଲେ ଠିକ୍ ହେବ) ଟି ସାମ୍ନାକୁ ଆସିଛି ତାହା ଓଡ଼ିଆ ଜାତି, ଓଡ଼ିଆ ଭାଷା ସାହିତ୍ୟ ଓ ଓଡ଼ିଶା ସ୍ୱାଭିମାନ ପ୍ରତି କୁଠାରରଘାତ ଭଳି। ଅଷ୍ଟମ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'କୃତି' ପୁସ୍ତକର ପୃଷ୍ଠା ୯୨ରେ 'ଦେଶଭକ୍ତି ସଂଗୀତ' ଶୀର୍ଷକ ବିଷୟବସ୍ତୁରେ ୫ଟି ଦେଶାତ୍ମବୋଧକ ସଂଗୀତ ସ୍ଥାନ ପାଇଛି। ସେଥିମଧ୍ୟରୁ ଗୋଟିଏ ବଙ୍ଗୀୟ କବି ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ରଚିତ 'ମନସା ସତତଂ ସ୍ମରଣୀୟମ୍' ଥିବା ବେଳେ ଅନ୍ୟ ଚାରୋଟି ଓଡ଼ିଆ କବିତା ରହିଛି। କିନ୍ତୁ ବିଡ଼ମ୍ବନା ହେଲା କେବଳ ବଙ୍କିମଚନ୍ଦ୍ରଙ୍କ ବ୍ୟତୀତ ଅନ୍ୟ ଚାରୋଟି କବିତାର କବି କିଏ ତାହା ଉଲ୍ଲେଖ ନାହିଁ। ପ୍ରାତଃସ୍ମରଣୀୟ ଗୋଦାବରୀଶ ମିଶ୍ରଙ୍କ ରଚିତ କବିତାରେ ଏତେ ବନାନ ଅଶୁଦ୍ଧି ରହିଛି ଯେ ତାହା ଓଡ଼ିଶାର ବରପୁତ୍ରଙ୍କ ପ୍ରତି ଅପମାନ ଭଳି। ସେହିପରି ପୃଷ୍ଠା ୯୪ରେ 'ପ୍ରେରଣା ଓ କଳ୍ପନା' ଶୀର୍ଷକ ବିଷୟରେ ସଙ୍ଗୀତକାର ଭାବରେ କେବଳ ରବୀନ୍ଦ୍ର ଜୈନଙ୍କ ବିଷୟରେ ଗୋଟିଏ ଅନୁଚ୍ଛେଦ ରହିଛି। ଓଡ଼ିଆ ସଙ୍ଗୀତକାରଙ୍କ ବିଷୟରେ ଜାଣିବା ଓଡ଼ିଆ ଛାତ୍ରଛାତ୍ରୀଙ୍କ ଅଧିକାର ବହିର୍ଭୂତ ନା ତାହା ସ୍ଥାନିତ କରିବା ଅପରାଧ ବୋଲି ପୁସ୍ତକ ପ୍ରଣେତାମାନେ ବିଚାର କଲେ? ଏହା ଉଦ୍ଦେଶ୍ୟମୂଳକ ମାନବୀକୃତ ଷଡ଼୍‌ଯନ୍ତ୍ର କି ନୁହେଁ ସୁଧୀ ପାଠକବୃନ୍ଦ ବିଚାର କରିବେ।

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଭିନ୍ନ ବିଷୟର ପାଠ୍ୟପୁସ୍ତକରେ ପ୍ରତିଦିନ ନୂଆ ନୂଆ ତ୍ରୁଟି ସାର୍ବଜନିନ ହେଉଛି। ଏଭଳି ରାଶିରାଶି ତ୍ରୁଟିସମ୍ବଳିତ ପାଠ୍ୟପୁସ୍ତକରୁ ଓଡ଼ିଆ ପିଲାମାନେ କେତେ ଜ୍ଞାନ ଅର୍ଜନ କରିବେ, ଜାତୀୟସ୍ତରରେ କେତେ ପ୍ରତିଯୋଗୀକ୍ଷମ ହୋଇପାରିବେ ତାହା ଏକ ଗୁରୁତର ପ୍ରସଙ୍ଗ। କିନ୍ତୁ ସବୁଠାରୁ ଉଦ୍‌ବେଗଜନକ ଓ ସ୍ପର୍ଶକାତର ପ୍ରସଙ୍ଗଟି ହେଉଛି ପାଠ୍ୟପୁସ୍ତକ ମାଧ୍ୟମରେ ଓଡ଼ିଆ ଭାଷା ସଂସ୍କୃତିର ଭିତ୍ତିକୁ ଦୋହଲାଇ ଦେବାର ଷଡ଼୍‌ଯନ୍ତ୍ର ଆରମ୍ଭ ହୋଇଛି ଏହି ଅପ୍ରିୟ ସତ୍ୟକୁ ସ୍ୱୀକାର କରିବାକୁ ପଡ଼ିବ। ପାଠ୍ୟପୁସ୍ତକରେ ଓଡ଼ିଆ ଇତିହାସ ଓ ସଂସ୍କୃତିକୁ ବିକୃତ କରିବା କିମ୍ବା ଗୌଣ କରିବାର ଷଡ଼୍‌ଯନ୍ତ୍ର ଆଜିର ନୁହେଁ। ଏହାପୂର୍ବରୁ କେନ୍ଦ୍ର ସରକାରଙ୍କ ଅଧୀନ ଏନ୍‌ସିଇଆରଟି ଅଷ୍ଟମ ଶ୍ରେଣୀ ସାମାଜିକ ବିଜ୍ଞାନ ପୁସ୍ତକର ପ୍ରଥମ ଭାଗରୁ ଓଡ଼ିଶାର ପାଇକ ବିଦ୍ରୋହ ବିଷୟକୁ ବାଦ୍ ଦିଆଯାଇଛି, ଅଥଚ ପଶ୍ଚିମବଙ୍ଗର ସନ୍ନ୍ୟାସୀ ବିଦ୍ରୋହ, ବିହାରର କୋଲ୍ ବିଦ୍ରୋହ ଆଦି ସ୍ଥାନିତ ହୋଇଛି। ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ପ୍ରାୟ ସବୁ ମହଲରୁ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇବା ଏବଂ ପ୍ରତିବାଦର ସ୍ୱର ତୀବ୍ର ହେବା ପରେ ତାହା ଦ୍ୱିତୀୟ ଭାଗରେ ସ୍ଥାନ ପାଇଛି, ଯେଉଁଠାରେ ଦେଶର ବିଭିନ୍ନ ଆଞ୍ଚଳିକ ବିଦ୍ରୋହ ବିଷୟ ସ୍ଥାନିତ ହୋଇଛି। ଅର୍ଥାତ୍ ଯେଉଁ ପାଇକ ବିଦ୍ରୋହ ଦେଶର ପ୍ରଥମ ସଶସ୍ତ୍ର ସଂଗ୍ରାମର ଜାତୀୟ ମାନ୍ୟତା ପାଇବା କଥା ତାହାକୁ 'ଆଞ୍ଚଳିକ' ବର୍ଗରେ ସୀମିତ କରି ଜାତୀୟ ମାନ୍ୟତା ପ୍ରସଙ୍ଗକୁ ସମାଧି ଦିଆଯାଇଛି।

ଓଡ଼ିଆ ଅସ୍ମିତା ପ୍ରତି କୁଠାରଘାତ ଏବଂ ଓଡ଼ିଆ ପ୍ରାଣକୁ କ୍ଷତାକ୍ତ କରିବାର ଆଉ ଦୁଇ/ତିନିଟି ଉଦାହରଣ ନିଆଯାଉ।୧୮୯୯ ମସିହାରେ ମା'ରମାଦେବୀ, ସହିଦ ଲକ୍ଷ୍ମଣ ନାୟକଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜନ୍ମ। ଗତବର୍ଷ ରାଜ୍ୟ ଓ କେନ୍ଦ୍ର ସରକାର ଇନ୍ଦୋରର ପୂର୍ବତନ ମହାରାଣୀ ଅହଲ୍ୟାବାଇ ହୋଲ୍‌କରଙ୍କର ୩୦୦ତମ ଜନ୍ମବାର୍ଷିକୀ ପାଳନ କଲେ। ଅଥଚ ଓଡ଼ିଶାରେ ମହିଳା ସଶକ୍ତୀକରଣର ବାର୍ତ୍ତାବହ, ସ୍ୱାଧୀନତା ସଂଗ୍ରାମୀ, ସର୍ବୋଦୟ ନେତ୍ରୀ ମା'ରମାଦେବୀ ଏବଂ ଦେଶମାତୃତା ପାଇଁ ହସିହସି ଫାଶୀଖୁଣ୍ଟରେ ଝୁଲିଥିବା ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କ ୧୨୫ତମ ଜନ୍ମବାର୍ଷିକୀ ଉତ୍ସବ ପାଳନ ହେଲା ନାହିଁ। ସେହିପରି ନିକଟରେ ବଙ୍ଗୀୟ ନେତା ଡ. ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ତିରୋଧାନ ଦିବସକୁ ବଳିଦାନ ଦିବସ ରୂପେ ଓଡ଼ିଶା ସରକାର ପାଳନ କଲେ। ଏଥିରେ ଆପତ୍ତି ନାହିଁ। କିନ୍ତୁ ପ୍ରଶ୍ନ ଉଠୁଛି ବ୍ରିଟିଶରଙ୍କ ବିରୋଧରେ ବିପ୍ଳବର ମୂଳଦୁଆ ପକାଇଥିବା ଦେଶର ପ୍ରଥମ ସହିଦ ଓଡ଼ିଶାର ଜୟୀ ରାଜଗୁରୁଙ୍କ ସହିଦ ଦିବସ ପଶ୍ଚିମବଙ୍ଗବାସୀ ପାଳନ କରିବେ ତ? ଜୟୀ ରାଜଗୁରୁଙ୍କୁ ଯେଉଁ ବରଗଛରେ ଦୁଇଗୋଡ଼ ବାନ୍ଧି ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା ତାହା ଆଜି ପର୍ଯ୍ୟନ୍ତ ସେହି ରାଜ୍ୟର ମେଦିନୀପୁରର ବାଘତୋଟାରେ ଅଛି। ଅହଲ୍ୟାବାଈଙ୍କ ଜନ୍ମଜୟନ୍ତୀ ପାଳନ ବେଳେ ଓଡ଼ିଶାର ବୀରାରମଣୀ ରାଣୀ ଶୁକଦେଈଙ୍କ ଜନ୍ମ ଓ ପୁଣ୍ୟତିଥି ଜାତୀୟସ୍ତରରେ ପାଳନ ହେବ କି? ବିର୍ସାମୁଣ୍ଡାଙ୍କ ଭଳି ବୀର ସୁରେନ୍ଦ୍ର ସାଏ ଓ ଲକ୍ଷ୍ମଣ ନାୟକ କେବେ ଜାତୀୟ ଗୌରବ ଲାଭ କରିବେ?

ଓଡ଼ିଆ ଅସ୍ମିତା ହନନର ତାଲିକା ପ୍ରସ୍ତୁତ କଲେ ଏବଂ ତ୍ରୁଟି ଖୋଜିଲେ କମଳର ଲୋମ ଗଣନା କରିବା ଭଳି ହେବ। ଏହାକୁ ତ୍ରୁଟି ବଦଳରେ ବରଂ ଓଡ଼ିଆ ସଂସ୍କୃତି ବିରୋଧରେ ଜଗନ୍ୟ ଷଡ଼୍‌ଯନ୍ତ୍ର କହିଲେ ଠିକ୍ ହେବ। ଓଡ଼ିଆପ୍ରାଣ ନାଗରିକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀଙ୍କ ମତରେ 'ଜଣେ ବଙ୍ଗାଳୀ କହିଥିଲେ 'ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ।' ଏବେ ବୋଧହୁଏ ସେହି ଉକ୍ତିକୁ ଚରିତାର୍ଥ କରିବା ସହିତ ଆଉ ଦୁଇପାଦ ଆଗକୁ ଯାଇ 'ଓଡ଼ିଆ ଏକ ସ୍ୱତନ୍ତ୍ର ସଂସ୍କୃତି ସ୍ୱତନ୍ତ୍ର ନୁହେଁ' ବୋଲି ପ୍ରମାଣ କରିବାର ଷଡ଼୍‌ଯନ୍ତ୍ର ଆରମ୍ଭ ହୋଇଯାଇଛି।' ଓଡ଼ିଆ ପ୍ରାଣର ଏହି ଅବ୍ୟକ୍ତ ବେଦନା ରାଜ୍ୟ ସରକାର ଶୀଘ୍ର ଅନୁଭବ କଲେ ଓଡ଼ିଆ ଅସ୍ମିତା ଆହୁରି ଅପମାନିତ ହେବାରୁ ରକ୍ଷା ପାଇବ। ●

## ସାବଧାନ! ଦୁଃଶାସନ ବଞ୍ଚିଛି

ଡକ୍ଟର ଅବଶ ପରିଡ଼ା

ରାୟଗଡ଼ାରେ ଜନୈକା ମହିଳା ଏନଜିଓ କର୍ମୀଙ୍କୁ ବିବସ୍ତ୍ର କରିବାର ଗଣଉଦ୍ୟମ ଭିଡ଼ହିଂସାର ଅନ୍ୟ ଏକ ଭୟଙ୍କର ରୂପ। ଏଥିରେ ଭିଡ଼ ମନସ୍ତତ୍ତ୍ୱ, ଗୁଜବ, ଭୁଲ ତଥ୍ୟ, ନୈତିକତା, ଚେତନା ଓ ପାଗଳାମି ଭଳି ଅନେକ ସାମାଜିକ ଓ ବ୍ୟକ୍ତିଗତ ଉପାଦାନଗୁଡ଼ିକ ଅଛି। କିନ୍ତୁ ଏହି ଲଜ୍ଜାକର ଘଟଣାରେ ଦୁଇଟି ବିଚଳିତକାରୀ ବାସ୍ତବତା ମଧ୍ୟ ଅଛି, ଯାହା ଆମ ସଭ୍ୟସମାଜର ମୂଳଦୁଆକୁ ଦୋହଲାଇ ଦେଇଛି। ପ୍ରଥମଟି ହେଉଛି ଭିଡ଼ହିଂସା ବ୍ୟତୀତ ଏହା ଏକ ସାର୍ବଜନୀନ ସ୍ଥାନରେ ଯୌନ ହିଂସାର କାର୍ଯ୍ୟ। ଯେତେବେଳେ ଜଣେ ମହିଳାଙ୍କୁ ଜନଗହଳିପୂର୍ଣ୍ଣ ସ୍ଥାନରେ ବିବସ୍ତ୍ର, ଅପମାନିତ ଓ ଆକ୍ରମଣ କରାଯାଏ, ସେତେବେଳେ ହିଂସା କେବଳ ଶରୀର ବିରୁଦ୍ଧରେ ନୁହେଁ, ବରଂ ମହିଳାଙ୍କ ମର୍ଯ୍ୟାଦା, ପରିଚୟ ଓ ମୌଳିକ ମାନବାଧିକାର ବିରୁଦ୍ଧରେ ମଧ୍ୟ ହୋଇଥାଏ। ଦ୍ୱିତୀୟଟି ଆହୁରି ଚିନ୍ତାଜନକ। ପୁଲିସର କହିବା ଅନୁଯାୟୀ ଏହି ଘଟଣାରେ ଅନେକ ନାବାଳକଙ୍କ ସମ୍ପୃକ୍ତି ଅଛି। ଏତେ ଛୋଟ ପିଲାମାନେ ଘୃଣା, ନିଷ୍ଠୁରତା କିମ୍ବା ସାର୍ବଜନୀନ ସ୍ଥାନରେ ଅନ୍ୟମାନଙ୍କୁ ଅପମାନିତ କରିବା କଥା ଶିଖିଲେ କେମିତି? ପରିବାର, ଶିକ୍ଷା, ସାମାଜିକ ଗଣମାଧ୍ୟମ ଓ ବୃହତ ସାମାଜିକ ପରିବେଶରୁ ସେମାନେ କ'ଣ ଏସବୁ ଶିଖୁଛନ୍ତି? ଏଠି ଜାଣି ରଖିବାକୁ ହେବ ଯେ ଯେଉଁଠି ନାବାଳକମାନେ ସାମୂହିକ ହିଂସାର ଅଂଶ ହୋଇଛନ୍ତି, ସେଠାରେ ଦୁଇଟି ବିଫଳତା ଆସେ। ପ୍ରଥମଟି ହେଉଛି ଆଇନ ଶୃଙ୍ଖଳା ନିୟନ୍ତ୍ରଣହୀନ ହୁଏ। ଦ୍ୱିତୀୟ ବିଫଳତା ହେଉଛି ନୈତିକ ଅଧୋପତନ ସହ ସାମାଜିକ ସଙ୍କଟ ମାଡ଼ି ଆସେ।

କିଛିଦିନ ତଳେ ପ୍ରକାଶିତ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋର ଏକ ତଥ୍ୟ ଅନୁଯାୟୀ ଓଡ଼ିଶାର ସାର୍ବଜନୀନ ସ୍ଥାନ ଏବଂ ରାସ୍ତାରେ ହୋଇଥିବା ଯୌନ ନିର୍ଯାତନା ମାମଲା ସଂଖ୍ୟା ଭାରତରେ ସର୍ବାଧିକ। ଆହୁରି ଚିନ୍ତାଜନକ କଥା ହେଉଛି ଯେ ମହିଳାମାନଙ୍କ ପୋଷାକ ଟାଣିବା, ଚିରିବା, ବିବସ୍ତ୍ର କରିବାରେ ଆମ ରାଜ୍ୟ ଦେଶର ଶୀର୍ଷରେ ରହିଛି। ସେହିପରି ମହିଳାଙ୍କ ମର୍ଯ୍ୟାଦାକୁ ଆଘାତ ଦେବା ମାମଲାରେ ମଧ୍ୟ ଓଡ଼ିଶା ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନରେ ଅଛି। ଏହି ସବୁ ତଥ୍ୟ ଦେଖିଲା ପରେ ସାର୍ବଜନୀନ ସ୍ଥାନରେ ଯୌନ ହିଂସା ଘଟଣାଗୁଡ଼ିକୁ କିଛି ବ୍ୟକ୍ତିଙ୍କ ଦ୍ୱାରା ବା ନିର୍ଦ୍ଦିଷ୍ଟ ଶ୍ରେଣୀ ଦ୍ୱାରା କରାଯାଇଥିବା ପୃଥକ ଅପରାଧ ଭାବରେ ବିବେଚନା କରିବା ଉଚିତ୍ ନୁହେଁ। ଏଗୁଡ଼ିକ ଶ୍ରେଣୀ, ଜାତି ଓ ଶିକ୍ଷାଗତ ଯୋଗ୍ୟତାରେ ଆଉ ସୀମିତ ନାହିଁ। ବରଂ ସମାଜ ମଧ୍ୟରେ ଥିବା ଗଭୀର ସାମାଜିକ ଓ ମାନସିକ ସମସ୍ୟାର ଲକ୍ଷଣ ହୋଇସାରିଛି। ସମ୍ଭବତଃ, ଦୁଃଶାସନର ମାନସିକତା ଓ କୁରୁସଭାର ନିରବତା ଏବେ ବି ଆମ ଚାରିପାଖରେ ବଞ୍ଚିରହିଛି।

ସାର୍ବଜନୀନ ଯୌନ ହିଂସା ଅଧିକାଂଶ କ୍ଷେତ୍ରରେ ଯୌନ ଇଚ୍ଛା ବିଷୟରେ ହୋଇ ନ ଥାଏ। ସାର୍ବଜନୀନ ବିବସ୍ତ୍ରୀକରଣ କିମ୍ବା ଯୌନ ନିର୍ଯାତନା ପ୍ରାୟତଃ ମହିଳାମାନଙ୍କ ଉପରେ ଶକ୍ତି ପ୍ରଦର୍ଶନ କରିବା ପାଇଁ ଏକ ଅସ୍ତ୍ର ଭାବରେ ବ୍ୟବହୃତ ହୁଏ। ଆମ ସମାଜରେ ମହିଳାଙ୍କ ଗରିମା ସହିତ ଶାଳୀନତା ଦୃଢ଼ ଭାବରେ ଜଡ଼ିତ। ତେଣୁ ଆକ୍ରମଣକାରୀମାନେ ଜାଣନ୍ତି ଯେ ସାର୍ବଜନୀନ ଅପମାନ ହିଁ ମହିଳାଙ୍କୁ ଗଭୀର ଭାବପ୍ରବଣ ଆଘାତ ସୃଷ୍ଟି କରିପାରିବ। ବିବାଦ ସମାଧାନ କରିବା, କ୍ରୋଧ ପ୍ରକାଶ କରିବା, ଦଣ୍ଡ ଦେବା କିମ୍ବା ନିୟନ୍ତ୍ରଣ ଜାହିର କରିବା ପାଇଁ ଅନେକ ମହିଳାଙ୍କ ଶରୀର ଏକ ପ୍ରତୀକାତ୍ମକ ଯୁଦ୍ଧକ୍ଷେତ୍ର ହୋଇସାରିଛି। ମହିଳାଙ୍କ ସାର୍ବଜନୀନ ବିବସ୍ତ୍ରୀକରଣ ହେଉଛି ଦଣ୍ଡର ଏକ ଅଂଶ, ଯେଉଁଠି ସେମାନଙ୍କୁ ଅପମାନିତ କରାଯାଇପାରିବ ଏବଂ ତାହା ସହିତ ପୁରୁଷ ନିଜ ପ୍ରାଧାନ୍ୟ ମଧ୍ୟ ପ୍ରଦର୍ଶିତ କରିପାରିବେ। ଠିକ୍ ଯେମିତି କୁରୁସଭାରେ ଦ୍ରୌପଦୀଙ୍କୁ ବସ୍ତ୍ରହରଣ କରି ଏକପ୍ରକାର ଦଣ୍ଡ ଦିଆଯାଇଥିଲା।

ଆଉ ଏକ ଅସହଜ କଥା ହେଉଛି ଯେ ଡାହାଣୀ ଓ ଗୁଣିଗାରେଡ଼ି ସନ୍ଦେହରେ ଅଭିଯୁକ୍ତ ମହିଳାମାନଙ୍କୁ ନିବସ୍ତ୍ର କରିବା ବା ଉଲଗ୍ନ କରି ଚଲେଇବା ହେଉଛି ଓଡ଼ିଶାରେ ଏକ ସାଧାରଣ ଘଟଣା। ଅନେକ ଆଦିବାସୀ ଅଞ୍ଚଳ ଓ ଗ୍ରାମାଞ୍ଚଳରେ ଏପରି କାର୍ଯ୍ୟଗୁଡ଼ିକୁ ଲିଙ୍ଗଗତ ହିଂସାର ନିଷ୍ଠୁର ରୂପ ଭାବରେ ସ୍ୱୀକୃତି ଦିଆ ଯାଏନାହିଁ; ବରଂ ଆମେ ଏହାକୁ ସାଂସ୍କୃତିକ ପ୍ରଥା, ଅନ୍ଧବିଶ୍ୱାସ କିମ୍ବା ଉପସାଂସ୍କୃତିକ ପରମ୍ପରା ଭାବରେ ଯୁକ୍ତିଯୁକ୍ତ କରିଦେଉ। ସମାଜଶାସ୍ତ୍ର ଅନୁସାରେ, ଯେତେବେଳେ ଏକ ସମାଜ ଏପରି ପ୍ରଥା ବିରୁଦ୍ଧରେ ଦୃଢ଼ ନୈତିକ ପ୍ରତିବନ୍ଧକ, ସାମୂହିକ ନିନ୍ଦା ଏବଂ କଠୋର ଦଣ୍ଡ ଲାଗୁ କରିବାରେ ବିଫଳ ହୁଏ, ସେତେବେଳେ ଅଜାଣତରେ ମହିଳାଙ୍କ ସାର୍ବଜନୀନ ଅପମାନକୁ ଦଣ୍ଡର ଏକପ୍ରକାର ବୈଧ କରିଥାଏ। ଏହାର ପରିଣାମ ଆଜି ଦୃଶ୍ୟମାନ। ଡକ୍ଟର ଫିଓନା ଭେରା-ଗ୍ରେଙ୍କ ଅଧ୍ୟୟନରୁ ଜଣାପଡ଼ିଛି ଯେ ସାର୍ବଜନୀନ ଯୌନ ଉତ୍ପୀଡ଼ନ ପୃଥକ ଘଟଣାଗୁଡ଼ିକର ଏକ ସଂଗ୍ରହ ନୁହେଁ; ବରଂ ଦୈନନ୍ଦିନ ସାମାଜିକ ଜୀବନରେ ସନ୍ନିହିତ ଗଭୀର ସଂରଚନିକ ଅସମାନତାର ପ୍ରତିଫଳନ।

ରାୟଗଡ଼ା ଭିଡ଼ ଆକ୍ରମଣରେ ନାବାଳକମାନଙ୍କ ସମ୍ପୃକ୍ତି ସୂଚାଇ ଦେଉଛି ଯେ ହିଂସା ଆଉ ବୟସ୍କମାନଙ୍କ ମଧ୍ୟରେ ସୀମିତ ନାହିଁ। ଏନ୍‌ସିଆରବି ରିପୋର୍ଟ ଅନୁଯାୟୀ, ଭାରତରେ ନାବାଳକ ଅପରାଧ ପ୍ରାୟ ୧୨ ପ୍ରତିଶତ ବୃଦ୍ଧି ପାଇଛି। ୧ ହଜାରରୁ ଅଧିକ ବଳାତ୍କାର ମାମଲାରେ ନାବାଳକମାନଙ୍କୁ ଗିରଫ କରାଯାଇଥିଲା। ଗିରଫ ସମସ୍ତ ନାବାଳକଙ୍କ ମଧ୍ୟରୁ ପ୍ରାୟ ୭୮ ପ୍ରତିଶତ ୧୬ ରୁ ୧୮ ବୟସ ବର୍ଗର। ଏଥିରେ ଅନ୍ୟ ବର୍ଗଟି ଥିଲା ୧୨ ରୁ ୧୬ ବର୍ଷ ମଧ୍ୟରେ। ସମାଜବିଜ୍ଞାନ ଦୃଷ୍ଟିରୁ ଏହି ସଂଖ୍ୟାଗୁଡ଼ିକ ଆମ ବିଶ୍ୱାସକୁ ଏକପ୍ରକାର ଭାଙ୍ଗି ଦେଉନି କି? ସାମାଜିକ ଶିକ୍ଷା ତତ୍ତ୍ୱ କୁହେ ଯେ ଯୁବପିଢ଼ି ପ୍ରାୟତଃ ପ୍ରଭାବଶାଳୀ ବୟସ୍କଙ୍କୁ ନିରୀକ୍ଷଣ ଏବଂ ଅନୁକରଣ କରି ଆଚରଣ ଶିଖନ୍ତି। କିନ୍ତୁ ଏବେ ନାବାଳକମାନେ କେବଳ ନିର୍ଦ୍ଦୋଷ ଦର୍ଶକ ହୋଇ ରହିନାହାନ୍ତି; ସେମାନେ ଅଭିଯୁକ୍ତ, ଅପରାଧୀ। ଏହାର ଅର୍ଥ ଆମର ସାମାଜିକୀକରଣ, ଲାଳନପାଳନ ଓ ପାରିବାରିକ ପରିବେଶ ଏକ ଭଲ ଚରିତ୍ର ଗଠନ ପାଇଁ ଯଥେଷ୍ଟ ଅନୁକୂଳ ହେଉନି। ଅନେକ ଗବେଷଣା ଅନୁଯାୟୀ ଦାରିଦ୍ର୍ୟ ବ୍ୟତୀତ ପିତାମାତାଙ୍କ ନିଶାଦ୍ରବ୍ୟ ସେବନ, ପିତାମାତାଙ୍କ ଦୁଃବ୍ୟବହାର ଏବଂ ତଦାରଖର ଅଭାବ ଦ୍ୱାରା ନାବାଳକମାନେ ଭୁଲ ବାଟକୁ ଯାଉଛନ୍ତି।

ଆମେ ଜାଣୁ ଯେ ଭିଡ଼ ହିଂସା ସମୟରେ ବ୍ୟକ୍ତିଗତ ନୈତିକ ଦାୟିତ୍ୱ ଦୁର୍ବଳ ହୋଇଯାଏ। ଯାହାକୁ ମନସ୍ତତ୍ତ୍ୱବିତ୍‌ମାନେ 'ଦାୟିତ୍ୱର ପ୍ରସାରଣ' ବୋଲି କୁହନ୍ତି। ଜଣେ କିଶୋର ଯିଏ କେବେବି ଏକାକୀ ହିଂସା କରିପାରିବ ନାହିଁ, ଯଦି ସେ ଆକ୍ରମଣାତ୍ମକ ଭିଡ଼ ମଧ୍ୟରେ ରହେ ତେବେ ସେ ଜଣେ ସକ୍ରିୟ ଅଂଶଗ୍ରହଣକାରୀ ହୋଇଯାଏ। ଆଉ ଗୋଟିଏ ତତ୍ତ୍ୱ କୁହେ ଯେ ଯୌନଗତ ଆଚରଣ ଓ ଦଳଗତ ଆଚରଣ ସମୟରେ ପୁରୁଷଙ୍କ ମଧ୍ୟରେ ସମ୍ପର୍କ ଅଧିକ ଦୃଢ଼ ହୋଇଥାଏ। ଆମେ ରହୁଥିବା ସମାଜ ପୁରୁଷଙ୍କଠାରୁ ଯେଉଁ ଗୁଣ ଏବଂ ଆଚରଣ ଆଶା କରେ ତାହା ହେଉଛି ପୁରୁଷତ୍ୱ। ପରିବାର, ସମ୍ପ୍ରଦାୟ, ଗଣମାଧ୍ୟମ ଓ ଶିକ୍ଷା ମାଧ୍ୟମରେ ଯୁବାବସ୍ଥାରୁ ପୁରୁଷତ୍ୱର ଶିକ୍ଷା ଦିଆଯାଏ। ଆଜିକାଲି ସାମାଜିକ ଗଣମାଧ୍ୟମରେ ଅଧିକ ସମୟ କାଟୁଥିବା ଆମ କିଶୋର ପୁଅମାନେ ପୁରୁଷତ୍ୱ ବିଷୟରେ କ'ଣ ଶିଖୁଛନ୍ତି? ଏହାକୁ ନେଇ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଡିଜିଟାଲ ପ୍ଲାଟଫର୍ମ ଓ ସାମାଜିକ ଗଣମାଧ୍ୟମରେ ପାରମ୍ପରିକ ପୁରୁଷତ୍ୱର ପ୍ରଚାର ଅଧିକ। ଶାରୀରିକ ଶକ୍ତି, ଧନୀ, ଆବେଗହୀନ ଓ ନିଜ ଭାବନା ଉପରେ ନିୟନ୍ତ୍ରଣକୁ ପ୍ରକୃତ ପୁରୁଷ ଗୁଣ ଭାବରେ ଉପସ୍ଥାପନ କରାଯାଉଛି। ଏପରିକି ମହିଳାଙ୍କୁ ନିୟନ୍ତ୍ରଣରେ ରଖିବା ହେଉଛି ଜଣେ ଶକ୍ତ ପୁରୁଷର ଗୁଣ ବୋଲି ଅନେକ ସାମାଜିକ ଗଣମାଧ୍ୟମ ବିଷୟବସ୍ତୁର ପ୍ରକାଶ ପାଉଛି।

ନିର୍ଭୟା ପରି ଏକ ହାଇ-ପ୍ରୋଫାଇଲ୍ ଅପରାଧ ଓ ଦଣ୍ଡ ପରେ ଆଶା କରାଯାଉଥିଲା ଯେ ସାର୍ବଜନୀନ ଯୌନ ହିଂସା କମିଯିବ। କିନ୍ତୁ ବିଡ଼ମ୍ବନା ଯେ ଏହା କୌଣସି ପ୍ରକାରର ଆଇନଗତ ସଚେତନତା କିମ୍ବା ଆଚରଣଗତ ପରିବର୍ତ୍ତନ ଆଣିଲାନାହିଁ। ତେଣୁ ଏବେ ରାୟଗଡ଼ା ଘଟଣା ଆମ ପାଖେ ସେହି ଜଟିଳ ପ୍ରଶ୍ନ ଛାଡ଼ି ଯାଇଛି। ଆଇନର ଦଣ୍ଡ, ସଚେତନତା କ'ଣ ସତରେ ଆମ ଆଚରଣ ଓ ମାନସିକତାକୁ ପରିବର୍ତ୍ତନ କରିପାରିବ? ଯେତେବେଳେ ନାବାଳକମାନେ ସାର୍ବଜନୀନ ଯୌନ ହିଂସାରେ ଅଧିକ ଅଂଶଗ୍ରହଣ କରୁଛନ୍ତି, ଏହା ପରିବାର, ବିଦ୍ୟାଳୟ, ସମ୍ପ୍ରଦାୟ ଓ ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକର ବିଫଳତାକୁ ପ୍ରକାଶ କରୁନାହିଁ କି? ସମ୍ଭବତଃ ଏଥିରେ ମହିଳାମାନଙ୍କ ପ୍ରତି ମର୍ଯ୍ୟାଦା, ସହାନୁଭୂତି ଓ ସମ୍ମାନର ମୂଲ୍ୟାଙ୍କନ କମ୍ କରାଯାଉଛି ଏବଂ ଦୁଃଶାସନର ମାନସିକତା ଲୁଚି ରହିଛି। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ବଦଳୁଛି ବଜାର କୌଶଳ

ପ୍ରଣତି ଆଚାର୍ଯ୍ୟ ମିଶ୍ର

ଭାରତରେ ଉତ୍ପାଦଗୁଡ଼ିକର ଅନଲାଇନ୍ ବିକ୍ରି ଦୀର୍ଘ ଦିନରୁ ଚାଲିଆସୁଛି। କିନ୍ତୁ କୋଭିଡ୍ ମହାମାରୀ ସମୟରେ ଏଥିରେ ପ୍ରବଳ ଅଭିବୃଦ୍ଧି ଦେଖାଦେଲା। ସେତିକିବେଳେ ଲୋକମାନେ ବୁଝିପାରିଲେ ଯେ ଯୋଗାଣ ଶୃଙ୍ଖଳା ପରିଚାଳନା(ସପ୍ଲାଇଚେନ୍ ମ୍ୟାନେଜମେଣ୍ଟ) କିପରି ଯାଦୁ କରିପାରେ। ଆଜି ଦେଶର ଯେକୌଣସି କୋଣରୁ ଯେକୌଣସି ସାମଗ୍ରୀ କିଣାବିକା କରାଯାଇପାରୁଛି ଏବଂ ଇ-କମର୍ସ କମ୍ପାନୀଗୁଡ଼ିକ ଏହି ଚମତ୍କାର କରୁଛନ୍ତି। ସେମାନେ ସାରା ବିଶ୍ୱରେ ବ୍ୟାପାର କରିବାର ଶୈଳୀକୁ ବଦଳାଇ ଦେଇଛନ୍ତି।

ଏହା ଏଭଳି ଏକ ବ୍ୟବସାୟ, ଯେଉଁଠାରେ ଗ୍ରାହକ ବିକ୍ରେତାଙ୍କ ବିଷୟରେ ଜାଣି ନ ଥା'ନ୍ତି। କିନ୍ତୁ ତାଙ୍କର ବିଶ୍ୱାସ ଥାଏ ଯେ ତାଙ୍କୁ ସଠିକ୍ ଜିନିଷ ସଠିକ୍ ମୂଲ୍ୟରେ ଉପଲବ୍ଧ ହେଉଛି। ଯଦି ପସନ୍ଦ ନ ହେଲା ତେବେ ସାମଗ୍ରୀ ଫେରସ୍ତର ସୁବିଧା ମଧ୍ୟ ଅଛି। ଏହାବ୍ୟତୀତ ଗ୍ରାହକ ଜାଣନ୍ତି ଯେ ସାମଗ୍ରୀ ବାବଦକୁ ସେ ଦେଉଥିବା ଟଙ୍କା ସୁରକ୍ଷିତ। ଏମାନଙ୍କର ଡେଲିଭରି ବା ଯୋଗାଣ ମଧ୍ୟ ଅତ୍ୟନ୍ତ ଦ୍ରୁତ ଓ ସମୟାନୁବର୍ତ୍ତୀ। ଏହା ଏମିତି ଏକ ଦୁନିଆ, ଯେଉଁଠି ଗ୍ରାହକ ହିଁ ରାଜା। କାରଣ ତାଙ୍କୁ ଗୋଟିଏ ଜିନିଷ ପାଇଁ ଶହ ଶହ ବିକଳ୍ପ ମିଳିଥାଏ। ଏହି କାରଣରୁ ୨୦୨୪ରେ ଭାରତର ଇ-କମର୍ସ ବଜାର ୧୪୭.୩ ବିଲିୟନ ଡଲାରରେ ପହଞ୍ଚିଛି ଏବଂ ଏଥିରେ ୧୮.୭ ପ୍ରତିଶତ ବୃଦ୍ଧି ଘଟିଛି। ଆମାଜନ, ଫ୍ଲିପକାର୍ଟ, ମାୟନ୍ତ୍ରା, ଜିଓ ମାର୍ଟ, ଟାଟା କ୍ଲିକ୍ ଭଳି କମ୍ପାନୀଗୁଡ଼ିକ ଏକ୍ଷେତ୍ରରେ କୋଟି କୋଟି ଟଙ୍କାର ସାମଗ୍ରୀ ବିକ୍ରି କରୁଛନ୍ତି ଏବଂ ସେମାନଙ୍କ ଗ୍ରାହକ ସଂଖ୍ୟା କ୍ରମାଗତ ଭାବେ ବଢ଼ୁଛି।

ଭାରତରେ ସ୍ମାର୍ଟଫୋନ୍ ଓ ଇଣ୍ଟରନେଟ୍ ଶସ୍ତା ହେବା ଯୋଗୁଁ ଲୋକଙ୍କ ଚିନ୍ତାଧାରା ଓ କିଣାବିକା କରିବାର ଶୈଳୀ ବଦଳିଛି, ଯାହା ଫଳରେ ଏହି ବଜାର ଦ୍ରୁତଗତିରେ ବଢ଼ୁଛି। ଏହି କମ୍ପାନୀଗୁଡ଼ିକ ଛୁଞ୍ଚି ଠାରୁ ଆରମ୍ଭ କରି ମୋଟର କାର୍ ପର୍ଯ୍ୟନ୍ତ ସବୁକିଛି ଅନଲାଇନ୍‌ରେ ବିକ୍ରି କରୁଛନ୍ତି। ଏବେ ଏହି ବଜାର ଛୋଟ ସହର, ଗାଁ ଗହଳି ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ଆଶା କରାଯାଉଛି ଯେ ୨୦୨୭ ସୁଦ୍ଧା ଭାରତରେ ଇ-କମର୍ସର ୪୦ କୋଟି ଗ୍ରାହକ ହେବେ। ୨୦୩୦ ସୁଦ୍ଧା ଏମାନଙ୍କର ମୋଟ ବିକ୍ରି ୨୫୦ରୁ ୩୦୦ ବିଲିୟନ ଡଲାରରେ ପହଞ୍ଚିବ। ଏହାର ସକାରାତ୍ମକ ପ୍ରଭାବ ଆମ ଅର୍ଥନୀତି ଉପରେ ପଡ଼ିଛି।

ସ୍ୱଦେଶୀ ଇ-କମର୍ସ କମ୍ପାନୀ ଫ୍ଲିପକାର୍ଟ ଏକ ବହି ଦୋକାନ ଭାବେ ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଏକ ବ୍ୟାପକ ଅନଲାଇନ୍ ବଜାର ଭାବେ ବିକଶିତ ହେଲା। ଏହା 'କ୍ୟାଶ୍ ଅନ୍ ଡେଲିଭରି' ଭଳି କ୍ରାନ୍ତିକାରୀ ସୁବିଧା ଆରମ୍ଭ କରିଥିଲା, ଯାହା ଅନଲାଇନ୍ ସପିଂକୁ ଲୋକପ୍ରିୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କଲା। ବ୍ୟାପାରର ଏହି ଖେଳରେ ଏବେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ମଧ୍ୟ ଦ୍ରୁତଗତିରେ ଆଗକୁ ବଢ଼ୁଛନ୍ତି। ବ୍ଲିଙ୍କିଟ୍, ଇନଷ୍ଟାମାର୍ଟ, ଜେପ୍ଟୋ ଭଳି କମ୍ପାନୀଗୁଡ଼ିକ ମିନିଟ୍ ମଧ୍ୟରେ ଗ୍ରାହକଙ୍କ ଘରେ ଜରୁରୀ ସାମଗ୍ରୀ ପହଞ୍ଚାଇ ଦେଉଛନ୍ତି। ଫଳସ୍ୱରୂପ, ସେମାନେ ଏବେ ଇ-କମର୍ସ କମ୍ପାନୀଗୁଡ଼ିକୁ କଡ଼ା ଟକ୍କର ଦେଉଛନ୍ତି। ସେମାନଙ୍କ କାରବାର ବାର୍ଷିକ ୪୦ ପ୍ରତିଶତ ହାରରେ ବୃଦ୍ଧି ପାଉଛି ଏବଂ ମୋଟାମୋଟି ଆକଳନ ଅନୁଯାୟୀ, ଚଳିତ ବର୍ଷ ସେମାନଙ୍କର ମୋଟ କାରବାର ପ୍ରାୟ ୭ ବିଲିୟନ ଡଲାରରେ ପହଞ୍ଚିଯିବ।

କର୍ଣ୍ଣେଲ ଏସସି ଜନସନଙ୍କ ରିପୋର୍ଟ ଅନୁଯାୟୀ, ଭାରତରେ କ୍ୱିକ୍-କମର୍ସ କାରବାର ଚଳିତ ବର୍ଷ (୨୦୨୬) ବଢ଼ି ୬୫, ୬୪୫.୪୦ କୋଟି ଟଙ୍କା ହୋଇଯାଇଛି। ୨୦୨୨ ତୁଳନାରେ ଏହି ଅଭିବୃଦ୍ଧି ୨୪ ଗୁଣ ଅଧିକ। ବେନ୍ ଆଣ୍ଡ କମ୍ପାନୀର ଏକ ରିପୋର୍ଟ ଦର୍ଶାଉଛି ଯେ ୨୦୨୪ରେ କ୍ୱିକ୍ କମର୍ସ କମ୍ପାନୀଗୁଡ଼ିକର ଅର୍ଡର ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଦେଶର ମୋଟ ଅନଲାଇନ୍ ଗ୍ରୋସରୀ ଅର୍ଡରର ଦୁଇ-ତୃତୀୟାଂଶ କ୍ୱିକ୍-କମର୍ସ ପ୍ଲାଟଫର୍ମରୁ ହୋଇଥିଲା। ଇ-କମର୍ସ ବଜାରରେ କ୍ୱିକ୍-କମର୍ସ କମ୍ପାନୀଗୁଡ଼ିକ ନିଜର ପ୍ରଭାବ ଦୃଢ଼ କରିଚାଲିଛନ୍ତି। ଆମର ଇ-କମର୍ସ ଦେଶର ଦୃଢ଼ତା, ନବସୃଜନ ଓ ଉଦ୍ୟମଶୀଳତାର ଏକ ପ୍ରମାଣ। ଆମାଜନ ଓ ଫ୍ଲିପକାର୍ଟ ଭଳି ବିଶ୍ୱସ୍ତରୀୟ କମ୍ପାନୀଠାରୁ ଆରମ୍ଭ କରି ଅନ୍ୟାନ୍ୟ ପ୍ଲାଟଫର୍ମ ବଜାର ପରିସର ବୃଦ୍ଧି କରିବାରେ ନିଜର ଅନନ୍ୟ ଅବଦାନ ଦେଇଛନ୍ତି।

ସବୁଠାରୁ ବଡ଼ କଥା ହେଉଛି ଏହି କମ୍ପାନୀଗୁଡ଼ିକ ବ୍ୟାପକ ସ୍ତରରେ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛନ୍ତି। ପିଆଇଏଫ୍ ଫାଉଣ୍ଡେସନର ଏକ ରିପୋର୍ଟ ଅନୁଯାୟୀ, ଏହି କମ୍ପାନୀଗୁଡ଼ିକ ଗତ ବର୍ଷ ୧.୫୮ କୋଟି ଲୋକଙ୍କୁ ରୋଜଗାର ଦେଇଛନ୍ତି। ସେଥିମଧ୍ୟରେ ୩୫ ଲକ୍ଷ ମହିଳା ଅଛନ୍ତି। ରିପୋର୍ଟରେ ଏହା ମଧ୍ୟ କୁହାଯାଇଛି ଯେ ଇ-କମର୍ସ କମ୍ପାନୀଗୁଡ଼ିକ ସାଧାରଣ ବ୍ୟବସାୟୀ ତୁଳନାରେ ୫୪ ପ୍ରତିଶତ ଅଧିକ ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ସହରଗୁଡ଼ିକରେ ଗ୍ରାହକ ହାରାହାରି ୫, ୦୦୦ ଟଙ୍କାରୁ ଅଧିକ ଅନଲାଇନ୍ କିଣାବିକା କରୁଛନ୍ତି, ଯାହା ବଡ଼ ସହର ଅପେକ୍ଷା ଅଧିକ। ଇ-କମର୍ସ କମ୍ପାନୀଗୁଡ଼ିକ ଡେଲିଭରି ବୟ ସହିତ ଦକ୍ଷ ବ୍ୟକ୍ତିମାନଙ୍କୁ ମଧ୍ୟ ନିଯୁକ୍ତି ଦେଉଛନ୍ତି। ଏହି କମ୍ପାନୀଗୁଡ଼ିକ ୱେୟାର ହାଉସିଂ, ଲଜିଷ୍ଟିକ୍ସ, ଡିଜିଟାଲ୍ ଓ ଟେକ୍ନୋଲୋଜି ମ୍ୟାନେଜମେଣ୍ଟ, ଫାଇନାନ୍ସ ଇତ୍ୟାଦି କ୍ଷେତ୍ରରେ ବହୁଳ ପରିମାଣରେ ରୋଜଗାର ପ୍ରଦାନ କରୁଛନ୍ତି। ଆଗାମୀ ସମୟରେ ଏହି କ୍ଷେତ୍ରରେ କାରବାର ବୃଦ୍ଧି ସହିତ ନିଯୁକ୍ତି ସୁଯୋଗ ଆହୁରି ବଢ଼ିବ। ଇ-କମର୍ସ କମ୍ପାନୀଗୁଡ଼ିକ ଅତ୍ୟନ୍ତ ସୁନିୟୋଜିତ ଭାବେ କାର୍ଯ୍ୟ କରୁଛନ୍ତି।

ଆଜି ଇ-କମର୍ସ ଓ କ୍ୱିକ୍-କମର୍ସ କେବଳ ସାମଗ୍ରୀ କିଣାବିକାର ମାଧ୍ୟମ ହୋଇ ରହିନାହିଁ, ବରଂ ଏହା ଭାରତୀୟ ଅର୍ଥନୀତିର ଏକ ଶକ୍ତିଶାଳୀ ସ୍ତମ୍ଭ ଭାବେ ଉଭା ହୋଇଛି। ଗ୍ରାହକଙ୍କୁ ରାଜାର ସମ୍ମାନ ଦେବା ସହିତ ଏହି ବ୍ୟବସ୍ଥା ଲକ୍ଷ ଲକ୍ଷ ଲୋକଙ୍କୁ, ବିଶେଷ କରି ମହିଳାମାନଙ୍କୁ, ନିଯୁକ୍ତି ସୁଯୋଗ ଯୋଗାଇ ଦେଇ ସ୍ୱାବଲମ୍ବୀ କରିପାରିଛି। ବୈଷୟିକ ଜ୍ଞାନକୌଶଳର ଅଭିବୃଦ୍ଧି ଏବଂ ଯୋଗାଣ ଶୃଙ୍ଖଳାର ସଠିକ୍ ପରିଚାଳନା ଆଗାମୀ ଦିନରେ ଭାରତକୁ ବିଶ୍ୱର ଏକ ପ୍ରମୁଖ ଡିଜିଟାଲ୍ ବଜାରରେ ପରିଣତ କରିବାର ସାମର୍ଥ୍ୟ ରଖେ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## କଲ୍ୟାଣମୁଖୀ ଅର୍ଥନୀତିର ବ୍ୟାଖ୍ୟାକର: ବୈଦ୍ୟନାଥ ମିଶ୍ର

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ଜଣେ ଅର୍ଥନୀତିର ତତ୍ତ୍ୱ ଜାଣିଲେ ଅର୍ଥନୀତିଜ୍ଞ ହୋଇପାରନ୍ତି। ମାତ୍ର ସେହି ତତ୍ତ୍ୱ ଲୋକମଙ୍ଗଳ ସକାଶେ ଅଭିପ୍ରେତ ବୋଲି ଯେଉଁମାନେ ହୃଦୟଙ୍ଗମ କରିପାରିବାର ସହାନୁଭୂତିରେ ଆପ୍ଳୁତ ସେମାନେ ହିଁ ସର୍ଜନା କରିପାରନ୍ତି ହୃଦୟସ୍ପର୍ଶୀ ସାହିତ୍ୟ। ପୁଣି ଯାହାର ମୂଳଲକ୍ଷ୍ୟ ଲୋକହିତ ସାଧନ, ତାହାକୁ ବୋଧଗମ୍ୟ ଭାଷାରେ ପ୍ରକାଶ କରିବା ହିଁ ପ୍ରକୃତ ବିଦ୍ୱାନବ୍ୟକ୍ତିଙ୍କ ପ୍ରତିଭାର ପରିଚାୟକ। ଏ ପରିପ୍ରେକ୍ଷୀରେ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ ନିଶ୍ଚୟ। ଅର୍ଥନୀତିର ଜଟିଳ ତତ୍ତ୍ୱକୁ ଆଧାର କରି ଯେ ଆକର୍ଷଣୀୟ ସାହିତ୍ୟ ସର୍ଜନା ସମ୍ଭବ - ଏହା ସେ ପ୍ରମାଣିତ କରିଦେଲେ ଆନ୍ତରିକ ସାଧନା ଦ୍ୱାରା। ଅର୍ଥନୈତିକ ବିଚାରଧାରାକୁ କେନ୍ଦ୍ର କରି ସରଳ ଭାଷାରେ ସେ ଯେଉଁ ପ୍ରବନ୍ଧ ରଚନା କଲେ ତାହା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇ ସୁଖପାଠ୍ୟ ହେବା ସହିତ ପାଠକୀୟ ଚେତନାକୁ ସାମାଜିକ କଲ୍ୟାଣ ଅଭିମୁଖୀ କରିଦେଲା। ପୁଞ୍ଜିବାଦ କହିଲେ କ'ଣ, ସାମ୍ୟବାଦର ବିଶେଷତ୍ୱ ଓ ମହାତ୍ମା ଗାନ୍ଧୀଙ୍କ ଅର୍ଥନୀତିର ନୈତିକ ଦିଗଗୁଡ଼ିକର କି ମାର୍ମିକ ଉପସ୍ଥାପନ କରିଦେଲେ ସେ!

ଅଧିକରୁ ଅଧିକ ଅର୍ଥ ଉପାର୍ଜନ ଯେକୌଣସି ବ୍ୟକ୍ତିର ଅଧିକାରଭୁକ୍ତ। କିନ୍ତୁ ସ୍ୱଅର୍ଜିତ ବିପୁଳ ସମ୍ପଦକୁ ସମ୍ପୂର୍ଣ୍ଣ ଭାବରେ ନିଜର ଭୋଗବିଳାସ ପାଇଁ କେହି ବିନିଯୋଗ କରିପାରିବ ସ୍ୱାଧୀନ ଭାବରେ - ଏ ଅଧିକାର ତା'ର ରହିବା ଉଚିତ ନୁହେଁ। ଏ କଥା ମହାତ୍ମା ଗାନ୍ଧୀ ଯେଭଳି ସୁସ୍ପଷ୍ଟ ଭାବରେ ଅବତାରଣା କଲେ ସମଗ୍ର ପୃଥିବୀରେ ତା'ର ତୁଳନା ନାହିଁ। ସ୍ୱଚ୍ଛନ୍ଦ ସାଂସାରିକ ଜୀବନ ଅତିବାହିତ କରିବା ସକାଶେ ଆବଶ୍ୟକ ଅର୍ଥରାଶିକୁ କେବଳ ନିଜ ନିକଟରେ ରଖି ବଳକା ଅର୍ଥ ସମାଜର ଅନଗ୍ରସର ଲୋକଙ୍କ ପାଇଁ ସ୍ୱଇଚ୍ଛାରେ ଦାନ କରିବେ। ଫଳରେ ଏହି ଶ୍ରେଣୀର ବ୍ୟକ୍ତିବୃନ୍ଦ ହେବେ ସମାଜର ଟ୍ରଷ୍ଟି। କଥାଟି ଶୁଣିବା ପାଇଁ ଅତ୍ୟନ୍ତ ସୁଖକର। ମାତ୍ର ବାସ୍ତବ କ୍ଷେତ୍ରରେ ଏହାର ପ୍ରୟୋଗ ଯେ ଅସମ୍ଭବ - ଏହି ବିଷୟକୁ ନେଇ ଗାନ୍ଧିଜୀ ସମାଲୋଚନାର ଶରବ୍ୟ ହୋଇଛନ୍ତି। କିଏ କାହିଁକି ସ୍ୱଇଚ୍ଛାରେ କଷ୍ଟାର୍ଜିତ ଧନ ଦାନ କରିବେ? କିନ୍ତୁ ଗାନ୍ଧିଜୀଙ୍କ ପରିକଳ୍ପିତ ଅର୍ଥନୀତିକୁ ବିସ୍ତୃତ ଭାବରେ ବୈଦ୍ୟନାଥ ମିଶ୍ର ବ୍ୟାଖ୍ୟା କରିଦେଇଛନ୍ତି। ବାସ୍ତବିକ ଧନିକ ସମ୍ପ୍ରଦାୟକୁ ସମ୍ବେଦନଶୀଳ ହେବାର ଏହା ଏକ ସୁବର୍ଣ୍ଣ ସୁଯୋଗ। ସ୍ୱଇଚ୍ଛାରେ ଟ୍ରଷ୍ଟି ହେବାକୁ ଅନିଚ୍ଛୁକଙ୍କ ପ୍ରତି ପ୍ରଯୁଜ୍ୟ ହେବ ଗାନ୍ଧିଜୀଙ୍କ ଅମୋଘ ଅହିଂସ ଅସ୍ତ୍ର 'ଅସହଯୋଗ'। ସମାଜର ସହଯୋଗରେ ହିଁ ଜଣେ ଧନ ଉପାର୍ଜନ କରିଥାଏ। ଯଦି ସେଥିରୁ ଉଦବୃତ୍ତ ଅର୍ଥ ସେ ସାମାଜିକ ବିକାଶ ପାଇଁ ବିନିଯୋଗ କରିବାରେ କୁଣ୍ଠିତ, ସମାଜ ତା'କୁ କାହିଁକି ସମର୍ଥନ କରିବ? ଯେଉଁ ଅପରାଜେୟ ବ୍ରିଟିଶ ଶାସକକୁ ଅସହଯୋଗ ବଳରେ ହିଁ ଦୁର୍ବଳ କରିଦେଇଥିଲେ ଗାନ୍ଧିଜୀ, ସେହି ଶକ୍ତିଶାଳୀ ନୀତି ସମାଜରେ କାର୍ଯ୍ୟକ୍ଷମ ହେବ ନାହିଁ କାହିଁକି? ଅସହଯୋଗର ପ୍ରଭାବ ଅନ୍ୟ କୌଣସି ମତବାଦଠାରୁ କେତେ ବାସ୍ତବଧର୍ମୀ ତାହା ବୈଦ୍ୟନାଥ ମିଶ୍ର ବଳିଷ୍ଠ ଭାବରେ ପ୍ରତିପାଦନ କରିଦେଲେ।

ପ୍ରଫେସର ମିଶ୍ର ସମାଜର ତଳସ୍ତରରୁ ଆସିଥିବାରୁ ଦେଶର ଦାରିଦ୍ର୍ୟ ଦୂରୀକରଣ କେଉଁ ଅର୍ଥନୀତିର ଆଦର୍ଶ ବଳରେ ସମ୍ଭବ, ତାହା ଗଭୀର ଭାବରେ ଚିନ୍ତା କରିଛନ୍ତି। ତାଙ୍କ ରଚିତ ପୁସ୍ତକଗୁଡ଼ିକରେ ପ୍ରସଙ୍ଗଗୁଡ଼ିକର ଚିତ୍ତାକର୍ଷକ ବର୍ଣ୍ଣନା ସାଧାରଣ ପାଠକବର୍ଗ ମଧ୍ୟରେ ବି ସକାରାତ୍ମକ ଚିନ୍ତନକୁ ପ୍ରଶସ୍ତ କରି ଦେଇପାରେ। ତା' ମଧ୍ୟରେ ଅନ୍ତର୍ଭୁକ୍ତ 'ପୁଞ୍ଜିବାଦ, ସମାଜବାଦ ଓ ଗାନ୍ଧୀବାଦ', 'ଭାରତର ଆର୍ଥନୀତିକ ସମସ୍ୟା', 'ଆର୍ଥନୀତିକ ଯୋଜନା', 'ଶାସନ ଓ ସଂସ୍କାର', 'ସମାଜବାଦ ଓ ଗଣତନ୍ତ୍ର', 'ସାମାଜିକ ମୂଲ୍ୟବୋଧ', 'ରାଜନୀତିର ସୁଖ ଓ ଦୁଃଖ', 'ଚନ୍ଦ୍ରଲୋକରେ ଚହଲ' ଆଦି ଅନେକ ପୁସ୍ତକ। ଜୀବନରେ ଶିକ୍ଷା, ସମାଜ, ରାଜନୀତି କ୍ଷେତ୍ରରେ ଯେଉଁଠି ସେ ଲକ୍ଷ୍ୟ କରିଛନ୍ତି ଦରିଦ୍ରମାନଙ୍କ ପ୍ରତି ପ୍ରକାଶିତ ସହାନୁଭୂତି ମଧ୍ୟରେ ଲୁକ୍କାୟିତ ହୋଇ ରହିଛି ଛଦ୍ମତାର ଆବିଳତା, ସେଥିରେ ସେ ପୀଡ଼ାଗ୍ରସ୍ତ ହୋଇଛନ୍ତି। ରାଜନୈତିକ ଜୀବନରେ ଯେଉଁସବୁ ତିକ୍ତ ଅନୁଭୂତିର ସମ୍ମୁଖୀନ ହୋଇଛନ୍ତି, ତାହାକୁ ନିଷ୍କପଟ ଭାବରେ ଖବରକାଗଜରେ ବ୍ୟକ୍ତ କରିଛନ୍ତି। ସମାଜରେ ଅର୍ଥନୈତିକ ସମାନତା ପ୍ରତିଷ୍ଠା କରିବାର ବିଶିଷ୍ଟ ବ୍ୟକ୍ତିଙ୍କ ଅନାନ୍ତରିକତା ତାଙ୍କୁ ଆହତ କରିଛି ଗଭୀର ଭାବରେ। ଦାରିଦ୍ର୍ୟ ନିପୀଡ଼ିତ ସମାଜ ପ୍ରତି ସହାନୁଭୂତି ବ୍ୟକ୍ତ ଲକ୍ଷ୍ୟରେ ବିଶିଷ୍ଟ ବ୍ୟକ୍ତିଙ୍କ ଉଦବେଗ ସୃଷ୍ଟିକାରୀ ଉଦବୋଧନ କେତେ ଶଠତାପୂର୍ଣ୍ଣ, ତାହା ନିର୍ଭୀକ ଭାବରେ ବର୍ଣ୍ଣନା କରିଦେଇଛନ୍ତି।

ଯେଉଁ ଯୁବସମାଜ ସାମାଜିକ କ୍ଷେତ୍ରରେ ପରିବର୍ତ୍ତନ ଅସମ୍ଭବ ନୁହେଁ ବୋଲି ଅନୁଭବ କରିପାରନ୍ତି ଏବଂ ସ୍ୱଦେଶର ଯଥାର୍ଥ ପ୍ରଗତି ପାଇଁ କାର୍ଯ୍ୟ କରିବାକୁ ପ୍ରତିଜ୍ଞାବଦ୍ଧ ହୋଇଛନ୍ତି ସେମାନଙ୍କ ପାଇଁ ପ୍ରଫେସର ବୈଦ୍ୟନାଥ ମିଶ୍ରଙ୍କ ପୁସ୍ତକାବଳୀ ଶ୍ରେଷ୍ଠ ପ୍ରେରଣା-ପ୍ରଦାନ -କ୍ଷମ ଏକ ଏକ ଆଲୋକବର୍ତ୍ତିକା ଭାବେ ବିଦ୍ୟମାନ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## WALK IN INTERVIEW

Wanted Teaching Guest Faculties for **Logic, Sanskrit, Odia, Education, Commerce, I.T.** subjects and Library Attendant (one in each) will be held in the office of the undersigned at **09:00 a.m. on 30/06/2026.** Interested candidates having minimum **55% of marks** in concerned subjects (Teaching) in **Master Degree level** & **+2 Passed** qualification for Library Attendant should attend the interview with their **Resume, original photo** copies testimonials.

Principal
RAGHUNATHJEW H.S SCHOOL
DEULASAHI, CUTTACK-753008.

24001/248/2627

## GOVERNMENT OF ODISHA
## TOURISM DEVELOPMENT OFFICE, PURI

No. Acct. TDOP-39/26-1403/TDO, Puri, Date: 24.06.2026
Email: oritourpuri@gmail.com, Tel No.: 06752-222664

## SHORT TENDER CALL NOTICE

Tourism Development Office, Puri on behalf of Department of Tourism, Government of Odisha, Bhubaneswar invites tender in sealed covers from intending Agencies/Firms/Event Managers for installation of Temporary Tourism Information Stalls at different places of Puri in connection with Car Festival, 2026. Detailed information is available on the Puri District website: **https://puri.odisha.gov.in.**

OIPR-24001/24409/1/26-27/0001 Sd/- Asst. Director, Tourism

GOVERNMENT OF ODISHA 25001/504/2627

### OFFICE OF THE EXECUTIVE ENGINEER
### RURAL WORKS DIVISION-II, SUNDARGARH

Lt. No. 4502 / Dt. 22.06.2026

**1st Corrigendum to Bid Identification No. Online – EERKL-15/2026-27**

Due to some unavoidable circumstances in respect of the tender for Building Works invited in Tender Call Notice Bid Identification No. Online – EERKL-15/2026-27 by the Executive Engineer, Rural Works Division-II, Sundargarh, the date of online bidding and opening, which was scheduled from 19.06.2026 to 30.06.2026, is hereby extended as follows:

| Availability of Tender Online (From) | | Last Date & Time of Seeking Tender Clarification | Date & time of Opening of Tender (Technical Bid) |
|---|---|---|---|
| FROM | TO | | Online-EERKL-15/2026-27 |
| 24.06.2026 at 10.00 AM | 02.07.2026 up to 5.00 P.M. | 01.07.2026 up to 5.00 P.M. | 03.07.2026 at 11.00 A.M. |

Executive Engineer
OIPR-25001/25193/1/26-27/0023 R.W. Division-II, Sundargarh

GOVERNMENT OF ODISHA 34001/389/2627

### OFFICE OF THE SUPERINTENDING ENGINEER, JEYPORE (R&B) DIVISION, JEYPORE

**e-Procurement Notice**

**Bid Identification No. S.E (R&B)-07/2026-27/JYP(K)**
**No. 3844 Date: 18.06.2026**

Bid Documents consisting of work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tendersodisha.gov.in.

1. **Name of the Work** : Road & Building Work as mentioned in DTCN.
2. **No. of Works** : 4 Nos.
3. **Estimated Cost** : Rs. 18.45 Lakhs to Rs. 27.82 Lakhs
4. **Period of Completion** : 1 (One) to 3 (Three) Months
5. **Date & Time of Bidding** : From 11.00 Hours of 25.06.2026 up to 17.00 Hours of 04.07.2026
6. **Last Date & Time for Receipt of Bids in Portal** : 17.00 Hours of 04.07.2026
7. **Bids Received Online Shall Be Opened On** : 11.00 Hours of 06.07.2026
8. **Name and Address of the Officer Inviting Bid** : Superintending Engineer, Jeypore (R&B) Division, Jeypore.

Further details can be seen from www.tendersodisha.gov.in.

Superintending Engineer
OIPR-34001/34027/1/26-27/0007 Jeypore (R&B) Division, Jeypore

OFFICE OF THE PRINCIPAL

### NATIONAL COLLEGE, NUAPADA

AT/PO/DIST-NUAPADA (ODISHA) – 766105
e-Mail: principalncn@gmail.com

Notice No.: 13/NCN Date: 23/06/2026

**Quotation Call Notice**

Sealed quotations are invited from the interested firms/suppliers having valid GSTIN & PAN to supply the following items prescribed by the Government of Odisha, Department of Higher Education, Odisha, Bhubaneswar vide Letter No. 16578 Dtd. 23.03.2026 following all norms and specification of the items as specified in this letter. The sealed quotations along with the copies of GSTIN & PAN etc. should be reached to the undersigned by **5.00 PM on or before 07.07.2026** by Registered/Speed Post/Courier Services. For further details please visit the college website www.nationalcollegenpd.com. The quotation should be inclusive of spot delivery, installation charges and taxes. The undersigned reserves the right to cancel or withdraw the Quotation Call.

| Sl. No. | Item | Specification | Company |
|---|---|---|---|
| 1 | Desktop Set | i10, 12th Gen, 8GB RAM, 512 GB, 23.8 inch above | HP / Dell / Lenovo |
| 2 | UPS | 650VA / 360W | Microtek / Luminous / Vguard |
| 3 | MFM Printer | Laser Jet, Colour Inkjet | HP / Canon / Samsung |

Sd/- Principal
National College, Nuapada

6001/57/2627

### EOI FOR EMPANELMENT OF SUPPLIER FOR DAIRY ANIMALS

EOI No. 10474, Date: 22.06.2026

**EOI for Empanelment of "Supplier for Dairy Animals"**

Suppliers for supply of milch cow/buffalo from outside the State for sub-schemes under **Mukhyamantri Kamdhenu Yojana (MKY) / Mukhyamantri Krushi Udyoga Yojana (MKUY)**

The Fisheries & ARD Department has launched the **Mukhyamantri Kamdhenu Yojana (MKY)** to accelerate the growth of the dairy sector in the State through the induction of high-genetic-potential dairy cows/buffaloes from outside Odisha, with the objective of enhancing the quality and productivity of the State's dairy animal population.

The Director of Animal Husbandry and Veterinary Services, Odisha, Cuttack invites **Expression of Interest (EOI)** from intending Firms/Organizations/Agencies/Individuals for empanelment towards supply of high milk yielding cows/buffaloes from outside the state for animal induction by farmers under State Plan Scheme "Mukhyamantri Kamdhenu Yojana" and "Mukhyamantri Krushi Udyoga Yojana (MKUY)".

The details of the Expression of Interest (Non-transferable) as well as terms and conditions and information docket are available on the DAH & VS, Odisha website: https://odishaahvs.nic.in. Interested parties are requested to download the required documents and submit their response to the undersigned at the above-mentioned address along with the cost of the EOI document of **Rs. 2360/- (Rs. 2000/- + 18% GST)** in shape of Bank Draft drawn in favour of the **Director, AH & VS**, payable at Cuttack.

The cost of EOI documents is compulsory and the bank draft should be enclosed in original along with the EOI documents. The cost paid for EOI documents is non-refundable.

**Time Line**

| | |
|---|---|
| Date & Time of release of EOI | 25.06.2026 |
| Submission of queries on EOI & Pre-bid meeting | At DAH&VS, Mangalabag, Cuttack, Odisha on 02.07.2026 at 11:30 AM |
| Start Date & Time of submission of EOI documents | 27.06.2026 (10:00 AM) |
| Last Date & Time of submission of EOI | 17.07.2026 (05:00 PM) |
| Date & Time of opening of Bid | 20.07.2026 (11:30 AM) |

DIRECTOR
Animal Husbandry and Veterinary Services,
OIPR-6001/6014/1/26-27/0006 Odisha, Mangalabag, Cuttack

## AFFIDAVIT

By virtue of an affidavit no.172 before the Notary Public, Bhubaneswar, dtd.24.06.2026, I, Hapi Swain, At-Baghuapalli, PS-Fategarh, Dist.-Nayagarh, Odisha–752077, hereby declare that I have changed my name from Hapi Swain to Soumya Ranjan Swain. Henceforth, I shall be known as **Soumya Ranjan Swain** for all purposes.

## AFFIDAVIT

By Virtue of an affidavit sworn before in the Court of Executive Magistrate, Basta, Balasore. I, Harihar Dandapat,S/o- Muralidhar Dandapat of permanent Resident At -Tigiria, Po-Pandarungi, Ps-Basta, Dist-Balasore, Odisha, 756029. Declared by Affidavit Sl No: - 1552, Dtd-17/04/2026. That, I, Have changed my name from SANAYASI KHATUA to HARIHAR DANDAPAT. Hence forth, I shall be Known as **HARIHAR DANDAPAT** for all future purpose.

Harihar Dandapat

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 977, dated 20.06.2026, I, MANISA NAYAK, Daughter of - Pradeep Kumar Nayak & Wife of - Sudhakar Kachhap permanent resident of Village - Bhurbhusi, PO - Betal, PS - Kodinga, Dist - Nabarangpur, Odisha, Pin - 764075, declare that I have changed my name from MONISHARANI KACHHAP to MANISA NAYAK. Henceforth, I shall be known as **MANISA NAYAK** for all purposes.

Sd/- Manisa Nayak

## AFFIDAVIT

By virtue of an affidavit sworn before the Executive Magistrate, Bargarh dated 16.06.2026, I, Alestar Minz, Address- Vill.-Khaliapali, Po.- Bardol, Ps./Dist.- Bargarh, Odisha declare that, my daughter's actual name is **Sonia Minz** and date of birth is **12.11.2012** but in her Aadhar card her name has been wrongly mentioned as Dania Minch. That, **Sonia Minz** and **Dania Minch** is one and same person.

## ବିକ୍ରି କବଲା ହଜିଛି

ଆମ୍ଭେ ଶ୍ରୀ ନାରାୟଣ ପ୍ରସାଦ ସାହୁ, ପିତା- ସ୍ୱର୍ଗତ ଦାଶରଥି ସାହୁ, ସା/ପୋ- ପାଟପୁର, ଥାନା- ଉଦଳା, ଜି-ମୟୂରଭଞ୍ଜ ପ୍ରକାଶ କରୁଅଛି ଯେ ତା. ୦୮.୦୬.୨୦୨୬ ରିଖ ସୋମବାର ଦିନ ଉଦଳା କଚେରୀରୁ ପାଟପୁର ସ୍ଥିତ ମୋ ଘରକୁ ଫେରିବା ବାଟରେ ମୋର ଅରିଜିନାଲ ରେଜେଷ୍ଟ୍ରି ବିକ୍ରି କବଲା ନ. ୧୮୨୯, ତା. ୨୨.୧୦.୧୯୮୮ କେଉଁଠାରେ ହଜିଯାଇଛି । ବହୁ ଖୋଜା ଖୋଜି କରିବା ସତ୍ତ୍ୱେ ମୁଁ ପାଇପାରିନାହିଁ ଯଦି କେହି ସହୃଦୟ ବ୍ୟକ୍ତି ଉକ୍ତ କବଲାଟି ପାଇଥାନ୍ତି, ଦୟାକରି ମୋବାଇଲ ନଂ. ୯୧୭୮୨୭୮୯୦୭ରେ ଜଣାଇବାକୁ ଅନୁରୋଧ କରୁଛି ।

ନାରାୟଣ ପ୍ରସାଦ ସାହୁ

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳ ପକ୍ଷରୁ ଏକ ଇ-ଟେଣ୍ଡର ବିଜ୍ଞପ୍ତି ଜାରି କରାଯାଇଛି। ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା M247GLRSRP262715, ତାରିଖ 23.06.2026। ଏହି ଟେଣ୍ଡର 80ଟି ବିଦ୍ୟୁତ ଲୋକୋମୋଟିଭର ରିପାଇଁ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଛି। କାର୍ଯ୍ୟଟି ପଶ୍ଚିମ ରେଳବାଇର ଦାହୋଦସ୍ଥିତ CVWM କାର୍ଯ୍ୟାଳୟରେ ସମ୍ପାଦିତ ହେବ। ଏହାର ଆନୁମାନିକ ମୂଲ୍ୟ ଟ.8,80,39,200/- ଧାର୍ଯ୍ୟ କରାଯାଇଥିବା ବେଳେ ଅମାନତ ଜମା ଡିପୋଜିଟ୍ ( E M D ) ରାଶି ଟ.17,60,800/- ନିର୍ଦ୍ଧାରଣ କରାଯାଇଛି। ଇ-ଟେଣ୍ଡର ଦାଖଲ କରିବାର ଶେଷ ସମୟ 15.07.2026 ତାରିଖ ଦିନ ଅପରାହ୍ନ 2.30 ଘଣ୍ଟା ପର୍ଯ୍ୟନ୍ତ ରହିଛି ଏବଂ ସେହି ଦିନ ଅପରାହ୍ନ 3.00 ଘଣ୍ଟାରେ ଟେଣ୍ଡର ଖୋଲାଯିବ। ଟେଣ୍ଡର ସମ୍ବନ୍ଧୀୟ ବିସ୍ତୃତ ବିବରଣୀ ଏବଂ ଦଲିଲପତ୍ର www.ireps.gov.in ୱେବସାଇଟର E-Tenders/Works/IRElectrical ରୁ ପ୍ରାପ୍ତ କରିପାରିବେ।

Apex/109

Like us on: facebook.com/WesternRly

## ପଶ୍ଚିମ ରେଳବାଇ ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

ପଶ୍ଚିମ ରେଳବାଇ, ରତଲାମ ମଣ୍ଡଳର DRM (S&T), ୱର୍କସ୍ ରତଲାମ ପକ୍ଷରୁ ଟେଣ୍ଡର ନଂ SnT-RTM-26-Tele-14, ତାରିଖ 23.06.2026 ଅନୁସାରେ ଏକ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଇଛି। ଏହି କାର୍ଯ୍ୟ ଅନ୍ତର୍ଗତ ରତଲାମ ମଣ୍ଡଳର ବ୍ଲକ୍ ସେକ୍ସନରେ ଥିବା ବର୍ତ୍ତମାନର ଭୂଗର୍ଭସ୍ଥ ସିଗ୍ନାଲ ଏବଂ ଟେଲିକମ୍ କେବୁଲଗୁଡ଼ିକର ଡ୍ରୋନ୍ ଓ D G P S ସର୍ଭେ କରାଯାଇ କେବୁଲ ରୁଟ୍ ପ୍ଲାନ୍ ପ୍ରସ୍ତୁତ କରାଯିବ। ଏହି ଟେଣ୍ଡରର ଆନୁମାନିକ ମୂଲ୍ୟ 7,71,13,920.00 ଟଙ୍କା ହୋଇଥିବାବେଳେ ବିଡ୍ ସିକ୍ୟୁରିଟି / ଅମାନତ ଜମା ଭାବେ 15,42,300.00 ଟଙ୍କା ଜମା କରିବାକୁ ପଡ଼ିବ। ବିଡ୍ ଦାଖଲ କରିବାର ଶେଷ ତାରିଖ ଓ ସମୟ: 20.07.2026, ଅପରାହ୍ନ 3.00 ଘଣ୍ଟା ରହିଛି ଏବଂ ବିଡ୍‌ଗୁଡ଼ିକ ସେହି ଦିନ ଅପରାହ୍ନ 3.30 ଘଣ୍ଟା ପରେ ଖୋଲାଯିବ। କାର୍ଯ୍ୟସମାପ୍ତି ପାଇଁ 12 ମାସର ଅବଧି ନିର୍ଦ୍ଧାରିତ ହୋଇଛି। ବିଡ୍ ଖୋଲିବା କାର୍ଯ୍ୟ Sr. DSTE, DRM କାର୍ଯ୍ୟାଳୟ, ରତଲାମ, ମଧ୍ୟପ୍ରଦେଶରେ ସମ୍ପନ୍ନ ହେବ। ଆଗ୍ରହୀ ଟେଣ୍ଡରଦାତାମାନେ ଇ-ଟେଣ୍ଡର ପୋର୍ଟାଲ www.ireps.gov.in ରେ ଟେଣ୍ଡର ସମ୍ବନ୍ଧୀୟ ସମସ୍ତ ବିବରଣୀ ଦେଖିପାରିବେ ଏବଂ ସେହି ପୋର୍ଟାଲ ମାଧ୍ୟମରେ ନିଜର ପ୍ରସ୍ତାବ ଦାଖଲ କରିବାକୁ ପଡ଼ିବ।

Apex/107

Like us on: facebook.com/WesternRly

## ସାର୍ବଜନୀନ ସୂଚନା

ଏହି ସୂଚନା ମାଧ୍ୟମରେ ମୋର ମହକିଲ ଶ୍ରୀମତୀ କଳ୍ପନା କବାଟ, ପିତା- ପରମାନନ୍ଦ କବାଟ ବନଜା ବେହେରାଙ୍କ ସପକ୍ଷରେ ମୂଳ ବିକ୍ରୟ ପତ୍ର ପଞ୍ଜିକୃତ ନଂ- ୧୧୧୨୧୮୦୧୩୪୮ (୩୧.୦୩.୨୦୧୮) ବନଜା ବେହେରାଙ୍କ ସପକ୍ଷରେ ଏବଂ ୧୧୧୨୨୪୦୦୮ ୭୩ (୧୬.୦୨.୨୦୨୬) କଳ୍ପନା କବାଟ ସପକ୍ଷରେ ସଂଶୋଧନ ପତ୍ର ପଞ୍ଜିକୃତ ନଂ- ୧୧୧୨୨୨୦୩୧୯୧୬(୦୨.୦୭.୨୦୨୨) ସହିତ ବନଜା ବେହେରାଙ୍କ ସପକ୍ଷରେ RoR ଖାତା ନଂ- ୩୧୧/୨୭୦୬ ଏବଂ ୩୧୧/୩୧୧୧ କଳ୍ପନା କବାଟ ସପକ୍ଷରେ ମୌଜା-କଣ୍ଠିଲୋ, ତହସିଲ-ଜଟଣୀ, ଜିଲ୍ଲା-ଖୋର୍ଦ୍ଧା, ରାଜ୍ୟ-ଓଡିଶାଙ୍କ ସପକ୍ଷରେ ଥିବା ସମ୍ପୃକ୍ତ ROR ହଜାଇଛନ୍ତି। ଏଥିପାଇଁ ଘଟଗାଁ ଥାନାରେ ଏକ FIR (ଅଭିଯୋଗ ନଂ- ୨୪୪୯୭୦୧୫୦୭୨୬୦୦୦୧୦) ୨୨.୦୬.୨୦୨୬ରେ ଦାୟର କରାଯାଇଛି। ସମସ୍ତ ବ୍ୟକ୍ତିଙ୍କୁ ଏହି ନୋଟିସ୍ ପ୍ରକାଶ ପାଇବାର ପର୍ଯ୍ୟାପ୍ତ ପ୍ରମାଣ ସହିତ ୧୫ ଦିନ ମଧ୍ୟରେ ଉକ୍ତ ସମ୍ପତ୍ତି କିମ୍ବା ଏହାର ଯେକୌଣସି ଅଂଶ ବିଷୟରେ ସେମାନଙ୍କର ଦାବି କିମ୍ବା ଆପତ୍ତି ଦାଖଲ କରିବାକୁ ଏତଦ୍ୱାରା ସୂଚିତ କରାଯାଉଛି। ଯଦି ଉପରୋକ୍ତ ଡକ୍ୟୁମେଣ୍ଟଗୁଡ଼ିକ ୧୫ ଦିନ ମଧ୍ୟରେ ନ ମିଳେ, ତେବେ ରେଜିଷ୍ଟ୍ରି ଅଫିସରୁ ପ୍ରାପ୍ତ ଡକ୍ୟୁମେଣ୍ଟଗୁଡ଼ିକର ପ୍ରମାଣିତ କପିକୁ ମୂଳ ଡକ୍ୟୁମେଣ୍ଟ ଭାବରେ ବିବେଚନା କରାଯିବ।

ସମୀର କୁମାର ପାଇକରାୟ (ଆଡ୍‌ଭୋକେଟ୍)
ଭୁବନେଶ୍ୱର କୋର୍ଟ,
ଫୋନ୍: ୭୦୦୮୦୦୫୪୧୯

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 980, dated 22.06.2026, I, MUNA NAYAK, Son of - Sunadhar Harijan, permanent resident of Village - Jatabal, PO - Jatabal, PS - Dabugam, Dist - Nabarangpur, Odisha, Pin - 764071, declare that I have changed my name from MUNA HARIJAN to MUNA NAYAK. Henceforth, I shall be known as **MUNA NAYAK** for all purposes.

Sd/- Muna Nayak

## AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no- 987, dated 23.06.2026 I, NALINI PUJARI, Daughter of - Madhu Pujari & Wife of - Jhadeswar Patro, permanent resident of Village - Sirisi, PO - Sirisi, PS - Papadahandi, Dist - Nabarangpur, Odisha, Pin - 764071, declare that I have changed my name from NALINI RAJGOND to NALINI PUJARI. Henceforth, I shall be known as **NALINI PUJARI** for all purposes.

Sd/- Nalilin Pujari

## AFFIDAVIT

By virtue of an affidavit before the Notary Public, Sukinda, Jajpur, dtd.23.06.2026, I, Satyajit Behura, Village /PO/PS-Sukinda, Dist.-Jajpur do hereby declare that I have changed my minor son's name from Saipriti Behura to Saiprit Behura. Henceforth, he shall be known as **Saiprit Behura** for all purposes.

Sd/- Satyajit Behura

## AFFIDAVIT

I Sk Akhlak Hosain holding indian Passport No-M7901874 residing At- Sayedpur, Noor Mohalla, Po/Ps-Binjharpur, Dist-Jajpur, Odisha, Pin-755004 declare by Court Affidavit vide no 2966 Dt-22/06/2026 have change the of my mother Khursida Bibi (Old Name) to Khursida Jahanara Begum (New Name) and my father Sofean Shaikh (Old Name) to Sk Sufiyan (New Name) . And have changed my Date of Birth from 10.09.1990. to 10.09.1993 For all Future Purposes.

Sk Akhlak Hosain

## AFFIDAVIT

I, Bismaya Kumar Swain, aged about 60 years, S/o- Late Manmohan Swain, resident of At: Plot No-RP/119, Pandav Nagar, Tankapani road, Po/Ps-Badagada, Bhubaneswar, Dist- Khordha, Pin-751018, State: Odisha declared by this affidavit No. 45, dtd- 24/06/2026 that now onwards I shall be known as **BISMAY KUMAR SWAIN** for all future purposes.

## AFFIDAVIT

By virtue of an affidavit (SL No. 1580, dtd- 23/06/2026) sworn before The Executive Magistrate, Bhubana, Dhenkanal. I, **Tirthabasi Swain,** S/o- Jogi Swain, permanent resident of Vill/PO: Balibo(L), PS: Bhubana, Dist: Dhenkanal, PIN- 759017, State: Odisha. Correctly record in all relevant documents including in his birth certificate bearing Regd No-4736/2015, on dt-03.08.2015 Issued by the registered birth Dhenkanal Municipality. declare that I have changed my minor son's name from **Saswat Sekhar Swain** (old name) to **Sai Sritam Swain** (new name). Henceforth, he shall be known as **Sai Sritam Swain** (new name) for all purposes.

**Tirthabasi Swain**

## AFFIDAVIT

I, Paresh Agrawal, aged about 43 years, S/O- Pawan Kumar Agrawal, resident of Kansari Pada, Balangir, Po- Balangir, Ps- Town Bolangir, Dist- Balangir, Odisha, Pin-767001 do hereby declare by this affidavit No. 1296, dtd- 24/06/2026, that now onwards I shall be known as **PARESH KUMAR AGRAWAL** for all future purposes.

## AFFIDAVIT

By virtue of an affidavit (Sl No.235, dtd- 22/06/2026) sworn before the Executive Magistrate, Khariar, Nuapada. I, **Kunal Tandi** (applicant name), S/o Narayan Tandi, resident of Village: Khariar, Ward No.4, PO/PS: Khariar, Dist: Nuapada, Odisha declare that I have changed my minor son's name from **Prince Tandi** (old name) to **Prinsu Tandi** (new name). Henceforth, he shall be known as **Prinsu Tandi** (new name) for all purpose.

**Kunal Tandi**

24001/233/2627

## ଓଡ଼ିଶା ସରକାର
## କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଅଧିସୂଚନା

ନଥି ସଂ - IX(A)-11/2026-324 ତାରିଖ: ୦୯.୦୬.୨୦୨୬

ଯେହେତୁ ଓଡିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ସରକାର (Appropriate Government) ସରକାରୀ ବ୍ୟୟରେ ମୌଜା-ବାଳକାଟି, ଥାନା- ଆନନ୍ଦପୁର, ତହସିଲ- ଆନନ୍ଦପୁର, ଜିଲ୍ଲା-କେନ୍ଦୁଝରରେ ନିମ୍ନ ତଫସିଲ ମତେ ପ୍ରାୟ ଏ ୨,୯୩୦ ରକବା ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013) ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government ) ଏତଦଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧୁକାର ଏବଂ ଭୂ-ଅର୍ଜନ, ପୁର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧-ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୨-ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ଅଧିକ୍ଷଣ ଯନ୍ତ୍ରୀ, ଡ୍ରେନେଜ ଡିଭିଜନ, ଭଦ୍ରକ ।
୩-କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ- ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ।
୪-ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ ।
୫-ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ ଜିଲ୍ଲାପାଳ, ଆନନ୍ଦପୁର ।

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧ ସୂଚିତ ଜମିର ରକବା | ରୟତର ନାମ |
|---|---|---|---|---|---|---|---|---|
| କେନ୍ଦୁଝର | ଆନନ୍ଦପୁର | ବାଳକାଟି | ଗ୍ରାମାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ୧୫.୩୭୦ | ୨.୯୩୦ | ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ୦.୦୦ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝରରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି କେନ୍ଦୁଝର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ବିଶାଳ ସିଂ
ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ –ଘାଗରାନାଳର ପୁନରୁଦ୍ଧାର ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ,
ମୌଜା- ବାଳକାଟି, ଥାନା –ଆନନ୍ଦପୁର, ତହସିଲ-ଆନନ୍ଦପୁର, ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା (ଏକର) |
|---|---|---|---|---|---|---|
| ୧ | ୧୧ | ଆର୍ତ ସାହୁ ପି- ଅଇଁଠୁ ସାହୁ , ଜା- ତେଲି ବା- ନିଜଗାଁ | ୩୪ | ଶାରଦ ଏକ | ୦.୨୩୦ | ୦.୨୩୦ |
| ୨ | ୧୨ | ଇନ୍ଦ୍ରମଣି ଜେନା ପି-ଜନ୍ଧା ଜେନା, କନ୍ଦ ଜେନା, ବୈସିମ ଜେନା, ପି- ମଦନ ଜେନା, ଜା- ପାଣ, ବା- ଦଧିବାମନପୁର | ୧୭୨ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୦୨୦ |
| | | | ୧୭୪ | ବିଆଲି ଦୋଫସଲି ଏକ | ୦.୬୪୦ | ୦.୦୩୦ |
| | | | ୧୭୮ | ଶାରଦ ଦୋଫସଲି ଏକ | ୦.୨୦୦ | ୦.୦୨୦ |
| ୩ | ୨୭୫/୨୩ | ଶ୍ରୀମତୀ ସାରୁଅ ସାହାଣୀ ସା-ଚକ୍ରଧର ସହାଣୀ , ଜା- ଖଣ୍ଡାୟତ ବା- ଦୁଡୁଗାଁ | ୧୯୪ | ବାଜେଫସଲ ଏକ | ୧.୨୨୦ | ୦.୦୩୦ |
| ୪ | ୩୧ | କେଳା ବାରିକ ପି- କପିଳ ବାରିକ, ଲକ୍ଷ୍ମୀଧର , ବାରିକ, ନାରାୟଣ ବାରିକ, ଚହଳିଆ ବାରିକ , ପି- ଧଡି ବାରିକ, ନାଣ୍ଟୁ ବାରିକ , ପି- ସପନ ବାରିକ , ଜା- ନିଆରି , ବା- ଫକିରପୁର | ୧୭୧ | ଶାରଦ ଦୋଫସଲି ଏକ | ୦.୩୪୮ | ୦.୨୨୦ |
| ୫ | ୫୦ | ଗୁମାନ ଜେନା, ଗୋପାଳ ଜେନା, ଗଙ୍ଗା ଜେନା ସିରିଆ ଜେନା, ରଙ୍ଗା ଜେନା, ପି- ରତନ ଜେନା, ଗଇ ଜେନା ସା- ରତନ ଜେନା, ମାନ ଜେନା, ବିଭୁତି ଜେନା, ପୋଇନ ଜେନା ପି- ପତନ ଜେନା ଜଳା ଜେନା - ପତନ ଜେନା, ଗୋପି ଜେନା, ମାଧବ ଜେନା, ଲେଖନ ଜେନା ପି- ଗାଣ୍ଡୁ ଜେନା, ବେଙ୍ଗ ଜେନା ସା- ଗାଣ୍ଡୁ ଜେନା, ବଇ ଜେନା, ମଠୁ ଜେନା, କାର୍ତିକ ଜେନା ପି-ମେନା ଜେନା ଜା- ପାଣ ବା- ଦଧିବାମନପୁର | ୧୯୩ | ବିଆଲି ଦୋଫସଲି | ୦.୫୦୦ | ୦.୦୪୦ |
| | | | ୧୯୩/ ୧୨୦୯ | ବିଆଲି ଦୋଫସଲି | ୦.୫୦୦ | ୦.୦୫୦ |
| ୬ | ୯୦ | ଦୈତାରୀ ଦାସ, ଆରତ ଦାସ, ସାରତ ଦାସ ପି- ରାମଚନ୍ଦ୍ର ଦାସ ଜା- ବ୍ରାହ୍ମଣ ବା-ଫକିରପୁର ଭାଗସୂତ୍ରେ ଦଖଲ - ନ ଜେନା, ପି- ବଇ ଜେନା, ଗୌରଙ୍ଗ ଜେନା ପି- ଶୁକୁରୀ ଜେନା ବିଦା ଜେନା ପି- ଲୋକେଇ ଜେନା, ଋଷି ଜେନା ପି-କ୍ଷେ ଜେନା ଜା- ପାଣ ବା- ଦଧିବାମନପୁର ସ୍ନ ୧୯୫୦ ଠାରୁ | ୧୩୨ | ପଡିତ | ୩.୫୦୦ | ୦.୦୬୦ |
| | | | ୧୩୫ | ବିଆଲି | ୧.୯୦ | ୦.୧୫୦ |
| | | | ୧୫୭ | ଶାରଦ ଦୋଫସଲି ଏକ | ୦.୪୭୦ | ୦.୧୨୦ |
| ୭ | ୧୧୭ | ନାଣ୍ଟୁ ବାରିକ ପି- ସପନ ବାରିକ ଜା- ନିଆରି ବା- ଫକିରପୁର | ୩୩ | ଶାରଦ ଏକ | ୦.୩୫୦ | ୦.୦୪୦ |
| ୮ | ୧୩୪ | ପଦୁ ଜେନା, ବିପିନ ଜେନା, ଉପ ଜେନା ପି- ବେନୁ ଜେନା, ଜୁଣ ଜେନା ସା-ବେନୁ ଜେନା, ଛଚି ଜେନା ପି- କାଙ୍ଗାଳି ଜେନା, ବିଲେଇ ଜେନା, ଝୁଲ ଜେନା, ପି- କରୁଣୀ ଜେନା, ଗୋଲେଖ ଜେନା, ରମ୍ଭା ଜେନା, ରମା ଜେନା, ପି- ଅନୁ ଜେନା, ସଖୀ ଜେନା ସା-ଅନୁ ଜେନା, ହାର ଜେନା ସା-ଦାମ ଜେନା, ସଜୀ ଜେନା ସା-କପିଳ ଜେନା ଜା-ପାଣ ବା- ଦଧିବାମନପୁର | ୧୫୯ | ଶାରଦ ଦୋଫସଲି ଏକ | ୦.୩୦୦ | ୦.୦୨୦ |
| | | | ୧୬୫ | ଶାରଦ ଦୋଫସଲି ଏକ | ୦.୨୧୦ | ୦.୦୨୦ |
| | | | ୧୬୪/ ୧୧୭୧ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| ୯ | ୧୩୬ | ପଦ୍ମଲାଭ କର ପି-ନିଧୁ କର ଜା-ବ୍ରାହ୍ମଣ ବା-ତରତରା | ୧୦ | ଶାରଦ ଏକ | ୦.୦୮୦ | ୦.୦୮୦ |
| ୧୦ | ୧୪୨ | ପୁନି ଖଟୁଆ, ଧନୀ ଖଟୁଆ , ପି- ଅପର୍ତ୍ତି ଖଟୁଆ. ରାଜନ ମହାନ୍ତି, ବାବାଜି ମହାନ୍ତି, ପି-ଶୁକୁଟା ମହାନ୍ତି, ପଠାଣି ମହାନ୍ତି ପି-ସଦେଇ ମହାନ୍ତି ଜା- ଗୋଲା ବା- ଅକରୁଆ ଜବର ଦଖଲ ଚକ୍ରଧର ଦାସ ପି- ପୁରୁଷୋତମ ଦାସ, ଜା-ବ୍ରାହ୍ମଣ, ବା- ଫକିର ପୁର ସ୍ନ ୧୯୬୫ ଠାରୁ | ୨୪ | ବାଜେଫସଲ ଏକ | ୦.୧୦୦ | ୦.୧୦୦ |
| ୧୧ | ୧୭୯ | ବିଷ୍ଣୁ ଦାସ ପି-ସଦା ଦାସ ଜା-ପାଣ ବା-ଆମ୍ବ ଗଡିଆ | ୧୬୬ | ଶାରଦ ଦୋଫସଲି ଏକ | ୦.୩୭୦ | ୦.୦୫ |
| ୧୨ | ୨୦୦ | ଭିକାରି ସାହାଣି, ବାବାଜି ସାହାଣି, ସଙ୍ଖାଳି ସାହାଣି, ପି-ସାହାଣି, ରଙ୍ଗାଧର ସାହାଣି, ଘନ ସାହାଣି, ଯମୁନା ସାହାଣି, ବାଇଧର ସାହାଣି ପି- କାହ୍ନୁ ସାହାଣି, ବଇଁଶି ସାହାଣି, ସା- କାହ୍ନୁ ସାହାଣି, ସାରି ସାହାଣି, ସା- ନିଧୁଆ ସାହାଣି, ଦୁଃଖୁ ସାହାଣି, ସା-ପଦିଆ ସାହାଣି, ମଙ୍ଗଳି ସାହାଣି, ପି- ଶଙ୍କର ସାହାଣି, ମଡି ସାହାଣି, ପି- ଭାଲୁ ସାହାଣି, ପାତିଆ ସାହାଣି ପି-ମଗୁରା ସାହାଣି, ବେନୁଆ ସାହାଣି, ଧନିଆ ସାହାଣି, ପି-ରାମ ସାହାଣି, ଜା-ଖଣ୍ଡାୟତ ବା- ଫକିରପୁର | ୧୬୮ | ଶାରଦ ଦୋଫସଲି ଏକ | ୦.୨୯୦ | ୦.୦୫୦ |
| | | | ୧୬୯ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୮୦ |
| | | | ୧୬୯/ ୧୦୧୬ | ଶାରଦ ଦୋଫସଲି ଏକ | ୦.୧୭୦ | ୦.୦୮୦ |
| | | | ୧୬୯/ ୧୧୯୮ | ଶାରଦ ଦୋଫସଲି ଏକ | ୦.୧୦୦ | ୦.୦୫୦ |
| ୧୩ | ୨୨୧ | ମୁରଲୀଧର ସାହୁ, ପି- ମିନ୍ଧୁ ସାହୁ, ଜା- ବଣିଆ - ଫକିରପୁର | ୬୭ | ଶାରଦ ଏକ | ୦.୧୫୦ | ୦.୦୩୦ |
| ୧୪ | ୨୩୩ | ରଘୁନାଥ ଜେନା ପି- ହରି ଜେନା ଜା-ଖଣ୍ଡାୟତ ବା- ତରତରା | ୬ | ଶାରଦ ଏକ | ୦.୧୭୦ | ୦.୦୩୦ |
| | | | ୧୯/୧୦୩୬ | ଶାରଦ ଦୁଇ | ୦.୩୦୦ | ୦.୨୦୦ |
| ୧୫ | ୨୬୫/୬ | ଆରତ ସାହୁ ପି- ଅଇଁଠୁ ସାହୁ ଜା-ତେଲି ବା- ଦୁଡୁଗାଁ | ୨୯ | ଶାରଦ ଦୋଫସଲି ଏକ | ୦.୧୧୦ | ୦.୦୭୦ |
| | | | ୩୦ | ଶାରଦ ଦୋଫସଲି ଏକ | ୦.୧୬୦ | ୦.୧୨୦ |
| | | | ୨୬ | ଶାରଦ ଦୋଫସଲି ଏକ | ୦.୨୫୦ | ୦.୦୮୦ |
| | | | ୨୭ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୧୧୦ |
| | | | ୨୮ | ଶାରଦ ଦୋଫସଲି ଏକ | ୦.୧୯୦ | ୦.୧୪୦ |
| ୧୬ | ୨୭୫/ ୯୪ | ପ୍ରଭାତ କୁମାର ପଣ୍ଡା, ପ୍ରଦୀପ କୁମାର ପଣ୍ଡା ପି- ଯୋଗେନ୍ଦ୍ର ୧୦୨୩ ପଣ୍ଡା ଜା- ବ୍ରାହ୍ମଣ ବା-ଫକିରପୁର | ୪୦/ ୧୦୨୩ | ଶାରଦ ଦୋଫସଲି ଏକ | ୦.୧୫୦ | ୦.୦୫୦ |
| ୧୭ | ୨୭୫/ ୧୧୩ | ମାନଗୋବିନ୍ଦ ନାହାକ, ପି-ପୋକ ନାହାକ, ଜା- ଖଣ୍ଡୁଆଳ ବା-ବାଳକାଟି | ୩୮/ ୧୦୨୧ | ଶାରଦ ଦୋଫସଲି ଏକ | ୧.୪୨୦ | ୦.୧୮୦ |
| ୧୮ | ୨୭୫/ ୧୩୨ | ରଘୁନାଥ ସେଠୀ, ପି- ଗିରିଧାରୀ ସେଠୀ, ଜା-ଧୋବା ବା- ଡୁଡୁଗାଁ | ୧୮୦/ ୧୪୦୭ | ଶାରଦ ଦୋଫସଲି ଏକ | ୦.୨୬୩ | ୦.୦୭୦ |
| ୧୯ | ୨୭୫/ ୧୩୬ | ଆନନ୍ଦ କୁମାର ସାହୁ ପି-ଆରତ ସାହୁ, ନିତ୍ୟାନନ୍ଦ ସାହୁ ପି- ରାମ ସାହୁ ଜା- କୁବେର ବା- ଡୁଡୁଗାଁ | ୧୮ | ଶାରଦ ଦୁଇ | ୦.୪୬୩ | ୦.୧୨୦ |
| ୨୦ | ୨୭୫/ ୧୩୯ | ଆରତ ସାହୁ ପି- ଅଇଁଠୁ ସାହୁ ଜା-ତେଲି ବା- ଡୁଡୁଗାଁ | ୩୧ | ଶାରଦ ଏକ | ୦.୧୨୩ | ୦.୧୨୦ |
| | | | | ମୋଟ | ୧୫.୩୭୦ | ୨.୯୩୦ |

AMIN
L.A. (Gen.) Section
Collectorate, Keonjhar

Land Acquisition Inspector
L.A. (Gen.) Section
Collectorate, Keonjhar

ଭୂ-ଅର୍ଜନ ଅଧିକାରୀ କେନ୍ଦୁଝର
ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ କେନ୍ଦୁଝର

OIPR-24001/24045/3/26-27/0006

# ବେନିଫିସିଆଲ ପ୍ଲାଣ୍ଟକୁ ବିରୋଧ
# ଦେଉଳକଣ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା

ଦାନଗଦି,୨୪।୬(ସମିସ):



ଯାଜପୁର ଜିଲ୍ଲା ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ପାଟବାଲି ମୌଜାରେ ହେଉଥିବା ବେଦାନ୍ତ କମ୍ପାନୀର ବେନିଫିସିଆଲ ପ୍ଲାଣ୍ଟର କାର୍ଯ୍ୟକୁ ପୁଣି ବିରୋଧ କରିଛନ୍ତି ସ୍ଥାନୀୟ ପ୍ରଭାବିତ ଅଞ୍ଚଳବାସୀ। ସେମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ପଞ୍ଚାୟତର ଜନପ୍ରତିନିଧିମାନେ କମ୍ପାନୀକୁ ସିଧାସଳଖ ସମର୍ଥନ ଦେଇଥିବାରୁ ବୁଧବାର ଅପରାହ୍ନରେ ପଞ୍ଚାୟତର ମୁଖ୍ୟ ଦ୍ୱାରକୁ ଆନ୍ଦୋଳନକାରୀ ଗ୍ରାମବାସୀ ତାଲା ପକାଇ ଧାରଣାରେ ବସିରହିଥିଲେ। ଏହି ପ୍ଲାଣ୍ଟ ହେଲେ ଶବ୍ଦ ପ୍ରଦୂଷଣ, ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ ଓ ଭବିଷ୍ୟତରେ ଲୋକମାନେ ମାରାତ୍ମକ ରୋଗରେ ପୀଡ଼ିତ ହୋଇ ମୃତ୍ୟୁ ମୁଖରେ ପଡ଼ିବେ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ଜନପ୍ରତିନିଧିଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, କମ୍ପାନୀ କର୍ତ୍ତୃପକ୍ଷ, ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଆକାରରେ କାରଖାନା ଏଠାରେ ନ ହେବା ପାଇଁ ଗୁହାରୀ କରିଥିଲେ। ଏହାର ପ୍ରତିବାଦରେ ପ୍ରଭାବିତ ଅଞ୍ଚଳର ଶତାଧିକ ଲୋକେ ମେଳି କରି ଶୋଭାଯାତ୍ରା କରି କମ୍ପାନୀ ବିରୋଧରେ ନାରା ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ଯାଇ ସରପଞ୍ଚଙ୍କୁ ଡାକିଥିଲେ ସେ ନ ଆସିବାରୁ ମହିଳା ଆନ୍ଦୋଳନକାରୀ ମାନେ ସମସ୍ତ ଲୋକଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରୁ ବାହାର କରିଦେଇ ମୁଖ୍ୟ ଗେଟ୍‌ରେ ତାଲା ପକାଇ ଶାନ୍ତିପୂର୍ଣ୍ଣ ଭାବରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସି ରହିଥିଲେ। ପ୍ରଶାସନ,

## ଧାରଣାରେ ବସିଲେ ସ୍ଥାନୀୟ ଲୋକେ

ଜନପ୍ରତିନିଧି ଓ କମ୍ପାନୀ କର୍ତ୍ତୃପକ୍ଷ ସିଧାସଳଖ ଲୋକମାନଙ୍କ ସହିତ ଆଲୋଚନା କରି ଏହାର ସ୍ଥାୟୀ ସମାଧାନ ବାହାର କରିବା ପାଇଁ ଆନ୍ଦୋଳନକାରୀ ମାନେ ଦାବି କରିଛନ୍ତି। ନ ହେଲେ ଆଗାମୀ ଦିନରେ କମ୍ପାନୀ ଫାଟକ ପାଶ୍ୱର୍ରେ ଆମରଣ ଅନଶନ କରିବାକୁ ପ୍ରଭାବିତ ଗ୍ରାମବାସୀ ମାନେ ଚେତାବନୀ ଦେଇଛନ୍ତି।

## ରାତି ଅଧରେ ଅଗ୍ନିକାଣ୍ଡ; ଦିନମଜୁରିଆ ପରିବାର ସର୍ବସ୍ୱାନ୍ତ




**କୋଠାର,୨୪।୬(ସମିସ):** ଧୂଷୁରୀ ଥାନା ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତର ସଇଦଜାଫର ଗାଁରେ ଏକ ଅଗ୍ନିକାଣ୍ଡ ଘଟି ଜଣେ ଦିନମଜୁରିଆ ପରିବାର ସର୍ବସ୍ୱ ହରାଇଛନ୍ତି। ମଙ୍ଗଳବାର ରାତି ପ୍ରାୟ ୨ଟାରେ ସେକ୍ ଏକ୍ରାମ (୬୩)ଙ୍କ ବାସଗୃହରେ ହଠାତ୍ ନିଆଁ ଲାଗିଥିଲା। ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବା ବେଳେ ଅଳ୍ପ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ଘରଟି ଜଳିପୋଡ଼ି ଛାରଖାର ହୋଇଯାଇଥିଲା। ଅଗ୍ନିକାଣ୍ଡ ସମୟରେ ପରିବାର ଲୋକେ ପ୍ରାଣ ବଞ୍ଚାଇ ବାହାରକୁ ଚାଲି ଆସିଥିଲେ। ତେବେ ଘର ଭିତରେ ଥିବା ନଗଦ ୨୫ ହଜାର ଟଙ୍କା, ପ୍ରାୟ ଅଢ଼େଇ ଲକ୍ଷ ଟଙ୍କା ମୂଲ୍ୟର ସୁନା ଗହଣା, ଦୁଇଟି ମୋବାଇଲ୍ ଫୋନ୍, କପଡ଼ା, ରାସନ ସାମଗ୍ରୀ ସମେତ ଅନ୍ୟାନ୍ୟ ଘରୋଇ ଆସବାବପତ୍ର ସବୁ ପୋଡ଼ି ନଷ୍ଟ ହୋଇଯାଇଛି। ଏହି ଅଗ୍ନିକାଣ୍ଡରେ ମୋଟ ପ୍ରାୟ ୬ ଲକ୍ଷ ଟଙ୍କାରୁ ଅଧିକ କ୍ଷତି ହୋଇଥିବା ପରିବାର ପକ୍ଷରୁ ଦାବି କରାଯାଇଛି। ସେକ୍ ଏକ୍ରାମ ଓ ତାଙ୍କ ଦୁଇ ପୁଅ ସେକ୍ ୱେତ କାଦ୍ରୀ (୩୦) ଏବଂ ସେକ୍ ରିଆଜ (୨୬) ଦିନମଜୁରି କାମ କରି ପରିବାର ଚଳାଉଥିବା ବେଳେ ଏହି ଅଗ୍ନିକାଣ୍ଡ ସେମାନଙ୍କୁ ଦୁର୍ଦ୍ଦଶା ମଧ୍ୟରେ ପକାଇ ଦେଇଛି। ଘଟଣା ପରେ ଗ୍ରାମବାସୀ ପ୍ରଶାସନକୁ ତୁରନ୍ତ କ୍ଷୟକ୍ଷତିର ଆକଳନ କରି ଉପଯୁକ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି।

## ବାଲି ବୋଝେଇ ହାଇୱା ଜବତ; ୪ ଲକ୍ଷ ଟଙ୍କା ଜରିମାନା



**ଅସୁରାଳି,୨୪।୬(ସମିସ):** ଧୂଷୁରୀ ଥାନା ଅଞ୍ଚଳରେ ବେଆଇନ ଖଣିଜ ସମ୍ପଦ ଚୋରା ଚାଲାଣ ବିରୋଧରେ ଖଣି ବିଭାଗ ପକ୍ଷରୁ ଏକ ବଡ଼ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଧୂଷୁରୀ ଥାନା ଅନ୍ତର୍ଗତ ହସନାବାଦ ପଞ୍ଚାୟତର ଅସ୍ତକଠାରେ ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ ବେଆଇନ ବାଲି ବୋଝେଇ ହାଇୱା ଗାଡ଼ିକୁ ଜବତ କରାଯିବା ସହ ମୋଟ୍ ୪ ଲକ୍ଷ ଟଙ୍କାର ଜରିମାନା ଆଦାୟ କରାଯାଇଛି। ମିଳିଥିବା ସୂଚନା ମୁତାବକ, ଅସ୍ତକ ଅଞ୍ଚଳରେ ବେଆଇନ ଭାବେ ବାଲି ଚାଲାଣ ହେଉଥିବା ନେଇ ଖଣି ବିଭାଗକୁ ଗୁପ୍ତ ସୂଚନା ମିଳିଥିଲା। ଏହାକୁ ଆଧାର କରି କନିଷ୍ଠ ଖଣି ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖଣି ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ସଦଳବଳେ ଉକ୍ତ ସ୍ଥାନରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ବେଆଇନ ଭାବେ ବାଲି ପରିବହନ କରୁଥିବା ଏକ ହାଇୱା ଗାଡ଼ିକୁ ଅଧିକାରୀମାନେ କାବୁ କରିଥିଲେ। ପରେ ଉକ୍ତ ବାଲି ବୋଝେଇ ହାଇୱା ଗାଡ଼ିକୁ ଆଣି ଧୂଷୁରୀ ଥାନାରେ ଜିମା ଦିଆଯାଇଛି। ଏହି ବେଆଇନ ପରିବହନ ବାବଦରେ ଗାଡ଼ି ମାଲିକଙ୍କ ଉପରେ ୪ଲକ୍ଷ ଟଙ୍କାର ମୋଟା ଅଙ୍କର ଜରିମାନା କଟାଯାଇଥିବା ସୂଚନା ମିଳିଛି। ଖଣି ବିଭାଗର ଏଭଳି ଅତର୍କିତ ଚଢ଼ଉ ପରେ ସ୍ଥାନୀୟ ଅଞ୍ଚଳର ବେଆଇନ ବାଲି ମାଫିଆଙ୍କ ମଧ୍ୟରେ ଛନକା ପଶିଛି। ଆଗାମୀ ଦିନରେ ମଧ୍ୟ ଏଭଳି ବେଆଇନ ଚୋରା ଚାଲାଣ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ।

## ପୂର୍ବତନ କଲେଜ ଅଧ୍ୟକ୍ଷଙ୍କ ପରଲୋକ



**ଜେନାପୁର,୨୪।୬(ସମିସ):** ଧର୍ମଶାଳା ବ୍ଲକ୍ ଅନ୍ତର୍ଗତ ଜେନାପୁର ପଞ୍ଚାୟତ ବରାଳ ସାହିର ପୂର୍ବତନ ଅଧ୍ୟକ୍ଷ, ବିଶିଷ୍ଟ ଶିକ୍ଷାବିତ ତଥା ବରିଷ୍ଠ ସମାଜସେବୀ ପ୍ରକାଶ ଚନ୍ଦ୍ର ବରାଳ (୬୭)ଙ୍କ ଆଜି ସକାଳେ ପରଲୋକ ହୋଇଯାଇଛି। ସେ ଛତିଶଗଡ ଭିଲାଇରୁ ଟ୍ରେନ୍‌ରେ ଝିଅ ଘରକୁ ଫେରୁଥିବା ସମୟରେ ଶୌଚାଳୟ ନିକଟରେ ହଠାତ୍ ପଡିଯାଇଥିଲେ। ଢେଙ୍କାନାଳ ଷ୍ଟେସନର ରେଳବାଇ ଜିଆର୍‌ପି ସଙ୍ଗେସଙ୍ଗେ ମେଡିକାଲକୁ ନେଇଯାଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ସେ କବାଟବନ୍ଧ ଓ ଜେନାପୁର ଅଞ୍ଚଳରେ ଜଣେ ବିରିଷ୍ଠ ସମାଜସେବୀ ତଥା ପୂର୍ବତନ କଲେଜ ଅଧ୍ୟକ୍ଷଭାବେ ପରିଚିତ ଥିଲେ। ତାଙ୍କର ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପରେ ତାଙ୍କ ମୃତ ଶରୀରକୁ ଗ୍ରାମରେ ପରିଭ୍ରମଣ କରାଯାଇ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡପୁଅ ଅମ୍ଳାନ ବରାଳ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ୧୨ ଜୋନର ସଭାପତି ଶ୍ରୀବତ୍ସ ଧୀର, ଯୁବ ସଙ୍ଗଠକ ରାଜେଶ ପାଳ, ଜେନାପୁର ହାଇସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ନାୟକ, ଉତ୍କଳମଣି ସେବା ସଙ୍ଗଠନର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପ୍ରମୋଦ ମଲ୍ଲିକ, ସଭାପତି ଲୋକନାଥ ପୁରୀ, ସମ୍ପାଦକ ମହେଶ୍ୱର ଖଟୁଆ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ବରୁଣେଶ୍ୱର ମନ୍ଦିରରେ ବରଯାତ୍ରୀଙ୍କ ତୁମୁଳକାଣ୍ଡ; ୫ ଗୁରୁତର



**ବିଞ୍ଝାରପୁର,୨୪।୬(ସମିସ):** ବିଞ୍ଝାରପୁର ବ୍ଲକ ଅରେଇ ପଞ୍ଚାୟତସ୍ଥିତ ପ୍ରସିଦ୍ଧ ବରୁଣେଶ୍?ର କ୍ଷେତ୍ରରେ ବୁଧବାର ବିବାହ ଉତ୍ସବ ଅବସରରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ଦିନକୁ ୨୦ରୁ ଅଧିକ ବର-କନ୍ୟା ବିବାହ ପାଇଁ ଆସିଥିବା ବେଳେ ବିଭିନ୍ନ ସ୍ଥାନରେ ଭୋଜିଭାତର ଆୟୋଜନ ହୋଇଥିଲା। ସୂଚନା ଅନୁଯାୟୀ, ବରଯାତ୍ରୀଙ୍କ ମଧ୍ୟରୁ କେତେକ ମଦ୍ୟପ ବ୍ୟକ୍ତିଙ୍କ ଅସାମାଜିକ ଆଚରଣ ଓ ଅଶ୍ଳୀଳ ଭାଷା ପ୍ରୟୋଗକୁ କେନ୍ଦ୍ର କରି ବରିକୂଳ, କପାସି, ବାଙ୍କିପାଳ ଓ ଜଇଁମରା ଗ୍ରାମର ବରଯାତ୍ରୀଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା। ପରେ ଏହା ଉଗ୍ର ରୂପ ଧାରଣ କରି ମାଡ଼ଗୋଳରେ ପରିଣତ ହୋଇଥିଲା।ଏହି ଘଟଣାରେ ୫ରୁ ଅଧିକ ବ୍ୟକ୍ତି ଆହତ ହୋଇଥିବା ଜଣାପଡ଼ିଛି। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଅନ୍ୟପକ୍ଷରେ, ମନ୍ଦିର ପରିସରର ପରିବେଶ ଓ ପରିଚ୍ଛନ୍ନତାକୁ ନେଇ ସ୍ଥାନୀୟ ଲୋକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଭୋଜିଭାତ ପରେ ଅବଶିଷ୍ଟ ଖାଦ୍ୟ ଓ ଆବର୍ଜନା ମନ୍ଦିର ଆଖପାଖରେ ପଡ଼ି ରହୁଥିବାରୁ ପବିତ୍ର ପରିବେଶ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି। ସ୍ଥାନୀୟ ବୁଦ୍ଧିଜୀବୀମାନେ ମନ୍ଦିର ପରିସରରେ ଶୃଙ୍ଖଳା ରକ୍ଷା ସହ ପରିଚ୍ଛନ୍ନତା ଉପରେ ପ୍ରଶାସନ ଓ ମନ୍ଦିର କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି କରିଛନ୍ତି।

## ନୂତନ କର୍ମକର୍ତ୍ତାଙ୍କ ଦାୟିତ୍ୱ ଗ୍ରହଣ




**ଧର୍ମଶାଳା,୨୪।୬(ସମିସ):** ଜାରକାସ୍ଥିତ ଇନରହୁଇଲ କ୍ଲବର ଚଳିତ ବର୍ଷ ନିମନ୍ତେ ନୂତନ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିନିମନ୍ତେ ଆହୁତ ସାଧାରଣ ବୈଠକ ବିଦାୟୀ ସଭାପତି ଲୋପାମୁଦ୍ରା ଷେଣ୍ଢଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଅତିଥି ଭାବେ ପୂର୍ବତନ ସଭାପତି ତଥା ସମାଜସେବୀ ମିନତୀ ସାହୁ ଯୋଗଦେଇଥିଲେ। ସମ୍ପାଦକ ପ୍ରଭାତ ନଳିନୀ ସାହୁ ପୂର୍ବ ବର୍ଷର ବିବରଣୀ ପ୍ରଦାନ କରିଥିଲା ବେଳେ କୋଷାଧକ୍ଷ ଶକୁନ୍ତଳା ମହାନ୍ତି ଆୟବ୍ୟୟର ସମୀକ୍ଷା କରିଥିଲେ। ପରେ ନୂତନ ସଭାପତି କଳ୍ପନା ପରିଡା, ସମ୍ପାଦକ ଉପାସନା ଶତପଥି, କୋଷାଧକ୍ଷ ବିଶ୍ୱମିତ୍ରା ସାହୁ, ଆଇଏସଓ କଳ୍ପନା ନାୟକ ଓ ପତ୍ରିକା ସମ୍ପାଦକ କାଦମ୍ବିନୀ ମିଶ୍ର ବିଦାୟୀ କର୍ମକର୍ତ୍ତାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ରଶ୍ମିତା ନାୟକ, ଅଜନ୍ତା ପାଣିଗ୍ରାହୀ, ଶୁଭଲକ୍ଷ୍ମୀ କର, ଅର୍ଚ୍ଚନା ସ୍ୱାଇଁ, କଳ୍ପନା ଖୁଣ୍ଟିଆ ଓ ଅର୍ଚ୍ଚନା ଷଡଙ୍ଗୀ ପ୍ରମୁଖ ଆଲୋଚନା ରେ ଅଂଶଗ୍ରହଣ କରିଥିଲେ। ସର୍ବ ଶେଷରେ ପୂର୍ବତନ ସଭାପତି ଶୁଭଲକ୍ଷ୍ମୀ କର ଧନ୍ୟବାଦ ଅର୍ପଣ କରିଥିଲେ।

## ଗଛରେ ପିଟି ହେଲା କାର, ୫ ଗୁରୁତର

**କୁଆଖିଆ,୨୪।୬(ସମିସ):** ଭାରସାମ୍ୟ ହରାଇ ଗଛରେ ପିଟି ହେଲା କାର। ୫ଜଣ ଗୁରୁତର ଭାବେ ଆହତ। ୧୬ନଂ ଜାତୀୟ ରାଜପଥ କୁଆଖିଆ ପୁରୁଣା ଥାନା ନିକଟରେ ଘଟିଛି ଏହି ଦୁର୍ଘଟଣା। ସୂଚନା ମୁତାବକ ଜଳେଶ୍ୱରରୁ ଏକ ପରିବାରର ୫ଜଣ ସଦସ୍ୟ କାର ଯୋଗେ କଟକ ମେଡିକାଲ ଯାଉଥିଲେ। ତେବେ କୁଆଖିଆ ନିକଟରେ କାରଟି ଓଭର ଟେକ୍ କରିବା ସମୟରେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଥିଲା। ଫଳରେ କାରରେ ଥିବା ୫ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ମେଡ଼ିକାଲରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା ପରେ କଟକ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଖବର ପାଇ କୁଆଖିଆ ପୁଲିସ ଦୁର୍ଘଟଣା ଗ୍ରସ୍ତ ଗାଡିକୁ ଜବତ କରିବା ସହ ଘଟଣାର ତଦନ୍ତ ଚଳାଇଛି।

## ଚୋରାମଦ ବେପାରୀ ଗିରଫ

**ଧର୍ମଶାଳା,୨୪।୬(ସମିସ):** ଧର୍ମଶାଳା ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ଜଣେ ଚୋରାମଦ ବେପାରୀଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ ଦେଉଳୀପାଳ ଗ୍ରାମର ବିବେକାନନ୍ଦ ଖୁଣ୍ଟିଆ(୫୪) ଚୋରାରେ ବିଦେଶୀ ମଦ ବେପାର କରୁଥିବା ଖବର ପାଇ ଧର୍ମଶାଳା ପୁଲିସ ଗତକାଲି ରାତିରେ ସେଠାରେ ଚଢ଼ଉ କରି ତା' ନିକଟରୁ ୪୧ ଲିଟର ବିଦେଶୀ ମଦ ଜବତ କରିବା ସହ ତାକୁ ଗିରଫ କରିଥିଲା। ଏନେଇ ଧର୍ମଶାଳା ପୁଲିସ ୨୬୬/୨୬ରେ ଏକ ମାମଲାରୁଜୁ କରି ଅଭିଯୁକ୍ତ ବିବେକାନନ୍ଦକୁ ଆଜି ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥନା ଅଧିକାରୀ ଚିନ୍ମୟୀ ନାୟକ ସୂଚନା ଦେଇଛନ୍ତି।

## ସହିଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ

### ● ବିଦାୟୀ ଅଧ୍ୟକ୍ଷାଙ୍କୁ ବିଦାୟ ସମ୍ବର୍ଦ୍ଧନା



**ସହିଦ ନଗର,୨୪।୬(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ସହିଦନଗର ସ୍ଥିତ 'ସହିଦ ସ୍ମୃତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ' ପରିସରରେ ବୁଧବାର ଏକ ଭବ୍ୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଅନୁଷ୍ଠିତ +୨ କାଉନ୍‌ସିଲ୍ ପରୀକ୍ଷାରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅତ୍ୟନ୍ତ ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ଉକ୍ତ ପରୀକ୍ଷାରେ ମୋଟ୍ ୧୫୩ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବାବେଳେ ୧୩୯ ଜଣ କୃତକାର୍ଯ୍ୟ ହୋଇଛନ୍ତି। ବିଶେଷ ଭାବେ ୧୯ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଏହି କୃତିତ୍ୱ ପାଇଁ ବିଦ୍ୟାଳୟ ପକ୍ଷରୁ ପରୀକ୍ଷାର୍ଥୀଙ୍କୁ ଉତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଜିଏମ୍ କଲେଜର ଅଧ୍ୟାପକ ଚିତ୍ତରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ କୃତିତ୍ୱର ଭୂୟସୀ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷା ତିଳୋତ୍ତମା ଦାସ, ମୁରଲୀଧର ଶତପଥୀ, ସମାଜସେବୀ ସରୋଜ ପଣ୍ଡା ପ୍ରମୁଖ ଯୋଗଦେଇ ଶିକ୍ଷାର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଦାୟୀ ଅଧ୍ୟକ୍ଷା ତିଳୋତ୍ତମା ଦାସଙ୍କୁ ବିଦ୍ୟାଳୟ ପରିବାର ପକ୍ଷରୁ ଏକ ଭାବବିହ୍ୱଳ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଓ ଅଧ୍ୟାପିକା ପ୍ରମୋଦ ମିଶ୍ର, ଅର୍ପିତା ବେହେରା, ରୁକିଆ କାଦ୍ରୀ, ଗୁରୁଦେବ ବଡ଼ି ଓ ବସନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମଟିକୁ ଅଜୟ ନାୟକ, କୃଷ୍ଣଚନ୍ଦ୍ର ବାରିକ, ବିଜୟ ସାହୁ, ବିଦ୍ୟାଧର ସେଠୀ ଓ ସଚ୍ଚି ପାଢ଼ୀ ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ୍ ଉଦ୍ଧାର କରି ମାଲିକଙ୍କୁ ହସ୍ତାନ୍ତର



**ଧାମନଗର,୨୪।୬(ସମିସ):** ଧାମନଗର ପୁଲିସ ତତ୍ପରତା ଓ ସଫଳତା ଏବଂ କାର୍ଯ୍ୟଦକ୍ଷତାର ଆଉ ଏକ ଉଦାହରଣ ସାମ୍ନାକୁ ଆସିଛି। ହଜିଯାଇଥିବା ମୋବାଇଲ୍‌କୁ ସିଇଆଇଆର୍ ପୋର୍ଟାଲ ମାଧ୍ୟମରେ ମାତ୍ର ୨ ଦିନରେ ଠାବ କରି ଉଦ୍ଧାର କରିଛନ୍ତି। ଶନିବାର ସନ୍ଧ୍ୟାରେ ଧାମନଗର ଥାନା ଏସ୍‌ଆଇ ନାରାୟଣ ନାୟକ କାଗଜପତ୍ର ଯାଞ୍ଚ କରି ଉଦ୍ଧାର ହୋଇଥିବା ମୋବାଇଲ୍ ଫୋନ୍‌ଟି ଅଭିଯୋଗ କରିଥିବା ବ୍ୟକ୍ତି ନଗେସ ଭାରତଙ୍କୁ ହସ୍ତାନ୍ତର କରିଛନ୍ତି। ଏହି ମୋବାଇଲ୍ ଫୋନ୍‌ଟି ଗତ ମାସ ୨୫ ତାରିଖରେ ପରିବା ହାଟରେ ହଜିଯାଇଥିଲା। ନିଜର ହଜିଯାଇଥିବା ମୋବାଇଲ ଫୋନ୍ ଫେରି ପାଇବା ପରେ ନଗେସ ଖୁସିବ୍ୟକ୍ତ କରିବା ସହିତ ଆଇଆଇସି ଶୁଭ୍ରଜିତ୍ ଦାଶ ଏବଂ ସବ୍‌ଇନ୍ସପେକ୍ଟର ନାରାୟଣ ନାୟକଙ୍କୁ କୃତଜ୍ଞତା ସହ ଧନ୍ୟବାଦ ଜଣାଇଛନ୍ତି।

## ଦେଶୀ ମଦ ଭାଟି ଠାବ; ୭୦ ଲିଟର ଜବତ

**ତିହିଡ଼ି,୨୪।୬(ସମିସ):** ତିହିଡ଼ି ପୁଲିସର ଅତର୍କିତ ଚଢ଼ଉ ଯୋଗୁଁ ମହରମପୁର ପଞ୍ଚାୟତ କନ୍ଦପୁର ଗାଁରୁ ଏକ ଚୋରା ଦେଶୀ ମଦ ଭାଟି ଜବତ କରାଯାଇଛି।



ଏଥିସହ ଗାଁର ଜଖ ରାଉତକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ। ତାଙ୍କଠାରୁ ୭୦ ଲିଟର ଦେଶୀ ମଦ ଜବତ କରିଛି। ସୂଚନା ଅନୁସାରେ, ତିହିଡ଼ି ଥାନା ଅଧୀନ ତାଳପଦା, କନ୍ଦପୁର, ଭୂୟାଁଉଆସ ଆଦି ଗାଁରେ ଥିବା ଦେଶୀ ମଦ ଭାଟି ଉପରେ ତିହିଡ଼ି ପୁଲିସ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ବେଆଇନ ମଦ ପ୍ରସ୍ତୁତ ଏବଂ କାରବାରରେ ସମ୍ପୃକ୍ତ ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଥାଏ। କିନ୍ତୁ ପରଦିନ ଜାମିନରେ ଆସି ପୂର୍ବବତ୍ ମଦ ପ୍ରସ୍ତୁତ ଚାଲୁ ରଖନ୍ତି। ଏହି ଦେଶୀ ବିଷାକ୍ତ ମଦପିଇ ଉଶୃଙ୍ଖଳିତ ହେଉଛନ୍ତି ମଦୁଆ। ପରିବାରରେ ସୃଷ୍ଟି ହେଉଛି ବିଶୃଙ୍ଖଳା।

## ଜିଲ୍ଲାସ୍ତରୀୟ ହାକାଥନ୍: ଓଡ଼ିଆ ପ୍ରିନିୟର - ୩.୦




**ଯାଜପୁର,୨୪।୬(ସମିସ):** କୋରେଇ ବ୍ଲକସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ବେଗନା ପରିସରରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଯାଜପୁର ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ "ହାକାଥନ: ଓଡ଼ିଆ ପ୍ରିନିୟର - ୩.୦' ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦ଟି ବ୍ଲକର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟରୁ ମୋଟ ୪୨ ଜଣ ଛାତ୍ରଛାତ୍ରୀ ସେମାନଙ୍କ ସହଯୋଗୀ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସହ ବିଜ୍ଞାନ ଭିତ୍ତିକ ପ୍ରକଳ୍ପମାନ ପ୍ରଦର୍ଶନ କରିଥିଲେ। ପ୍ରାରମ୍ଭରେ ଉକ୍ତ ବିଦ୍ୟାଳୟର ଉପାଧ୍ୟକ୍ଷ କୁମୁଦ ରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମୁଖ୍ୟଅତିଥି ରୂପେ ନରସିଂହ ଚୌଧୁରୀ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଦାଶ, ମୁଖ୍ୟବକ୍ତା ରୂପେ ଆଇଆଇଟି, ଭୁବନେଶ୍ୱରର ଅଧ୍ୟାପକ ଶକ୍ତିସ୍ୱରୂପ ପତି, ସମ୍ମାନିତ ଅତିଥିରୂପେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ଏବଂ ଏବିଇଓ, ଅଜିତ କୁମାର ଜେନା ଉପସ୍ଥିତ ରହି ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଓ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଆଲୋକ କୁମାର ବନ୍ଧ ଉପସ୍ଥିତ ରହି କୃତୀ ପ୍ରତିଯୋଗୀମାନଙ୍କୁ ଟ୍ରଫି, ପ୍ରମାଣପତ୍ର ସହ ଆର୍ଥିକ ରାଶି ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ଓଏଭି, ଜାମଧରର ଛାତ୍ରୀ ନଦିଆ ଆଫସିନ ଓ ନାଫିଶା ସୁଲତାନ ପ୍ରଥମ, ଓଏଭି ଉତ୍ତରକୁଳର ଛାତ୍ରୀ ମୋନାଲିଶା ବେହେରା ଓ ଦୀପ୍ତିପ୍ରଭା ବେହେରା ଦ୍ୱିତୀୟ ଏବଂ ଓଏଭି ଜାମଧରର ଛାତ୍ରୀ ପ୍ରତୀକ୍ଷା ପାଢ଼ୀ ତୃତୀୟସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗୀମାନେ ଆସନ୍ତା ମାସରେ ଆଇଆଇଟି, ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ହାକାଥନ- ୩.୦ରେ ଯାଜପୁର ଜିଲ୍ଲାରୁ ପ୍ରତିନିଧିତ୍ୱ କରିବେ। ଉକ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା ଓ ସମ୍ପାଦନ କରିବାରେ ସମ୍ପୃକ୍ତ ବିଦ୍ୟାଳୟର ଉପାଧ୍ୟକ୍ଷ ଓ ତାଙ୍କ ସହ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀମାନେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

### କାମ କରୁନାହିଁ କୋଟପା ଆଇନ
# ନିଷିଦ୍ଧାଞ୍ଚଳରେ ତମାଖୁ ବ୍ୟବସାୟ

ବନ୍ତ/ଆଗରପଡ଼ା,୨୪।୬(ସମିସ):



ଶିକ୍ଷାନୁଷ୍ଠାନ ହେବ ତମାଖୁମୁକ୍ତ। ବିଦ୍ୟାଳୟଠାରୁ ୧୦୦ ମିଟର ଦୂର ପର୍ଯ୍ୟନ୍ତ କରାଯାଇପାରିବ ନାହିଁ ତମାଖୁ ବିକ୍ରି। ଏଥିଲାଗି ୧୦ ବର୍ଷ ହେଲାଣି ଲାଗୁ ହୋଇଛି କୋଟପା ଆଇନ। ତମାଖୁ ସେବନର ଭୟାବହତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ମେ' ୩୧ରେ ପାଳିତ ହେଉଛି ବିଶ୍ୱ ତମାଖୁ ବର୍ଜନ ଦିବସ। ହେଲେ ସ୍କୁଲ, କଲେଜ, ସ୍ୱାସ୍ଥ୍ୟକେନ୍ଦ୍ର ସମେତ ସରକାରୀ କାର୍ଯ୍ୟାଳୟ ନିକଟରେ ଖୁଲମ୍‌ଖୁଲା ଗୁଟ୍‌ଖା ବିକ୍ରି ହେଉଥିବାର ଦେଖାଯାଉଛି। କୋଟପା ଆଇନ କାମ କରୁ ନ ଥିବାବେଳେ ନିଷିଦ୍ଧାଞ୍ଚଳକୁ ତମାଖୁ ମୁକ୍ତ କରିବା ଲାଗି ଯେତେ ସବୁ ପ୍ରୟାସ ଫସର ଫାଟୁଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ଥିବା ବିଦ୍ୟାଳୟ ନିକଟରେ ଓ କେତେକ ସ୍ଥାନରେ ବିଦ୍ୟାଳୟକୁ ଲାଗି ଦୋକାନ ଗଢ଼ି ଉଠିଥିବାବେଳେ ସେଠାରେ ଓ ଛୋଟଛୋଟ ପାନ ଦୋକାନରେ ତମାଖୁ ବିକ୍ରି ହେଉଛି। ଗୁଟ୍‌ଖା କାରଣରୁ ଅନେକ ସ୍ଥାନରେ ଫୁସ୍‌ଫୁସ୍, ହୃଦ୍‌ଘାତ, ମୁଖ କର୍କଟ ରୋଗ ଦେଖିବାକୁ ମିଳୁଛି। ଏହି କାରଣରୁ ବହୁ ଜାଗାରେ ଅକାଳରେ ଝରିପଡୁଛି ମୂଲ୍ୟବାନ ଜୀବନ। ବିଶେଷ କରି ଯୁବପିଢ଼ି ଏହାର ଶିକାର ହେଉଥିବା ଦେଖିବାକୁ ମିଳୁଛି। କାରଣ କୋମଳମତି ବୟସରୁ ଗୁଟ୍‌ଖା ସେବନ ଏହାର କାରଣ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ସ୍କୁଲ, କଲେଜ ନିକଟରେ ଅବାଧରେ ତମାଖୁ ବିକ୍ରି ହେଉଛି। ଯାହାଦ୍ୱାରା ହାତପାଆନ୍ତାରେ ଗୁଟ୍‌ଖା ମିଳୁଥିବାରୁ ପିଲାମାନେ ଏହି ନିଶା କବଳରେ ପଡ଼ିଯାଉଥିବାର ଜଣାପଡ଼ିଛି। ଥରେ ଏହି ଅଭ୍ୟାସରେ ପଡ଼ିଗଲେ ଏହାକୁ ଛାଡ଼ିବା ପିଲାଙ୍କ ପକ୍ଷେ କଷ୍ଟକର ହୋଇପଡୁଛି। ରାଜ୍ୟରେ କୋଟପା, ଖାଦ୍ୟ ସୁରକ୍ଷା ଆଇନ ଲାଗୁ ହୋଇଥିଲେ ମଧ୍ୟ କୋହଳ କାର୍ଯ୍ୟାନୁଷ୍ଠାନ କାରଣରୁ ନିଷିଦ୍ଧାଞ୍ଚଳ ଗୁଟ୍‌ଖାମୁକ୍ତ ହୋଇପାରୁନି। ଅପର ପକ୍ଷରେ ଏହାର ସୁଯୋଗ ନେଇ ବନ୍ତ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ବଜାରଗୁଡ଼ିକରେ ହାଉଯାଉ ହେଉଛି ନକଲି ଗୁଟ୍‌ଖା। ସ୍ୱଳ୍ପ ମୂଲ୍ୟରେ ଏହା ମିଳିଯାଉଥିବାରୁ ଏହାକୁ ତମାଖୁ ସେବନକାରୀ ବହୁଳ ମାତ୍ରାରେ ବ୍ୟବହାର କରୁଛନ୍ତି। ସେହିପରି ସଚେତନତା ଅଭାବରୁ ଏହା ସେମାନଙ୍କୁ ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଆଡ଼କୁ ଠେଲି ଦେଉଛି। ଏଭଳି ଅବାଧ ଗୁଟ୍‌ଖା ବିକ୍ରି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ କୋଟପା ଆଇନକୁ କଡ଼ାକଡ଼ି ପାଳନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ପାଇଁ ବୈଠକ

ଭଦ୍ରକ,୨୪।୬(ସମିସ): ଜିଲ୍ଲାର ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ ସେବନରୁ ଦୂରେଇ ରଖିବା ଏବଂ ନିଶାଦ୍ରବ୍ୟର ଅବାଧ କାରବାର ଉପରେ କଡ଼ା ନଜର ରଖିବା ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଏନ୍‌କର୍ଡ (ଏନ୍‌ସିଓଆରଡି) ର ନାର୍କୋ କୋଅର୍ଡିନେସନ୍ ସେଣ୍ଟର, ବୈଠକ ବୁଧବାର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାରେ ନିଶାଦ୍ରବ୍ୟ ଚୋରା ଚାଲାଣ ଓ ବିକ୍ରି ରୋକିବା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି, ଶିକ୍ଷାନୁଷ୍ଠାନ ଓ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଜୋରଦାର କରିବା ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୁଲିସ ଅଧୀକ୍ଷକ ଜିଲ୍ଲାରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ଦିଗରେ ଚାଲିଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରିବା ସହ ସମସ୍ତ ସମ୍ପୃକ୍ତ ବିଭାଗଙ୍କୁ ସଚେତନତା ଓ ପ୍ରତିରୋଧମୂଳକ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ଜିଲ୍ଲା ପ୍ରଶାସନ, ସ୍ୱାସ୍ଥ୍ୟ, ଶିକ୍ଷା, ଆଇନସେବା ପ୍ରାଧିକରଣ ଓ ପୁଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେଇ ନିଶାମୁକ୍ତ ସମାଜ ଗଠନ ପାଇଁ ମିଳିତ ଉଦ୍ୟମ ଉପରେ ମତବ୍ୟକ୍ତ କରିଥିଲେ।

## ଦୁର୍ଗନ୍ଧରେ ଫାଟି ପଡୁଛି ତିହିଡ଼ି ଖାଙ୍କି ହାଟ ବଜାର



ଦୋଲସାହି,୨୪।୬(ସମିସ): ତିହିଡ଼ି ଥାନା ନିକଟରେ ଅବସ୍ଥିତ ଖାଙ୍କି ହାଟ ଓ ସମସ୍ତ ବଜାରରେ ଆବର୍ଜନା ପଚି ଦୁର୍ଗନ୍ଧରେ ଫାଟି ପଡୁଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସୂଚନାଯୋଗ୍ୟ, ତିହିଡ଼ି ପୁରୁଣା ହାଟଠାରୁ ବ୍ଲକ୍ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ବସୁଥିବା ଉଠା ଦୋକାନୀଙ୍କ ବିଭିନ୍ନ ଅଳିଆ ଆବର୍ଜନାମାନ ରାସ୍ତା ଉପରେ ପକାଉଥିବା ଯୋଗୁଁ ଏହି ଆବର୍ଜନାମାନ ପଚି ଦୁର୍ଗନ୍ଧ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ସେହିପରି ତିହିଡ଼ି ଥାନା ନିକଟରେ ଅବସ୍ଥିତ ଖାଙ୍କି ହାଟ ଭିତରେ ଏହି ଅଳିଆ ଆବର୍ଜନା ପଡ଼ି ରହିଥିବାବେଳେ ଏହି ଆବର୍ଜନା ପ୍ରଶାସନ ପକ୍ଷରୁ ଉଠାଯାଉ ନ ଥିବା ନେଇ ସମସ୍ତ ଅଞ୍ଚଳ ଦୁର୍ଗନ୍ଧରେ ଫାଟିପଡୁଛି। ପ୍ରଶାସନ ପକ୍ଷରୁ ତୁରନ୍ତ ଏହି ଅଳିଆ ଆବର୍ଜନା ସଫେଇ କରିବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବି

ବାରିକପୁର,୨୪।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ଆକୁଲିକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ପଞ୍ଚାୟତର ଏହା ଅନ୍ୟତମ ପୁରାତନ ବିଦ୍ୟାଳୟ ହୋଇଥିବାବେଳେ ଏହା ୧୯୬୦ ମସିହାରେ ସରକାରୀ ସ୍ୱୀକୃତି ଲାଭ କରିଥିଲା। ଏଠାରେ ଶିଶୁବାଟିକାଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀ ରହିଛି। ବିଦ୍ୟାଳୟରେ ୧୧୫ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ମାତ୍ର ୩ ଜଣ ଶିକ୍ଷକ ରହିଛନ୍ତି। ଜଣେ ଶିକ୍ଷକ ମଧ୍ୟାହ୍ନ ଭୋଜନ ଓ ସରକାରୀ କାର୍ଯ୍ୟକୁ ନେଇ ଦୈନିକ ଏକପ୍ରକାର ବ୍ୟସ୍ତ ରହୁଛନ୍ତି। ଆଉ ଦୁଇ ଜଣ ଶିକ୍ଷକଙ୍କ ପକ୍ଷେ ଶିଶୁବାଟିକା ସମେତ ୮ଟି ଶ୍ରେଣୀରେ ପାଠ ପଢ଼ାଇବା ସମ୍ଭବ ହେଉନାହିଁ। ପିଲାମାନେ ଯେଉଁଭଳି ବିଦ୍ୟା ଗ୍ରହଣ କରିବା କଥା ଶିକ୍ଷକ ଅଭାବରୁ ତାହା ସଠିକ୍ ହେଉନାହିଁ। ଏନେଇ ପୂର୍ବରୁ ଗ୍ରାମବାସୀମାନେ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାରି ଭିତରେ ଅନେକ ମାସ ବିତିଯାଇଥିଲେ ମଧ୍ୟ ଏଯାଏଁ ଶିକ୍ଷକ ନିଯୁକ୍ତି ହୋଇ ନାହାନ୍ତି। ଏବେ ଅନୁରୂପ ଭାବେ ଗ୍ରାମବାସୀ କୀର୍ତ୍ତନ ଧଳ, ଜିତେନ୍ଦ୍ର ସେଠୀ, ଦେବେନ୍ଦ୍ର ବରାଳ, ନରେନ୍ଦ୍ର ସ୍ୱାଇଁ ପ୍ରମୁଖ ସର୍ବନିମ୍ନ ଆଉ ୧ ଜଣ ଶିକ୍ଷକ ନିଯୁକ୍ତି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିକଟରେ ଲିଖିତ ଭାବେ ଜଣାଇଛନ୍ତି। ଏହାପରେ ଶିକ୍ଷକ ନିଯୁକ୍ତି ନ ହେଲେ ବାଧ୍ୟ ହୋଇ ଅଭିଭାବକମାନେ ଧାରଣାରେ ବସିବେ ବୋଲି ସୂଚନା ଦେଇଛନ୍ତି।

## ଶୌଚାଳୟରୁ ୨୯ଟି ନାଗ ଉଦ୍ଧାର

ଭଦ୍ରକ/ବନ୍ତ/ଆଗରପଡ଼ା,୨୪।୬(ସମିସ): ଶୌଚାଳୟ ଭିତରୁ ଗୋଟିଏ ବଡ଼ ନାଗ ସହିତ ୨୮ଟି ନାଗ ସାପ ଛୁଆ ଉଦ୍ଧାର ହୋଇଥିବା ଜଣାପଡ଼ିଛି। ଭଦ୍ରକ ଜିଲ୍ଲା ବନ୍ତ ଥାନା ଗୋବିନ୍ଦପୁର ପଞ୍ଚାୟତ ତରାଗୋ ନାୟକ ସାହିର ସୁରେନ୍ଦ୍ର ସାମଲଙ୍କ ଘର ବାହାରେ ଥିବା ଶୌଚାଳୟ ଭିତରୁ ଏହିସବୁ ନାଗ ସାପକୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଭଦ୍ରକର ସାପ ଧରାଳି ମିର୍ଜା ଆରିଫ୍ ସାପଗୁଡ଼ିକୁ କୌଶଳ କ୍ରମେ ଉଦ୍ଧାର କରିଛନ୍ତି ଓ ଗତ କିଛି ଦିନ ହେବ ସାପକୁ ସୁରେନ୍ଦ୍ରଙ୍କ ପରିବାର ଲୋକେ



ଦେଖିଥିଲେ ହେଁ ତାଙ୍କ ଶୌଚାଳୟ ଭିତରେ ଥିବା ଜାଣି ନ ଥିଲେ। ବୁଧବାର ସୁରେନ୍ଦ୍ର ଶୌଚ ହେବାକୁ ଯାଇଥିଲାବେଳେ ଶୌଚାଳୟ ଭିତରେ ସାପ ଦେଖି ଭୟଭୀତ ହୋଇ ତୁରନ୍ତ ସାପ ଧରାଳି ମିର୍ଜା ଆରିଫଙ୍କୁ ଖବର ଦେଇଥିଲେ। ମିର୍ଜା ଘଟଣାସ୍ଥଳରେ ପହଞ୍ଚି ନାଗୁଣୀ ସହିତ ୨୮ଟି ନାଗ ଛୁଆଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ପରେ ସାପଗୁଡ଼ିକୁ ହଦଗଡ଼ ଜଙ୍ଗଲରେ ଛାଡ଼ି ଦିଆଯାଇଛି।

## ବିଭିନ୍ନ ସ୍ଥାନରେ ଜନ ସୂଚନା ସମାବେଶ

ବାରିକପୁର,୨୪।୬(ସମିସ): ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ ଭଣ୍ଡାରିପୋଖରୀ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତଠାରେ ଜନ ସୂଚନା ସମାବେଶ ଅନୁଷ୍ଠିତ ହୋଇଛି। ବିକାଶର ଧାରା, ଓଡ଼ିଶା ସାରା ସ୍ଲୋଗାନକୁ ନେଇ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଜଣାପଡ଼ିଛି। ମଙ୍ଗଳବାର ନେରଡା ପଞ୍ଚାୟତ ପକ୍ଷରୁ କାର୍ଯ୍ୟନିର୍ବାହୀ ଅଧିକାରୀ ଅଜିତ୍ ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବିଡିଓ ଦେବଦତ୍ତ ଦାଶ, ବିଜେପି ମଣ୍ଡଳ ସଭାପତି ପ୍ରଣବ ରାଉତ, ସମାଜସେବୀ ସୌମ୍ୟରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ସରକାରଙ୍କ ଜନହିତକର କାର୍ଯ୍ୟ ବାବଦରେ ସୂଚନା ଦେଇଥିଲେ। ବାଲିପୋଖରୀ ପଞ୍ଚାୟତଠାରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିକ୍ରମ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ଶ୍ରୀଧର ସ୍ୱାଇଁ, ସମାଜସେବୀ ଗଗନ ସେଠୀ, ଦେବୀପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀଗଣ ଯୋଗଦେଇଥିଲେ। ଅନ୍ୟାନ୍ୟ ପଞ୍ଚାୟତରେ ମଧ୍ୟ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଥିବା ଜଣାପଡ଼ିଛି।

### ବର୍ଷେ ହେଲା ଘୋଷଣା କରି ସରକାର ସମ୍ପୂର୍ଣ୍ଣ ନିରବ

# 'ନା ହେଲା ସିଟି ହସ୍ପିଟାଲ, ନା ସାଟେଲାଇଟ୍'

ଭଦ୍ରକ,୨୪।୬(ସମିସ)




### ପୁରୁଣା ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ଏବେ ପ୍ରଶାସନ କବ୍‌ଜାରେ

ଭଦ୍ରକ ସହର ନୂଆବଜାର ସ୍ଥିତ ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ବେଳେ ପୁରୁଣା ଚିକିତ୍ସାଳୟକୁ ଏକ ସିଟି ହସ୍ପିଟାଲ କରିବାକୁ ବିଭିନ୍ନ ମହଲରୁ ଦାବି ଓ ଧାରଣା ଦିଆଯାଇଥିଲା। ତେବେ ଭଦ୍ରକବାସୀଙ୍କ ଏହି ଦାବି ପରେ ସରକାର ସେଠାରେ ଏକ ସାଟେଲାଇଟ୍ ହସ୍ପିଟାଲ କରିବାକୁ ବର୍ଷକ ତଳେ ଘୋଷଣା କରିଥିଲେ। ଅଦ୍ୟାବଧି ସାଟେଲାଇଟ୍ ହସ୍ପିଟାଲ ଆରମ୍ଭ କରିବା ତ ଦୂରର କଥା ଏ ଦିଗରେ ସାମାନ୍ୟ ଅଗ୍ରଗତି ବି ହୋଇନାହିଁ।

ସୂଚନାଯୋଗ୍ୟ, ଗତ ପ୍ରାୟ ବର୍ଷକ ତଳେ ସହର ଉପକଣ୍ଠ ସାମରାଇପୁର ମୌଜାରେ ପୂର୍ବ ସରକାର ଅମଳରେ ପ୍ରତିଷ୍ଠିତ ୩ଶହ ଶଯ୍ୟା ବିଶିଷ୍ଟ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଉଠାଇ ନିଆଯାଇଥିଲା। ପରେ ସହରବାସୀଙ୍କ ପକ୍ଷରୁ ପୁରୁଣା ଜିଲ୍ଲା ହସ୍ପିଟାଲ କ୍ୟାମ୍ପସ୍‌କୁ ଭାଙ୍ଗି ନ ଦେଇ ଅନ୍ୟ ସହର ଭଳି ସେଠାରେ ଏକ ସିଟି ହସ୍ପିଟାଲ କାର୍ଯ୍ୟକାରୀ କରିବାକୁ ଜୋରଦାର୍ ଦାବି ହୋଇଥିଲା। ଏପରିକି ପୁରୁଣା ଜିଲ୍ଲା ହସ୍ପିଟାଲକୁ ସିଟି ହସ୍ପିଟାଲ ଘୋଷଣା ନ କରି ଜିଲ୍ଲା ମୁଖ୍ୟ ହସ୍ପିଟାଲକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦିଆଯିବ ନାହିଁ ବୋଲି ଲୋକେ ଦାବି କରିଥିଲେ। ଲୋକଙ୍କ ଯୁକ୍ତି ଏବଂ ଦାବି ମଧ୍ୟ ଯଥାର୍ଥ ଥିଲା। କାରଣ ପାଖଆଖ ଅଞ୍ଚଳକୁ ଛାଡ଼ି କେବଳ ଭଦ୍ରକ ସହରରେ ୨ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ସେମାନଙ୍କ ଲାଗି ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବାର ନିହାତି ଆବଶ୍ୟକତା ରହିଛି। ଏହାଛଡ଼ା ସହର ପରିକ୍ରମା କରିଥିବା ଉଭୟ ଜାତୀୟ ଓ ରାଜ୍ୟ ରାଜପଥ ସାଙ୍ଗକୁ ପୂର୍ବତଟ ରେଳପଥ ଯୋଗୁଁ ସହରବାସୀଙ୍କ ଲାଗି ଆପାତ୍‌କାଳୀନ ସ୍ୱାସ୍ଥ୍ୟସେବା ଲାଗି ଏକ ସିଟି ହସ୍ପିଟାଲର ଯଥେଷ୍ଟ ଆବଶ୍ୟକତା ରହିଛି। ତେବେ ପ୍ରତିକୂଳ ପରିସ୍ଥିତିକୁ ଏଡ଼େଇବା ଲାଗି ସରକାର ମେଡିକାଲ ସ୍ଥାନାନ୍ତର ପୂର୍ବରୁ ଅର୍ଥାତ ଗତ ଡିସେମ୍ବର ୨୦୨୫ରେ ପୁରୁଣା ଜିଲ୍ଲା ହସ୍ପିଟାଲକୁ ୧୦ ଶଯ୍ୟା ବିଶିଷ୍ଟ ଏକ ସାଟେଲାଇଟ୍ ହସ୍ପିଟାଲ ଘୋଷଣା କରିଥିଲେ। ସରକାରଙ୍କ ଏହି ଘୋଷଣାକୁ ସହରବାସୀ ସ୍ୱାଗତ କରିଥିଲେ। ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା ହେଲେ ମଧ୍ୟ ସହରବାସୀଙ୍କୁ ୨୪ ଘଣ୍ଟା ଆପାତ୍‌କାଳୀନ ସେବା ମିଳିବା ଆଶାରେ ଲୋକେ ଉତ୍ସାହିତ ହୋଇଥିଲେ। ତେବେ ସରକାରଙ୍କ ସାଟେଲାଇଟ୍ ହସ୍ପିଟାଲର ଅସଲ କରିବା ଏକ ଧୂଆଁବାଣ ଥିଲା। କାରଣ ପୁରୁଣା ମୁଖ୍ୟ ଚିକିତ୍ସାଳୟର ଅର୍ଦ୍ଧାଧିକ ଅଞ୍ଚଳକୁ ଜିଲ୍ଲା ପ୍ରଶାସନ ମାଡ଼ିବସିଥିବା ବେଳେ କେବଳ ପୁରୁଣା ହସ୍ପିଟାଲ ଆଉଟ୍‌ଡୋର୍‌ରେ ଚାଲିଛି କେବଳ ଚିକିତ୍ସା। ଜଣେ ଡେପୁଟେସନରେ ଥିବା ଜଣେ ଡାକ୍ତର ଏବଂ ଅନ୍ୟ ୩ ଜଣ ଷ୍ଟାଫ୍‌ଙ୍କୁ ନେଇ ଦିନରେ ମାତ୍ର ୬ ଘଣ୍ଟା କାର୍ଯ୍ୟକ୍ଷମ ରହିଛି ଏହି ହସ୍ପିଟାଲ। ସକାଳ ୮ଟାରୁ ଦିନ ୧୨ଟା ଓ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଲୋକଙ୍କୁ ଏହି ହସ୍ପିଟାଲ ସେବା ଉପଲବ୍ଧ ହେଉଛି। ପୁଣି ରବିବାର ଦିନ ଏହା ବନ୍ଦ।

ଅନ୍ୟପକ୍ଷରେ ଅସଲ କଥା ହେଲା ସରକାରଙ୍କ ଏହି ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା କଲେ ପ୍ରତିଦିନ ଜଣେ ଜଣେ ବିଶେଷଜ୍ଞ ଡାକ୍ତର ଚିକିତ୍ସା କରିବେ ଓ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତି ସହ ସ୍ଥାୟୀ ଷ୍ଟାଫ୍ ମଧ୍ୟ ନିଯୁକ୍ତି ପାଇବେ। ମାସରେ ଥରେ ସବୁ ବିଭାଗର ବିଶେଷଜ୍ଞ ଡାକ୍ତରମାନେ କ୍ୟାମ୍ପ୍ କରି ରୋଗୀ ସେବା କରିବେ। ସରକାର ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା କରିବାର ଘୋଷଣା କରି କେବଳ "ର' "ଠ' ଭାବେ ରୋଗୀ ସେବା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଭଦ୍ରକବାସୀଙ୍କ ସ୍ୱାସ୍ଥ୍ୟସେବା ପ୍ରତି ସରକାରଙ୍କ ଏହା ଅଣଦେଖା ଭାବ ବୋଲି ସ୍ୱତଃ ପ୍ରମାଣିତ ହୋଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଆରମ୍ଭ କରି ସମଗ୍ର ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାରେ ଡାକ୍ତର ଅଭାବଜନିତ ପରିସ୍ଥିତି ଜିଲ୍ଲାରେ ସରକାରୀ ସ୍ୱାସ୍ଥ୍ୟ ସେବାକୁ ଏକପ୍ରକାର ଅଚଳ କରି ଦେଇଥିବାବେଳେ ଭଦ୍ରକ ସହରବାସୀଙ୍କ ପାଇଁ ସରକାରଙ୍କ ଏହି ସାଟେଲାଇଟ୍ ହସ୍ପିଟାଲ ପ୍ରତିଷ୍ଠା ନ ହେବା ନେଇ ଧୀରେ ଧୀରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଭଦ୍ରକ ଜିଲ୍ଲା ମୁଖ୍ୟ ହସ୍ପିଟାଲ ସହିତ ୭ଟି ସିଏଚ୍‌ସି, ୫୪ଟି ପିଏଚ୍‌ସି ଏବଂ ଅନ୍ୟାନ୍ୟ ହସ୍ପିଟାଲକୁ ମିଶାଇ ସମଗ୍ର ଜିଲ୍ଲାରେ ୬୦ରୁ ଊର୍ଦ୍ଧ୍ୱ ସରକାରୀ ଡାକ୍ତରଖାନା ରହିଛି। ଯେଉଁଥିରେ ୩୮୦ ଅନୁମୋଦିତ ଡାକ୍ତର ପରିବର୍ତ୍ତେ ଅଛନ୍ତି ମାତ୍ର ୧୩୨ ଜଣ ଡାକ୍ତର। ସେହିଭଳି ଜିଲ୍ଲା ମୁଖ୍ୟ ହସ୍ପିଟାଲ ଲାଗି ୧୭୧ଟି ଅନୁମୋଦିତ ଡାକ୍ତର ପଦ ଥିବାବେଳେ ଅଛନ୍ତି ମାତ୍ର ୩୮ ଜଣ। ଡାକ୍ତରଙ୍କ ବିନା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହ ପେରିଫେରି ଡାକ୍ତରଖାନାରେ ସ୍ୱାସ୍ଥ୍ୟ ସେବା ଗୁରୁତର ଭାବେ ବିଗିଡ଼ିଥିବାବେଳେ ସହରବାସୀଙ୍କ ଲାଗି ସରକାରଙ୍କ ସାଟେଲାଇଟ୍ ହସ୍ପିଟାଲ ଘୋଷଣା ସମ୍ପୂର୍ଣ୍ଣ ଧୂଆଁବାଣ ବୋଲି ମତପ୍ରକାଶ ପାଇଛି।

## ସୟଦ ଗୋଲାମ ମହମ୍ମଦଙ୍କ ଦେହାନ୍ତର ଅର୍ଦ୍ଧବାର୍ଷିକୀରେ ଜଲ୍‌ସା

ଧାମନଗର,୨୪।୬(ସମିସ): ଧାମନଗର ଖାନ୍‌କା ସରିଫ୍ ପୀରବାବା ହଜରତ ମୁଜାହିଦ୍-ଏ-ମିଲ୍ଲତଙ୍କ ବଡ଼ ନାତି ଆଲହାଜ ସୟଦ ଗୋଲାମ ମହମ୍ମଦ ହବିବି ପୂର୍ବତନ ମତ୍ୱଲ୍ଲି ଓ ସଜ୍ଜାଦା ନସିନ୍ ଖାନକା ସରିଫ ଧାମନଗରଙ୍କ ଦେହାନ୍ତର ଅର୍ଦ୍ଧବାର୍ଷିକ ଉତ୍ସବ ମହାଆଡ଼ମ୍ବରରେ ମଙ୍ଗଳବାର ପାଳନ କରାଯାଇଛି। ପୂର୍ବତନ ମତ୍ୱଲ୍ଲି ବାବାଙ୍କ ପୁଅ ବର୍ତ୍ତମାନ ମତ୍ୱଲ୍ଲି ଓ ସଜ୍ଜାଦା ନସିନ୍ ଖାନକା ସରିଫ ଧାମନଗର ସୟଦ ହବିବ ରଜା ହବିବିଙ୍କ ତତ୍ତ୍ୱାବଧାନରେ ବାବାଙ୍କ ବାସଭବନଠାରେ ଦେହାନ୍ତର ଅର୍ଦ୍ଧବାର୍ଷିକ ଉତ୍ସବ



ପାଳନ ସହିତ ଜଲସା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେଠାରେ ଫାତେହା ପରେ ଶ୍ରଦ୍ଧାଳୁମାନଙ୍କୁ ଲଙ୍ଗର ବଣ୍ଟନ କରାଯାଇଥିଲା। ବାବାଙ୍କ ଉଦ୍ଦେଶ୍ୟରେ ମୌଲବି, ମୌଲାନା, କବି, ସାଏରମାନଙ୍କ ଦ୍ୱାରା ଜଲସା କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ସୟଦ ଫାରୁକ ରଜା ହବିବି, ଏମ୍‌ଡି ଇସ୍ରାଇଲ ହବିବି, ସୟଦ ମୁସ୍ତାଫା ରଜା ହବିବି, ସୟଦ ହସ୍ନେନ ରଜା ହବିବି, ସେକ୍ ଗୋଲାମ ଅଲ୍ଲୀ ହବିବି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ପୂର୍ବତନ ମତ୍ୱଲ୍ଲି ବାବାଙ୍କ ସାନ ଭାଇ ଆଲହାଜ ସୟଦ ଗୋଲାମ ଅହେମ୍ମଦ ହବିବିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖାନକା ସରିଫ ପରିସରରେ ଅର୍ଦ୍ଧବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଥିଲା। ଧାମନଗର ଏନ୍‌ଏସି ଓ ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଥିବାବେଳେ ଖାନକା ସରିଫ ଭିତରେ ଏବଂ ବାହାରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିବାବେଳେ ଖାକସାରାନେ ହାକ୍‌ମାନଙ୍କ ଦ୍ୱାରା ଶାନ୍ତିଶୃଙ୍ଖଳା ରକ୍ଷା କରାଯାଇଥିଲା। ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ବାଲେଶ୍ୱର, ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ତଥା ବିଭିନ୍ନ ରାଜ୍ୟରୁ ହଜାର ହଜାର ପୀରବାବାଙ୍କ ଭକ୍ତ ଓ ଶ୍ରଦ୍ଧାଳୁ ଧାମନଗର ଖାନକା ସରିଫଠାରେ ପହଞ୍ଚି ଚାଦର ଓ ଫୁଲ ଚଢ଼ାଇ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ସନ୍ଧ୍ୟାରେ ଅସ୍ଥାୟୀ କମିଟି ତରଫରୁ ସମସ୍ତଙ୍କ ପାଇଁ ଲଙ୍ଗର ବଣ୍ଟନ କରାଯାଇଥିଲା। ଏହି ଅବସରରେ ରାତିରେ ଜଲସା ଅନୁଷ୍ଠିତ ହୋଇଥିଲା। ଜଲସା କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟରୁ ଆସିଥିବା ମୌଲବି, ମୌଲାନା, କବି ଓ ସାଏର ପ୍ରମୁଖ ଯୋଗଦେଇ ପୂର୍ବତନ ମତ୍ୱଲ୍ଲି ବାବାଙ୍କ କାର୍ଯ୍ୟଦକ୍ଷତା ଓ ତାଙ୍କ ଲୋକଙ୍କ ସହିତ ସୁସମ୍ପର୍କ ଏବଂ ତାଙ୍କ ଜୀବନି ଉପରେ ଜଲସାରେ ଉପସ୍ଥିତ ଥିବା ଶ୍ରଦ୍ଧାଳୁମାନଙ୍କୁ ସୂଚନା ଦେଇଥିଲେ। ଏମ୍‌ଡି ଫଜଲେ ବାରି, ଏମ୍‌ଡି ଜୟନୁଲ ଆବେଦିନ, ଏମ୍‌ଡି ଇସ୍ଲାମୁଦ୍ଦିନ, ସେକ୍ ହଲିମ (କାନୁ), ସେକ୍ କଲ୍ଲୋ, ସେକ୍ ମୋହିଉଦ୍ଦିନ, ସେକ୍ ଇବ୍ରାହିମ (ହାତୀ), ମୀର ନୁର ମହମ୍ମଦ, ମୀର ନୁରୁଲ ଇସଲାମ ଓ ଅନ୍ୟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ମାଙ୍କଡ଼ କାମୁଡ଼ାରେ ୪ ଆହତ



ବାସୁଦେବପୁର,୨୪।୬(ସମିସ): ବାସୁଦେବପୁର ବ୍ଲକ୍‌ର ବିନାୟକପୁର ପଞ୍ଚାୟତରେ ବୃଦ୍ଧିପାଉଛି ମାଙ୍କଡ଼ ଉପଦ୍ରବ। ମାଙ୍କଡ଼ କାମୁଡ଼ାରେ ରକ୍ତାକ୍ତ ଅବସ୍ଥାରେ ୪ ଜଣଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବିନାୟକପୁର ଗ୍ରାମର ଧରିତ୍ରୀ ବାରିକ ମନ୍ଦିର ପାଖରେ ପୂଜା ସାରି ଫେରୁଥିବାବେଳେ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେବାରୁ ଚିତ୍କାର ଛାଡ଼ିଥିଲେ। ଲୋକମାନେ ଦୌଡ଼ି ଆସିବାରୁ ଛାଡ଼ି ପଳାଇ ଯାଇଥିଲା। ପୂର୍ଣ୍ଣିମ ପ୍ରଣତୀ ସାଇକଲରେ ଘରକୁ ଫେରୁଥିବାବେଳେ ଆଙ୍କୁଡ଼ାଶୁଣୀ ମନ୍ଦିର ନିକଟରେ ମାଙ୍କଡ଼ ଗୋଡ଼କୁ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ତେଲିସାହିର ନିଶାକର ରଣାଙ୍କ ଗୋଡ଼କୁ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେଇଛି। ଗୁରୁତର ଅବସ୍ଥାରେ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ସ୍ଥାନାନ୍ତର କରାଯାଇଛି। ବେହେରାସାହିର ନିତ୍ୟାନନ୍ଦ ବେହେରାଙ୍କୁ ମାଙ୍କଡ଼ ଆକ୍ରମଣ କରି ରକ୍ତାକ୍ତ କରିଦେଇଛି। ମଙ୍ଗଳବାର ବିନାୟକପୁର ପଞ୍ଚାୟତର ୬ ଜଣଙ୍କୁ ମାଙ୍କଡ଼ କାମୁଡ଼ି ରକ୍ତାକ୍ତ କରିଦେଇଥିଲା। ଗୁରୁବାର ବନ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରା ନ ଗଲେ ଅଫିସ ଘେରଉ କରାଯିବ ବୋଲି ବିନାୟକପୁର ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ଦାଦାର ମାଡ଼ରେ ଝିଆରୀ ମୃତ



ଭଦ୍ରକ/ବାସୁଦେବୁପର,୨୪।୬(ସମିସ): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌରାଞ୍ଚଳର ଭୈରବପୁରଗାଁରେ ଏକ ହତ୍ୟାକାଣ୍ଡ ଘଟିଛି। ଲୁଗା ଶୁଖାଇବା ପାଇଁ ପୋତିଥିବା ବାଉଁଶକୁ ନେଇ ଘଟିଛି ଏହି ଘଟଣା। ଦାଦା ପିଟିପିଟି ଝିଆରୀ ସସ୍ମିତା ପରିଡ଼ାଙ୍କୁ ହତ୍ୟା କରିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଗାଁର ରାଜକନିକା ଯଶିପୁର ଅଞ୍ଚଳର ସସ୍ମିତା ପରିଡ଼ା ସ୍ୱାମୀ ମରିଯିବା ପରେ ଝିଅକୁ ନେଇ ନିଜ ବାପଘର ବାସୁଦେବପୁର ପୌରାଞ୍ଚଳର ଭୈରବପୁରରେ ରାମଚନ୍ଦ୍ର ବାରିକଙ୍କ ଘରେ ଦୀର୍ଘଦିନ ଧରି ରହିଆସୁଥିଲେ। ବୁଧବାର ଅପରାହ୍ଣରେ ଲୁଗା ଶୁଖାଇବା ପାଇଁ ପଡ଼ୋଶୀ ଦାଦା ପ୍ରହଲ୍ଲାଦ ବାରିକଙ୍କ ସହ ତାଙ୍କର ଝଗଡ଼ା ହୋଇଥିଲା। ଝଗଡ଼ାରେ ପ୍ରହଲ୍ଲାଦ ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ସସ୍ମିତାଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାକୁ ନେଇ ମୃତକଙ୍କ ଝିଅ ପ୍ରିୟଙ୍କା ବାସୁଦେବପୁର ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ଚପାଇବା ପାଇଁ ଚାପ ପକାଇଥିବାର ଅଭିଯୋଗ ହୋଇଛି। ମାର୍‌ପିଟ୍‌ର ଭିଜୁଆଲ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଏନେଇ ବାସୁଦେବପୁର ଥାନାରେ ଏକ ମାମଲା(ନଂ-୩୭୫/୨୬) ରୁଜୁ ହୋଇଛି। ଥାନାଧିକାରୀ ନିରୋଜ ସାମଲ ଘଟଣାର ତଦନ୍ତ କରୁଛନ୍ତି।

## ବିନା ସୂଚନାଫଳକରେ ଚାଲିଛି ନିମ୍ନମାନର ରାସ୍ତା କାମ



ବାସୁଦେବପୁର,୨୪।୬(ସମିସ): ବାସୁଦେବପୁର ବ୍ଲକ୍ ରାସ୍ତା କାମକୁ ନେଇ ଟଣାଓଟରା ଚାଲିଥିବାବେଳେ ରାତାରାତି ବିନା ଫଳକରେ କାମ ଚାଲିଛି। ବ୍ରାହ୍ମଣଗାଁ ପଞ୍ଚାୟତ ଛକ ରାସ୍ତାରୁ ଏଡତାଳ ମାଇନର ପର୍ଯ୍ୟନ୍ତ ଏକ ରାସ୍ତା ନିର୍ମାଣ କାମ ଆରମ୍ଭ ହୋଇଛି। ଏହି ରାସ୍ତା ନିର୍ମାଣ ପୂର୍ବରୁ ସୂଚନାଫଳକ ନାହିଁ। ହେଲେ କଂକ୍ରିଟ୍ ରାସ୍ତାର ନିର୍ମାଣ କାମ ଆଗେଇ ଚାଲିଛି। ରାସ୍ତାର ଦୁଇ ପାର୍ଶ୍ୱ ୱାଲ୍‌ର ବ୍ୟବସ୍ଥା ଥିବାବେଳେ ବିନା ୱାଲ୍‌ରେ ଢଳେଇ ପକାଇ ରାସ୍ତାର ନିର୍ମାଣ କାମ କରୁଛନ୍ତି। ନିର୍ମାଣ ହୋଇଥିବା ରାସ୍ତାର ମେଣ୍ଟାଲ ଢଳେଇରେ ସିମେଣ୍ଟ ଅଂଶ କମ୍ ଥିବାରୁ ହାତ ମାରିଦେଲେ ଭାଙ୍ଗି ପଡୁଛି। ଅତି ନିମ୍ନମାନର କାମକୁ ସ୍ଥାନୀୟ ଲୋକ ବିରୋଧ କରୁଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଆମର କାହାକୁ କାମ ଦିଆଯାଇ ନାହିଁ। ଯଦି କିଏ କାମ କରୁଥିବ ବିଲ୍ ହେବ ନାହିଁ। ପୂର୍ବରୁ ଏହି ପଞ୍ଚାୟତରେ ବିନା ଫଳକରେ ରାତିଅଧିଆ କାମ ହେଉଥିବାବେଳେ ଅଭିଯୋଗ ହୋଇଥିଲା।

### ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ମହିଳା ସାଂସ୍କୃତିକ ସଂଘ ପକ୍ଷରୁ ପ୍ରତିବାଦ ସଭା

ବାରିକପୁର,୨୪।୬(ସମିସ)




ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ବିପର୍ଯ୍ୟସ୍ତ ହେଉଛି। ନାରୀ ନିର୍ଯାତନାଠାରୁ ଆରମ୍ଭ କରି ଭିଡ଼ ହିଂସା ଦିନକୁ ଦିନ ବୃଦ୍ଧି ହେଉଛି। ଜନସାଧାରଣ ଏକପ୍ରକାର ଭୟଭୀତ ଅବସ୍ଥାରେ କାଳାତିପାତ କରୁଛନ୍ତି। ରାଜ୍ୟ ସରକାର ଆଇନଶୃଙ୍ଖଳା ପରିସ୍ଥିତି ସଜାଡ଼ିବାରେ ବିଫଳ ହୋଇଛନ୍ତି। ଏନେଇ ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ(ଏଆଇଏମ୍‌ଏସ୍‌ଏସ୍) ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ୍ ପ୍ରାଙ୍ଗଣରେ ଏକ ପ୍ରତିବାଦ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ଶାଖାର ବରିଷ୍ଠ ସଦସ୍ୟା ସୁରମା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରତିବାଦ ସଭାରେ ରାଜ୍ୟ ଉପସଭାନେତ୍ରୀ ସୁଲୋଚନା ପ୍ରଧାନ ଓ ଜିଲ୍ଲାର ବରିଷ୍ଠ ସଭ୍ୟା ନନ୍ଦିନୀ ସାମଲ ଯୋଗଦେଇଥିଲେ। ସମ୍ପ୍ରତି ରାୟଗଡ଼ା ଜିଲ୍ଲା ଭଣ୍ଡାରିପଡ଼ାଠାରେ ଜଣେ ଅନ୍ୟ ରାଜ୍ୟର ଯୁବତୀଙ୍କ ଉପରେ ଅମାନବୀୟ ଭାବେ ଯେଉଁଭଳି ସଂଘବଦ୍ଧ ଆକ୍ରମଣ କରାଗଲା ତାହା ସଭ୍ୟ ସମାଜ ପାଇଁ ଅତ୍ୟନ୍ତ ନିନ୍ଦନୀୟ ଅଟେ। ବିଶେଷ କରି ଯୁବତୀଙ୍କ ଉପରେ ହୋଇଥିବା ଯୌନ ନିର୍ଯାତନାକୁ ସଂଘ ଘୋର ପ୍ରତିବାଦ କରିଛି। ଏହାଦ୍ୱାରା ଓଡ଼ିଶାର ଛବି ମଳିନ ହୋଇଛି। ବିଜେପି ସରକାର ସମୟରେ ଏଭଳି ଘଟଣାମାନ ଘଟୁଥିବାବେଳେ ନାରୀମାନେ ଆଉ ସୁରକ୍ଷିତ ନାହାନ୍ତି ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏହାଛଡ଼ା ଭିଡ଼ ହିଂସା ଓ ଦୈନିକ ବିଭିନ୍ନ ସ୍ଥାନରେ ହତ୍ୟା ଘଟଣା ମଧ୍ୟ ବଢ଼ିବାରେ ଲାଗିଛି। ଏକପ୍ରକାର ଆଇନଶୃଙ୍ଖଳା ବିଗିଡ଼ି ଯାଇଥିବାବେଳେ ସରକାର ଏଥିରେ ସୁଧାର ଆଣିବା ସହିତ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଦାବି ହୋଇଛି। ଏନେଇ ବିଡିଓଙ୍କ ଜରିଆରେ ସଂଘ ପକ୍ଷରୁ ସଦସ୍ୟାମାନେ ଏକ ଦାବିପତ୍ର ରାଜ୍ୟପାଳଙ୍କୁ ପଠାଇଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ବହୁ ମହିଳା ଯୋଗଦେଇ ପ୍ରତିବାଦ ଜଣାଇଥିଲେ।

## ଶ୍ରୀଶ୍ରୀ ଆଖଣ୍ଡଳେଶ୍ୱର ମହାଦେବଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା

ଧାମନଗର,୨୪।୬(ସମିସ): ଧାମନଗର ଥାନା ପରିସରରେ ନୂତନ ଭାବେ ନିର୍ମିତ ଆଖଣ୍ଡଳେଶ୍ୱର ମହାଦେବଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ୩ଦିନିଆ ଉତ୍ସବ ସୋମବାର ପୂର୍ଣ୍ଣାହୁତି ସହ ଉଦ୍‌ଯାପିତ ହୋଇଥିଲା। ଥାନାଧିକାରୀ ଶୁଭ୍ରଜିତ ଦାଶ ଓ ତାଙ୍କ ପତ୍ନୀ ରଶ୍ମିତା ଦାଶ କର୍ତ୍ତା ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ମନ୍ଦିର ମୁଖ୍ୟ ପୂଜକ ପଣ୍ଡିତ ବାମନ ଚରଣ ତ୍ରିପାଠୀ ଓ ପଣ୍ଡିତ ସନ୍ତୋଷ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟରେ ସମସ୍ତ ବୈଦିକ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପିତାମ୍ବର ଅଗସ୍ତି, ଅଭୟ ପଣ୍ଡା, କାର୍ତ୍ତିକ ଚନ୍ଦ୍ର ପଣ୍ଡା, ବିପ୍ଳବ ପଣ୍ଡା ଓ ବିଦ୍ୟାଧର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ପ୍ରବଚନ ଓ ଭଜନ କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଏହି ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ପ୍ରାକ୍ତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ବିନୋଦ ନାୟକ, ବିଜେଡି ନେତା ସଞ୍ଜୟ କୁମାର ଦାସ, ପ୍ରତାପ ସାମଲ, ସୁଶାନ୍ତ ରାଉତ, ନିତ୍ୟାନନ୍ଦ ଦାଶ, ସୂର୍ଯ୍ୟକାନ୍ତ ନାୟକ, ବିଜେପି ନେତା ଅଶୋକ ପୁହାଣ, ଅରବିନ୍ଦ ପତି, କୈଳାସ ଚନ୍ଦ୍ର ମହାପାତ୍ର, ମନୋଜ ମଲ୍ଲିକ, ପ୍ରୀତମ ଦାସ, ପ୍ରଫୁଲ୍ଲ ପାତ୍ର, କଂଗ୍ରେସ ନେତା ସଞ୍ଜୟ ମିଶ୍ର, ପ୍ରମୋଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସନ୍ଧ୍ୟାରେ ଭଦ୍ରକ ଏଏସ୍‌ପି ଅରୂପ ଅଭିଷେକ ବେହେରା ଓ ଅଂଶୁମାନ ଦ୍ୱିବେଦୀ, ଯାଜପୁର ଏଏସ୍‌ପି ପୁଷ୍ପଲତା ବାରିକ, ଏସ୍‌ଡିପିଓ ବିଷ୍ଣୁଚରଣ ବାରିକ, ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ବିଡିଓ ବନବିହାରୀ ଦିନ୍ଦା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ଭଣ୍ଡାରିପୋଖରୀ ଆଇଆଇସି ରାଜଲକ୍ଷ୍ମୀ ନାୟକ,



ପୁରୁଣା ବଜାର ଥାନା ଆଇଆଇସି ଏବଂ ସାଇବର ଥାନା ଅଧିକାରୀ, ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶାଶ୍ୱତ ନନ୍ଦି ପ୍ରମୁଖ ଯୋଗଦେଇଥିଲେ। ଏସ୍‌ଆଇ ନାରାୟଣ ନାୟକ, ରଶ୍ମିତା ମଲ୍ଲିକ, ମହେଶ୍ୱର ପ୍ରଧାନ, ଏଏସ୍‌ଆଇ ସୁଜିତ ରାଉତ, ନରେନ୍ଦ୍ର ରାଉତ, କଳ୍ପନା ରାଉତ, ସୁନିତା ହେମ୍ବ୍ରମ, କନେଷ୍ଟବଳ ନୀଳମଣି ବିଳାସ ଓ ଅନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ରଥ ପୂର୍ବରୁ ପୁରୀ ଅଶାନ୍ତ
# ହୋଟେଲ ମାଲିକଙ୍କୁ ହତ୍ୟା; ଅଭିଯୁକ୍ତକୁ ପୁଲିସର ଏନ୍‌କାଉଣ୍ଟର

ପୁରୀ,୨୪।୬(ସମିସ): ଆଗକୁ ମହାପ୍ରଭୁଙ୍କ ପବିତ୍ର ସ୍ନାନଯାତ୍ରା ଓ ରଥଯାତ୍ରା। ଶୃଙ୍ଖଳିତ ଘୋଷଯାତ୍ରା ପାଇଁ ପୁଲିସ ପ୍ରସ୍ତୁତ ଚଳାଇଥିବା ବେଳେ ପୁରୀ ସହରରେ ଗଡ଼ିଛି ମୁଣ୍ଡ। ମଙ୍ଗଳବାର ବିଳମ୍ବିତ ରାତିରେ ବଳିଆପଣ୍ଡା ଥାନା ଅଞ୍ଚଳରେ ହୋଟେଲ ମାଲିକଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ମୃତକ ହେଉଛନ୍ତି ବଳିଆପଣ୍ଡା ଥାନା ଧବଳେଶ୍ୱର ମନ୍ଦିର ନିକଟରେ ଥିବା ହୋଟେଲ 'ମନୋରମା' ରେସିଡେନ୍ସିର ମାଲିକ ପବିତ୍ର ନାୟକ। ତେବେ ହତ୍ୟାକାଣ୍ଡର କେଇଘଣ୍ଟା ମଧ୍ୟ ପୁଲିସ ନେଇଥିଲା ବଡ଼ କାର୍ଯ୍ୟାନୁଷ୍ଠାନ। ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସେହି ହୋଟେଲର ମ୍ୟାନେଜର ଚନ୍ଦନ କୁମାର ପଲ୍ଲାରକୁ ଏନ୍‌କାଉଣ୍ଟର କରିଥିଲା ପୁଲିସ। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ସେହି ହୋଟେଲକୁ ନେଇ ଏଭଳି କାଣ୍ଡ ଘଟିଥିବା ଅନୁସନ୍ଧାନ କରିଛି ପୋଲିସ। ଅଭିଯୁକ୍ତ ଚନ୍ଦନ ସେହି ହୋଟେଲକୁ ନିଜ କବ୍‌ଜାକୁ ନେଇ ବ୍ୟବସାୟ ଲକ୍ଷ୍ୟ ରଖିଥିବା ଯୋଗୁଁ ମାଲିକ ପବିତ୍ରଙ୍କ ସହିତ କିଛିଦିନ ହେବ ବିବାଦକୁ ନେଇ ଏଭଳି ହତ୍ୟାକାଣ୍ଡ ଘଟିଥିବା ଚର୍ଚ୍ଚା ଜୋର୍ ଧରିଛି।



ସୂଚନା ଅନୁଯାୟୀ, ମଙ୍ଗଳବାର ବିଳମ୍ବିତ ରାତିରେ ହୋଟେଲରେ ରହୁଥିବା କିଛି ଯାତ୍ରୀଙ୍କ ଫୋନ୍ ପରେ ପବିତ୍ର ହୋଟେଲକୁ ଯାଇଥିଲେ। ମ୍ୟାନେଜର ଏବଂ କିଛି କର୍ମଚାରୀ ଆବଶ୍ୟକ ସେବା ଦେଉ ନ ଥିବା ଅଭିଯୋଗ କରିଥିଲେ କିଛି ଯାତ୍ରୀ। ଫଳରେ ମାଲିକ ପବିତ୍ର ମ୍ୟାନେଜର ଚନ୍ଦନକୁ ତାଗିଦ କରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ପରେ ବିବାଦ ଉଗ୍ରରୂପ ଧାରଣ କରିଥିଲା। ଚନ୍ଦନ ନିଜ ପାଖରେ ରଖିଥିବା ଏକ ଛୁରୀରେ ପବିତ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏକାଧିକଥର ଶୀରୀର ବିଭିନ୍ନ ଜାଗାକୁ ଛୁରୀରେ ଆଘାତ ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲା ବଳିଆପଣ୍ଡା ଥାନା ପୁଲିସ। ମୁଖ୍ୟ ଅଭିଯୁକ୍ତ ସେହି ହୋଟେଲର ମ୍ୟାନେଜର ଚନ୍ଦନ ଜାଣିବା ପରେ ପୁଲିସ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା।

ବିଶେଷ ସୂତ୍ରରୁ ପୁଲିସକୁ ଖବର ମିଳିଥିଲା ମାତା ମଠ ନିକଟ ଏକ କାଜୁ ଜଙ୍ଗଲରେ ଲୁଚି ରହିଛି ଚନ୍ଦନ। ସେଠାରେ ପୁଲିସକୁ ପହଞ୍ଚିବା ପରେ ଚନ୍ଦନ ପୁଲିସ ଉପରକୁ ଗୁଳି ଚାଳନା କରି ଖସିଯିବାକୁ ଚେଷ୍ଟା କରିଥିଲା। ହେଲେ ପୁଲିସ ଗୁଳିରେ ଆହତ ହୋଇଥିଲା। ଚନ୍ଦନର ବାମପଟ ଗୋଡ଼ରେ ପୁଲିସର ଗୁଳି ବାଜିଥିବା ବେଳେ ତାକୁ ଚିକିତ୍ସା ପାଇଁ ପ୍ରଥମେ ପୁରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ମୃତକଙ୍କ ପରିବାର ଓ ସମ୍ପର୍କୀୟମାନେ ମେଡିକାଲରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏସ୍‌ପି ପ୍ରତୀକ୍ ସିଂ ଏବଂ ପୁଲିସ ଅଧିକାରୀ ସ୍ଥିତିକୁ ନିୟନ୍ତ୍ରଣ କରିବା ସହିତ ଚନ୍ଦନକୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ଉଦ୍ୟମ ଜାରି ରଖିଥିବା ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି। ଏସ୍‌ପି କହିଛନ୍ତି, "ମଙ୍ଗଳବାର ବିଳମ୍ବିତ ରାତିରେ ହୋଟେଲ ମନୋରମାର ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ବଳିଆପଣ୍ଡା ଥାନାକୁ ଖବର ଆସିଥିଲା। ହୋଟେଲର ଜଣେ କର୍ମଚାରୀ ଚନ୍ଦନ କୁମାର ପଲ୍ଲାର ହିଁ ଛୁରୀରେ ଆକ୍ରମଣ କରିଥିବା ଜଣାପଡ଼ିଥିଲା। ଗୁରୁତର ଅବସ୍ଥାରେ ପବିତ୍ରଙ୍କୁ ପୁଲିସ ଚିକିତ୍ସା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଭିଯୁକ୍ତ ଚନ୍ଦନ ମାତାମଠ ନିକଟ ଏକ କାଜୁ ଜଙ୍ଗଲରେ ଲୁଚିବା ପାଇଁ ଯାଉଥିବା ପୁଲିସକୁ ଖବର ମିଳିଥିଲା। ପୁଲିସ ସେଠାରେ ପହଞ୍ଚିବା ପରେ ଅଭିଯୁକ୍ତ ପୁଲିସ ଉପରେ ଗୁଳି ଚାଳନା କରି ଖସି ଯିବାକୁ ଉଦ୍ୟମ କରୁଥିଲା। ପୁଲିସର ପାଲଟା ଗୁଳିରେ ଅଭିଯୁକ୍ତ ଆହତ ହୋଇଥିଲା। ଏହାର ତଦନ୍ତ ଚାଲିଛି ଆଉ କିଛି ବ୍ୟକ୍ତି ଏହି ଅପରାଧରେ ସାମିଲ ଥିବା ଜଣାପଡ଼ିଛି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି।

■ ଛତ୍ରପୁର ଅଞ୍ଚଳରେ ଗୁଣିଆ ସନ୍ଦେହରେ ହତ୍ୟା ମାମଲା

## ଅଭିଯୁକ୍ତ ୨୪ ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ

କଟକ,୨୪।୬(ସମିସ): ଏକ ହତ୍ୟା ଘଟଣାରେ ଜଣେ ଅଭିଯୁକ୍ତ ଦୀର୍ଘ ୨୪ବର୍ଷ ପରେ ହାଇକୋର୍ଟରୁ ଦୋଷମୁକ୍ତ ହୋଇଛନ୍ତି। ସାକ୍ଷୀଙ୍କ ବୟାନରେ ବିରୋଧାଭାସ ଏବଂ ଦୁର୍ବଳ ଅନୁସନ୍ଧାନ କାରଣରୁ ଏକ ଦୀର୍ଘ ଦିନର ହତ୍ୟା ମାମଲାରେ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୩ରୁ ଚାଲିଆସୁଥିବା ମାମଲାର ଶୁଣାଣି କରି ନିମ୍ନ ଅଦାଲତଙ୍କ ଆଜୀବନ କାରାଦଣ୍ଡାଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଅଭିଯୁକ୍ତ ତଥା ଆବେଦନକାରୀ ବାବୁ ଦାସଙ୍କୁ ସମସ୍ତ ଦୋଷରୁ ମୁକ୍ତ କରିଛନ୍ତି। ଜଷ୍ଟିସ ମାନସ ରଞ୍ଜନ ପାଠକ ଓ ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ନିମ୍ନ ଅଦାଲତ ପ୍ରମାଣରେ ଥିବା ବଡ଼ ଫାଙ୍କଗୁଡ଼ିକୁ ଅଣଦେଖା କରିଥିଲେ। ଆଇନ ଅନୁଯାୟୀ ପ୍ରସିକ୍ୟୁସନକୁ ନିଜ ମାମଲା ସନ୍ଦେହରୁ ଊର୍ଦ୍ଧ୍ୱରେ ପ୍ରମାଣ କରିବାକୁ ପଡ଼ିଥାଏ, କିନ୍ତୁ ଏଠାରେ ନିମ୍ନ ଅଦାଲତ ଓଲଟା ଅଭିଯୁକ୍ତ ଉପରେ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ଭାର ଲଦି ଦେଇଛନ୍ତି, ଯାହା ଆଇନଗତ ଭାବେ ଗ୍ରହଣୀୟ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି।

**'ନିର୍ଦ୍ଦୋଷ ପ୍ରମାଣ ପାଇଁ ଅଭିଯୁକ୍ତ ଉପରେ ବୋଝ ଲଦିବା ଗ୍ରହଣୀୟ ନୁହେଁ'**

ମାମଲାରୁ ପ୍ରକାଶ ଯେ ଗତ ୨୦୦୨ ମସିହା ମେ' ୨୮ ତାରିଖରେ ଗଞ୍ଜାମ ଜିଲ୍ଲା ଛତ୍ରପୁର ଅଞ୍ଚଳର ସାରୁ ଗ୍ରାମର ଗୁଣିଆ ନଟବର ଗୌଡ଼ଙ୍କୁ ଲାଠିରେ ପିଟି ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଅଭିଯୁକ୍ତ ବାବୁ ଦାସ ନିଜ ପରିବାର ଉପରେ ଗୁଣି ଗାରେଡ଼ି ସନ୍ଦେହ କରି ଏହି ହତ୍ୟାକାଣ୍ଡ ଭିଆଇଥିବା ପ୍ରସିକ୍ୟୁସନ ଦାବି କରିଥିଲା। ୩୧ ଅକ୍ଟୋବର ୨୦୦୩ରେ ଛତ୍ରପୁର ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ, ଯାହାକୁ ଚ୍ୟାଲେଞ୍ଜ କରି ଅଭିଯୁକ୍ତ ତରଫରୁ ହାଇକୋର୍ଟରେ ଅପିଲ୍ କରାଯାଇଥିଲା। ପ୍ରସିକ୍ୟୁସନର ସମସ୍ତ ପ୍ରମାଣ ସନ୍ଦେହଘେରରେ ଥିବାରୁ, ଆଇନର 'ବେନିଫିଟ୍ ଅଫ୍ ଡାଉଟ୍' ବା ସନ୍ଦେହର ଲାଭ ଅଭିଯୁକ୍ତଙ୍କ ସପକ୍ଷରେ ଯିବା ଉଚିତ ବୋଲି ହାଇକୋର୍ଟ ପ୍ରକାଶ କରିଛନ୍ତି। ଏହି ଆଧାରରେ ଆବେଦନକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯାଇଛି।

■ ଜଷ୍ଟିସ ନାଇଡୁ କମିସନ ରିପୋର୍ଟ ଗାଏବ୍ ଘଟଣା

## ସିବିଆଇ ତଦନ୍ତ ପାଇଁ ହାଇକୋର୍ଟରେ ଆବେଦନ

କଟକ,୨୪।୬(ସମିସ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାରେ ଜଷ୍ଟିସ ଏ.ଏସ.ନାଇଡୁ ତଦନ୍ତ କମିସନଙ୍କ ରିପୋର୍ଟ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗାଏବ ଘଟଣାକୁ ନେଇ ମାମଲା ହାଇକୋର୍ଟରେ ପହଞ୍ଚିଛି। ପୂର୍ବରୁ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବିରେ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ତେବେ ଏହି ମାମଲାରେ ଜଷ୍ଟିସ ନାଇଡୁ କମିସନଙ୍କ ରିପୋର୍ଟ ଗାଏବ ପ୍ରସଂଗକୁ ନେଇ ଆଇନଜୀବୀ ତଥା ଆବେଦନକାରୀ ଇଂ ଦେବାଶିଷ ହୋତା ହାଇକୋର୍ଟରେ ଏକ ଅନ୍ତରୀଣ ଆବେଦନ ଦାଖଲ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି ଯେ କନ୍ଧମାଳର ଜଲେସପଟା ଆଶ୍ରମରେ ଭିଏଚପି ନେତା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ଏବଂ ତାଙ୍କର ୪ଜଣ ଅନୁଗାମୀଙ୍କ ୨୦୦୮ ମସିହାରେ ହୋଇଥିବା ନିର୍ମମ ଓ ସୁଚିନ୍ତିତ ହତ୍ୟାକାଣ୍ଡର ତଦନ୍ତ ପାଇଁ ବିଶେଷ ଭାବେ ଜଷ୍ଟିସ ଏ.ଏସ.ନାଇଡୁ କମିସନ ଗଠନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କମିସନର ତଦନ୍ତ ରିପୋର୍ଟ ସେପ୍ଟେମ୍ବର ୨୦୧୬ରେ ସିଏମଓକୁ ପଠାଯାଇଥିଲା। ଏବେ ସେହି ରିପୋର୍ଟ ମିଳୁ ନଥିବା ନେଇ କ୍ୟାପିଟାଲ ଥାନାରେ ଗତ ୨୦ ଜୁନ୍‌ରେ ଏକ ଅପରାଧିକ ମାମଲା ରୁଜୁ କରିଛି। ତେବେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଭଳି ସଂସ୍ଥା ମାଧ୍ୟମରେ ଏହାର ତଦନ୍ତ ଆବଶ୍ୟକତା ରହିଥିବା ନେଇ ଆବେଦନକାରୀ ଦର୍ଶାଇଛନ୍ତି।

'ଡିଜିଟାଲ୍ ଆରେଷ୍ଟ' ଠକେଇ

# ଅବସରପ୍ରାପ୍ତ ପ୍ରଫେସର ଫେରିପାଇଲେ ୧.୧୦ କୋଟି

କଟକ,୨୪।୬(ସମିସ): 'ଡିଜିଟାଲ୍ ଆରେଷ୍ଟ' ଠକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜଣେ ଅବସରପ୍ରାପ୍ତ ପ୍ରଫେସରଙ୍କ ଆକାଉଣ୍ଟରୁ ଯାଇଥିବା ୨.୪୫ କୋଟି ଟଙ୍କା ମଧ୍ୟରୁ ୧କୋଟି ୧୦ ଲକ୍ଷ ଫେରସ୍ତ ଆଣିବାରେ ସଫଳ ହୋଇଛି କ୍ରାଇମବ୍ରାଞ୍ଚ। '୧୯୩୦' ସାଇବର ହେଲ୍ପଲାଇନ୍ ମାଧ୍ୟମରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇ ଏହି ଅର୍ଥ ଉଦ୍ଧାର କରାଯାଇପାରିଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱରରେ ରହୁଥିବା ଏହି ଅବସରପ୍ରାପ୍ତ ପ୍ରଫେସର ଜଣକ ଗତ ଫେବୃଆରୀ ୨୦୨୬ରେ ଡିଜିଟାଲ୍ ଆରେଷ୍ଟର ଶିକାର ହୋଇ ପ୍ରାୟ ୨କୋଟି ୪୫ଲକ୍ଷ ଟଙ୍କା ହରାଇଥିଲେ। ଏନେଇ ସେ ଗତ ମେ ୧୫ରେ ସେ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନସିଆରପି)ରେ ଅଭିଯୋଗ କରିଥିଲେ। ଏହାପୂର୍ବରୁ ତଥା ଗତ ମାର୍ଚ୍ଚ ୨ତାରିଖରେ ସେ କ୍ରାଇମବ୍ରାଞ୍ଚ ସାଇବର କ୍ରାଇମ ଥାନାରେ ଏକ ମାମଲା ମଧ୍ୟ ରୁଜୁ କରିଥିଲେ। ଏହି ପ୍ରକ୍ରିୟାରେ ଠକେଇ ସହ ଜଡ଼ିତ କେତେକ ବ୍ୟାଙ୍କ ଆକାଉଣ୍ଟ ଚିହ୍ନଟ କରାଯାଇଥିଲା ଏବଂ ସେଗୁଡ଼ିକୁ ତୁରନ୍ତ ଫ୍ରିଜ୍ ବା ଅଚଳ କରିବାକୁ ପଦକ୍ଷେପ ନିଆଯାଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି 'ୟେସ୍ ବ୍ୟାଙ୍କ'ର ଏକ ଆକାଉଣ୍ଟରେ ଥିବା ୧କୋଟି ୧୦ଲକ୍ଷ ଟଙ୍କାକୁ ଅଟକାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ, କୋର୍ଟଙ୍କ ଆଦେଶ ଅନୁଯାୟୀ ସମସ୍ତ ଆଇନଗତ ପ୍ରକ୍ରିୟା ଶେଷ କରି ଏହି ସମ୍ପୂର୍ଣ୍ଣ ଅର୍ଥକୁ ଅଭିଯୋଗକାରୀ ପ୍ରଫେସରଙ୍କ ଆକାଉଣ୍ଟକୁ ସଫଳତାର ସହ ଫେରସ୍ତ ଅଣାଯାଇଛି।

**୪ ମାସରେ ୧୬୩୩୫ଟି ସାଇବର ଠକେଇ ଅଭିଯୋଗ**

କ୍ରାଇମବ୍ରାଞ୍ଚ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ଗତ ୨୦୨୫ରେ ଏନସିଆରପିରେ ମୋଟ ୪୩୨.୨୮ କୋଟି ଟଙ୍କା ଠକେଇ ନେଇ ୪୯୪୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଏହି ଅଭିଯୋଗ ଗୁଡିକ ଆଧାରରେ ୬୮.୭୧କୋଟି ଟଙ୍କାକୁ ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇଥିବା ବେଳେ ୫.୩୧କୋଟି ଟଙ୍କା ଅଭିଯୋଗକାରୀ ମାନଙ୍କୁ ଫେରସ୍ତ ଦିଆଯାଇପାରିଛି। ସେହିଭଳି ୨୦୨୬ ଏପ୍ରିଲ୩୦ ସୁଦ୍ଧା ୧୩୪.୨୪କୋଟି ଟଙ୍କା ଠକେଇ ନେଇ ୧୬୩୩୫ଟି ଅଭିଯୋଗ ହୋଇଥିବା ବେଳେ ୨୪.୨୭କୋଟି ଟଙ୍କା ବିଭିନ୍ନ ବ୍ୟାଙ୍କରେ ଫ୍ରିଜ କରାଯାଇ ରଖାଯାଇଛି। ଏଥିରୁ ୨.୯୭କୋଟି ଟଙ୍କା ଅଭିଯୋଗକାରୀ ମାନେ ଫେରସ୍ତ ପାଇଛନ୍ତି। ଏଭଳି କୌଣସି ସନ୍ଦିଗ୍ଧ ଫୋନ କଲ୍ ଆସିଲେ ନିଜର ବ୍ୟକ୍ତିଗତ ଓ ବ୍ୟାଙ୍କ ତଥ୍ୟ ସେୟାର ନକରିବାକୁ କୁହାଯାଇଛି। ଏଭଳି ଘଟଣା ଘଟିଲେ ତୁରନ୍ତ ଟୋଲ୍ ଫ୍ରି ସାଇବର କ୍ରାଇମ ହେଲ୍ପଲାଇନ୍ ନମ୍ବର ୧୯୩୦କୁ କଲ୍ କିମ୍ବା www.cybercrime.gov.in ରେ ଅଭିଯୋଗ ଯେତେ ଶୀଘ୍ର କରାଯିବ ତେବେ ଟଙ୍କା ଫ୍ରିଜ୍ ହେବାର ଏବଂ ଫେରସ୍ତ ମିଳିବାର ସମ୍ଭାବନା ସେତେ ଅଧିକ ରହିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି।

## ବ୍ରାହ୍ମଣୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

କଣିହାଁ,୨୪।୬(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ ନିମ୍ନଭାଗ କଦଳିପାଳ ନିକଟରେ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ମଙ୍ଗଳବାର ଅପରାହ୍ଣରେ ଘଟିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରେଙ୍ଗାଳି ଡ୍ୟାମ ତଳ ଅଞ୍ଚଳ କଦଳିପାଳ ନିକଟ ବ୍ରାହ୍ମଣୀ ନଦୀରେ ଜଣେ ଯୁବକ ଗାଧୋଇବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଘଟଣା ଦେଖି ସେଠାରେ ଥିବା କିଛି ସ୍ଥାନୀୟ ଲୋକେ ନଦୀରୁ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଙ୍କ ନିକଟକୁ ନେଇଥିଲେ। ପରବର୍ତ୍ତୀ ସମୟରେ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଯୁବକ ଜଣକ କଣିହାଁ ବ୍ଲକ ଖାମାର ଗ୍ରାମର ରାଜେଶ ଗୋଛାୟତ ବୋଲି ଜଣାପଡ଼ିଛି। ପୁଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

■ ସାମ୍ବାଦିକଙ୍କୁ ପେନ୍‌ସନ୍ ମାମଲା

## ୩ ମାସରେ ନିଷ୍ପତ୍ତି ନେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୨୪।୬(ସବ୍ୟୁ): ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ ମାମଲାରେ ହାଇକୋର୍ଟ୍ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି। ଏ ପ୍ରସଙ୍ଗରେ ରାଜ୍ୟ ସରକାର ତିନି ମାସ ମଧ୍ୟରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ହାଇକୋର୍ଟ ଆଦେଶ ଦେଇଛନ୍ତି। ଏ ସଂକ୍ରାନ୍ତରେ ସମସ୍ତ ପ୍ରକାର ପ୍ରଶାସନିକ ପଦକ୍ଷେପ, ଆବଶ୍ୟକ ଆର୍ଥିକ ବ୍ୟବସ୍ଥା ଆଦି ବିଚାର କରି ପଦକ୍ଷେପ ନେବାକୁ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଏସ୍.କେ. ପାଣିଗ୍ରାହୀ ଆଦେଶ ଦେଇଛନ୍ତି। ଯଦି ଧାର୍ଯ୍ୟ ସମୟ ମଧ୍ୟରେ ରାଜ୍ୟ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକଲେ ତାହେଲେ ଆବେଦନକାରୀ ପୁନର୍ବାର ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବେ ବୋଲି ହାଇକୋର୍ଟ କହିଛନ୍ତି। ସିନିୟର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ, ଓଡ଼ିଶା ପକ୍ଷରୁ ଏହି ଅଦାଲତ ମାମଲା ରୁଜୁ କରାଯାଇଥିଲା। ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ବରିଷ୍ଠ ସାମ୍ବାଦିକଙ୍କୁ ପେନ୍‌ସନ୍ ପ୍ରଦାନ କରାଯାଉ ନଥିବାରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ରାଜ୍ୟ ସରକାର ଜବାବ ରଖି ଦର୍ଶାଇଥିଲେ ଯେ ସାମ୍ବାଦିକଙ୍କୁ ପେନ୍‌ସନ୍ ଦେବା ସଂକ୍ରାନ୍ତରେ ରାଜ୍ୟ ସରକାର ବିଚାରବିମର୍ଶ କରୁଛନ୍ତି। ଏଥିପାଇଁ ଅତିକମ୍‌ରେ ତିନିମାସ ସମୟ ଦିଆଯାଉ। ଏହି ଜବାବକୁ ଗ୍ରହଣ କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପେନ୍‌ସନ୍ ସଂକ୍ରାନ୍ତରେ ତିନିମାସ ମଧ୍ୟରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ନୂଆ ବିଏସ୍-୬...

ବିଏସ୍-୬ ଯାନଗୁଡ଼ିକ ପାଇଁ ନିୟମ ଭିନ୍ନ ହୋଇପାରେ। ସରକାର କହିଛନ୍ତି ଯେ ବିଏସ୍-୬ ଯାନଗୁଡ଼ିକ ପୁରୁଣା ମଡେଲ ତୁଳନାରେ ଯଥେଷ୍ଟ କମ୍ ପ୍ରଦୂଷଣ ନିର୍ଗତ କରନ୍ତି। ଏହି କାରଣରୁ ସେଗୁଡିକ ପାଇଁ ନିୟମ କୋହଳ କରାଯାଇପାରେ। ତେବେ ନିୟମାବଳୀ ଅନୁଯାୟୀ ପିୟୁସିସି ନ ଥିଲେ ଜଣଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। କେବଳ ୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜରିମାନା ଏବଂ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ମଧ୍ୟ ହୋଇପାରେ।

### କୋଲକାତାରେ ନିର୍ମାଣାଧୀନ...

ନିଆଯାଉଛି। ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଉଦ୍ଧାର କରାଯାଇ ଏସଏସକେଏମ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତେବେ ପ୍ରାୟ ୧୨ ରୁ ୧୫ ଜଣ ଏବେ ମଧ୍ୟ ଫସି ରହିଥିବା ଆଶଙ୍କା କରାଯାଉଛି।

ଉଦ୍ଧାରକାରୀ ଦଳ ଅନୁଯାୟୀ, ଭଗ୍ନସ୍ତୂପ ତଳୁ ଶ୍ରମିକମାନଙ୍କର ସାହାଯ୍ୟ ପାଇଁ ଆର୍ତ୍ତନାଦ ଶୁଣାଯାଉଛି। କିଛି ଶ୍ରମିକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇଛି ଏବଂ ସେମାନଙ୍କୁ ପାଇପ୍ ଜରିଆରେ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଉଛି। ଗ୍ୟାସ କଟର ଏବଂ ଡ୍ରିଲିଂ ମେସିନ ସାହାଯ୍ୟରେ କଂକ୍ରିଟ ସ୍ଲାବ୍ କାଟି ସେମାନଙ୍କ ପାଖରେ ପହଞ୍ଚିବାକୁ ଚେଷ୍ଟା କରାଯାଉଛି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି। ପ୍ରାଥମିକ ତଦନ୍ତରୁ ବିଲ୍ଡିଂ ପ୍ଲାନରେ ତ୍ରୁଟି ଏବଂ ନିର୍ମାଣ ସାମଗ୍ରୀର ନିମ୍ନମାନର ଗୁଣବତ୍ତା ଯୋଗୁଁ ଏହି ଦୁର୍ଘଟଣା ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ମୁଖ୍ୟମନ୍ତ୍ରୀ କୋଲକାତା ମ୍ୟୁନିସିପାଲିଟି ଅଧୀନରେ ଥିବା ସମସ୍ତ ନିର୍ମାଣାଧୀନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ସମସ୍ତ ବ୍ୟବସାୟିକ ପ୍ରକଳ୍ପର ସୁରକ୍ଷା ଅଡିଟ୍ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗଷ୍ଟ ୧ ପର୍ଯ୍ୟନ୍ତ କୌଣସି ନୂତନ ନିର୍ମାଣ କାର୍ଯ୍ୟ ହୋଇପାରିବ ନାହିଁ ବୋଲି ଘୋଷଣା କରାଯାଇଛି। ଅନେକ ଶ୍ରମିକ ଅନ୍ୟ ରାଜ୍ୟରୁ ଆସିଥିବା ପ୍ରବାସୀ ଶ୍ରମିକ ବୋଲି ଜଣାପଡ଼ିଛି। ରାଜ୍ୟ ସରକାର ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

### ସାମୁଦ୍ରିକ ବାଣିଜ୍ୟ...

ଗଭୀର-ସମୁଦ୍ର ବନ୍ଦର ଏବଂ ପାରାଦୀପ ନିକଟରେ ଏକ ସିପ୍ ବିଲ୍ଡିଂ କ୍ଲଷ୍ଟର ନିର୍ମାଣ କରାଯାଉଛି। ଭାରତ ସରକାରଙ୍କ 'ସାଗର', 'ଆକ୍ଟ ଇଷ୍ଟ ପଲିସି', "ବିମଷ୍ଟେକ' ଏବଂ 'କୋଷ୍ଟାଲ ସିକ୍ୟୁରିଟି ସ୍କିମ ଫେଜ-୩' ଭଳି ପ୍ରଗତିଶୀଳ ନୀତିକୁ ଓଡ଼ିଶା ସରକାର ସମ୍ପୂର୍ଣ୍ଣ ସମର୍ଥନ କରୁଛନ୍ତି । ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା, ଅନ୍‌ମ୍ୟାନ୍‌ଡ ସିଷ୍ଟମ ଏବଂ ଅତ୍ୟାଧୁନିକ ମନିଟରିଂ ନେଟୱାର୍କର ଉପଯୋଗ ଉପରେ ମୁଖ୍ୟମନ୍ତ୍ରୀ ଏହେ ଅବସରରେ ଗୁରୁତ୍ୱାରୋପ କରିଛନ୍ତି। ଏହି ବୈଠକରେ ଜାତୀୟ ମାରିଟାଇମ୍ ସୁରକ୍ଷା ସମନ୍ୱୟକାରୀ ଅବସରପ୍ରାପ୍ତ ଭାଇସ୍ ଆଡମିରାଲ୍ ବିଶ୍ୱଜିତ୍ ଦାସଗୁପ୍ତା, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆଙ୍କ ସମେତ ଉପକୂଳବର୍ତ୍ତୀ ରାଜ୍ୟର ସାମୁଦ୍ରିକ ସୁରକ୍ଷା ସମନ୍ୱୟକାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

### ଇଂରାଜୀ ବହିକୁ...

ଅଭିଯୋଗ ହୋଇଥିଲା। ମାତ୍ର ଇଂରାଜୀ ବହିରେ ଓଡ଼ିଆ କିପରି ପ୍ରବେଶ କଲା? ଏହା ତ ଏଆଇ ର ଅବଦାନ ହୋଇ ନ ଥିବ! ଏପରି ଗୁରୁଚଣ୍ଡାଳ ତ୍ରୁଟି କେବଳ ପୁସ୍ତକ ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମାନୀ ଓ ଖାମଖିଆଲ୍ ନୀତି ଦ୍ୱାରା ହିଁ ସମ୍ଭବ। ରାଜ୍ୟର ପ୍ରାୟ ୫୭ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଶୈକ୍ଷିକ ଜୀବନ ସହ ଖେଳିଥିବା ଏହି ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଏବେ ଦାବି ଜୋର୍ ଧରିଛି। ଏପରିକି ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସ୍ତୁତି କରିଥିବା ସମସ୍ତ ବରିଷ୍ଠ ଓ ଅଭିଜ୍ଞ (!) ଶିକ୍ଷାବିତ ଏବଂ ଅଧିକାରୀଙ୍କ ଠାରୁ ମୁଦ୍ରଣ ବାବଦକୁ ଖର୍ଚ୍ଚ ହୋଇଥିବା ସମସ୍ତ ଅର୍ଥ ଭରଣା କରିବାକୁ ଦାବି ତୀବ୍ର ହୋଇଛି। ସାମାଜିକ ଗଣମାଧ୍ୟମରେ ଆବାଳବୃଦ୍ଧବନିତା ସରକାରଙ୍କ ଏପରି ତ୍ରୁଟିକୁ ଅକ୍ଷମଣୀୟ କହିବା ସହ କଠୋର ସମାଲୋଚନା ଜାରି ରଖିଛନ୍ତି।

### ମୁଁ ମାନିବାକୁ...

ପାଇଁ ଆଲୋଚନା ଚଳାଇଥିବା ବେଳେ ଏହି ନିଷ୍ପତ୍ତି ତାଙ୍କ ଉପରେ ଚାପ ସୃଷ୍ଟି କରିଛି। ସିନେଟର ଏହି ନିଷ୍ପତ୍ତିକୁ ହ୍ୱାଇଟ୍ ହାଉସ ଅସାମ୍ବିଧାନିକ ବୋଲି ଦର୍ଶାଯାଇଛି ଏବଂ ଏହା କାର୍ଯ୍ୟକାରୀ ହେବା ପାଇଁ ବାଧ୍ୟତାମୂଳକ ନୁହେଁ ବୋଲି ଦାବି କରାଯାଇଛି। ଆଇନ ବିଶେଷଜ୍ଞଙ୍କ ମତରେ, ଏହି ପ୍ରସଙ୍ଗଟି ଆଗକୁ ଏକ ଆଇନଗତ ଲଢେଇର ରୂପ ନେଇପାରେ। ଶେଷରେ ନ୍ୟାୟାଳୟ ଦ୍ୱାରା ହିଁ ଏହାର ସମାଧାନ ହେବର ସମ୍ଭାବନା ରହିଛି ବୋଲି କୁହାଯାଇଛି। ଅନ୍ୟପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପ ଏଭଳି ପ୍ରସ୍ତାବ/ନିର୍ଦ୍ଦେଶକୁ ଅର୍ଥହୀନ ବୋଲି କହିଛନ୍ତି। ସେ ଏହାକୁ ମାନିବା ଲାଗି ବାଧ୍ୟ ନୁହନ୍ତି ବୋଲି କହିଛନ୍ତି।

### ବିଜେପି ବୁଥ୍ ସଭାପତିଙ୍କୁ...

ଚାଲିଥିବା ସମୟରେ ରାସ୍ତା ଉପରେ ଆତଙ୍କ ସୃଷ୍ଟି କରୁଥିଲେ। ଏହାକୁ ଦେଖି ତପନ ଦାସ ପରିସ୍ଥିତିକୁ ଶାନ୍ତ କରିବା ଓ ସଞ୍ଜୟଙ୍କୁ ବୁଝାଇବା ପାଇଁ ଆଗକୁ ଆସିଥିଲେ। କିନ୍ତୁ ସାମାନ୍ୟ କଥା କାଟାକାଟିରୁ ଘଟଣା ହିଂସାତ୍ମକ ରୂପ ନେଇଥିଲା। ସଞ୍ଜୟ ହଠାତ୍ ଉତ୍କ୍ଷିପ୍ତ ହୋଇ ଏକ କାଠ ଫାଳିଆରେ ତପନଙ୍କୁ ଆକ୍ରମଣ କରିଥିଲେ। ମୁଣ୍ଡରେ ଗୁରୁତର ଆଘାତ ଲାଗିବାରୁ ତପନ ଘଟଣାସ୍ଥଳରେ ତଳେ ପଡ଼ିଯାଇଥିଲେ। ଏତିକିରେ ଆକ୍ରମଣକାରୀଙ୍କ ରାଗ ଶାନ୍ତ ହୋଇ ନ ଥିଲା। ପରେ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତପନଙ୍କ ମୃତ୍ୟୁ ଘଟିଥିଲା। ଏଭଳି ନିର୍ମମ ହତ୍ୟା ଘଟଣା ସମଗ୍ର ଅଞ୍ଚଳରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି କରିଛି। ଘଟଣା ପରେ ଅଭିଯୁକ୍ତ ଫେରାର ହୋଇଯାଇଥିବାବେଳେ ଜମ୍ମୁ ମେରାଇନ ଥାନା ଅଧିକାରିଣୀ ଅନିତା ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଟିମ୍ ତଦନ୍ତ ଆରମ୍ଭ କରିଥିଲା। ବିଭିନ୍ନ ସ୍ଥାନରେ ଚଢ଼ଉ କରି ଶେଷରେ ସଞ୍ଜୟ ମଣ୍ଡଳଙ୍କୁ ଗିରଫ କରାଯାଇଛି। ତାଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିବାବେଳେ ଅଧିକ ତଦନ୍ତ ଚାଲିଛି।

ତେବେ ଏହି ଘଟଣା ପରେ ସାଧାରଣ ଲୋକଙ୍କ ମଧ୍ୟରେ ଗୋଟିଏ ପ୍ରଶ୍ନ ବାରମ୍ବାର ଉଠୁଛି। ଯଦି ସଞ୍ଜୟ ମଣ୍ଡଳଙ୍କ ବିରୋଧରେ ପୂର୍ବରୁ ଏତେ ଅଭିଯୋଗ ଥିଲା, ତେବେ ପୁଲିସ କିମ୍ବା ପ୍ରଶାସନ କାହିଁକି ତାଙ୍କ ବିରୋଧରେ କୌଣସି ପ୍ରତିରୋଧାତ୍ମକ ପଦକ୍ଷେପ ନେଇ ନ ଥିଲା? ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏହି ଅବହେଳା ହିଁ ଶେଷରେ ଜଣେ ରାଜନୈତିକ କର୍ମୀଙ୍କ ଜୀବନ ନେଇଛି। ଘଟଣାକୁ ନେଇ ରାମନଗର ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି ଯେ, ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଅବନତି ହେଉଥିବା ସତ୍ତ୍ୱେ ପ୍ରଶାସନ ନିରବଦ୍ରଷ୍ଟା ସାଜିଛି। ଅପରାଧୀଙ୍କ ମନରେ ପୁଲିସ ଭୟ ନ ଥିବାରୁ ଏଭଳି ଘଟଣା ବଢୁଛି ବୋଲି ଅଞ୍ଚଳବାସୀ କହିଛନ୍ତି। ଜଣେ ବୁଥ ସଭାପତିଙ୍କୁ ନିର୍ମମ ହତ୍ୟା କେବଳ ଏକ ଅପରାଧିକ ଘଟଣା ନୁହେଁ, ବରଂ ଅଞ୍ଚଳର ଆଇନଶୃଙ୍ଖଳା ବ୍ୟବସ୍ଥାର ଦୁର୍ବଳତାକୁ ମଧ୍ୟ ପଦାକୁ ଆଣିଛି। ତେଣୁ ଏହି ଘଟଣାର ନିରପେକ୍ଷ ତଦନ୍ତ ସହିତ ଭବିଷ୍ୟତରେ ଏଭଳି ଘଟଣା ନ ଘଟିବା ପାଇଁ ପ୍ରଶାସନ କେଉଁ ପଦକ୍ଷେପ ନେଉଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ବନ୍ଦ ହେବ ଦ୍ୱିତୀୟ ଶ୍ରୀକ୍ଷେତ୍ର...

ଧାର୍ଯ୍ୟ କରାଯାଇଛି। ଏହା ମିଶି ଚଳିତବର୍ଷ ରଥଯାତ୍ରା ପାଇଁ ଦେବତ୍ତୋର ବିଭାଗ ପକ୍ଷରୁ ମୋଟ ୭୪ ଲକ୍ଷ ୭୦ ହଜାର ଟଙ୍କାର ଅଟକଳ ହୋଇଛି। ସର୍ବାଧିକ ଚିନ୍ତାର ବିଷୟ ହେଉଛି ଚଳିତ ବର୍ଷ ଜାନୁଆରୀ ମାସରୁ ଜୁନ୍ ପର୍ଯ୍ୟନ୍ତ ଦୈନନ୍ଦିନ ଖର୍ଚ୍ଚ ବାବଦ ୬୦ ଲକ୍ଷ ଟଙ୍କା ବକେୟା ରହିଛି। ଏଣୁ ବକେୟା ଟଙ୍କା ପ୍ରଦାନ ନ କରିବା ଯାଏଁ ଯୋଗାଣକାରୀ ଦୋକାନୀ ବା ବ୍ୟବସାୟୀ ରଥଯାତ୍ରା ପାଇଁ ସାମଗ୍ରୀ ଦେବା ଆଶା ଚିନ୍ତାର ବିଷୟ । ଏହି ବକେୟା ସହ ମୋଟ ଖର୍ଚ୍ଚ ଅଟକଳ ୧ କୋଟି ୩୪ ଲକ୍ଷ ୭୦ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ଦେବତ୍ତୋର ବିଭାଗ ଏହି ଅଟକଳ ଉପସ୍ଥାପନ କରିଥିବାବେଳେ ବକେୟା ଟଙ୍କା ସମୟରେ ମିଳିଲେ ହିଁ ସମୟମତେ ରଥଯାତ୍ରା ସମ୍ପନ୍ନ ହୋଇପାରିବ ବୋଲି ଉକ୍ତ ମହଲ ଆଶା କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଯେପରି କୌଣସି ଅସୁବିଧା ବିନା ସୁଚାରୁରୂପେ ସମ୍ପନ୍ନ ହୁଏ, ସେ ଦିଗରେ ପ୍ରଶାସନ ଓ ସମ୍ପୃକ୍ତ ବିଭାଗର ଦୃଷ୍ଟି ଆକର୍ଷଣ କରୁଛି ଏହି ଅଟକଳ।

ବାରିପଦା ଦେବତ୍ତୋର ବିଭାଗ ଅଧୀନରେ ଶ୍ରୀଶ୍ରୀ ହରିବଳଦେବଜୀଉଙ୍କ ମନ୍ଦିର ସହ ୧୦ଟି ମଠ ଓ ମନ୍ଦିର ପରିଚାଳିତ ହେଉଛି। ଏଥିନିମନ୍ତେ ୪୪ ହଜାର ୭ ଶହ ଏକର ଜମି ଖଞ୍ଜାଯାଇଥିବାବେଳେ ପାଖାପାଖି ୪୦ ହଜାର ଜମି ବିଭିନ୍ନ ସରକାରୀ ସଂସ୍ଥା, ମୁଷ୍ଟିମେୟ ଲୋକ ଜବରଦଖଲ, କାଜୁ ନିଗମ ଓ ବାରିପଦା ପୌର ପରିଷଦ ଅଧୀନରେ ରହିଛି। ଫଳରେ ଉକ୍ତ ଜମିରୁ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇପାରୁନାହିଁ। ଉକ୍ତ ଜମିକୁ ଦେବତ୍ତୋର ବିଭାଗ ଅଧୀନକୁ ଆଣି ମଠ ମନ୍ଦିର ପରିଚାଳନରେ ସୁବ୍ୟବସ୍ଥା କରାଗଲେ ଉପରୋକ୍ତ ଅଭାବ ପରିଲକ୍ଷିତ ହୁଅନ୍ତା ନାହିଁ ବୋଲି ରାଜ୍ୟ ସେବାୟତ ସଂଘର ସଭାପତି କାମେଶ୍ୱର ତ୍ରିପାଠୀ କହିଛନ୍ତି।




**KASTURBA GANDHI BALIKA VIDYALAYA, KOTANA**
Kotana, Block-Jharbandh, Dist-Bargarh, PIN-768042
Letter No.: 301, Date: 24.06.2026

**SHORT TENDER CALL NOTICE**

Sealed Tenders are invited from the registered/reputed firms and manufacturers having valid PAN and valid Goods and Service Tax (GST) Registration Certificate for supply of the following items like Grocery, Cosmetics, Dress Material, Course Books, Medicines, Non-Veg Items, Milk Products, Toilet Items, Vegetables and Fruits to Kasturba Gandhi Balika Vidyalaya, Kotana, Block-Jharbandh, Dist-Bargarh, PIN-768042 for the year 2026-27.
The last date for receipt of tender forms is **09.07.2026 at 4.00 PM.**
For further details, interested parties may contact the undersigned during office hours.

Sd/- Headmistress-cum-Convener
KGBV, Kotana, Bargarh.

**ZILLA SWASTHYA SAMITI, ANGUL**
O/o The Chief District Medical & Public Health Officer, Angul

10001/304/2627

**TENDER CALL NOTICE FOR SUPPLY OF CALIBRATED BLOOD COLLECTION DRAPES**
No: 1844Date: 22/06/2026

Sealed Tenders are invited from the interested firms / agencies / organization for SUPPLY OF CALIBRATED BLOOD COLLECTION DRAPES for Angul district and details of terms and conditions are available in Angul district website i.e. **https://angul.odisha.gov.in.** Interested firms/agencies/organization are requested to submit Tender (under two bid system) along with necessary documents (Technical & Financial Bid separately and outer envelope must contain the said two bids documents) to the office of the CDM & PHO, Angul, District Head Quarter Hospital, PIN – 759122 on or before **15.07.2026 (till 11:00 AM)** through Registered Post/Speed Post/Courier only.The authority reserves all the rights to cancel or reject partially or all tender without assigning any reason thereof.

Sd/-
CDM & PHO-cum-District Mission Director, Angul
OIPR-10001/10142/1/26-27/0009

## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ଚାକିରିରେ ନୂଆ ସୁଯୋଗ ଜୁଟିବ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ଋଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।


**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୭୮୮ - ଭର୍ଜିନିଆ ଆମେରିକୀୟ ସମ୍ବିଧାନକୁ ଆପଣାଇବାରେ ୧୦ମ ରାଜ୍ୟ ହେଲା।
- ୧୯୪୧- ଫିନ୍‌ଲ୍ୟାଣ୍ଡ ସୋଭିଏତ୍ ସଂଘ ଉପରେ ଆକ୍ରମଣ ପାଇଁ ଘୋଷଣା କଲା।
- ୧୯୫୦-ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଗୃହଯୁଦ୍ଧ ଆରମ୍ଭ ହେଲା।
- ୧୯୭୫- ଭାରତରେ ଜରୁରିକାଳିନ ପରିସ୍ଥିତି ଘୋଷଣା କରାଗଲା।




## ଛଅ ପ୍ରକାର ବାଦ୍ୟଯନ୍ତ୍ରରେ ନଦୀ ସୁରକ୍ଷା ବାର୍ତ୍ତା

ଆଜିକାଲି ସମସ୍ତେ ସୋସିଆଲ ମିଡିଆରେ ପ୍ରସିଦ୍ଧ ହେବା ପାଇଁ ଭିଡିଓ ବନାଉଥିବା ବେଳେ ଏମିତି ଜଣେ ବ୍ୟକ୍ତି ଅଛନ୍ତି ଯିଏ ସଙ୍ଗୀତକୁ ନଦୀମାନଙ୍କର ସ୍ୱରଭାବେ ଉପସ୍ଥାପିତ କରୁଛନ୍ତି। ତାଙ୍କର ଏହି ଶୈଳୀ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ୍ ହେବାରେ ଲାଗିଛି। ପୁନେର ସ୍ୱପ୍ନିଲ ଠାକୁର ଏକାକୀନ ୧୪ କିଲୋ ବାଦ୍ୟଯନ୍ତ୍ର ବଜାଇ ନଦୀ ସୁରକ୍ଷାର ବାର୍ତ୍ତା ପ୍ରଦାନ କରୁଛନ୍ତି। ତାଙ୍କର ଏହି କାର୍ଯ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଆଇଟି ଇଞ୍ଜିନିୟରରୁ ପରିବେଶ ସଚେତନତା ଅଭିଯାନ ଚଳାଉଥିବା ସ୍ୱପ୍ନିଲ ଏବେ ଚର୍ଚ୍ଚାରେ ଅଛନ୍ତି। ସେହିପରି ଇନ୍‌ଷ୍ଟାରେ ସେ ସ୍ୱପ୍ନିଲ ନଦୀୱାଲା ନାଁରେ ଲୋକପ୍ରିୟ। ସେ ଏକାକୀନ ୬ ଅଲଗା ଅଲଗା ବାଦ୍ୟଯନ୍ତ୍ର ବଜାନ୍ତି। ସେ ଏମିତି ଶୈଳୀରେ ବଜାନ୍ତି ଯେ, ଶୁଣିବା ଲୋକେ ପୂରା ଅର୍କେଷ୍ଟ୍ରା ବଜାଉଛନ୍ତି ଭଳି ଅନୁଭବ କରନ୍ତି। ସ୍ୱପ୍ନିଲ ଆଇଟି ଇଞ୍ଜିନିୟର ଭାବେ କାର୍ଯ୍ୟ କରୁଥିଲେ। ହେଲେ ଏକ ଗୁରୁତର ଦୁର୍ଘଟଣା ତାଙ୍କ ଜୀବନର ମୋଡ଼ ବଦଳାଇ ଦେଲା। ଏହି ଘଟଣା ପରେ ସେ ହାର୍ ମାନିବା ପରିବର୍ତ୍ତେ ଜୀବନକୁ ଏକ ନୂଆ ଉଦ୍ଦେଶ୍ୟ ଲାଗି ସମର୍ପଣ କଲେ। ଏବେ ସେ ପୁନେ ରାସ୍ତାରେ ପ୍ରାୟ ୧୪ କେଜି ଓଜନର ବାଦ୍ୟଯନ୍ତ୍ର ସହିତ ଗୀତ ଗାଆନ୍ତି ଏବଂ ଲୋକଙ୍କୁ ନଦୀ ବଞ୍ଚାଇବାର ବାର୍ତ୍ତା ଦେଉଛନ୍ତି। ସେ ବିଶ୍ୱାସ କରନ୍ତି, ନଦୀ କେବଳ ଏକ ଜଳ ସ୍ରୋତ ନୁହେଁ, ବରଂ ଜୀବନର ଆଧାର। ସେ ତାଙ୍କ ସଙ୍ଗୀତ ମାଧ୍ୟମରେ ଲୋକଙ୍କୁ ପରିବେଶ ସଂରକ୍ଷଣ ଏବଂ ଜଳ ସ୍ରୋତର ଗୁରୁତ୍ୱ ବୁଝାଇବାକୁ ଚେଷ୍ଟା କରୁଛନ୍ତି। ତାଙ୍କର ଏହି ପ୍ରୟାସକୁ ଲୋକେ ଖୁବ୍ ପ୍ରଶଂସା କରୁଛନ୍ତି। ପିଠିରେ ୧୪ କିଲୋର ବୋଝ, ହାତରେ ଛଅଟି ବାଦ୍ୟଯନ୍ତ୍ର ଏବଂ ହୃଦୟରେ କେବଳ ଗୋଟିଏ ଉଦ୍ଦେଶ୍ୟ, ଲୋକମାନଙ୍କ ପାଖରେ ଏହି ସନ୍ଦେଶ ପହଞ୍ଚାଇବା ଯେ, ଆମ ନଦୀଗୁଡ଼ିକ ବିପଦରେ ଅଛି। ଏବେ ତାଙ୍କର ଏହି ନିଆରା ଶୈଳୀ ସୋସିଆଲ ମିଡିଆରେ ଲକ୍ଷ ଲକ୍ଷ ଲୋକଙ୍କ ଦୃଷ୍ଟି ଆକର୍ଷଣ କରୁଛି। ଲୋକମାନେ ତାଙ୍କର ଏହି ଆଗ୍ରହ ଓ ସାହସକୁ ମଧ୍ୟ ପ୍ରଶଂସା କରୁଛନ୍ତି।

## ରଜନୀକାନ୍ତଙ୍କୁ ପଛରେ ପକାଇଲେ ରଣବୀର





ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ବକ୍ସ ଅଫିସ୍‌ର ସମ୍ରାଟ ଦାମୀ ଅଭିନେତା। ନିକଟରେ ପ୍ରକାଶ ପାଇଥିବା ଏକ ରିପୋର୍ଟ ଅନୁଯାୟୀ, ରଣବୀର ଗୋଟିଏ ପ୍ରୋଜେକ୍ଟରୁ ପାଖାପାଖି ୩୨୫ କୋଟି ଟଙ୍କା ରୋଜଗାର କରିଛନ୍ତି। ଭାରତୀୟ ଚଳଚ୍ଚିତ୍ର ଜଗତରେ କୌଣସି ଅଭିନେତାଙ୍କୁ ଗୋଟିଏ ପ୍ରୋଜେକ୍ଟ ପାଇଁ ଏହା ମିଳିଥିବା ସର୍ବାଧିକ ଅର୍ଥରାଶି ବୋଲି କୁହାଯାଉଛି। ଏହା ମାଧ୍ୟମରେ ସେ ଆୟ ମାମଲାରେ ଏକ ନୂଆ ରେକର୍ଡ କରିଛନ୍ତି। ରଣବୀରଙ୍କୁ ଏହି ଅର୍ଥ ତାଙ୍କର ସୁପରହିଟ୍ ଫିଲ୍ମ 'ଧୁରନ୍ଧର' ସିରିଜ୍‌ରୁ ମିଳିଛି। ଏହି ସିରିଜ୍‌ର ଦୁଇଟି ଯାକ ଫିଲ୍ମକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହି ଦୁଇଟି ଫିଲ୍ମ ମିଶି ସାରା ବିଶ୍ୱରେ ପାଖାପାଖି ୩୨୦୦ କୋଟି ଟଙ୍କାର ବ୍ୟବସାୟ କରିଥିବା ବେଳେ କେବଳ ଭାରତୀୟ ବଜାରରୁ ହିଁ ଏହା ୧୯୦୦ କୋଟିରୁ ଅଧିକ ଟଙ୍କା ଆୟ କରିଛି। ତେବେ ରଣବୀର ଏହି ପ୍ରୋଜେକ୍ଟ ପାଇଁ କୌଣସି ମୋଟା ଅଙ୍କର ଫିସ୍ ମଧ୍ୟ ନେଇ ନ ଥିଲେ। ପ୍ରତିବଦଳରେ ପ୍ରଫିଟ୍ ଶେୟାରିଂ ବିକଳ୍ପ ବାଛିଥିଲେ। ଏହା ସହିତ ଫିଲ୍ମର ବଜେଟ୍ ବଢ଼ିବା ଯୋଗୁଁ ସେ ନିଜ ଆଡ୍ରୁ ମଧ୍ୟ କିଛି ଅର୍ଥ ବିନିଯୋଗ କରିଥିଲେ, ଯାହାଫଳରେ ତାଙ୍କର ଫିଲ୍ମର ଲାଭରେ ଅଂଶୀଦାର ଆହୁରି ବଢ଼ିଯାଇଥିଲା। ଏଠାରେ ପ୍ରକାଶ ଥାଉ କି, ରଣବୀରଙ୍କ ପୂର୍ବରୁ ରଜନୀକାନ୍ତଙ୍କ ନାମ ସବୁଠାରୁ ଆଗରେ ଥିଲା। ରଜନୀକାନ୍ତ 'ଜେଲର୍' ଚଳଚ୍ଚିତ୍ରରୁ ୨୫୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିଥିଲେ। ଏହା ସହିତ ଅଲ୍ଲୁ ଅର୍ଜୁନ ଏବଂ ପ୍ରଭାସ ମଧ୍ୟ ନିଜ ନିଜ ଚଳଚ୍ଚିତ୍ର ଦ୍ୱାରା ୨୦୦ କୋଟିରୁ ଅଧିକ ଟଙ୍କା ରୋଜଗାର କରିସାରିଛନ୍ତି। ଏବେ ବଲିଉଡ୍‌ର ଆଗଧାଡ଼ିର କଳାକାରମାନେ ବି ଫିସ୍ ନ ନେଇ ପ୍ରଫିଟ୍ ସେୟାରିଂରେ ଭାଗୀଦାର ହେଉଛନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଯଦି ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହେଲା, କଳାକାର ଜଣକ ତାଙ୍କର ପାରିଶ୍ରମିକ ହରାଇ ବସନ୍ତି।

## ଠିଆଠିଆରେ ବାରବର୍ଷ

ଭାରତରେ ସାଧୁସନ୍ଥମାନଙ୍କର ତପସ୍ୟା ଏବଂ ତ୍ୟାଗର କାହାଣୀ ଶତାବ୍ଦୀ ଶତାବ୍ଦୀ ଧରି ଲୋକଙ୍କୁ ଆକର୍ଷିତ କରିଆସିଛି। ଏହି କ୍ରମରେ ସୋସିଆଲ ମିଡିଆରେ ଏମିତି ଜଣେ ସାଧୁଙ୍କ କାହାଣୀ ଚର୍ଚ୍ଚାରେ ଅଛି, ଯିଏ ନିଜର ଅନନ୍ୟ ସାଧନା ଯୋଗୁଁ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଦୁଲାଲ ଗିରି ଜୀ ମହାରାଜ ନାମକ ଜଣେ ସାଧୁ ଦୀର୍ଘଦିନ ଧରି ଠିଆ ହୋଇ ତପସ୍ୟା କରିବା ପାଇଁ ବିଶ୍ୱସ୍ତରରେ ଚର୍ଚ୍ଚାରେ ଅଛନ୍ତି। ସେ ବିଗତ ପ୍ରାୟ ୧୨ ବର୍ଷ ହେଲାଣି ଖଡ଼େଶ୍ୱରୀ ତପସ୍ୟା ମାଧ୍ୟମରେ ମହାଦେବଙ୍କ ଦିବ୍ୟ ଦର୍ଶନ ଓ ଆଧାତ୍ମିକ ଜ୍ଞାନ ପ୍ରାପ୍ତି କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେ ନିଜର ବିଶ୍ୱବିଦ୍ୟାଳୟ ଶିକ୍ଷା ଅଧାରୁ ଛାଡ଼ି ଆଧାତ୍ମିକ ମାର୍ଗ ଆପଣେଇଥିଲେ। ଭଗବାନ ଶିବଙ୍କ ପ୍ରତି ଥିବା ଅଗାଧ ଭକ୍ତି ଯୋଗୁଁ ସେ ସଂସାର ତ୍ୟାଗ କରି ସନ୍ନ୍ୟାସୀ ଜୀବନ ଗ୍ରହଣ କରିଥିଲେ। ସେ ବିଗତ ପ୍ରାୟ ୧୨ ବର୍ଷ ହେବ ଲଗାତାର ଠିଆ ହୋଇ ରହିଛନ୍ତି। ଦିନ ହେଉ କି ରାତି, ଭୋଜନ ହେଉ କି ବିଶ୍ରାମ ସବୁକିଛି ସେ ଠିଆ ହୋଇ କରୁଛନ୍ତି। ଦୀର୍ଘ ସମୟ ଧରି ଏଭଳି ଜୀବନଯାପନ କରିବା ଫଳରେ ତାଙ୍କ ପାଦରେ ସମସ୍ୟା ଦେଖାଦେଇଥିଲେ ମଧ୍ୟ ତାଙ୍କ ସଂକଳ୍ପ କେବେ ଦୁର୍ବଳ ହୋଇନାହିଁ। ଶୋଇବା ସମୟରେ ମଧ୍ୟ ସେ ଏକ ସ୍ୱତନ୍ତ୍ର ଷ୍ଟାଣ୍ଡ ଦ୍ୱାରା ଠିଆ ହୋଇ ବିଶ୍ରାମ ନିଅନ୍ତି। ଏହି କାଠପଟା ଉପରେ ସେ ତାଙ୍କ ଶରୀରର ଅଧା ଅଂଶକୁ ଝୁଲାଇ ରଖି ବିଶ୍ରାମ ନିଅନ୍ତି। ଏତେ ବର୍ଷ ଧରି ଲଗାତାର ଭାବେ ଠିଆ ହୋଇ ରହିବା ଯୋଗୁଁ ତାଙ୍କ ଶରୀର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ତାଙ୍କର ଦୁଇଟି ଯାକ ଗୋଡ଼ ଫୁଲି କଳା ପଡ଼ି ଯାଇଛି।





## ମକାଉତ୍ପାଦରୁ ପରିବେଶ ସଚେତନତା ବାର୍ତ୍ତା





**ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ମହିଳାମାନଙ୍କୁ ସ୍ୱ-ରୋଜଗାରର ଅବସର ପ୍ରଦାନ କରାଯାଉଛି। ଏହି କ୍ରମରେ ଏବେ ଉତ୍ତରାଖଣ୍ଡର ମହିଳାମାନେ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡ଼ି ହୋଇ ପ୍ଲାଷ୍ଟିକ୍ ମୁକ୍ତ ହିମାଳୟ ଅଭିଯାନରେ ସାମିଲ ହୋଇ ମକା ଚୋପାରୁ ପରିବେଶ ଅନୁକୂଳ ବାଲ୍‌ଟି ଏବଂ ଅନ୍ୟାନ୍ୟ ସାମଗ୍ରୀ ତିଆରି କରି ହିମାଳୟ ପାହାଡ଼କୁ ସ୍ୱଚ୍ଛ ରଖିବା ସହ ନିଜେ ରୋଜଗାରକ୍ଷମ ହେଉଛନ୍ତି। ଏପରି କରି ସେମାନେ ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ଗଠନର ବାର୍ତ୍ତା ଦେଉଛନ୍ତି।**

### ମକାଚୋପାରୁ ଉତ୍ପାଦ

ଉତ୍ତରାଖଣ୍ଡ ରାଜ୍ୟ ଗ୍ରାମୀଣ ଆଜିବୀକା ମିଶନରେ ଯୋଡ଼ି ହୋଇ ମହିଳାମାନେ ମକା ଚୋପାକୁ ବ୍ୟବହାର କରି ପରିବେଶ ଅନୁକୂଳ ବାଲ୍‌ଟି ସମେତ ଅନ୍ୟାନ୍ୟ ଜିନିଷ ତିଆରି କରନ୍ତି। ଏହାକୁ ତୀର୍ଥଯାତ୍ରୀମାନେ ପ୍ରସାଦ ରଖିବା ଏବଂ ଅନ୍ୟାନ୍ୟ ସାମଗ୍ରୀ ରଖିବା ପାଇଁ ବ୍ୟବହାର କରିଥାନ୍ତି। ଏଥିସହ ମହିଳାମାନେ ସୁନ୍ଦର ସୁନ୍ଦର ଥାଳି ମଧ୍ୟ ତିଆରି ଥାନ୍ତି। ଏଥିରେ ଭଳିକି ଭଳି ଡିଜାଇନ୍ କରିବା ସହ ଯମୁନା ନଦୀର କଳାକୃତି କରିଥାନ୍ତି। ଏହାଦ୍ୱାରା ସ୍ଥାନୀୟ କଳା ଏବଂ ସଂସ୍କୃତିକୁ ଏକ ନୂଆ ବଜାର ମିଳିଛି।

### ପ୍ଲାଷ୍ଟିକ୍ ମୁକ୍ତ ଅଭିଯାନ

ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ତୀର୍ଥଯାତ୍ରୀଙ୍କ ଯୋଗୁ ସୃଷ୍ଟି ହେଉଥିବା ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବା। କାରଣ ଏଠାକୁ ଅଧିକ ସଂଖ୍ୟାର ତୀର୍ଥଯାତ୍ରୀ ଆସୁଥିବାରୁ ଏହି ସ୍ଥାନରେ ପଲିଥିନ୍ ସହ ଅନ୍ୟାନ୍ୟ ପ୍ଲାଷ୍ଟିକ୍ ଜିନିଷଗୁଡ଼ିକର ଆବର୍ଜନା ବୃଦ୍ଧି ପାଏ। ଏହା ମାଟିରେ ପଡ଼ି ରହି ମୃତ୍ତିକା ପ୍ରଦୂଷଣ କରିଥାଏ। ତେଣୁ ଏସବୁ ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ମହିଳାମାନେ ଏଭଳି ପରିବେଶ ଅନୁକୂଳ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି।

### ବଢ଼ୁଛି ଲୋକପ୍ରିୟତା

ସ୍ୱୟଂ ସହାୟକ ଗୋଷ୍ଠୀର ପୁନମ୍ ବଧାନୀଙ୍କ କହିବାନୁଯାୟୀ, ପ୍ରଥମେ ରୋଜଗାର ପାଇଁ ସୀମିତ ସଂସାଧନ ଥିଲା। ହେଲେ ସମୟ କ୍ରମେ ମିଶନରେ ଯୋଡ଼ି ହେବା ପରେ ସେମାନଙ୍କୁ ରୋଜଗାରର ଅନେକ ପନ୍ଥା ମିଳିଛି। ମହିଳାମାନେ ଅନ୍‌ଲାଇନ୍‌ରେ ମଧ୍ୟ ଏହି ହାତ ତିଆରି ଜିନିଷ ବିକ୍ରି ପାଇଁ ପ୍ରସ୍ତୁତି ଆରମ୍ଭ କରୁଛନ୍ତି। ସ୍ୱୟଂ ସହାୟକ ଗୋଷ୍ଠୀରେ ଯୋଡ଼ି ହେବା ପରେ ମହିଳାଙ୍କ ଆତ୍ମବିଶ୍ୱାସ ବୃଦ୍ଧି ପାଇଛି।

### ବେକରୀ ଉତ୍ପାଦରୁ ମିଳିଛି ପରିଚୟ

ବିକାଶ ଖଣ୍ଡ ନୌଗାଁଆର ମହିଳାମାନେ ବେକରୀ ଉଦ୍ୟୋଗରୁ ମଧ୍ୟ ଭଲ ଆୟ କରୁଛନ୍ତି। ମହିଳାମାନେ ମାଣ୍ଡିଆରୁ ବିସ୍କୁଟ୍, ମଲ୍‌ଟିଗ୍ରେନ୍ ଅଟା କ୍ରିମ ରୋଲ୍ ସମେତ ଅନ୍ୟାନ୍ୟ ଜିନିଷ ତିଆରି କରୁଛନ୍ତି। ଗୋଷ୍ଠୀର ମହିଳା କୃଷ୍ଣାଦେବୀଙ୍କ କହିବାନୁଯାୟୀ ଏହାଦ୍ୱାରା ପରିବାରର ଆୟ ବଢ଼ିବା ସହ ନିଜେ ନିଷ୍ପତି ନେବା ସକ୍ଷମ ବୃଦ୍ଧି ପାଇଛି।

## ସୁଶ୍ରୀ

### ହଜିଯାଉଥିବା ସ୍ୱାଦ

## ମାଟିହାଣ୍ଡି ନଡ଼ିଆ ମାଛ



**ଆବଶ୍ୟକ ସାମଗ୍ରୀ**

ଭାକୁର ମାଛ– ୫୦୦ ଗ୍ରାମ୍, ନଡ଼ିଆ କୋରା – ଅଧା କପ୍, ପିଆଜ - ଦୁଇ କପ୍, ଅଦା, ରସୁଣ ବଟା – ଏକ ଚାମଚ, ଜିରାଗୁଣ୍ଡ – ଅଧା ଚାମଚ, ଲଙ୍କାଗୁଣ୍ଡ– ଅଧା ଚାମଚ, ଫୁଟଣ – ଅଧା ଚାମଚ, କଞ୍ଚାଲଙ୍କା – ଦୁଇଟି, ଧନିଆ ପତ୍ର – ଅଳ୍ପ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

**ପ୍ରସ୍ତୁତି ପ୍ରଣାଳି**

ମାଛରେ ହଳଦୀ, ଲୁଣ ଗୋଳାଇ ଚୁଲାରେ କଡ଼େଇ ବସାଇ ଭାଜନ୍ତୁ। ଏହାପରେ ଗରମ ପାଣିରେ କୋରା ନଡ଼ିଆ ଦେଇ ଚିପୁଡ଼ି କ୍ଷୀର ବାହାର କରନ୍ତୁ। ଆଉ ଏକ ହାଣ୍ଡି ନେଇ ତେଲ, ଫୁଟଣ, ପିଆଜ ପକାଇ ଭାଜନ୍ତୁ। ପିଆଜ ନାଲି ହୋଇ ଆସିଲେ ଏଥିରେ ଅଦାରସୁଣ, ଲଙ୍କାଗୁଣ୍ଡ, ହଳଦୀଗୁଣ୍ଡ ଦେଇ କଷନ୍ତୁ। ପରେ ନଡ଼ିଆ କ୍ଷୀର ଦେଇ ଫୁଟାନ୍ତୁ। ଝୋଳ ଫୁଟିଆସିଲେ, ଭଜାମାଛ ଦେଇ ଗ୍ୟାସ୍ ବନ୍ଦ କରି ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ମାଟିହାଣ୍ଡି ନଡ଼ିଆ ମାଛ'।

## ଲୋଫା ବ୍ୟବହାର କରୁଥିଲେ...

ଅଧିକାଂଶ ମହିଳା ଗାଧୋଇବାରେ ଲୋଫା ବ୍ୟବହାର କରିଥାନ୍ତି। ଏହା ଶରୀରରେ ଥିବା ମଇଳାକୁ ସଫା କରି ଏକ ସତେଜ ଅନୁଭୂତି ଦେଇଥାଏ। ହେଲେ ଏହାକୁ ବାରମ୍ବାର ବ୍ୟବହାର କରିବା ଦ୍ୱାରା ଏଥିରେ ମଇଳା ଜମିଯାଏ। ତେଣୁ ଏହାକୁ ମଝିରେ ମଝିରେ ସଫା କରିବା ଜରୁରି।

- ଗାଧୋଇବା ପରେ ଲୋଫାକୁ ଭଲରେ ଧୁଅନ୍ତୁ। ଏହାକୁ ଚିପୁଡ଼ି ଶୁଖାଇବା ଜରୁରି।
- ବାଥରୁମ୍ ବାହାରେ ଏହାକୁ ଖୋଲା ସ୍ଥାନରେ ଶୁଖାନ୍ତୁ।
- ସପ୍ତାହକୁ ଥରେ ଏହାକୁ ନଖ ଉଷୁମ ପାଣିରେ ଧୁଅନ୍ତୁ।
- ସେହିପରି ଚାହିଁଲେ ନଖ ଉଷୁମପାଣିରେ ବୁଡ଼ାଇ ଏଥିରେ ଥିବା ଜୀବାଣୁଙ୍କୁ କମ୍ କରାଯାଇପାରିବ।
- ସେହିପରି ଦୁଇ, ଚାରି ସପ୍ତାହରେ ନିଜର ଲୋଫା ବଦଳାନ୍ତୁ।
- ସମ୍ବେଦନଶୀଳ ତ୍ୱଚା, ଏକ୍‌ଜିମା, ବ୍ରଣ ଆଦି ଥିଲେ ଏହା ବ୍ୟବହାର ନ କରିବା ଭଲ।

## ସିମ୍ପଲ୍ ଆଉଟଫିଟ୍‌ରୁ ଆକର୍ଷଣୀୟ ଲୁକ୍



**ଅଧିକାଂଶ ମହିଳା ଦାମୀ ଏବଂ ବ୍ରାଣ୍ଡେଡ୍ ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି। ଏହା ଷ୍ଟାଇଲିଶ୍ ଦିଶିବା ସହ ଏଥିରୁ ଏକ ରିଚ୍ ଲୁକ୍ ମିଳିଥାଏ ବୋଲି ଅନେକ ଭାବନ୍ତି। ହେଲେ, କିଛି ସହଜ ଉପାୟ ଆପଣାଇ ସାଧାରଣ ପୋଷାକରୁ ମଧ୍ୟ ରିଚ୍ ଲୁକ୍ ପାଇପାରିବେ।**

### ଫିଟିଙ୍ଗ୍‌ର ଧ୍ୟାନ

ଦାମୀ ହେଉ ବା ଶସ୍ତା ପୋଷାକର ଫିଟିଙ୍ଗ୍ ମୁଖ୍ୟ ହୋଇଥାଏ। ତେଣୁ ନୂଆ ପୋଷାକ କିଣିଲେ ପ୍ରଥମେ ଏହାକୁ ନିଜ ଶରୀରରେ ଅନୁସାରେ ଫିଟିଙ୍ଗ୍ କରିବା ଜରୁରି। ଏହାକୁ ଅଧିକ ଢିଲା କିମ୍ବା ଟାଇଟ୍ କରନ୍ତୁନି।

### ରଙ୍ଗଚୟନ

ଯେକୌଣସି ପୋଷାକ ଆକର୍ଷଣୀୟ ଦେଖାଯିବା ପାଇଁ ରଙ୍ଗ ମୁଖ୍ୟଭୂମିକା ନିଭାଇଥାଏ। ଏଥିପାଇଁ ପୋଷାକ ପିନ୍ଧିବା ପୂର୍ବରୁ କେଉଁ ରଙ୍ଗ ମାନିବ ତାକୁ ଧ୍ୟାନ ଦିଅନ୍ତୁ। ସାଧାରଣତଃ କଳାଧଳା କମ୍ବିନେସନ୍ ଖୁବ୍ ସୁନ୍ଦର ଦିଶିଥାଏ। ସେହିପରି ନୀଳ ଏବଂ ନାଲି ରଙ୍ଗ ମଧ୍ୟ ଖୁବ୍ ଆକର୍ଷଣୀୟ ଦିଶେ।

### ଆକର୍ଷଣୀୟ ଗହଣା ପିନ୍ଧନ୍ତୁ

ଓଜନିଆ ଅଳଙ୍କାର ପିନ୍ଧିବା ପରିବର୍ତ୍ତେ ମିନିମାଲିଷ୍ଟ ଅଳଙ୍କାର ପିନ୍ଧନ୍ତୁ। ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ଆକର୍ଷଣୀୟ ଲୁକ୍ ମିଳିଥାଏ। ଏଥିପାଇଁ ପତଳା ଚେନ୍, ବ୍ରେସ୍‌ଲେଟ୍ ଏବଂ ରିଙ୍ଗ କାନଫୁଲ ପିନ୍ଧିପାରିବେ। ଅବଶ୍ୟ ଚାହିଁଲେ, ହାଲୁକା ମୁଦି ମଧ୍ୟ ପିନ୍ଧିପାରିବେ। ଏଥିରୁ ଏକ ଭିନ୍ନ ଲୁକ୍ ମିଳିଥାଏ।

## କେଶମୂଳର ଯତ୍ନ

**ଧୂଳି, ମାଟି ଏବଂ ରାସାୟନିକ ପ୍ରସାଧନ ବ୍ୟବହାର ଦ୍ୱାରା କେଶମୂଳରେ ମଇଳା ଜମି ରହେ। ଏପରି ସ୍ଥଳେ ସ୍କାଲ୍‌ପ ଡିଟକ୍ସ ଆବଶ୍ୟକ। ଏହା କେଶମୂଳକୁ ଗଭୀରରୁ ସଫା କରିବା ସହ କେଶ ମଜବୁତ୍ ଏବଂ ବୃଦ୍ଧିରେ ସାହାଯ୍ୟ କରିଥାଏ। ଏଥିସହ କେଶରେ ରକ୍ତ ସଞ୍ଚାଳନ ଉନ୍ନତ କରିଥାଏ। ତେବେ ଘରେ କିପରି ସ୍କାଲ୍‌ପ ଡିଟକ୍ସ କରିବେ ଜାଣନ୍ତୁ।**

### ଆପଲ୍ ସାଇଡ୍ ଭିନେଗାର୍

ଏହା ଏକ ପ୍ରାକୃତିକ କ୍ଲିନ୍‌ଜର୍ ଭଳି କାର୍ଯ୍ୟ କରିଥାଏ। ଏକ କପ୍ ପାଣିରେ ଦୁଇଚାମଚ ଆପଲ୍ ସାଇଡ୍ ଭିନେଗାର ନେଇ କେଶରେ ଲଗାଇ କିଛି ସମୟ ରଖି ସଫା କରନ୍ତୁ। ଏହା କେଶମୂଳରେ ଜମିଥିବା ମୃତକୋଷ, ଅପରିଷ୍କାର କାଢ଼ିବାରେ ସହାୟକ ହୋଇଥାଏ।

### ନିମ୍ବ ତୁଳସୀ ମାସ୍କ

ନିମ୍ବ ଏବଂ ତୁଳସୀ କେଶମୂଳ ପାଇଁ ଅତ୍ୟନ୍ତ ଉପକାରୀ ହୋଇଥାଏ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଏବଂ ଆଣ୍ଟି ଫଙ୍ଗଲ୍ ଗୁଣ ଥାଏ। ଯାହା କେଶମୂଳକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ। ଏଥିପାଇଁ ତୁଳସୀ, ନିମ୍ବପତ୍ର ଗ୍ରାଇଣ୍ଡିଂ କରି କେଶରେ ଲଗାନ୍ତୁ। ଲଗାଇବାର ୩୦ ମିନିଟ୍ ପରେ ଧୋଇ ଦିଅନ୍ତୁ।



### ଟି –ଟ୍ରି ଅଏଲ୍ ମସାଜ୍

ଟି ଟ୍ରି ଅଏଲ୍ କେଶମୂଳକୁ ସଫା ରଖିବାରେ ସହାୟକ ହୋଇଥାଏ। ଏହାକୁ ନଡ଼ିଆ କିମ୍ବା ବାଦାମ ତେଲରେ ମିଶାଇ ଲଗାଇପାରିବେ।

ସକାଳ
THE SAKALA
www.sakalaepaper.com






# ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଲା ଘାନା

ଫକ୍ସବରୋ,୨୪।୬(ଏଜେନ୍ସି)



ଶକ୍ତିଶାଳୀ ତଥା ଟାଇଟଲର ଅନ୍ୟତମ ଆଶାୟୀ ଇଂଲଣ୍ଡ ସହ ମ୍ୟାଚ୍ ଡ୍ର ରଖିଛି ଘାନା। ବୋଷ୍ଟନ ଷ୍ଟାଡିୟମ୍‌ରେ ମଙ୍ଗଳବାର ରାତିରେ ଖେଳାଯାଇଥିବା ଫିଫା ବିଶ୍ୱକପ୍ ୨୦୨୬ ଗ୍ରୁପ୍-ଏ'ର ଏକ ଲିଗ୍ ମୁକାବିଲାରେ ଏହା ଦେଖିବାକୁ ମିଳିଛି। ଦୁଇ ଦେଶ ମଧ୍ୟରେ ଏହି ମ୍ୟାଚ୍‌ଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ଓ ଉପଭୋଗ୍ୟ ହୋଇଥିଲା। ଉଭୟ ଦଳର ରକ୍ଷଣଭାଗ ଏତେ ଶକ୍ତିଶାଳୀ ଥିଲେ, ଯେ ଗୋଲ ଦେବା ତ ଦୂରର କଥା, ଗୋଲ ପୋଷ୍ଟ ଉପରେ କେହି ଠିକ୍‌ରେ ଆକ୍ରମଣ କରିବାରେ ସମର୍ଥ ହୋଇ ନ ଥିଲେ। ଉଭୟ ଦଳର ରଣକୌଶଳ ଏହି ମ୍ୟାଚ୍‌ରେ ଖୁବ୍ ଉଚ୍ଚକୋଟୀର ହୋଇଥିଲା। ବିଶେଷକରି ଘାନା ଗୋଲ ରକ୍ଷକ ବେଞ୍ଜାମିନ ଆସାରେଙ୍କ ପ୍ରଦର୍ଶନ ସବୁଠାରୁ ଆକର୍ଷୀୟ ହୋଇଥିଲା। ସେ ବିଶ୍ୱର ଦୁଇ ପ୍ରସିଦ୍ଧ ଫରୱାର୍ଡ ଖେଳାଳି ଇଂଲଣ୍ଡର ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଗୋଟିଏ ହେଲେ ସଟ୍‌କୁ ପୋଷ୍ଟ ମଧ୍ୟକୁ ଛାଡ଼ି ନ ଥିଲେ। ଏହି ଗ୍ରୁପ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ କ୍ରୋଏସିଆ ୧-୦ ଗୋଲରେ ପାନାମାକୁ ପରାସ୍ତ କରିଛି। ଦ୍ୱିତୀୟ ରାଉଣ୍ଡ ମୁକାବିଲା ଶେଷରେ ଉଭୟ ଇଂଲଣ୍ଡ ଓ ଘାନା ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। କିନ୍ତୁ ଗୋଲ ବ୍ୟବଧାନରେ ଇଂଲଣ୍ଡ ନଂ-୧ ଓ ଘାନା ନଂ-୨ ସ୍ଥାନରେ ରହିଛନ୍ତି। ଶେଷରାଉଣ୍ଡ ମୁକାବିଲାରେ ଇଂଲଣ୍ଡ ସହ ପାନାମାର ଓ କ୍ରୋଏସିଆ ସହ ଘାନାର ମୁକାବିଲା ହେବ। ଏହି ଗ୍ରୁପ୍‌ରୁ ୩ଟି ଦଳ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

ଏହି ମୁକାବିଲା ଆରମ୍ଭରୁ ଇଂଲଣ୍ଡ ଆକ୍ରମଣ କରିଥିଲା। ଘାନା ୫-୪-୧ରେ ଖେଳିଥିଲା। ଫଳରେ ଇଂଲଣ୍ଡର ଫରୱାର୍ଡ ବାହିନୀ ଘାନାର ରକ୍ଷଣଭାଗକୁ ଭେଦ କରିପାରି ନ ଥିଲେ। ବିଶେଷକରି ହ୍ୟାରୀ କେନ୍ ଓ ଜୁଡ୍ ବେଲିଂହାମ୍‌ଙ୍କ ଭଳି ଟାଣୁଆ ଫରୱାର୍ଡ ଖେଳାଳିଙ୍କୁ ଘାନା ରକ୍ଷଣଭାଗରେ ପ୍ରବେଶ କରିବା କଷ୍ଟକର ହୋଇପଡ଼ିଥିଲା। ଇଂଲଣ୍ଡ ଦଳ ନିକଟରେ ବଲ ନିୟନ୍ତ୍ରଣ ୭୮.୮ ଶତକଡ଼ା ରହିଥିଲା। ତଥାପି ଦଳ ଗୋଲ କରି ପାରି ନ ଥିଲା। ବିଶ୍ୱକପ୍‌ରେ ଏତେ ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖି ଗୋଲ କରି ନ ପାରିବାରେ ଇଂଲଣ୍ଡ ଏକ ନକରାତ୍ମକ ରେକର୍ଡ କରିଛି। ଅନ୍ୟ ପକ୍ଷରେ ଇଂଲଣ୍ଡ ଉପରେ ଘାନାର ଆକମ୍ରଣ ଅତି ନଗଣ୍ୟ ରହିଥିଲା। ଦଳ ମାତ୍ର ଜଣେ ଫରୱାର୍ଡ ଖେଳାଳିଙ୍କୁ ନେଇ ସମଗ୍ର ମ୍ୟାଚ୍‌ରେ ଖେଳିଥିଲା। ଦଳର କୋଚ୍ କାର୍ଲୋସ କ୍ୱିରୋଜ୍‌ଙ୍କ ରଣ କୌଶଳ ଆଗରେ ଗୋଲ ଦେବାରେ ଫେଲ ମାରିଥିଲା ତାରକା ଖଚିତ ଇଂଲଣ୍ଡ ଦଳ। କ୍ରୋଏସିଆକୁ ୪-୨ ଗୋଲରେ ହରାଇବା ପରେ ଇଂଲଣ୍ଡ ଏହି ମୁକାବିଲାକୁ ଜିତି ଆଗୁଆ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିବାକୁ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ଘାନାର ଡିଫେନ୍ସ କରିବାକୁ ଦେଇ ନ ଥିଲା। ଦଳର ଗୋଲରକ୍ଷକ ବେଞ୍ଜାମିନ ଆସାରେ ବେଶ ଚମତ୍କାର ଖେଳ ପ୍ରଦର୍ଶନ କରି କେନ୍-ବେଲିଂହାମ-ଗର୍ଡନ-ରାଶଫୋର୍ଡଙ୍କ ଆକ୍ରମଣକୁ ଅଟକାଇବାରେ ସଫଳ ହୋଇଥିଲେ।

## ୬ଟି ବିଶ୍ୱକପ୍‌ରେ ଗୋଲ ଦେବାରେ ରୋନାଲ୍ଡୋ ପ୍ରଥମ

ହଷ୍ଟନ, ୨୪।୬ (ଏଜେନ୍ସି): ଫିଫା ବିଶ୍ୱକପ୍‌ର ୬ଟି ସଂସ୍କରଣରେ ଗୋଲ ଦେବାରେ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ରୋନାଲ୍ଡୋ ବିଶ୍ୱର ପ୍ରଥମ ଖେଳାଳି ହୋଇଛନ୍ତି। ଆର୍ଜେଣ୍ଟିନାର ଲିଓନେଲ ମେସି ୬ଟି ବିଶ୍ୱକପ୍ ଖେଳିଥିଲେ ମଧ୍ୟ ଏଭଳି ରେକର୍ଡ କରିପାରି ନାହାନ୍ତି। ଏଠାରେ ମଙ୍ଗଳବାର ଖେଳାଯାଇଥିବା ଗ୍ରୁପ୍-କେ'ର ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ପର୍ତ୍ତୁଗାଲ ୫-୦ ଗୋଲରେ ଉଜ୍‌ବେକିସ୍ତାନକୁ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ରୋନାଲ୍ଡୋ ୨ଟି ଗୋଲ ଦେବା ଫଳରେ ଏହି ବିରଳ ରେକର୍ଡର ଅଧିକାରୀ ହୋଇଛନ୍ତି। ଏହି ଗୋଲ ବଳରେ ଫିଫା ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୦ରେ ପହଞ୍ଚିଛି ଓ ସେ ନିଜ ଦେଶର କିଂବଦନ୍ତୀ ଖେଳାଳି ୟୁସେବିଓଙ୍କ ୯ଟି ଗୋଲର ରେକର୍ଡକୁ ଅତିକ୍ରମ କରିଥିଲେ। ୪୧ ବର୍ଷ ୧୩୮ ଦିନରେ ରୋନାଲ୍ଡୋ ବିଶ୍ୱକପ୍‌ରେ ଗୋଲ ଦେବାରେ ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ହୋଇଛନ୍ତି। ୪୨ବର୍ଷ ୩୯ ଦିନରେ ଗୋଲ ଦେଇଥିବା ଇଜିପ୍ଟର ରୋଜର ମିଲାଙ୍କ ନାମରେ ଏହି ରେକର୍ଡ ରହିଛି। ରୋନାଲ୍ଡୋ ୨୦୦୬, ୨୦୧୦ ଓ ୨୦୧୪ ବିଶ୍ୱକପ୍‌ରେ ଗୋଟିଏ ଲେଖାଏଁ, ୨୦୧୮ରେ ୪ଟି, ୨୦୨୨ରେ ଗୋଟିଏ ଓ ଏବେ ଚାଲିଥିବା ୨୦୨୬ରେ ୨ଟି ଗୋଲ ସ୍କୋର କରିଛନ୍ତି।

## ଲୋକପ୍ରିୟତା ଶୀର୍ଷରେ କେପ୍ ଭର୍ଡର ଭୋଜିନା

ଡଲାସ,୨୪।୬(ଏଜେନ୍ସି): ଫୁଟବଲରେ ନିଜର ପ୍ରତିଭା ପ୍ରଦର୍ଶନ କରିବାର ସର୍ବଶ୍ରେଷ୍ଠ ପ୍ଲାଟଫର୍ମ ହେଉଛି ଫିଫା ବିଶ୍ୱକପ୍। ଫିଫା ପକ୍ଷରୁ



ଏଥର ଟିମ୍ ସଂଖ୍ୟା ୪୮କୁ ବୃଦ୍ଧି କରିବା ଫଳରେ ଆଫ୍ରିକୀୟ ରାଷ୍ଟ୍ର କେପ୍ ଭର୍ଡକୁ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି। ଏହି ଦେଶ ପୂରା ଫାଇଦା ଉଠାଇ ପ୍ରଥମ ୨ଟି ମ୍ୟାଚ୍‌ରେ ଅପରାଜିତ ରହିଛି। ଏହି ଦଳକୁ ଅପରାଜିତ ରଖିବାରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି ଗୋଲରକ୍ଷକ ୪୦ ବର୍ଷୀୟ ଭୋଜିନା। ଭୋଜିନାଙ୍କ ବୀରତ୍ୱପୂର୍ଣ୍ଣ ପ୍ରଦର୍ଶନ ଯୋଗୁଁ ଦଳ ତ ଅପରାଜିତ ରହିଛି, ସେ ମଧ୍ୟ ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଏହି ପ୍ରଦର୍ଶନ ସାମାଜିକ ଗଣମାଧ୍ୟମ ଇନଷ୍ଟାଗ୍ରାମ୍‌ରେ ଫଲୋଅର୍ସଙ୍କ ସଂଖ୍ୟା ୧୫.୬ ମିଲିଅନ୍‌ରେ ପହଞ୍ଚିଛି। ଫଳରେ ଚଳିତ ଫିଫା ବିଶ୍ୱକପ୍‌ରେ ସେ ସବୁଠାରୁ ଲୋକପ୍ରିୟ ତଥା ଅଧିକ ଫଲୋଅର୍ସ ଗୋଲକିପର ହୋଇଛନ୍ତି। ଜର୍ମାନୀର ଗୋଲରକ୍ଷକ ମାନୁଏଲ ନୁଏର ଏବଂ ଆମେରିକାର କିଂବଦନ୍ତୀ ଏନ୍‌ଏଫଏଲ୍ ଖେଳାଳି ଟମ୍ ବ୍ରାଡିଙ୍କୁ ପଛରେ ପକାଇଦେଇଛନ୍ତି। ତାଙ୍କ ଚମତ୍କାରିତା ଯୋଗୁଁ କେପ୍ ଭର୍ଡ ପ୍ରଥମ ମ୍ୟାଚ୍‌ରେ ସ୍ପେନ୍ ସହ ଗୋଲଶୂନ୍ୟ ଓ ଦ୍ୱିତୀୟ ମ୍ୟାଚ୍‌ରେ ଉରୁଗୁଏ ସହ ୨-୨ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା।

## କ୍ରୋଏସିଆ ଆଶା ଉଜ୍ଜୀବିତ

ଟରଣ୍ଟୋ,୨୪।୬(ଏଜେନ୍ସି): ପାନାମାକୁ ୧-୦ ଗୋଲରେ ପରାସ୍ତ କରି କ୍ରୋଏସିଆର ଚଳିତ ଫିଫା ବିଶ୍ୱକପ୍‌ରେ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚ୍ ପରେ ୨ଟି ମୁକାବିଲାରୁ କ୍ରୋଏସିଆ ଗୋଟିଏ ପଏଣ୍ଟ ପାଇ ଗ୍ରୁପ୍-ଏଲ'ରେ ତୃତୀୟ ସ୍ଥାନରେ ରହିଛି। ଦଳ ଶେଷ ଲିଗ୍ ମ୍ୟାଚ୍‌ରେ ଘାନା ସହ ଖେଳିବ। ଦଳ ଏହି ମ୍ୟାଚ୍‌କୁ



ଡ୍ର ରଖିପାରିରେ ନିଶ୍ଚିତ ନକ୍‌ଆଉଟରେ ପ୍ରବେଶ କରିଛ। ପ୍ରଥମ ଦୁଇଟି ସ୍ଥାନ ହାସଲ ନ କଲେ ମଧ୍ୟ ଶ୍ରେଷ୍ଠ ତୃତୀୟ ସ୍ଥାନିତ ୮ଟି ଦଳ ମଧ୍ୟରେ ରହିବ। ବିଜୟୀ କ୍ରୋଏସିଆ ପକ୍ଷରୁ ଦ୍ୱିତୀୟାର୍ଦ୍ଧରେ ଆଣ୍ଟେ ବୁଦିମିର ଏକମାତ୍ର ଗୋଲଟି ସ୍କୋର କରିଥିଲେ। ପୂର୍ବରୁ ଦଳ ପ୍ରଥମ ମୁକାବିଲାରେ ଇଂଲଣ୍ଡ ନିକଟରୁ ୨-୪ ଗୋଲରେ ପରାଜିତ ହୋଇଥିଲା।


## କଙ୍ଗୋକୁ ହରାଇ ନକ୍‌ଆଉଟ୍‌ରେ କଲମ୍ବିଆ

ଫକ୍ସବରୋ,୨୪।୬(ଏଜେନ୍ସି): ଡାନିଏଲ୍ ମୁନୋଜଙ୍କ ଏକମାତ୍ର ଗୋଲ ବଳରେ ଏଠାରେ ଅନୁଷ୍ଠିତ ବିଶ୍ୱକପ୍ ଗ୍ରୁପ୍-କେ'ର ଏକ ଲିଗ୍ ମ୍ୟାଚ୍‌ରେ କଲମ୍ବିଆ ୧-୦ ଗୋଲରେ କଙ୍ଗୋକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ବିଜୟ ସହ କଲମ୍ବିଆ ଗୋଟିଏ ମ୍ୟାଚ୍ ଖେଳିବାକୁ ବାକିଥାଇ ପ୍ରଥମେ ନକ୍‌ଆଉଟ ବା ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିଛି। ଦଳ ତାହାର ଶେଷ ମ୍ୟାଚ୍‌ରେ ଶକ୍ତିଶାଳୀ ପର୍ତ୍ତୁଗାଲ୍‌କୁ ଭେଟିବ। ଏହି ଗ୍ରୁପ୍‌ରେ ଗତକାଲି ଖେଳାଯାଇଥିବା ଅନ୍ୟ ଏକ ମୁକାବିଲାରେ ପର୍ତ୍ତୁଗାଲ ୫-୦ ଗୋଲରେ ଡେବ୍ୟୁଟାଣ୍ଟ ଉଜ୍‌ବେକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ଦଳ ୪ ପଏଣ୍ଟ ପାଇ ନକ୍‌ଆଉଟ ଖେଳିବା ଆଶା ଉଜ୍ଜୀବିତ କରିଛି। ପର୍ତ୍ତୁଗାଲ ସହ ପ୍ରଥମ ମ୍ୟାଚ୍ ଡ୍ର ରଖିଥିବା କଙ୍ଗୋ ଶେଷ ଲିଗ୍ ମ୍ୟାଚ୍‌ରେ ଉଜ୍‌ବେକିସ୍ତାନକୁ ହରାଇପାରିଲେ ନକ୍‌ଆଉଟ



ଖେଳିବା ଦୌଡ଼ରେ ତିଷ୍ଠି ରହିବ।

କଙ୍ଗୋ ବିପକ୍ଷରେ ଗୋଲ ଦେବାକୁ କଲମ୍ବିଆକୁ ପ୍ରଥମାର୍ଦ୍ଧରେ ସଂଘର୍ଷ କରିବାକୁ ପଡ଼ିଥିଲା। କଙ୍ଗୋର ରକ୍ଷଣଭାଗ ବେଶ ସ୍ମାର୍ଟ ଥିଲା ଓ କଲମ୍ବିଆର ଆକ୍ରମଣକୁ ପ୍ରତିହତ କରିବାରେ ସଫଳ ହୋଇଥିଲା। କଲମ୍ବିଆ ନିକଟରେ ୬୬ ଶତକଡ଼ା ବଲ ନିୟନ୍ତ୍ରଣ ୮୮ ଶତକଡ଼ା ସଠିକ୍ ପାସ୍ ଓ ଟାର୍ଗେଟରେ ୯ଟି ସଟ୍ ମାରିଥିଲେ ମଧ୍ୟ କେବଳ ଗୋଟିଏ ଗୋଲ କରିବାକୁ ସଫଳ ହୋଇଥିଲା। ଦ୍ୱିତୀୟାର୍ଦ୍ଧ ଖେଳର ୭୬ତମ ମିନିଟ୍‌ରେ ଡାନିଏଲ ମୁନୋଜ ଗୋଲ ସ୍କୋର କରି ସଂଘର୍ଷ କରୁଥିବା କଲମ୍ବିଆର ଖେଳାଳି ଓ ସମର୍ଥକମାନଙ୍କୁ ଆଶ୍ୱସ୍ତ କରିଥିଲେ। କିନ୍ତୁ ଟୁର୍ଣ୍ଣାମେଣ୍ଟରେ ଏବେଠାରୁ ଭଲ ଦଳ ବିପକ୍ଷରେ ଖେଳିବାକୁ ହେବ। ଇଂଲଣ୍ଡ ଓ ପର୍ତ୍ତୁଗାଲ ଭଳି ପରବର୍ତ୍ତୀ ମ୍ୟାଚ୍ ଗୁଡ଼ିକରେ ଖେଳରେ ଉନ୍ନତି ନ ଆଣିଲେ ଦଳକୁ ମ୍ୟାଚ୍ ଜିତିବା କଷ୍ଟକର ହୋଇପଡ଼ିବ।



| ଫିଫା ବିଶ୍ୱକପ୍ ମୁକାବିଲା |
| --- |
| ଜୁନ୍-୨୫, ଗୁରୁବାର ରାତି |
| ଆଇଭରୀ କୋଷ୍ଟ-କ୍ୟୁରାସାଓ |
| ଫିଲାଡେଲ୍‌ଫିଆ, ରାତି ୧.୩୦ |
| ଜର୍ମାନୀ-ଇକ୍ୱେଡର |
| ନ୍ୟୁ ଜର୍ସି, ରାତି ୧.୩୦ |
| ନେଦରଲାଣ୍ଡସ-ଟ୍ୟୁନିସିଆ |
| କାନସାସ୍ ସିଟି, ରାତି ୪ଟା ୩୦ (୨୬ ତାରିଖ ଭୋର) |
| ସ୍ୱିଡେନ-ଜାପାନ |
| ଆରଲିଙ୍ଗଟନ, ରାତି ୪ଟା ୩୦ (୨୬ ତାରିଖ ଭୋର) |
| ଜୁନ୍-୨୬ ଶୁକ୍ରବାର ସକାଳ |
| ଆମେରିକା-ତୁର୍କୀ |
| ଲସ୍ ଏଞ୍ଜେଲ୍ସ, ସକାଳ ୭.୩୦ |
| ଅଷ୍ଟ୍ରେଲିଆ-ପାରାଗୁଏ |
| ସାଣ୍ଟା କ୍ଲାରା, ସକାଳ ୭.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

26

## ୪୮ ମ୍ୟାଚ୍ ପରେ ୫ ଟିମ୍ ବିଦା

ଡଲାସ,୨୪।୬ (ଏଜେନ୍ସି): ଉତ୍ତରଆମେରିକାରେ ଚାଲିଥିବା ୨୩ତମ ଫିଫା ବିଶ୍ୱକପ୍‌ରେ ଏଥର ୪୮ଟି ଟିମ୍ ଅଂଶଗ୍ରହଣ କରିଛନ୍ତି। ଏହା ମଧ୍ୟରୁ ଲିଗ୍ ପର୍ଯ୍ୟାୟ ଶେଷରେ ୧୬ଟି ଟିମ୍ ସ୍ୱଦେଶ ଫେରିବେ ଓ ୩୨ଟି ଟିମ୍ ନକ୍‌ଆଉଟକୁ ଉନ୍ନୀତ ହେବେ। ଏଥର ୧୦୪ଟି ମ୍ୟାଚ୍ ଖେଳାଯିବାକୁ ଥିଲାବେଳେ ଲିଗ୍ ପର୍ଯ୍ୟାୟରେ ୭୨ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଟୁର୍ଣ୍ଣାମେଣ୍ଟ ନିୟମ ଅନୁଯାୟୀ ଏଥର ଭାଗ ନେଇଥିବା ୪୮ଟି ଦଳକୁ ୧୨ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଗୋଟିଏ ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ସ୍ଥାନ ପାଇଥିଲାବେଳେ ଦୁଇ ଶ୍ରେଷ୍ଠ ଦଳ ଅର୍ଥାତ୍ ୨୪ଟି ଟିମ୍ ସିଧାସଳଖ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବେ। ବାକି ୮ଟି ଦଳ କିପରି ଆସିବେ। ନିୟମ ଅନୁଯାୟୀ ଗ୍ରୁପ୍‌ରେ ତୃତୀୟ ସ୍ଥାନ ଅଧିକାର କରିଥିବା ୧୨ଟି ଦଳ ମଧ୍ୟରୁ ଶ୍ରେଷ୍ଠ ୮ଟି ଦଳ ରାଉଣ୍ଡ ଅଫ୍ ୩୨ର ସ୍ଥାନ ପୂରଣ କରିବେ। ପ୍ରଥମ ୪୮ଟି ମ୍ୟାଚ୍ ପରେ ୭ଟି ଦଳ ଯଥା ଯୁଗ୍ମ ଆୟୋଜକ ମେକ୍ସିକୋ ଓ ଆମେରିକା, କଲମ୍ବିଆ, ୪ଥରର ଚାମ୍ପିଅନ ଜର୍ମାନୀ, ୩ଥରର ଚାମ୍ପିଅନ ଆର୍ଜେଣ୍ଟିନା, ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ନରୱେ ଟିମ୍ ରାଉଣ୍ଡ ଅଫ୍ ୩୨ରେ ସ୍ଥାନ ସୁରକ୍ଷିତ କରିଛନ୍ତି। ତୃତୀୟ ରାଉଣ୍ଡ ଖେଳ ହେବା ପୂର୍ବରୁ ଯେଉଁ ଦଳଗୁଡିକ ନିଜ ଗ୍ରୁପ୍‌ରେ ଦୁଇଟି ଲେଖାଏଁ ମ୍ୟାଚ୍ ହାରିବା ପରେ ତୃତୀୟ ସ୍ଥାନ ହାସଲ କରିବାର ସମ୍ଭାବନା ନାହିଁ ସେହି ଦଳଗୁଡିକ ବାଦ୍ ପଡ଼ିଛନ୍ତି। ଏହି ୫ଟି ଟିମ୍ ହେଲେ ଗ୍ରୁପ୍-ସି'ରେ ହାଇତି, ଗ୍ରୁପ୍-ଡି'ରେ ତୁର୍କୀ, ଗ୍ରୁପ୍-ଏଫ୍'ରେ ଟ୍ୟୁନିସିଆ, ଗ୍ରୁପ୍-ଏଲ୍'ରେ ପାନାମା ଓ ଗ୍ରୁପ୍-ଜେ'ରେ ଜୋର୍ଡାନ। ଗ୍ରୁପ୍-ଆଇ'ରେ ୨ଟି ଦଳ ପ୍ରଥମ ୨ଟି ମ୍ୟାଚ୍ ହାରିଛନ୍ତି, ଗ୍ରୁପ୍-କେ'ରେ ଉଜ୍‌ବେକିସ୍ତାନ ୨ଟି ହାରିଥିଲାବେଳେ କଙ୍ଗୋ ଗୋଟିଏ ମ୍ୟାଚ୍ ଡ୍ର ରଖିଥିବାରୁ କେଉଁ ଦଳ ବିଦା ହେବ ତାହା ସ୍ପଷ୍ଟ ହୋଇନାହିଁ।

## ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ

ଭୁବନେଶ୍ୱର,୨୪।୬(ସମିସ): ୟୁନିଟ୍-୬ ଆଥ୍‌ଲେଟିକ୍ ଆସୋସିଏସନ ଆନୁକୂଲ୍ୟରେ ଜୟନ୍ତ ମେମୋରିଆଲ ଭୁବନେଶ୍ୱର ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଅଗଷ୍ଟ ୮ରୁ ୨୮ ତାରିଖଯାଏ ଖେଳାଯିବ। ଏଥର ଚାମ୍ପିଅନ ଦଳକୁ ୧ଲକ୍ଷ ଓ ରନର୍ସ ଅପ୍ ଦଳକୁ ୫୦,୦୦୦ ଟଙ୍କାର ପୁରସ୍କାର ଦିଆଯିବ। ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଆଗ୍ରହୀ ସ୍କୁଲ ଗୁଡିକ ଆସୋସିଏସନର ସମ୍ପାଦକ ଦିଲୀପ ଦାସଙ୍କୁ ମୋ-୬୩୭୨୮୮୭୦୬୯ କିମ୍ବା କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ପାତ୍ରଙ୍କୁ ମୋ-୯୯୩୭୧୪୧୮୬୧ରେ ଯୋଗାଯୋଗ କରିବାକୁ ସଭାପତି ତପନ ମହାନ୍ତି ଅନୁରୋଧ କରିଛନ୍ତି।

## ଛତିଶଗଡ଼ରେ ନ୍ୟାସନାଲ୍ ମିନି ଗଲ୍ଫ


ଭୁବନେଶ୍ୱର,୨୪।୬(ସମିସ): ଛତିଶଗଡ଼ର ରାୟପୁରସ୍ଥିତ ଦେବରା ବିଶ୍ୱବିଦ୍ୟାଳୟଠାରେ ଆସନ୍ତା କାଲିଠାରୁ ନ୍ୟାସନାଲ ମିନି ଗଲ୍ଫ ଚାମ୍ପିଅନସିପ୍ ଆରମ୍ଭ ହେବ। ଏହି ପ୍ରତିଯୋଗିତାରେ ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ସ୍ମୃତିରେଖା ପଟ୍ଟନାୟକଙ୍କ ନେତୃତ୍ୱରେ ୨୪ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରୁଛି। ଏହି ନ୍ୟାସନାଲ ପ୍ରତିଯୋଗିତାରେ ୨୧ଟି ରାଜ୍ୟର ପ୍ରତିନିଧିକ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶା ଏଥର ଭଲ ସଫଳତା ପାଇବ ବୋଲି ଓଡ଼ିଶା ମିନି ଗଲ୍ଫ ସଂଘର ସଭାପତି ସତ୍ୟବ୍ରତ ମୀନକେତନ ଆଶା ପ୍ରକାଶ କରିଛନ୍ତି।



## ଆଇସିସି ଟେଷ୍ଟ ବୋଲିଂ ମାନ୍ୟତା ଶୀର୍ଷରେ ହେନ୍‌ରୀ

ଦୁବାଇ, ୨୪।୬(ଏଜେନ୍ସି): ଆଇସିସିର ସଦ୍ୟତମ ଟେଷ୍ଟ ବୋଲିଂ ମାନ୍ୟତାରେ ଫାଷ୍ଟବୋଲର ମ୍ୟାଟ୍ ହେନ୍‌ରୀ ୩୬ ବର୍ଷ ପରେ ନ୍ୟୁଜିଲାଣ୍ଡର ପ୍ରଥମ ବୋଲର ଭାବେ ଟେଷ୍ଟ ବୋଲିଂ ମାନ୍ୟତାର ଶୀର୍ଷରେ ପହଞ୍ଚିଛନ୍ତି। ୩୪ ବର୍ଷ ବୟସ୍କ ହେନ୍‌ରୀ ଭାରତୀୟ ତାରକା ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରାଙ୍କ ସହ ଯୁଗ୍ମ ଶୀର୍ଷ ସ୍ଥାନରେ ରହିଛି। ଉଭୟ ବୁମ୍‌ରା ଓ ହେନ୍‌ରୀ ସମାନ ୮୭୦ ପଏଣ୍ଟ ପାଇଛନ୍ତି। ବିଶ୍ୱର ୧ନଂ ଟେଷ୍ଟ ବୋଲର ହେବାରେ ମ୍ୟାଟ୍ ହେନ୍‌ରୀ ନ୍ୟୁଜିଲାଣ୍ଡର ତୃତୀୟ ବୋଲର। ୧୯୪୭ରେ ନ୍ୟୁଜିଲାଣ୍ଡର ଜ୍ୟାକ୍ କୋୱି ଓ ୧୯୮୪ରୁ ୧୯୯୦ ମଧ୍ୟରେ ରିଚାର୍ଡ ହାଡ୍‌ଲି ବିଶ୍ୱର ୧ନଂ ଟେଷ୍ଟ ବୋଲର ହୋଇଥିଲେ।

## ଇଂଲଣ୍ଡ ଗସ୍ତରେ ସୂର୍ଯ୍ୟବଂଶୀଙ୍କୁ ଅଲଗା ଡ୍ରେସିଂ ରୁମ୍



ଲଣ୍ଡନ, ୨୪।୬(ଏଜେନ୍ସି): ଜୁଲାଇ ୧ରୁ ୧୧ ମଧ୍ୟରେ ଘରୋଇ ଇଂଲଣ୍ଡ ବିପକ୍ଷରେ ଭାରତୀୟ କ୍ରିକେଟ୍ ଦଳ ୫ ମ୍ୟାଚ୍‌ର ଟ୍ୱେଣ୍ଟି୨୦ ଶୃଙ୍ଖଳା ଖେଳିବ। ଏହି ଶୃଙ୍ଖଳା ପାଇଁ ଭାରତୀୟ ଦଳରେ ୧୫ ବର୍ଷ ବୟସ୍କ ବିସ୍ମୟ ବାଳକ ବୈଭବ ସୂର୍ଯ୍ୟବଂଶୀ ସ୍ଥାନ ପାଇଛନ୍ତି। ପ୍ରଥମଥର ଭାରତୀୟ ବରିଷ୍ଠ ଦଳରେ ସ୍ଥାନ ପାଇଥିବା ବୈଭବଙ୍କ ପାଇଁ ଇଂଲଣ୍ଡରେ ପୃଥକ୍ ଡ୍ରେସିଂରୁମ୍‌ର ବ୍ୟବସ୍ଥା କରାଯାଇଛି। ୫ଟିଯାକ ଷ୍ଟାଡିୟମ୍‌ରେ ଏହି ବ୍ୟବସ୍ଥା କରାଯିବ। ଦଳର ଅନ୍ୟ ଖେଳାଳି ବ୍ୟବହାର କରିଥିବା ଡ୍ରେସିଂରୁମ୍‌କୁ ବୈଭବ ଯିବେ ନାହିଁ। ବରିଷ୍ଠ ଦଳ ଖେଳୁଥିବା ୧୬ ବର୍ଷରୁ କମ୍ କ୍ରିକେଟରଙ୍କ ପାଇଁ ଆଇସିସିର ସ୍ୱତନ୍ତ୍ର ନିୟମ ରହିଛି ଯେ ଅନ୍ୟ ଖେଳାଳିଙ୍କ ଡ୍ରେସିଂରୁମ୍‌କୁ ସେ ଯିବେନାହିଁ। ତେବେ ମ୍ୟାଚ୍ ବେଳେ ଓ ଦଳର ବୈଠକ ବେଳେ ସୂର୍ଯ୍ୟବଂଶୀ ଭାରତୀୟ ଡ୍ରେସିଂ ରୁମ୍‌କୁ ଯାଇପାରିବେ। ଅଭ୍ୟାସ ବେଳେ ଏବଂ ମ୍ୟାଚ୍ ସମୟରେ ପୋଷାକ ପରିବର୍ତ୍ତନ କରିବାକୁ ସୂର୍ଯ୍ୟବଂଶୀ ତାଙ୍କ ପାଇଁ ଉଦ୍ଦିଷ୍ଟ ପୃଥକ୍ ଡ୍ରେସିଂରୁମ୍‌କୁ ଯିବେ। ଫୁଟ୍‌ବଲରେ ଏହି ନିୟମ ପୂର୍ବରୁ ରହିଛି। ଇଂଲଣ୍ଡର ଆର୍ସେନେଲ୍ କ୍ଲବ୍‌ର ଖେଳାଳି ମ୍ୟାକ୍ସ ଡାଓମ୍ୟାନ୍‌ଙ୍କୁ ୧୬ ବର୍ଷ ହେବା ପର୍ଯ୍ୟନ୍ତ ସେ ପୃଥକ୍ ଡ୍ରେସିଂ ରୁମ୍ ବ୍ୟବହାର କରୁଥିଲେ। ସେହିପରି ୧୫ ବର୍ଷ ବୟସ୍କ ବୈଭବ ସୂର୍ଯ୍ୟବଂଶୀଙ୍କ ପିତାମାତା ଅଜିତ ଓ ଆରତୀ ସୂର୍ଯ୍ୟବଂଶୀଙ୍କୁ ଆୟରଲାଣ୍ଡ ଓ ଇଂଲଣ୍ଡ ପଠାଇବାକୁ ବିସିସିଆଇ ଘୋଷଣା କରିଛି। ଆନ୍ତର୍ଜାତିକ କ୍ରିକେଟ୍‌ର ଆହ୍ୱାନ ଏବଂ ବିଦେଶରେ ବୈଭବ ଯେପରି ଏକୁଟିଆ ମନେ ନ କରନ୍ତି; ତାଙ୍କ ବୟସକୁ ଦେଖି ବିସିସିଆଇ ଏହି ଘୋଷଣା କରିଛି।

## ଆନ୍ତଃରାଜ୍ୟ ଦୌଡ଼କୁଦ ଆରମ୍ଭ

ଭୁବନେଶ୍ୱର,୨୪।୬(ସମିସ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ଆରମ୍ଭ ହୋଇଛି ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା। ୫ ଦିନ ଧରି ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତାକୁ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଏସିଆନ୍ ଆଥ୍‌ଲେଟିକ୍ ଫେଡେରେସନର ସଭାପତି ଲଳିତ ଭାନୋଟ୍, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ନିର୍ଦ୍ଦେଶକ ୟେଦୁଲା ବିଜୟ ଏବଂ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ପ୍ରମୁଖ ଅତିଥିଭାବେ ଅଂଶଗ୍ରହଣ କରିଥିଲେ। ସେପ୍ଟେମ୍ବର ୧୯ରୁ



ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ କ୍ୱାଲିଫିକେସନ ଲାଗି ପ୍ଲାଟଫର୍ମ ଯୋଗାଇଛି। ଏଥିରେ ୨୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ମୋଟ ୬୩୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁନ୍ତି। କିଶୋର ଜେନା, ଶ୍ରାବଣୀ ନନ୍ଦ, ଛତିଶଗଡ଼ର ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାପ୍ରଶାନ୍ତି ସାହୁ ଓ ସବିତା ଟପ୍ପୋ ଓଡ଼ିଶା ଲାଗି ପଦକ ଜିତିବାର ସମ୍ଭାବନା ରହିଛି। ପ୍ରଥମ ଦିନରେ ୫ ଓ ୧୦ ହଜାର ମିଟର ଏସିଆ ଚାମ୍ପିଅନ ଗୁଲବୀର ସିଂ ଏସିଆନ୍ ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିପାରି ନାହାନ୍ତି। ୫,୦୦୦ ମିଟର ଦୌଡ଼ରେ କ୍ୱାଲିଫାଇଂ ମାର୍କ ୧୩ ମିନିଟ୍ ୩୯.୧୮ ସେକେଣ୍ଡ ରଖାଯାଇଛି। କିନ୍ତୁ ଏଠାରେ ଗୁଲବୀର ୧୩ ମିନିଟ୍ ୫୨.୯୨ ସେକେଣ୍ଡରେ ରେସ୍ ପୂରଣ କରିଛନ୍ତି। ତାଙ୍କୁ ପୁଣିଥରେ ଅନ୍ୟ ଏକ କ୍ୱାଲିଫାଇଂ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ହେବ।

### ● ଇଂଲଣ୍ଡ ଗସ୍ତ ଲାଗି ଭାରତୀୟ

## କନିଷ୍ଠ ମହିଳା ହକି ଦଳ ଘୋଷିତ

ନୂଆଦିଲ୍ଲୀ,୨୪।୬(ଏଜେନ୍ସି): ଭାରତର ୨୪ ଜଣିଆ କନିଷ୍ଠ ମହିଳା ହକି ଦଳ ଗ୍ରେଟବ୍ରିଟେନ୍ ଗସ୍ତରେ ଯିବ। ଏହି ଗସ୍ତ ଲାଗି ସେଇଲିମା ଚାନୁଙ୍କ ନେତୃତ୍ୱରେ ଘୋଷିତ ଦଳରେ ଓଡ଼ିଶାରୁ ଗୋଲରକ୍ଷକ ଏଞ୍ଜିଲ ହର୍ଷାରାଣୀ ମିଞ୍ଜ୍, ଡିଫେଣ୍ଡର ପୂଜା ସାହୁ, ମିଡ୍‌ଫିଲ୍ଡର ତନୁଜା ଟପ୍ପୋ ଓ ସୁପ୍ରିୟା କୁଜୁରଙ୍କୁ ସ୍ଥାନ ମିଳିଛି। ଜୁଲାଇ ୫ରୁ ୧୪ ତାରିଖଯାଏ ହେବାକୁ ଥିବା ଏହି ଗସ୍ତରେ ସ୍କଟଲାଣ୍ଡ ଓ ଇଂଲଣ୍ଡ ସହ ଭାରତ ଖେଳିବ। ଏସିଆ କପ୍ ପୂର୍ବରୁ ଏହା ଦଳର ଭଲ ପ୍ରସ୍ତୁତି ହେବ ବୋଲି ନୂଆ ହେଡ୍ କୋଚ୍ ଟିମ୍ ହ୍ୱାଇଟ୍ କହିଛନ୍ତି।

ଆଇସିସି ଦିନିକିଆ ବ୍ୟାଟିଂ ମାନ୍ୟତା

## କୋହଲିଙ୍କୁ ହଟାଇ ଗିଲ୍ ୨ୟ ସ୍ଥାନରେ

ଦୁବାଇ, ୨୪।୬ (ଏଜେନ୍ସି): ଆଇସିସିର ସଦ୍ୟତମ ଦିନିକିଆ ବ୍ୟାଟିଂ ମାନ୍ୟତାରେ ସୁପର ଷ୍ଟାର୍ ବିରାଟ କୋହଲିଙ୍କୁ ପଛରେ ପକାଇ ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ୨ୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଫଳରେ କୋହଲି ୩ୟ ସ୍ଥାନକୁ ଖସି ଆସିଛନ୍ତି। କୋହଲିଙ୍କ ପଛକୁ ୪୧ ବର୍ଷ ବୟସ୍କ ଓପ୍‌ନର ରୋହିତ ଶର୍ମା ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ନିକଟରେ ଆଫ୍‌ଗାନିସ୍ତାନ ବିପକ୍ଷ ତିନି ମ୍ୟାଚ୍‌ର ଦିନିକିଆ ଶୃଙ୍ଖଳାରେ ରୋହିତ ୧୬, ୪୮ ଓ ୭୯ ରନ୍ ସହ ମୋଟ ୧୪୩ ରନ୍ କରିଥିଲେ। ନ୍ୟୁଜିଲାଣ୍ଡର ମଧ୍ୟକ୍ରମ ବ୍ୟାଟ୍‌ସମ୍ୟାନ ଡ୍ୟାରିଲ ମିଚେଲ ପୂର୍ବପରି ୧ ନମ୍ବର ସ୍ଥାନରେ ରହିଛନ୍ତି।

ଆଫ୍‌ଗାନିସ୍ତାନ ବିପକ୍ଷ ଦିନିକିଆ ଶୃଙ୍ଖଳାରେ ଶୁଭମନ ଗିଲ୍ ଚମତ୍କାର ପ୍ରଦର୍ଶନ କରି ପ୍ରଥମ ୨ଟି ମ୍ୟାଚ୍‌ରେ ଅପରାଜିତ ୮୪ ଓ ୧୫୪ ରନ୍ କରିଥିବା ବେଳେ ୩ୟ ଦିନିକିଆରେ ତାଙ୍କୁ ବ୍ୟାଟିଂ କରିବାକୁ ପଡ଼ିନଥିଲା। ଫଳରେ ଗିଲ୍ ୩ଟି ସ୍ଥାନର ଉନ୍ନତି ଘଟାଇ ପଞ୍ଚମରୁ ୨ୟ ସ୍ଥାନକୁ ଉଠି ପାରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS